# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୩/୨୦୧୮ (୨୦ ପୃଷ୍ଠା) | Bhubaneswar, Monday, December 3/ 2018 | ★★★★

୪୫ଶ ଭାଗ ୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





KP GROUP
Quality Since 1965
KP
MADHUBAN
Safal
PAN MASALA
NO TOBACCO, NO NICOTINE ADDED
4.5g.
₹5/-ରେ ଡବଲ ଡୋଜ୍‌ର ମଜା
Safal
Pan Masala
କରିନିଅ ମଜାରେ ବନ୍ଧୁତା
ନାବାଳକ ମାନଙ୍କ ପାଇଁ ନୁହେଁ । 0% ତମାଖୁ ଏବଂ କୌଣସି ନିକୋଟିନ୍ ମିଶ୍ରିତ ନୁହେଁ । ପାନ ମସାଲା ଚୋବାଇବା ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୩/୨୦୧୮ | Bhubaneswar, Monday, December 3/ 2018 | ପୃଷ୍ଠା-୧




## ଗୋଥାମଙ୍କୁ ୬ ଉଇକେଟ

କ୍ରିଷ୍ଣାପ୍ପା ଗୋଥାମଙ୍କ ୬ ଉଇକେଟ ସଫଳତା ବଳରେ ଭାରତ ଏ' ୩୯୮ ରନରେ ନ୍ୟୁଜିଲାଣ୍ଡ ଏ'କୁ ଅଲଆଉଟ କରିଛି।

**୧୭ | ୦୮**

## ମୁମ୍ବାଇ ଫେରିବେ ସୋନାଲି ବେନ୍ଦ୍ରେ

ମେଟାଷ୍ଟାଟିକ୍ କ୍ୟାନ୍ସରରେ ପୀଡିତ ଥାଇ ନ୍ୟୁୟର୍କରେ ଚିକିତ୍ସାଧୀନ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ମୁମ୍ବାଇ ଫେରୁଥିବା ସୂଚନା ମିଳିଛି।








# ବେଲଜିୟମକୁ ରୋକି ଶୀର୍ଷରେ ଭାରତ

### ହକି ବିଶ୍ୱକପ

ଭୁବନେଶ୍ୱର, ୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ରବିବାର ଥିଲା ଡ୍ର'ର ଦିନ। ପୁଲ୍'ସି'ର କାନାଡ଼ା-ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚ ଡ୍ର ରହିଥିବାବେଳେ ଭାରତ-ବେଲଜିୟମ ଦ୍ୱିତୀୟ ମ୍ୟାଚ ମଧ୍ୟ ଅମୀମାଂସିତ ଭାବେ ଶେଷ ହୋଇଛି। ଷ୍ଟାଡିୟମ ଭରା ଦର୍ଶକଙ୍କ ଉପସ୍ଥିତିରେ ଉତ୍ସାହୀ ପ୍ରଦର୍ଶନ କରି ବିଶ୍ୱର ୫ ନମ୍ବର ଦଳ ଭାରତ ୩ ନମ୍ବର ବେଲଜିୟମକୁ କଡ଼ା ଟକ୍କର ଦେବାରେ ସକ୍ଷମ ହୋଇଛି। ଶେଷ ପର୍ଯ୍ୟାୟରେ ଗୋଲ ବରଣ ଯୋଗୁ ଭାରତ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଥିଲେ ହେଁ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିବାରେ ସକ୍ଷମ ହୋଇଛି। ଭାରତ ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୫-୦ ଗୋଲରେ ହରାଇଥିବାବେଳେ



ବେଲଜିୟମ ବିପକ୍ଷରେ ସିମରନଜିତ୍ ସିଂଙ୍କ ଗୋଲ୍ ସ୍କୋର ପରେ ଉଲ୍ଲସିତ ଭାରତୀୟ ଦଳ।

ବେଲଜିୟମ ୨-୧ଗୋଲରେ କାନାଡ଼ାକୁ ହରାଇଥିଲା। ଡିସେମ୍ବର ୮ରେ ଭାରତ ଏହାର ଶେଷ ଲିଗ୍ ମ୍ୟାଚରେ କାନାଡ଼ାକୁ ଭେଟିବ। ସେହିଦିନ ଅନ୍ୟ ଏକ ମ୍ୟାଚରେ ବେଲଜିୟମ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ। ଶେଷ ମ୍ୟାଚରେ ଭାରତ ଭଲ ପ୍ରଦର୍ଶନ ଦେଇପାରିଲେ ଗ୍ରୁପ୍ ଟପ୍ପର ଭାବେ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହେବ। ରାଜ୍ୟପାଳ ଗଣେଶୀଲାଲ ଖେଳାଳିଙ୍କ ସହିତ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ ଉପସ୍ଥିତ ଥିଲେ। ବେଲଜିୟମ ମ୍ୟାଚକୁ ଡ୍ର ରଖିବାରେ ସକ୍ଷମ ହୋଇଥିଲେ ହେଁ ଚମତ୍କାର ପ୍ରଦର୍ଶନ ପାଇଁ ଭାରତର ବରୁଣ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୁରସ୍କାର ଆକାରରେ ତାଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

**ଗୋଲ ସ୍କୋରର**

ଭାରତ-୨
- ହରମନପ୍ରୀତ ସିଂ : ୩୯ତମ ମିନିଟ୍
- ସିମରନଜିତ ସିଂ: ୪୭ତମ ମିନିଟ୍

ବେଲଜିୟମ-୨
- ଆଲେକଜାଣ୍ଡର ହେଣ୍ଡ୍ରିକ୍ସ : ୮ମ ମିନିଟ୍
- ସିମନ ଗୁଗ୍ନାର୍ଡ: ୫୬ତମ ମିନିଟ

ସ୍ପିଡ୍ ଗେମ୍‌ର ଚମତ୍କାର ନମୁନା ଦେଖାଇଥିଲା ବିଶ୍ୱର ୩ ନମ୍ବର ଦଳ ବେଲଜିୟମ। ମ୍ୟାଚ ଆରମ୍ଭ ହ୍ୱିସିଲ ବାଜିବାମାତ୍ରେ ଆକ୍ରମଣ ଆରମ୍ଭ କରିଥିଲା। ଏହାର ଫାଇଦା ମଧ୍ୟ ଦଳକୁ ମିଳିଥିଲା। ଦ୍ୱିତୀୟ ମିନିଟ୍‌ରେ ଭାରତୀୟ ଗୋଲପୋଷ୍ଟ ଏରିଆ ମଧ୍ୟରେ ଅଧିନାୟକ ମନପ୍ରୀତ ସିଂଙ୍କ ଗୋଡ଼ରେ ବଲ୍ ବାଜିଥିବା ଅଭିଯୋଗ କରିଥିଲା ବେଲଜିୟମ। ଭିଡିଓ ରେଫରାଲ୍‌ରେ ତାହା ☞ପୃଷ୍ଠା-୨

## ପୋଲାଭରମ୍ ମାମଲା
# ଆଜି ଶୁଣାଣି ଉପରେ ନଜର

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ସୁପ୍ରିମ୍‌କୋର୍ଟରେ ୩ ଜଣିଆ ଖଣ୍ଡପୀଠ ସୋମବାର ପୋଲାଭରମ୍ ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଏହା ଉପରେ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ ଏବଂ ତେଲେଙ୍ଗାନା ସରକାରଙ୍କ ନଜର ରହିବ। ଶନିବାର ଘଟଣାକ୍ରମରେ କେନ୍ଦ୍ର ଜନଶୁଣାଣି କରିବା ପାଇଁ ଅକ୍ଷମତା ପ୍ରକାଶ କରିବା ପରେ ଏହା ମାମଲାକୁ ନୂଆ ମୋଡ଼ ଦେଇଛି। ଏମିତି କି ଭୁଲବଶତଃ ସତ୍ୟପାଠରେ ଏକ ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ଜନଶୁଣାଣି କରାଯିବ ବୋଲି କେନ୍ଦ୍ର ପୂର୍ବ ସତ୍ୟପାଠରେ ଉଲ୍ଲେଖ କରିଥିବା ସ୍ୱୀକାର କରିଛି। ପ୍ରକାଶ ଯେ, ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ବିଜ୍ଞପ୍ତି ୨୦୦୬ ଅନୁଯାୟୀ ରାଜ୍ୟ ସରକାର ଜନଶୁଣାଣି କରିବା ଉଚିତ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜିଲାପାଳଙ୍କ ସହ ଆଲୋଚନା କରି ଜନଶୁଣାଣି କାର୍ଯ୍ୟକ୍ରମ ଶେଷ କରିବା କଥା। ହେଲେ କେନ୍ଦ୍ର ସରକାରଙ୍କ ଓକିଲ ଓଡ଼ିଶା ଓ ଛତିଶଗଡରେ ଜନଶୁଣାଣି କରିବାକୁ ନଭେମ୍ବର ୨୯ ତାରିଖରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ଏହାକୁ ଆଧାର କରି ଜନଶୁଣାଣି ନେଇ ଏକ ସ୍ୱାଧୀନ ଏଜେନ୍ସିକୁ ☞ପୃଷ୍ଠା-୨

**ହକି ବିଶ୍ୱକପ୍ – ଫଳାଫଳ**

ODISHA HOCKEY MEN'S WORLD CUP BHUBANESWAR 2018

**ରବିବାର**

ପ୍ରଥମ ମ୍ୟାଚ
କାନାଡ଼ା-୧
ଦକ୍ଷିଣ ଆଫ୍ରିକା-୧

ଦ୍ୱିତୀୟ ମ୍ୟାଚ
ଭାରତ-୨
ବେଲଜିୟମ-୨

**ଆଜିର ସମ୍ପାଦକୀୟ**

ସିଏସ୍‌ଓ ପାଳି

**ଆଜିର ମନ୍ତବ୍ୟ**

ଆତଙ୍କବାଦୀ ନିରୋଧୀ ଅଭିଯାନ ପାଇଁ ଭାରତର ସହାୟତା ଲୋଡ଼ିପାରେ ପାକିସ୍ତାନ।

-ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରେ ଇସ୍ପାତ ଚାହିଦା ୮% ବୃଦ୍ଧିଘଟି ୯୧ ନିୟୁତ ଟନ୍ ଛୁଇଁଛି। – କ୍ରିସିଲ ରିସର୍ଚ୍ଚ


NECC NATIONAL EGG CO-ORDINATION COMMITTEE | 02.12.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 72 | 122 | 132 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 76 | 127 | 137 |

*Conditions Apply

Eggs Retail Price- 47/-Dozen
Issued in the Interest of Consumers


## ■ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର ଯୌନଶୋଷଣ ମାମଲା
# ଶେଲ୍‌ଟର ହୋମ୍ ସିଲ୍

ଢେଙ୍କାନାଳ ଅଫିସ, ୨।୧୨



- ଫୟାଜଙ୍କ ସମେତ ୩ ଗିରଫ
- ଆମେରିକା ନାଗରିକତ୍ୱ ସନ୍ଦେହ
- ସ୍ଥାନାନ୍ତର ହେଲେ ଅନ୍ତେବାସୀ
- ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ

ନାବାଳିକା ଅନ୍ତେବାସୀଙ୍କୁ ଯୌନଶୋଷଣ ଅଭିଯୋଗ ପରେ ଢେଙ୍କାନାଳ ସଦର ବ୍ଲକ ବେଲଟିକିରିସ୍ଥିତି 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'କୁ ରବିବାର ସିଲ୍ କରିଛି ପ୍ରଶାସନ। ବନ୍ଧା ହୋଇଛନ୍ତି ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଫୟାଜ ରେହମାନ (୬୩), ସହଯୋଗୀ ଅଧିକାରୀ ଉଦିତ କୁମାର ଲିମ ।(୪୬) ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକ (୩୯)। ଫୟାଜ୍ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଆମେରିକା ନାଗରିକତ୍ୱକୁ ସନ୍ଦେହ କରି ପୋଲିସ ଛାନ୍‌ଭିନ ଆରମ୍ଭ କରିଛି। ଅନ୍ୟପଟେ ଅସୁରକ୍ଷିତ ଅନ୍ତେବାସୀଙ୍କୁ ସକାଳ ୬ଟାରେ ଢେଙ୍କାନାଳ ସହରସ୍ଥିତ କାଠଗଡ଼ା ଏବଂ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଶିଶୁଗୃହକୁ ସ୍ଥାନାନ୍ତର କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀଙ୍କ ଅଭିଯୋଗକ୍ରମେ ଚେୟାରମ୍ୟାନ ଏବଂ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିରୋଧରେ ନଂ. ୫୩୭/୧୮, ଦଫା ୩୫୪ (ଏ) ଓ ୧୦ ପୋକ୍‌ସୋ ଆକ୍ଟରେ ଯୌନ ନିର୍ଯାତନା ମାମଲା ରୁଜୁ କରାଯାଇଛି। ସେହିପରି ୩ ଅଭିଯୁକ୍ତଙ୍କ ବିରୋଧରେ ନଂ. ୫୩୯/୧୮ ଓ ୫୪୦/୧୮ରେ ସମାନ ଦଫାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ଶେଖ୍ ଅବଦୁଲ୍ କରିମ୍ ସୂଚନା ଦେଇଛନ୍ତି।

ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର ଶାଖାରେ ନାବାଳିକାଙ୍କୁ ଯୌନଶୋଷଣ ଅଭିଯୋଗ ପରେ ନିଘୋଡ଼ ☞ପୃଷ୍ଠା-୨

# ହିନ୍ଦୁ ରୀତିରେ ପ୍ରିୟଙ୍କା-ନିକ୍‌ଙ୍କ ବିବାହ ସମ୍ପନ୍ନ

**ମୁମ୍ବାଇ:**
ପାରମ୍ପରିକ ହିନ୍ଦୁ ରୀତିନୀତି ଅନୁସାରେ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଆମେରିକୀୟ ଗାୟକ ନିକ୍ ଜୋନ୍‌ସଙ୍କ ମଧ୍ୟରେ ରବିବାର ବିବାହ ସମ୍ପନ୍ନ ହୋଇଛି। ଉକ୍ତ ଦମ୍ପତି ଶନିବାର ଖ୍ରୀଷ୍ଟିଆନ୍ ପ୍ରଥା ଅନୁସାରେ ଶପଥ ପାଠ କରିଥିଲେ। ସେମାନେ ଡିଜାଇନର ରାଲ୍‌ଫ ଲରେନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପିନ୍ଧି ମେହେନ୍ଦି ଉତ୍ସବର ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ।



ରବିବାର ଆୟୋଜିତ ବାହାଘର ପାଇଁ ସବୁଠୁ ଖୁସି ହୋଇଛନ୍ତି ପ୍ରିୟଙ୍କାଙ୍କ ସମ୍ପର୍କୀୟ ଭଉଣୀ ତଥା ଅଭିନେତ୍ରୀ ପରିଣିତୀ ଚୋପ୍ରା। ଏଥିପାଇଁ ସେ ଏକ ଭାବପ୍ରବଣ ଲେଖା ଲେଖି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଭିନ୍ନ ସଂସ୍କୃତିର ବର ଓ କନ୍ୟା ମଧ୍ୟରେ ଏଭଳି ବିରଳ ସମନ୍ୱୟକୁ ସେ ଖୁବ୍ ପ୍ରଶଂସା କରିଛନ୍ତି। ପ୍ରିୟଙ୍କାଙ୍କ ମେହେନ୍ଦି ଉତ୍ସବର ଦୃଶ୍ୟକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ପରିଣିତୀ ଭିଣୋଇ (ଜିଜୁ) ଭାଇଙ୍କୁ ନିଜ ପରିବାରକୁ ସ୍ୱାଗତ କରିଥିଲେ।

ଉଭୟଙ୍କ ପରିବାର ପରସ୍ପରର ଧର୍ମୀୟ ବିଶ୍ୱାସ ଓ ସଂସ୍କୃତିକୁ ସମ୍ମାନ ଦେଇଥିବାରୁ ଏହା ଦୁହିଁଙ୍କ ସମ୍ପର୍କର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ପ୍ରିୟଙ୍କା ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସେମାନେ ନିଜ ପରିବାର ସଦସ୍ୟଙ୍କ ଗହଣରେ ମନଖୋଲା ହସୁଥିବାର ଫଟୋ ଶେୟାର ହୋଇଛି। ଏଥିପାଇଁ ଦୁଇ ପରିବାର ସଦସ୍ୟଙ୍କ ମଧ୍ୟରେ ଏକ କ୍ରିକେଟ୍ ମ୍ୟାଚ୍ ଆୟୋଜନ କରାଯାଇଥିଲା। ଫଟୋ ତଳେ ଲେଖାଯାଇଛି 'ଟିମ୍‌ବ୍ରାଇଡ୍‌ଭର୍ସେସ୍‌ଟିମ୍‌ଗ୍ରୁମ୍ #କ୍ରିକେଟ୍'। ମଙ୍ଗଳବାର ନୂଆଦିଲ୍ଲୀରେ ବିବାହ ଭୋଜି ଉତ୍ସବର କାର୍ଯ୍ୟକ୍ରମ ରହିଛି।

## ■ ଫ୍ରାନ୍ସରେ ଉଗ୍ର ହେଲା ସରକାର ବିରୋଧୀ ଦଙ୍ଗା
# ପ୍ୟାରିସ୍‌ରେ ଅରାଜକତା

ପ୍ୟାରିସ୍,୨।୧୨(ଏ.ଏଫ୍.ପି.)

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ରାଜରାସ୍ତା ପାଲଟିଛି ରଣକ୍ଷେତ୍ର। ଯେଉଁଆଡ଼େ ଦେଖିଲେ ନଜରକୁ ଆସୁଛି ଉତ୍ତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା, ଜଳାପୋଡ଼ା, ପିଟାମରା ଓ ଲୁଟତରାଜ। ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ଜନବିରୋଧୀ ନୀତିକୁ ନେଇ ଅସନ୍ତୁଷ୍ଟ ଦେଶବାସୀ ଏଭଳି ଢଙ୍ଗରେ କରୁଛନ୍ତି ବିକ୍ଷୋଭ। ଦେଶର ୪୦ ବର୍ଷ ପୁରୁଣା ଆର୍ଥିକ ସଂସ୍କାର ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଓ ଶିଳ୍ପପତିଙ୍କୁ ସୁହାଉଥିବାବେଳେ ତୈଳ ଓ ଅନ୍ୟ ସାମଗ୍ରୀଗୁଡ଼ିକର ଦରଦାମ ଆକାଶଛୁଆଁ ହୋଇଛି। ଟିକସ ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ। କର ବୋଝରେ ପେଷିହେଉଛନ୍ତି ସାଧାରଣ ଜନତା। ତେଣୁ ମାକ୍ରଁ ତୁରନ୍ତ ଇସ୍ତଫା ଦିଅନ୍ତୁ, ନଚେତ ପରିଣାମ ଭୋଗିବେ ବୋଲି 'ୟେଲୋ ଜ୍ୟାକେଟ୍' ପରିହିତ ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଗଣହିଂସାରେ ଏକାଧିକ ଲୋକ ମୃତ ଓ ୨୬୩ ଆହତ ହୋଇଥିବାବେଳେ ପୋଲିସ ୪୧୨ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ବିଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଫ୍ରାନ୍ସରେ ଏପରି ଜରୁରୀ ଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ଏସବୁକୁ ଦୃଷ୍ଟିରେ ରଖି ମାକ୍ରଁ ପ୍ୟାରିସ୍‌ର ପ୍ରେସିଡେନ୍ସିଆଲ ପ୍ୟାଲେସ୍‌ରେ ☞ପୃଷ୍ଠା-୨

**ଜନ ଅସନ୍ତୋଷର ନିଆଁ**


- ଟିକସ, ଦରଦାମ ବୃଦ୍ଧିକୁ ବିରୋଧ
- ବ୍ୟାପକ ଜଳାପୋଡ଼ା, ଭଙ୍ଗାରୁଜା
- ୨୬୩ ଆହତ, ୪୧୨ ଗିରଫ
- ଜୋର୍ ଧରିଲା ରାଷ୍ଟ୍ରପତିଙ୍କ ଇସ୍ତଫା ଦାବି
- ମାକ୍ରଁ ଡାକିଲେ ଜରୁରୀ ବୈଠକ



ପ୍ୟାରିସ୍ ରାଜରାସ୍ତାରେ 'ୟେଲୋ ଜ୍ୟାକେଟ୍' ପରିହିତ ଆନ୍ଦୋଳନକାରୀ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
# ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡଓ୍ୱାର୍କ ନୁହେଁ ସ୍ମାର୍ଟଓ୍ୱାର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧) **ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆସିଫା
ପରିବାରବର୍ଗ


ଆରବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



(ଲାଡ୍‌ଲୀ)

**ସାଗରିକା ମହାପାତ୍ର**

ଟାଙ୍ଗିବନ୍ତ, ନିୟୁଭୁବନେଶ୍ୱର

ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗ୍ରାମ୍ୟଦେବୀ ମା' ମଙ୍ଗଳାଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ। ଶୁଭେଚ୍ଛା ସହ: ମମି- ସୌଦାମିନି, ବାବା-ସୁବ୍ରତ, ଜେଜେ, ଜେଜେମା, ଅଜା, ଆଈ, ମାମୁ, ମାଇଁ, ଦାଦା, ଖୁଡୀ, ଅପା, ପିଇସା, ମୁନା, ମାମାଲୀ, ଗୁଡୁଲୀ, ଶୁଭମ୍, ସୁୟାଂଶୁ, ରାଜା, ଲିଜା, ଫିଜା, ଛୋଟୁ, ବନ୍ଧୁ ଓ ପରିବାରବର୍ଗ।

ଧ-୯୭୯୧

# classified




### SALE

Three storied Old building in Mishra Sahi, Puri Town for sale. Contact: 9438671066. D-58015

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

Ready 2BHK/ 3BHK flats for sale at Patia. 7008346486, 9937009250. D-65213

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58014

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି। 8338932027. D-64386

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

### GENERAL

### SALE

Construction କାମରେ ଲାଗୁଥିବା ବିଭିନ୍ନ sizeର Pharma, Vibrator machine, water-pump ଏହିସବୁ ଜିନିଷ ବିକ୍ରିହେବ। ଯୋଗାଯୋଗ: 9040093036, 9040493011. D-56633




Rent for family, 1st floor 2BHK 1500 sqft., 408 Paikanagar Delta Colony BBSR: 8249219060/ 2560320, Rs. 11000 (negotiable). D-9505

3BHK house for residence/ office at Patrapada, Bhubaneswar near NH. 8249016091. D-60933




Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Ayurvedic full body massage ladies / gents smart experts therapist. 9114697517. D-64645

Newly open herbal full body massage with refreshment well trained therapist. 7381239385. D-64650

Experience full body massage with us by expert Enquiry: 06742597822, 7377048581. D-65206

All type of full body massage by expert therapist. 7609005923. D-65207

Herbal full body massage by smart/ expert therapist. Contact: 8338067247. D-65208

Newly opening ayurvedic massage smart therapist, Shree herbal. 7750020754. D-65209

Saishree ayurvedic full body massage ladies & gents. Contact: 7438896074. D-64653

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Business & Hospital low cost operations and medico legal services & training. Set up low cost new Hospital projects. Contact: 9830076448, cbidhan21@gmail.com. D-63878

## Birthday Wish



May God bless you with all of the wonderful desires of your heart and bless you to keep the many blessings that you already have.

***Happy Birthday Mamuni***

Best wishes Bapuni & Relatives.

D-9798

Now Matrimonial ads. only on Wednesday & Sunday
Book 1 Get 1 FREE

# ଏସ୍‌ସିବିରୁ ଅଚିହ୍ନା ମୃତଦେହ ଉଦ୍ଧାର

**କଟକ ଅଫିସ,୨।୧୨**

କଟକ ଏସ୍‌ସିବି ମେଡିକାଲ ପରିସରରୁ ରବିବାର ମଙ୍ଗଳାବାଗ ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ବୟସ ୩୫ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଯୁବକ ଜଣଙ୍କ କୌଣସି ସ୍ଥାନରେ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମୁଣ୍ଡ ସହିତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବାରୁ ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଶନିବାର ଏସ୍‌ସିବି ମେଡିକାଲକୁ ଅଣାଯାଇଥିଲା।

## ଆଜି ଶୁଣାଣି...

ପ୍ରଥମ ପୃଷ୍ଠାରୁ...

ନିଯୁକ୍ତି ଦେବା ସହ ଜନଶୁଣାଣି ପାଇଁ ଟର୍ମସ ଆଣ୍ଡ କଣ୍ଡିଶନ୍ସ ଜଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଏହାକୁ ନେଇ ଭାଜପା -ବିଜେଡି ମୁହାଁମୁହିଁ ହୋଇଛନ୍ତି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ଓଡ଼ିଶାରେ କେଉଁ ଅଞ୍ଚଳ କେତେ ଜମି ପ୍ରଭାବିତ ହେବ। କେତେ ଜନସାଧାରଣ ଏଥିରେ ପ୍ରଭାବିତ ହେବେ, ତାହାର ହିସାବ ନାହିଁ। ତେଣୁ ରାଜ୍ୟ ସରକାର ମଧ୍ୟ ଠିକ୍ ଭାବେ ଜନଶୁଣାଣି କରିପାରିବେ ନାହିଁ ବୋଲି ଗୋଲକ କହିଛନ୍ତି। ବିଜେଡି ପକ୍ଷରୁ ପ୍ରତିକ୍ରିୟା ରଖି ସସ୍ମିତ ପାତ୍ର କହିଛନ୍ତି ଯେ, ୨୦୧୪ ନିର୍ବାଚନ ପୂର୍ବ ପର୍ଯ୍ୟନ୍ତ ଭାଜପା ପୋଲାଭରମ୍ ପ୍ରକଳ୍ପକୁ ବିରୋଧ କରୁଥିଲା। ହେଲେ ଯେମିତି କ୍ଷମତାକୁ ଆସିଲା, ଏ ପ୍ରସଙ୍ଗରେ ଆଉ ପାଟି ଫିଟାଇଲା ନାହିଁ। ଓଡ଼ିଶାରେ ଏକ ଆଞ୍ଚଳିକ ଦଳ ଶାସନରେ ଥିବାରୁ କେନ୍ଦ୍ର ଦୋମୁହାଁ ନୀତି ଅବଲମ୍ବନ କରୁଛି। ଯାହାର ଫଳାଫଳ ଦକ୍ଷିଣ ଓଡ଼ିଶାବାସୀ ଭୋଗିବାକୁ ଯାଉଛନ୍ତି ବୋଲି ପାତ୍ର କହିଛନ୍ତି।

## ଶେଲ୍‌ଟର...

ପ୍ରଥମ ପୃଷ୍ଠାରୁ...

ନିଦରେ ଶୋଇଥିବା ପ୍ରଶାସନର ଚେତା ପଶିଛି। ପୋଲିସ ପକ୍ଷରୁ ମଧ୍ୟ ଜୋର୍‌ଦାର ଚାଲିଛି ଛାନଭିନ୍। ପ୍ରାଥମିକ ପର୍ଯ୍ୟାୟରେ ହୋଇଥିବା ତଦନ୍ତରୁ ଅଭିଯୁକ୍ତ ଡ. ଫୟାଜ ରେହମାନ୍‌ଙ୍କ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଛି। ଓଡ଼ିଶାରେ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟରର ୨୦ ଶାଖା ବ୍ୟତୀତ ପଶ୍ଚିମବଙ୍ଗରେ ୭ ଏବଂ ଝାଡ଼ଖଣ୍ଡରେ ଗୋଟିଏ ଶେଲ୍‌ଟର ହୋମ୍ କାର୍ଯ୍ୟ କରୁଛି। ଏ ନେଇ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ଫୟାଜ୍‌ଙ୍କ ଘର କଲିକତା ପାର୍କଷ୍ଟ୍ରିଟ୍ ଥାନା-୩୦ ମେନ୍‌ରୋଡ ଲେନ୍‌ରେ। ସେ କଟକ ସଦର ଥାନାର ଫୁଲନଖରା ଅନନ୍ତପୁରରେ ରହୁଛନ୍ତି। ତାଙ୍କ ପରିବାର ସଦସ୍ୟ ଆମେରିକାରେ ବାସ କରୁଛନ୍ତି। ତେଣୁ ଅଭିଯୁକ୍ତ ଆମେରିକାର ନାଗରିକତ୍ୱ ନେଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ଆଧାର କରି ତଦନ୍ତ ଜାରି ରହିଛି। ଅପରପକ୍ଷେ ଅନ୍ୟତମ ଅଭିଯୁକ୍ତ ସୀମାଞ୍ଚଳଙ୍କ ଘର କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଖଲିଆମୁଣ୍ଡା ଅଞ୍ଚଳରେ ଏବଂ ଉଦିତ୍‌ଙ୍କ ଘର ଗଜପତି ଜିଲା ରାମଗିରି ଥାନା ପାରିସୋଲ ଗ୍ରାମରେ ବୋଲି ଜଣାପଡ଼ିଛି। ଜିଲା ପୋଲିସର ଇଣ୍ଟିଗ୍ରେଟେଡ୍ ଇନଭେଷ୍ଟିଗେଶନ ୟୁନିଟ୍ ଫର୍ ଚାଇଲ୍ଡ ଆଣ୍ଡ ଓମେନ ବିଭାଗର ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସ୍‌ପି ସୁବାସ ଚନ୍ଦ୍ର ସାହୁ, ଅତିରିକ୍ତ ଇନ୍ସପେକ୍ଟର ମହେନ୍ଦ୍ର ଦେହୁରୀ ଘଟଣାର ତଦନ୍ତ କରୁଛନ୍ତି। ସ୍ଥାନାନ୍ତର ହୋଇଥିବା ଶିଶୁଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ କୁହନ୍ତି, ପରିସ୍ଥିତିକୁ ଦୃଷ୍ଟିରେ ରଖି ରବିବାର ସକାଳେ ସମସ୍ତ ୯୪ଜଣ ଅନ୍ତେବାସୀଙ୍କୁ ଗୋବିନ୍ଦପୁର ଏବଂ କାଠଗଡ଼ାସ୍ଥିତ ଶିଶୁଗୃହକୁ ସ୍ଥାନାନ୍ତର କରାଯାଇଛି। ବାଳିକାବାଳକଙ୍କୁ ପୃଥକ୍ ଭାବେ ରଖାଯାଇଛି। ୭ ପିଲାଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା ଥିବାରୁ ସେମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପିଲାଙ୍କ ଅଭିଭାବକମାନଙ୍କ ସହିତ ଯୋଗାଯୋଗ କରାଯାଇଛି। ଅନ୍ତେବାସୀଙ୍କ ସୁରକ୍ଷା ଏବଂ ପାଠପଢ଼ା ପ୍ରଶାସନର ପ୍ରଥମ ପ୍ରାଥମିକତା ହେବ। ଘଟଣାର ତଦନ୍ତ ଚାଲିଛି। ଶିଶୁ ଅନ୍ତେବାସୀଙ୍କ ଲାଗି ସବୁପ୍ରକାର ପଦକ୍ଷେପ ନିଆଯାଉଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ପ୍ୟାରିସ୍‌ରେ...

ଜରୁରୀ ବୈଠକ ଡକାଇ ସ୍ଥିତି ସମୀକ୍ଷା କରିଛନ୍ତି।

ଫ୍ରାନ୍ସରେ ସଦ୍ୟ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା ନଭେମ୍ବର ୧୭ରେ। ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ ଉପରେ ଟିକସ ବୃଦ୍ଧି ଏବଂ ଅନ୍ୟ ସାମଗ୍ରୀର ଦରଦାମ ଉପରେ ସରକାରୀ ନିୟନ୍ତ୍ରଣ ନ ରହିବା ପ୍ରତିବାଦରେ ଜନ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପ୍ରଥମେ ଏହାର ମାଧ୍ୟମ ପାଲଟିଥିଲା ସୋସିଆଲ ମିଡିଆ। ସାମାଜିକ ଗଣମାଧ୍ୟମରେ ଲୋକେ ମାକ୍ରଁ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଡିସେମ୍ବର ୧ ଶନିବାର ଏହା ଉଗ୍ରରୂପ ନେଇଥିଲା। ଉତ୍ୟକ୍ତ ଲୋକେ ନିଜ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିବାକୁ ଯାଇ ରାସ୍ତାରୋକୋ ଓ ଦୋକାନ ବଜାର ବନ୍ଦ କରିଥିଲେ। ଅନେକ ସ୍ଥାନରେ ଶପିଙ୍ଗ୍ ମଲ, ବ୍ୟବସାୟିକ ପ୍ରତିଷ୍ଠାନ ଓ କାରଖାନାଗୁଡ଼ିକରେ ନିଆଁ ଲଗାଇବା ସହ ସରକାରୀ ଅଫିସଗୁଡ଼ିକରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। 'ମାକ୍ରଁ ଇସ୍ତଫା ଦିଅ' ଓ 'ୟେଲୋ ଜ୍ୟାକେଟ୍‌ର ବିଜୟ ହେବ' ସ୍ଲୋଗାନ ଦେଇ ହଜାର ହଜାର ଆନ୍ଦୋଳନକାରୀ ସର୍ବସାଧାରଣ ସ୍ଥାନଗୁଡ଼ିକୁ କବ୍‌ଜା କରିନେଇଥିଲେ। ପ୍ୟାରିସ୍‌ରୁ ଉଠିଥିବା ଆନ୍ଦୋଳନର ନିଆଁ ରବିବାର କ୍ରମଶଃ ଅନ୍ୟ ସହରଗୁଡ଼ିକୁ ବ୍ୟାପିଛି। ଉତ୍ତର-ପୂର୍ବର ଚାର୍ଲିଭିଲେ ମେଜିଏରେସ୍‌ରୁ ନେଇ ଦକ୍ଷିଣର ମାର୍ସେଇଲେ ପର୍ଯ୍ୟନ୍ତ ଅରାଜକତା ଲାଗିରହିଛି। ନାଇସ୍ ସହରର ବିମାନବନ୍ଦରକୁ ଲୋକେ ଜବରଦସ୍ତ ବନ୍ଦ କରିଦେଇଥିବାବେଳେ କେନ୍ଦ୍ରୀୟ ସହର ପୁୟେନ୍-ଭେଲାୟର ପୋଲିସ ମୁଖ୍ୟାଳୟରେ ନିଆଁ ଲଗାଇ ଛାରଖାର କରିଦେଇଛନ୍ତି। ପୋଲିସ ଉପରେ ସବୁଠି ଆକ୍ରମଣ କରାଯାଇଛି। ଏସବୁ ଘଟଣାକ୍ରମ ଫ୍ରାନ୍ସରେ ଗୃହଯୁଦ୍ଧର ଭ୍ରମ ସୃଷ୍ଟି କରିଛି।

ରାଷ୍ଟ୍ରପତି ମାକ୍ରଁ ଆର୍ଜେଣ୍ଟିନା ଜି-୨୦ ସମ୍ମିଳନୀରୁ ଫେରିବା ପରେ ରବିବାର ଜରୁରୀ ବୈଠକ ଡାକିଛନ୍ତି। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ ସେ ଦେଶର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ବୁଏନୋସ୍ ଏୟାରେସ୍‌ରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମାକ୍ରଁ କହିଛନ୍ତି, ଏଭଳି ଲୁଟତରାଜ ଓ ହିଂସାର କୌଣସି ଯଥାର୍ଥତା ନାହିଁ। ହିଂସା ଭିଆଉଥିବା ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାର ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ଚାହାନ୍ତି। ଇତିମଧ୍ୟରେ ମାକ୍ରଁ ତୈଳ ଉପରେ ବର୍ଦ୍ଧିତ ଟିକସ ହ୍ରାସ କରିବାକୁ ମନାକରିଦେଇଛନ୍ତି। ବେକାରି ସମସ୍ୟା ଭଳି କେତେକ ସଙ୍କଟ ଦୂର କରିବାକୁ ହେଲେ ଏଭଳି ଅର୍ଥନୈତିକ ସଂସ୍କାର ଜରୁରୀ ବୋଲି ରାଷ୍ଟ୍ରପତି ମତବ୍ୟକ୍ତ କରିଛନ୍ତି। ଫଳରେ ଆଗକୁ ସ୍ଥିତି ଅଧିକ ସଙ୍ଗିନ ହେବା ଆଶଙ୍କା ସୃଷ୍ଟି ହୋଇଛି।

## ବେଲଜିୟମକୁ...

ଜଣାପଡ଼ିବାରୁ ବେଲଜିୟମକୁ ପେନାଲ୍ଟି କର୍ନର ମିଳିଥିଲା। ଲୁଇପ୍ରିଟ୍ ଲୁଇକ୍ ମାରିଥିବା ଶଟ୍‌କୁ ଭାରତୀୟ ଡିଫେଣ୍ଡର ହାର୍ଦ୍ଦିକ ସିଂ କ୍ଲିୟର କରିଦେବାରେ ସକ୍ଷମ ହୋଇଥିଲେ। ୮ମ ମିନିଟରେ ଡି ଏରିଆ ମଧ୍ୟରେ ଭାରତୀୟ ଖେଳାଳିଙ୍କ ଗୋଡ଼ରେ ବଲ ବାଜିଥିବା ପୁଣି ଅଭିଯୋଗ କରିଥିଲା ବେଲଜିୟମ। ଏଥର କିନ୍ତୁ ଭୁଲ ନ କରି ୧୬ ନମ୍ବର ଜର୍ସି ପରିହିତ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଭାରତୀୟ ଡିଫେଣ୍ଡର ଓ ଗୋଲକିପର ପି.ଆର. ଶ୍ରୀଜଶଙ୍କୁ ଚକ୍‌ମା ଦେଇ ଦଳ ପାଇଁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ୧୧ତମ ମିନିଟରେ ମନଦୀପ ସିଂ ସୁଯୋଗ ହାତଛଡ଼ା କରିବାରୁ ଭାରତ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା। ସେହିପରି ୧୨ତମ ମିନିଟରେ ଡୋକେର ସେବାଷ୍ଟିଏନ ଭାରତୀୟ ଗୋଲପୋଷ୍ଟ ନିକଟରେ ବଡ଼ ଗ୍ୟାପ୍ ପାଇଥିଲେ ହେଁ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରି ବସିଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ବେଲଜିୟମ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧ ବେଶ୍ ଘଟଣାବହୁଳ ରହିଥିଲା। ଷ୍ଟାଡିୟମଭରା ଦର୍ଶକରେ ଭାରତ ଉତ୍ସାହୀ ପ୍ରଦର୍ଶନ କରିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରୁ ମନପ୍ରୀତ ସିଂଙ୍କ ଦଳ ଆକ୍ରମଣକୁ ଜୋରଦାର କରିଥିଲା। ୩୭ତମ ମିନିଟରେ ବେଲଜିୟମ ଏକ ପେନାଲ୍ଟି କର୍ନର ଦାବି କରିଥିଲେ ହେଁ ରେଫରାଲରେ ତାହା ନାକଚ ହୋଇଯାଇଥିଲା। ୩୮ତମ ମିନିଟରେ ଭାରତକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଅଧିନାୟକ ମନପ୍ରୀତ ସିଂ ବଲ୍‌କୁ ପୁଶ୍ କରିଥିଲେ। ବରୁଣ କୁମାର ଏହାକୁ ଗୋଲରେ ପରିଣତ କରିବାକୁ ଉଦ୍ୟମ କରିଥିଲେ। ବଲ୍ ଗୋଲପୋଷ୍ଟ ଆଡ଼କୁ ଯାଉଥିବାବେଳେ ବେଲଜିୟମ ଖେଳାଳି ଜାଣିଶୁଣି ବଲ୍‌କୁ ଗୋଡ଼ରେ ଅଟକାଇ ଦେଇଥିଲେ। ଫଳରେ ବେଲଜିୟମକୁ ଦଣ୍ଡସ୍ୱରୂପ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ୩୯ତମ ମିନିଟରେ ହରମନପ୍ରୀତ ସିଂ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ରୋମାଞ୍ଚକ ହୋଇଥିଲା। ଗ୍ରୁପରେ ଶୀର୍ଷ ସ୍ଥାନ ପାଇଁ ଉଭୟ ଦଳ ବିଜୟ ଆଶାରେ ରହିଥିଲେ। ୪୭ତମ ମିନିଟରେ ସିମରନଜିତ ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ସିମରନଜିତ ସିଂଙ୍କ ଗୋଲରେ ପୂରା ଷ୍ଟାଡିୟମ ଗର୍ଜି ଉଠିଥିଲା। ଇଣ୍ଡିଆ ଇଣ୍ଡିଆ ଧ୍ୱନିରେ ଦର୍ଶକମାନେ କମ୍ପନ ସୃଷ୍ଟି କରିଥିଲେ। ୫୩ତମ ମିନିଟରେ ହାର୍ଦ୍ଦିକ ସିଂ ଆହତ ହୋଇ ପଡ଼ିଆ ଛାଡ଼ିଥିଲେ। ଶେଷ ୪.୫ ମିନିଟ ବେଲଜିୟମ ବିନା ଗୋଲକିପରରେ ଖେଳିଥିଲା। ତେବେ ଏହି ଦଳ ରକ୍ଷଣଭାଗକୁ ଦୃଢ଼ କରିଥିବାରୁ ଭାରତ ଏହାର ଫାଇଦା ନେଇପାରି ନ ଥିଲା। ଏପରି କି ଭାରତ ବେଲଜିୟମର ଡି' ଏରିଆ ମଧ୍ୟକୁ ପଶିବା କଷ୍ଟକର ହୋଇଯାଇଥିଲା। ଭାରତୀୟ ଦର୍ଶକ ଉଲ୍ଲସିତ ଥିବାବେଳେ ୫୬ତମ ମିନିଟରେ ବେଲଜିୟମର ସିମନ ଗୁଗ୍‌ନାର୍ଡ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇଆସିଥିଲେ। ଏହାପରେ ଉଭୟ ଦଳ ବିଜୟ ହାସଲ ପାଇଁ ଚେଷ୍ଟା କରିଥିଲେ ହେଁ କେହି ଗୋଲ ଦେଇପାରି ନ ଥିଲେ। ଫଳରେ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା।

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଲକ୍ଷ୍ମୀଧର ନାୟକ**

ଆବିର୍ଭାବ: ୨୯।୦୮।୧୯୪୦
ତିରୋଧାନ: ୧୪।୧୧।୨୦୧୭

ବର୍ଷଟେ ବିତିଗଲା ଗୋଟେ ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ନିହାତି ଅସହ୍ୟ। ଆପଣଙ୍କ ଅମଳିନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।

ଶ୍ରଦ୍ଧାଞ୍ଜଳି ସହ :
ତୁମର ଧର୍ମପତ୍ନୀ ଏବଂ ପରିବାରବର୍ଗ

ଧ-୯୭୯୫

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ଁ ପ୍ରେମଚାନ୍ଦ ରାୟ**

ରମାବଲ୍ଲଭ ରୋଡ୍, ପୁରୀ
ଆବିର୍ଭାବ: ୧୩.୧୦.୧୯୩୨
ତିରୋଧାନ-୨୪.୧୧.୨୦୧୬

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ଆତ୍ମୀୟସ୍ୱଜନ, ଛାତ୍ରଛାତ୍ରୀ, ଓ ପରିବାରବର୍ଗ**

ଧ-୬୫୦୯୧

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିଶ୍ୱନାଥ ସାହୁ**

ରସୁଲଗଡ, ନୂଆସାହି, ଭୁବନେଶ୍ୱର
ଆବିର୍ଭାବ: ୧୯୩୬
ତିରୋଧାନ: ୨୩।୧୧।୧୮

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଶ୍ରୀଚରଣରେ ଆମର ବିନମ୍ର ନିବେଦନ। ଶୋକସନ୍ତପ୍ତ: ପୁତ୍ର-ସରୋଜ, ସତ୍ୟ, ପତ୍ନୀ-ସୁଭାସିନୀ, ପୁତ୍ରବଧୂ- ପ୍ରଶାନ୍ତି, ଶାନ୍ତି, ପୌତ୍ରୀ-ଗୀତା, ପୁଷ୍ପା, ଦୀପା, ବର୍ଷା, ନାତି-ସ୍ୱାତ୍ତ୍ୱିକ୍।

ଧ-୬୪୭୫୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




**ସ୍ୱର୍ଗତା ନିଦ୍ରାବତୀ ଖଟୁଆ**

ଆରୋଢ଼ଇ, ତିର୍ତ୍ତୋଲ, ଜଗତ୍‌ସିଂହପୁର
ତିରୋଧାନ: ୨୩।୧୧।୨୦୧୮
(ଶୁକ୍ରବାର-କାର୍ତ୍ତିକ ପୂର୍ଣ୍ଣିମା)

ତୁମର ଅମର ଆତ୍ମା ସଦ୍‌ଗତି ଲାଭ କରୁ ଏହାହିଁ ଜଗତରନାଥ ଶ୍ରୀଜଗନ୍ନାଥ ଓ ଜଗତ୍‌ମାତା ଶାରଳାଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ଭଣଜା, ଭାଣିଜୀଜ୍ୱାଇଁ ଓ ନାତିନାତୁଣୀମାନେ।

ଧ-୫୬୧୫୫

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସତ୍ୟ ରଞ୍ଜନ ମହାନ୍ତି**

ପ୍ଲଟ୍ ନଂ-୪୫, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ତିରୋଧାନ: ୨୩।୧୧।୨୦୧୮

ଆପଣ ଜଣେ ଦେବତୁଲ୍ୟ ମାନବ ଆମ ଗହଣରେ ଥିଲେ। ଆପଣ ଆମକୁ ଛାଡି ଏତେ ଶୀଘ୍ର ଯିବେ ବୋଲି ଭାବି ନଥିଲୁ। ଆପଣଙ୍କ ପରି ବ୍ୟକ୍ତିତ୍ୱ ବିରଳ। ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ ଏହା ଆମର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।। ଆପଣଙ୍କ ବନ୍ଧୁ ଓ ପରିବାରବର୍ଗ।

ଧ-୯୭୮୭

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର କର୍ମକ୍ଷେତ୍ରରେ ଆଶା ନିଶ୍ଚିତ ପୂରଣ ହୋଇପାରିବ ଏବଂ ଆର୍ଥିକ ଅଭିବୃଦ୍ଧି ସହ ସମ୍ମାନିତ ହେବେ । ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟମାନଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ବଢିପାରେ । ସଭାସମିତି ଓ ବାଣିଜ୍ୟ,ବ୍ୟବସାୟ ଯଥାରୀତି ପୂର୍ବବତ୍ ଚାଲୁ ରହିବ । ଆର୍ଥିକ ଉନ୍ନତି, ବନ୍ଧୁମିଳନ ପାଇଁ ସୁଯୋଗର ସମ୍ଭାବନା ରହିଛି ।

**ବୃଷ** କାମର ଚାପ ବଢିବାକୁ ନେଇ କଠୋର ପରିଶ୍ରମଜନିତ ପୀଡା ଅନୁଭବ କରିପାରନ୍ତି । ସକାଳୁ ସକାଳୁ ବ୍ୟସ୍ତତାର ସହ କରିଥିବା ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲି ମନସ୍ତାପ କରିବେ । ପରିସ୍ଥିତିବଶତଃ ଇଚ୍ଛା ନ ଥାଇ ମଧ୍ୟ ଖର୍ଚ୍ଚାନ୍ତ ହେବାକୁ ପଡିପାରେ । ଆନୁଷ୍ଠାନିକ କାମରେ ଯୋଗଦେଇ ପାରନ୍ତି ।

**ମିଥୁନ** ସ୍ଥଗିତ କାମକୁ ପଡୋଶୀଙ୍କ ସହାୟତାରେ ସମ୍ପନ୍ନ କରିବାର ମଉକା ଜୁଟିବାର ସମ୍ଭାବନା ରହିଛି । ପାରିବାରିକ କ୍ଷେତ୍ରରେ ବୁଝାମଣା ଭିତ୍ତିରେ କିମ୍ବା ସହମତିରେ କାମ କଲେ ଉପକୃତ ହେବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ । ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିପାରେ ।

**କର୍କଟ** ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ଦିନଟି ବହୁତ ଭଲରେ ଅତିବାହିତ ହେବ । ନୂତନ ସମ୍ପର୍କ, ଉଚ୍ଚ ସମ୍ମାନ ପ୍ରାପ୍ତି ମାଧ୍ୟମରେ ଦିନଟି ସ୍ମରଣୀୟ ରହିବ । ନିକଟ ଅତୀତର ସମସ୍ୟାଗୁଡିକର ସମୀକ୍ଷା କରି ତଦନୁଯାୟୀ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ମନସ୍ଥ କରିପାରନ୍ତି । ନିର୍ମାଣାଧୀନ ଗୃହକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ରହିଛି ।

**ସିଂହ** ଶନିଙ୍କ ପ୍ରଭାବରେ ସବୁ ଥାଇ ମଧ୍ୟ କିଛି ନ ଥିବା ପରି ନୈରାଶ୍ୟତା ମଧ୍ୟରେ ସମୟ କଟାଇବେ । ଆଜି ଯେମିତି ଚାହୁଁଛନ୍ତି ଠିକ୍ ସେହିଭଳି କାମଗୁଡିକ ସମ୍ପନ୍ନ ହେବାରେ କୌଣସି ସୁବିଧା ଜୁଟି ନ ପାରେ । ସାମାନ୍ୟ ବଚସାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ପାରିବାରିକ ସ୍ଥିତି , ଆର୍ଥିକ ଉନ୍ନତି ପୂର୍ବପରି ବଳବତ୍ତର ରହିବ ।

**କନ୍ୟା** ପରିବାରରେ ରହିଆସିଥିବା ସମସ୍ୟାଜନିତ ଅଶାନ୍ତି ସୁପ୍ତ ଅବସ୍ଥାରେ ରହିବ । ଚେଷ୍ଟା କରୁଥିବା କାମ ସକାଶେ ଆନୁଷଙ୍ଗିକ ସୁବିଧା ସୁଯୋଗ ସହକର୍ମୀଙ୍କ ଠାରୁ ପାଇପାରିବେ । ସାହିତ୍ୟ, କଳାରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଉଚ୍ଚ ପ୍ରଶଂସା ମଧ୍ୟ ପାଇବେ । ସ୍ୱାସ୍ଥ୍ୟ ସମସ୍ୟା ଦ୍ୱିଗୁଣିତ ହେବା କ୍ଷେତ୍ରରେ ନିଜର ଅବହେଳା ହିଁ ମୁଖ୍ୟ କାରଣ ହେବାର ଆଶଙ୍କା ରହିଛି ।

**ତୁଳା** ଦୈହିକ ସୁସ୍ଥତା, ଆର୍ଥିକ ଉନ୍ନତି, ସମସ୍ୟା ମୁକ୍ତ ପାରିବାରିକ ଜୀବନ ମଧ୍ୟରେ ଦିନଟି ଉପଭୋଗ୍ୟ ରହିବ । ତଥାପି କୌଣସି ବ୍ୟକ୍ତିଙ୍କ ଅନୁପସ୍ଥିତି କିମ୍ବା ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ସାମୟିକ ବିଚଳିତ ଅନୁଭବ କରିବେ । ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ । ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ ।

**ବିଛା** ଏକାଦଶସ୍ଥ ଚନ୍ଦ୍ର ଆପଣଙ୍କ ପ୍ରତ୍ୟେକ କାମକୁ ନିର୍ବିଘ୍ନରେ ସମାପନ କରିବା ସହ ଆଶା ଓ ଅଭିଳାଷ ପୂରଣ କରିବାରେ ସାହାଯ୍ୟ କରିବ । ପୂର୍ବ ସ୍ଥିରୀକୃତ ନୂଆ ଯୋଜନାକୁ ବାସ୍ତବ ରୂପ ଦେବାର ଯୋଜନା କଲେ ଅବଶ୍ୟ ସଫଳ ହେବେ । ଆନୁଷ୍ଠାନିକ କ୍ଷେତ୍ରରେ ସାମୂହିକ ସମସ୍ୟାର ସରଳ ସମାଧାନ କରି ପରୋକ୍ଷ ଭାବରେ ପ୍ରଶଂସିତ ହୋଇପାରନ୍ତି ।

**ଧନୁ** ଶନି ଓ ରାହୁଙ୍କ ପ୍ରଭାବରେ ସନ୍ଦେହ ଓ ଭୁଲ୍ ବୁଝାମଣା ଜନିତ କୌଣସି ପାରିବାରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ । ସାଂସ୍କୃତିକ ଉତ୍ସବ ନିମନ୍ତେ ଅନୁରୋଧପତ୍ର ପାଇ ଆନନ୍ଦ ଅନୁଭବ କରିପାରନ୍ତି । ବ୍ୟବସାୟ ବହୁମୁଖୀ ଆକାର ଧାରଣ କରି ଲାଭବାନ ହେବେ । ଆରୋଗ୍ୟଲାଭ, ଶୁଭଖବର ପ୍ରାପ୍ତି ପ୍ରଭୃତି କେତେକ ଶୁଭଫଳ ମଧ୍ୟ ପାଇବେ ।

**ମକର** ପରିସ୍ଥିତିର ବିଷମତା କାରଣରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବାର ସୂଚନା ମିଳିପାରେ । ଯାତ୍ରା ସମୟରେ ସତର୍କତା ଅଭାବରୁ ଆଘାତ ଲାଗିବାର ସୂଚନା ରହିଛି । ବନ୍ଧୁମିଳନ ପରିସରରେ କୌଣସି ଅଜଣା ଲୋକଟି ଦ୍ୱାରା ତର୍କବିତର୍କ କିମ୍ବା ହଇରାଣ ହରକତ ହେବାକୁ ପଡିପାରେ । ବ୍ୟବସାୟିକ ଦୃଷ୍ଟିକୋଣରୁ କିମ୍ବା ନୂତନ କର୍ମାରମ୍ଭ ସକାଶେ ଦିନଟି ବହୁତ ଭଲ ।

**କୁମ୍ଭ** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ । କିନ୍ତୁ ନୀଚ ମନୋଭାବାପନ୍ନ ବ୍ୟକ୍ତିବିଶେଷଙ୍କ ସହ ଯୁକ୍ତିତର୍କ କରି ପରିଶେଷରେ ଅପଦସ୍ଥ କିମ୍ବା ଅସମ୍ମାନିତ ହୋଇପାରନ୍ତି । ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ସାହାଯ୍ୟ ଓ ଦୂରଦର୍ଶିତା ଗୁଣରୁ ମନୋବଳ ବୃଦ୍ଧି ପାଇବ ।

**ମୀନ** ଆତ୍ମୀୟସ୍ୱଜନ କିମ୍ବା ହିତୈଷୀଙ୍କ ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ । ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ । ବିବାଦୀୟ ଘଟଣାରେ ଟେନ୍ସନ ଲାଗି ରହିବ । ବନ୍ଧୁଙ୍କ ସହ ଆଲୋଚନା ପରିପ୍ରେକ୍ଷୀରେ ଛୋଟ କଥାକୁ ମୋଟ କରି କଳହକୁ ଆମନ୍ତ୍ରଣ କରିପାରନ୍ତି ।

ଆଜି ମାର୍ଗଶିର କୃଷ୍ଣପକ୍ଷର ଉତ୍ପନ୍ନା ଏକାଦଶୀ ସୋମବାର, ଦିବା ଘ୧।୦୪ମି. ଗତେ ଦ୍ୱାଦଶୀ, ଡିସେମ୍ବର ୩ ତାରିଖ, ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ,ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ୩।୩୪ମି. ଗତେ ତୁଳା ଚନ୍ଦ୍ର, ମିଥୁନ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଏକାଦଶୀର ବ୍ରତ ଓ ଉପବାସ, ଦିବା ଘ୭।୩୫ମି. ମଧ୍ୟେ ଘ୧।୦୦ମି. ଗତେ, ଘ୨।୨୦ମି. ମଧ୍ୟେ ଘ୩।୪୦ମି. ଗତେ, ଘ୫।୦୨ମି. ମଧ୍ୟେ ଅମୃତ ବେଳା । ଦିବା ଘ୮।୫୫ମି. ଗତେ ଘ୧୦।୧୫ମି. ମଧ୍ୟେ ମାହେନ୍ଦ୍ରବେଳା ।



ପାକିସ୍ତାନ ଆତଙ୍କବାଦ ବିରୋଧୀ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ଅନ୍ତର୍ଗତ ସ୍ଥାନୀୟ ପଖ୍ତୁନ୍‌ଖ୍ୱା ପ୍ରଦେଶର ଡେରା ଇସ୍ମାଇଲ୍‌ଠାରେ ପାକିସ୍ତାନୀ ସୈନ୍ୟ ତାଲିବାନ କମାଣ୍ଡର ହାକିମ୍ ଖାଁଙ୍କୁ ଏନ୍‌କାଉଣ୍ଟର କରିଛନ୍ତି। ଏହି ଘଟଣାରେ ୪ ସୈନ୍ୟ ଗୁରୁତର ଆହତ ହୋଇଥିବା ପାକିସ୍ତାନ ସୈନ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆମେରିକା ପକ୍ଷରୁ ବାରମ୍ବାର କରାଯାଉଥିଲା। ଏହାର ଜବାବରେ ପାକିସ୍ତାନ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କୁହାଯାଉଛି।

# ପାଲଲହଡ଼ାରୁ ଲଢ଼ିବାକୁ ଧର୍ମେନ୍ଦ୍ରଙ୍କ ସଙ୍କେତ

ପାଲଲହଡା,୨।୧୨(ଡି.ଏନ.ଏ.)



ଆଗାମୀ ସାଧାରଣ ନିର୍ବାଚନରେ ନିଜ ପୁରୁଣା ଆସନ ଅନୁଗୋଳ ଜିଲା ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ ଲଢିବାକୁ ସଙ୍କେତ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ପାଲଲହଡ଼ା ବ୍ଲକ ମୁଣ୍ଡୁରିବେଡ଼ା ପ୍ରାଥମିକ ସ୍କୁଲର ଶତବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ଗତଥର ନିଜ ଭୁଲ୍ ପାଇଁ ନିର୍ବାଚନ ହାରି ଯାଇଥିଲେ। କିନ୍ତୁ ଏଥର ଅଧିକ ସମର୍ଥନ ମିଳିବ ବୋଲି ସେ ଦୃଢ଼ ଆଶା କରୁଛନ୍ତି। ଧର୍ମେନ୍ଦ୍ରଙ୍କ ଏପରି ପରୋକ୍ଷ ଘୋଷଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ୨ ଦିନ ତଳେ ଓଡ଼ିଶା ଆସିବା ପୂର୍ବରୁ ମା'ଙ୍କୁ ମୁଣ୍ଡୁରିବେଡ଼ା ଯିବା ସମ୍ପର୍କରେ ସୂଚନା ଦେଇଥିଲେ। ମୁଣ୍ଡୁରିବେଡ଼ା ଲୋକଙ୍କ ସହ ତାଙ୍କ ଭାବାବେଗ ଜଡ଼ିତ ରହିଛି। ମୁଣ୍ଡୁରିବେଡ଼ା ତାଙ୍କ ମା'ଙ୍କ ମାମୁ ଘର ଗାଁ ବୋଲି ସେ କହିବା ସହ ତାଙ୍କ ପରିବାରକୁ ଏ ସ୍ଥାନରେ ପହଞ୍ଚାଇଥିବାରୁ ସ୍ଥାନୀୟ ଲୋକମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲ, ଜିଲା ପରିଷଦ ସଭ୍ୟ ସରୋଜ ସାହୁ, ମୁଖ୍ୟବକ୍ତା ଭାବେ ମାଲ୍ୟଗିରି କଲେଜର ଡ. ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଖମାର ପଞ୍ଚାୟତ ଓଡ଼ଶ ଗ୍ରାମରେ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଓଏନ୍‌ଜିସିର ସିଏସ୍‌ଆର୍ ପାଣ୍ଠିରୁ ୯୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ବ୍ଲକ ଅଧ୍ୟକ୍ଷ ପାଲ , ଜିଲା ପରିଷଦ ସଭ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ସଭାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, ଧର୍ମେନ୍ଦ୍ର ୨୦୦୦ରେ ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ। ହେଲେ ୨୦୦୯ରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା।

### ■ ହାଜତ ମୃତ୍ୟୁ ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ମାମଲା

ପୁରୀ ଅଫିସ,୨।୧୨

ପୁରୀ ଜିଲା ଅସ୍ତରଙ୍ଗ ଥାନାରେ ପୋଲିସ ମାଡ଼ରେ ଆହତ ମାଳଦା ଗ୍ରାମର ଯୋଗେନ୍ଦ୍ର ଦାସ(୪୦) ନାମକ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ପୁରୀର ସୂଚନା ଅଧିକାରୀ କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଏନ୍‌ଏଚ୍‌ଆର୍‌ସି ୨୯ ତାରିଖରେ ଏକ ମାମଲା ରୁଜୁ କରିଛନ୍ତି। ଜୟନ୍ତ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ପୋଲିସ ନିର୍ଯାତନାରୁ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିବାରୁ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଇବାକୁ ଓଡିଶା ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି। ସେହିଭଳି ମୃତକଙ୍କ ପରିବାରକୁ ତୁରନ୍ତ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା, ତାଙ୍କ ଚିକିତ୍ସା ସମୟର କାଗଜପତ୍ର ଓ ପୋଷ୍ଟମର୍ଟମ ରିପୋର୍ଟ ଦାଖଲ କରିବା ଲାଗି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି।

ସୂଚନାଯୋଗ୍ୟ, ଗଜଲକ୍ଷ୍ମୀ ପୂଜା ଭସାଣି ଭୋଜି ରନ୍ଧା ଚାଲିଥିବାବେଳେ ମାଳଦାରେ ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଯୋଗେନ୍ଦ୍ର ଗୋଟିଏ ଗୋଷ୍ଠୀର ଥିଲେ। ଯୋଗେନ୍ଦ୍ରଙ୍କ ସ୍ତ୍ରୀ ପ୍ରତିମା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଗତ ୧୪ ତାରିଖ ରାତିରେ ସ୍ୱାମୀ ଯୋଗେନ୍ଦ୍ର ସମ୍ପର୍କୀୟଙ୍କ ଘରେ ଥିବାବେଳେ ବିଳମ୍ବିତ ରାତିରେ ପୋଲିସ ତାଙ୍କୁ ଉଠାଇ ନେଇଥିଲା। ଥାନାରେ ନିହୁକ ମାଡ଼ ମାରିବାରୁ ସେ ଅସୁସ୍ଥ ହୋଇ ପଡିଥିଲେ। ୧୬ ତାରିଖରେ କୋର୍ଟରୁ ଜାମିନ ମିଳିବା ପରେ ତାଙ୍କୁ ପୋଲିସ ଘରକୁ ନ ଆଣି କଟକ ବଡ଼ ମେଡିକାଲ ନେଇଥିଲା। ୨୮ତାରିଖ ସକାଳ ୭ଟାରେ ସ୍ୱାମୀ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ଖବର ଦିଆଯାଇଥିଲା ବୋଲି ପ୍ରତିମା ଅଭିଯୋଗରେ ଦର୍ଶାଇଥିଲେ।

## ୭.୫ ଡିଗ୍ରୀରେ ଫୁଲବାଣୀ

**ଭୁବନେଶ୍ୱର, ୨।୧୨(ବ୍ୟୁରୋ):** ବର୍ତ୍ତମାନ ସାରା ରାଜ୍ୟରେ ଘନ କୁହୁଡ଼ି ସହ ଶୀତ ଅନୁଭୂତ ହେଉଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଏହିଭଳି ପାଗ ରହିବ। ତା'ପରେ ପାଗରେ ସାମାନ୍ୟ ପରିବର୍ତ୍ତନ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ରବିବାର ଫୁଲବାଣୀରେ ତାପମାତ୍ରା ସର୍ବନିମ୍ନ ୭.୫ ଡିଗ୍ରୀ ରେକର୍ଡ କରାଯାଇଥିଲା।




### ■ ପୁଣି ଝୁଲିଲା ମହାପ୍ରସାଦ ଦର ତାଲିକା

# ସମନ୍ୱୟ ଅଭାବ, ହୋଇପାରିଲାନି ରୋଷେଇ

ପୁରୀ ଅଫିସ, ୨।୧୨

ମହାପ୍ରସାଦ ଦର ତାଲିକା ପ୍ରସ୍ତୁତି ପୁଣି ଝୁଲି ରହିଲା। ଦର ନିର୍ଦ୍ଧାରଣ ନେଇ ରବିବାର ପରୀକ୍ଷାମୂଳକ ଭାବେ ରୋଷେଇ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏଥିପାଇଁ ସୁଆର ମହାସୁଆର ନିଯୋଗ ଏବଂ ଶ୍ରୀମନ୍ଦିର କମାଣ୍ଡରଙ୍କୁ ଚିଠି ମଧ୍ୟ କରାଯାଇଥିଲା। କିନ୍ତୁ ଠିକଣା ବେଳକୁ ଏହା ଫେଲ୍ ମାରିଛି। ମହାସୁଆର ନିଯୋଗକୁ ସାମଗ୍ରୀର ତାଲିକା ଦେବାକୁ କୁହାଯାଇଥିଲେ ମଧ୍ୟ ତାହା ମିଳି ନ ଥିବା କୁହାଯାଉଛି। ଅନ୍ୟପକ୍ଷରେ ଉପଯୁକ୍ତ ସମନ୍ୱୟ ଅଭାବରୁ ପରୀକ୍ଷାମୂଳକ ରୋଷେଇ ହୋଇପାରି ନ ଥିବା ଜଣାପଡ଼ିଛି।

ଆନନ୍ଦ ବଜାରରେ କୌଣସି ଭକ୍ତ ଶୋଷଣର ଶିକାର ହେବେ ନାହିଁ। ମହାପ୍ରସାଦ କିଣିବାବେଳେ ଦରକୁ ନେଇ ଯେପରି କାହା ମନରେ କୌଣସି ଭାବନା ନ ଆସିବ ସେଥିପାଇଁ ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ମହାପ୍ରସାଦ ଦର ତାଲିକା ଲଗାଯିବାକୁ ନିଷ୍ପତ୍ତି ହୋଇଥିଲା। ଏ ନେଇ ଅକ୍ଟୋବର ୧୬ରେ ଶ୍ରୀମନ୍ଦିର ପ୍ରଶାସନ ଓ ସୁଆର ମହାସୁଆର ନିଯୋଗ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମଧ୍ୟ ଏକାଧିକ ଥର ବୈଠକ ବସିଥିଲା। ଶେଷରେ କାର୍ତ୍ତିକ ମାସ ପରେ ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯିବ ବୋଲି ମନ୍ଦିର ପ୍ରଶାସନ ସୂଚନା ଦେଇଥିଲା। ଗତ ୨୯ ତାରିଖରେ ଜିଲାପାଳ ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକ ଏ ନେଇ ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରିଥିଲେ। ରବିବାର ପରୀକ୍ଷାମୂଳକ ଭାବେ ମହାପ୍ରସାଦ ରୋଷେଇ କରାଯିବ ବୋଲି ଦିନ ଧାର୍ଯ୍ୟ ହୋଇଥିଲା। ଏହି ଅନୁସାରେ ଶ୍ରୀମନ୍ଦିର ପ୍ରଶାସନ ଚାଉଳ, ଡାଲି, କୁଡୁଆ ଇତ୍ୟାଦି ଆବଶ୍ୟକ ସାମଗ୍ରୀ ଯୋଗାଇଥାନ୍ତା ଓ କୋଠ ରୋଷରେ ରୋଷେଇ କରାଯାଇଥାନ୍ତା। ସାମଗ୍ରୀ କିଣା ବାବଦ ଖର୍ଚ୍ଚ, ସୁଆର ସେବକଙ୍କ ଲାଭାଂଶକୁ ଦେଖି ଦର ନିର୍ଦ୍ଧାରଣ ହେବା ପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ଥାଇ) ଲଗାଯାଇଥାନ୍ତା। ହେଲେ କୋଠ ରୋଷରେ ଏହା ରୋଷେଇ ହେବାକୁ ଥିଲେ ମଧ୍ୟ ସମନ୍ୱୟ ଅଭାବରୁ ଏ ବିଷୟରେ ବଡୁ ସୁଆର ନିଯୋଗକୁ ଅବଗତ କରାଯାଇ ନ ଥିବାରୁ ଏପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ କହିଛନ୍ତି, ଅନିବାର୍ଯ୍ୟ କାରଣବଶତଃ ପରୀକ୍ଷା ମୂଳକ ରୋଷେଇ ହୋଇପାରି ନାହିଁ। ପରବର୍ତ୍ତୀ ସମୟରେ ଏ ନେଇ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ସୁଆର ମହାସୁଆର ନିଯୋଗର ବୈଠକ ବସି ଏ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହେବ। ସମସ୍ତଙ୍କ ସହମତି ମିଳିବା ପରେ ନିଯୋଗ ଏ ଦିଗରେ ଆଗକୁ ବଢିବ ବୋଲି ସୂଚନା ମିଳିଛି।

### ■ସ୍ତନ୍ୟପାୟୀ ପ୍ରାଣୀ ଗଣନା ଶେଷ

# ଭିତରକନିକାରେ ବନ୍ୟଜନ୍ତୁ ସଂଖ୍ୟା ବୃଦ୍ଧି

ରାଜନଗର, ୨।୧୨ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ସ୍ତନ୍ୟପାୟୀ ବନ୍ୟଜନ୍ତୁଙ୍କ ଗଣନା ଶନିବାର ଶେଷ ହୋଇଛି। ପୂର୍ବ ବର୍ଷ ୭,୧୨୯ ବନ୍ୟଜନ୍ତୁ ଥିବା ବେଳେ ଚଳିତ ବର୍ଷ ଏହା ୭, ୭୨୮କୁ ବୃଦ୍ଧି ପାଇଛି। ବନ୍ୟଜନ୍ତୁଙ୍କ ସଂଖ୍ୟା ବଢ଼ିଥିବା ବେଳେ ହରିଣ, ହେଟା ବାଘ, ଚିତା ବିରାଡି ଓ ପାତି ମାଙ୍କଡ ସଂଖ୍ୟା ହ୍ରାସ ପାଇଥିବା ବନ ବିଭାଗ ରିପୋର୍ଟରୁ ଜଣାପଡିଛି। ଜଙ୍ଗଲୀ ବାର୍‌ହା, ଓଧ, ବିଲୁଆ, ମାଛରଙ୍କା ବିରାଡି, ନେଉଳ, ହନୁ ମାଙ୍କଡ, ବଣ ବିରାଡି, କୋକିଶିଆଳ, ଠେକୁଆ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଝିଙ୍କ ପକ୍ଷୀ ସଂଖ୍ୟା ସମାନ ରହିଛି। ମାତ୍ର ଚଳିତ ବର୍ଷ ଶମ୍ବରଙ୍କୁ ଦେଖିବାକୁ ମିଳିନାହିଁ। ଭିତରକନିକା ଜାତୀୟ ଉଦ୍ୟାନର କନିକା, ରାଜନଗର, ଗହୀରମଥା, ମହାକାଳପଡ଼ା ଓ କୁଜଙ୍ଗ ବନ୍ୟପ୍ରାଣୀ ରେଞ୍ଜ ଅଞ୍ଚଳରେ ଦେଖାଯାଉଥିବା ସ୍ତନ୍ୟପାୟୀ ବନ୍ୟଜନ୍ତୁଙ୍କ ଗଣନା ଗତ ୨୩ରୁ ଆରମ୍ଭ ହୋଇଥିଲା। କନିକା ରେଞ୍ଜ ଅଞ୍ଚଳରେ ୪,୪୦୪, ରାଜନଗରରେ ୧,୭୩୦, ଗହୀରମଥାରେ ୨୦୪, ମହାକାଳପଡ଼ାରେ ୧,୦୨୯ ଓ କୁଜଙ୍ଗ ରେଞ୍ଜ ଅଞ୍ଚଳରେ ୩୬୧ ବନ୍ୟଜନ୍ତୁ ରହିଥିବା ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।






# ସିଏସ୍‌ଓ ପାଳି

କେନ୍ଦ୍ରର ଭାଜପା ସରକାର ଏବେ ଆଉ ଏକ ସ୍ୱାଧୀନ ସଂସ୍ଥା ସେଣ୍ଟ୍ରାଲ ଷ୍ଟାଟିଷ୍ଟିକ୍ସ ଅଫିସ୍ (ସିଏସ୍‌ଓ)କୁ ଦୁର୍ବଳ କରି ତାହାର କାର୍ଯ୍ୟ ପରିସରକୁ ସଙ୍କୁଚିତ କରିବାକୁ ଉଦ୍ୟମ କରିଛନ୍ତି। ସିଏସ୍‌ଓର ମୁଖ୍ୟ ଦାୟିତ୍ୱ ହେଉଛି ଦେଶର ଅର୍ଥନୈତିକ (ଶିଳ୍ପ ଉତ୍ପାଦନ ଓ ଖାଉଟି ମୂଲ୍ୟ ସୂଚକାଙ୍କ), କୃଷି, ମାନବ ସମ୍ବଳ ଭଳି ଅନେକ ବିଷୟର ତଥ୍ୟକୁ ସଂଗ୍ରହ କରିବା। ଏଥିସହିତ କେଉଁ ରାଜ୍ୟକୁ କେତେ ଅର୍ଥ ଦିଆଯିବ ସେ ନେଇ ଦରକାରି ତଥ୍ୟ ମଧ୍ୟ ଏହା ସ୍ଥିର କରିଥାଏ। ସେହିସବୁ ସଂଗୃହୀତ ତଥ୍ୟକୁ ନେଇ ସାରା ଦେଶର ଏକ ଚିତ୍ର ସୃଷ୍ଟି କରିବା, ଯାହାଦ୍ୱାରା କି ବିଭିନ୍ନ ଯୋଜନା ପ୍ରଣୟନ କ୍ଷେତ୍ରରେ ସ୍ୱଚ୍ଛତା ମିଳିବା ସହ ସରକାରୀ ଅର୍ଥ ଖର୍ଚ୍ଚ ଲାଗି ଦିଗ୍‌ଦର୍ଶନ ମିଳିପାରିବ।

ସିଏସ୍‌ଓ ପକ୍ଷରୁ ଏବେ ଜାରି କରାଯାଇଥିବା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ବ୍ୟାକ୍ ଡାଟା ବା ପଛୁଆ ତଥ୍ୟକୁ ନେଇ ବିବାଦ ଉଠିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ୟାକ୍ ଡାଟା ହେଉଛି ପୁରୁଣା ତଥ୍ୟର ବିଶ୍ଳେଷଣ। ଏଭଳି ପ୍ରଚ୍ଛଦପଟରେ ଦେଖିଲେ ଉପା ସରକାର ଅମଳରେ ଦିଆଯାଇଥିବା ଅଭିବୃଦ୍ଧି ହାରକୁ ଏବର ଭାଜପା ସରକାର ପୁନଃ ତର୍ଜମା କରିଛନ୍ତି। ଏହି ରିପୋର୍ଟରେ କୁହାଯାଇଛି ଯେ, ୨୦୧୦-୧୧ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ୧୦.୦୩ ପ୍ରତିଶତ ଥିଲା ବୋଲି ଉପା ଯାହା କହିଥିଲା ତାହା ଭୁଲ୍। ବାସ୍ତବରେ ତାହା ୮.୫ ପ୍ରତିଶତ ଥିଲା ବୋଲି ଏବେ ସିଏସ୍‌ଓ ସଂଶୋଧିତ ତଥ୍ୟରେ ପ୍ରକାଶ କରିଛି। ଅର୍ଥାତ୍ ଜିଡିପି ଦୁଇ ଅଙ୍କରେ ପହଞ୍ଚିଥିଲା ବୋଲି ଉପାର ଦାବିକୁ ଏନ୍‌ଡିଏ ଭୁଲ୍ ଦର୍ଶାଇଛି। ବିଶେଷଜ୍ଞଙ୍କ ମତରେ ପୁରୁଣା ତଥ୍ୟ ରୋମନ୍ଥନ କରିବାର ଭିତିରି ଲକ୍ଷ୍ୟ ହେଉଛି ୨୦୧୯ ସାଧାରଣ ନିର୍ବାଚନ। ବ୍ୟାକ୍ ଡାଟା ବିଶ୍ଳେଷଣ କରିବା ପଛରେ ଉପା ସରକାରକୁ ଲୋକଙ୍କ ନଜରରେ ନ୍ୟୂନ କରିବା ମୋଦି ସରକାରଙ୍କ ମୂଳ ଉଦ୍ଦେଶ୍ୟ ରହିଛି। ଅବଶ୍ୟ ଉପା-୨ ସରକାର ୨୦୦୪-୦୫ ଆର୍ଥିକ ବର୍ଷକୁ ଆଧାର ବର୍ଷ ଭାବେ ଗ୍ରହଣ କରି ଜିଡିପି ଡାଟା ଆକଳନ ଆରମ୍ଭ କରିଥିଲା। ସେତେବେଳେ ଆଜିର ଭାଜପା ସରକାର ତାହାକୁ ବିରୋଧ କରିଥିଲା। ବର୍ତ୍ତମାନ ମୋଦି ସରକାର ନିଜ ଉଦ୍ଦେଶ୍ୟ ପୂରଣ ପାଇଁ ଉପାର ପଦାଙ୍କ ଅନୁସରଣ କରିଛି। ଏପରି କି ଉପାକୁ ଦବାଇବାକୁ ଯାଇ ଭାଜପା ସରକାର ସେହି ଅସ୍ତ୍ର ପ୍ରୟୋଗ କରିଛି। କିନ୍ତୁ ଏହା ମୋଦି ସରକାରଙ୍କ ପାଇଁ ବୁମେରାଂ ହୋଇଛି। କାରଣ ସିଏସ୍‌ଓ ସହ ନୀତି ଆୟୋଗ ଡାଟା ପ୍ରସ୍ତୁତ କରିଥିବା ସ୍ପଷ୍ଟ ପ୍ରମାଣ ମିଳିଛି।

ନିକଟରେ ବ୍ୟାକ୍ ଡାଟା ଘୋଷଣା ବେଳେ ସିଏସ୍‌ଓର ମୁଖ୍ୟ ପରିସଂଖ୍ୟାନ୍‌ବିତ୍ ପ୍ରବୀଣ ଶ୍ରୀବାସ୍ତବଙ୍କ ସହିତ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଖବରଦାତା ସମ୍ମିଳନୀରେ ବସିବା ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ପରିସଂଖ୍ୟାନ ତଥ୍ୟ ବିଶ୍ଳେଷଣ ଓ ପ୍ରକାଶ ସିଏସ୍‌ଓର କାର୍ଯ୍ୟ ହୋଇଥିବା ବେଳେ ନୀତି ଆୟୋଗର ହସ୍ତକ୍ଷେପ ଯୋଗୁ ତଥ୍ୟ ହେରଫେର ହୋଇଥିବା ମନେକରାଯାଉଛି। ଉପା ସରକାରଙ୍କ ବେଳେ ଆଧାର ବର୍ଷ ୨୦୦୪-୨୦୦୫ ରହିଥିଲା। ତାହାକୁ ଭାଜପା ସରକାର ବଦଳାଇ ୨୦୧୧-୧୨ ଆର୍ଥିକ ବର୍ଷ କରିଛନ୍ତି। ଇତିମଧ୍ୟରେ ମୋଦି ସରକାର ତା'ର ଜିଡିପି ତଥ୍ୟ ଜାରି କରିଛନ୍ତି। ଦ୍ୱିତୀୟ ତ୍ରୈମାସରେ ଏହା ୭.୧ ପ୍ରତିଶତକୁ ହ୍ରାସ ପାଇଛି। ପ୍ରଥମ ତ୍ରୈମାସରେ ଏହା ୮.୧ ପ୍ରତିଶତ ଥିଲା। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଭାଜପା ସରକାରଙ୍କ ଅମଳରେ ଅଭିବୃଦ୍ଧି କମୁଛି। ମୂଳ ବର୍ଷ ଭାବେ କେଉଁ ଆର୍ଥିକ ବର୍ଷକୁ ନିଆଯାଇଛି ତାହା ଦର୍ଶାଯାଇ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ, ସାଧାରଣରେ ବୁଝିହେବ ଯେ, ଏକ ମୂଳବର୍ଷକୁ ସ୍ପଷ୍ଟ କରାଗଲେ ତାହାର ତୁଳନାରେ ଆଜିର ପ୍ରତିଶତ ବାହାର କରାଯାଇପାରିବ। ଅର୍ଥାତ୍ ପୂର୍ବ ତୁଳନାରେ ଆଜି ପରିସ୍ଥିତି ସୁଧୁରିଛି କି ନାହିଁ, ତାହା ବୁଝିବା ସମ୍ଭବପର। ଯଦି ତୁଳନା କରିହେବ ନାହିଁ, ତେବେ କୌଣସି ପରିସଂଖ୍ୟାନ ବୁଝିହେବ ନାହିଁ ଏବଂ ତାହା ବ୍ୟବହାରଯୋଗ୍ୟ ତଥ୍ୟ ଦେଇପାରିବ ନାହିଁ। ଏଠାରେ କୁହାଯାଇପାରେ ଯେ, ଭାଜପା ସରକାର ଯାହା କହିବାକୁ ଚାହୁଁଛନ୍ତି, ସମସ୍ତେ ଯେପରି ମାନିବାକୁ ବାଧ୍ୟ। ଏଭଳିସ୍ଥଳେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ନୀତି ଆୟୋଗର ସମ୍ପୃକ୍ତିକୁ ନେଇ ପ୍ରଶ୍ନ କରିବା ସ୍ୱାଭାବିକ। ଦେଖିବାକୁ ଗଲେ ନୀତି ଆୟୋଗର କାର୍ଯ୍ୟ ପ୍ରକାଶିତ ତଥ୍ୟକୁ ନେଇ ନୀତି ପ୍ରଣୟନ କରିବା। ସରକାରକୁ ସୁହାଇଲା ଭଳି ତଥ୍ୟ ପ୍ରସ୍ତୁତିରେ ନିଜେ ସମ୍ପୃକ୍ତ ହେବା ଦର୍ଶାଉଛି ଯେ ସ୍ୱାଧୀନ ତଥା ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକର ମୌଳିକତା କ୍ଷୁଣ୍ଣ ହେଉଛି।

ଆଲୋଚନା ହେଲାଣି ଯେ ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଯୋଗୁ ଦେଶର ଅଭିବୃଦ୍ଧି କମିବାରେ ଲାଗିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଭୋଟରଙ୍କ ନିକଟକୁ ଯିବା ଲକ୍ଷ୍ୟରେ ଭାଜପା ଉପା ସମୟର ଜିଡିପି ତଥ୍ୟକୁ ଭୁଲ୍ ଦେଖାଇବାକୁ ଫନ୍ଦି କରିଛି। ରାଜନୈତିକ ସ୍ୱାର୍ଥସାଧନ କରିବାକୁ ଯାଇ ମୋଦି ସରକାର ଆର୍‌ବିଆଇ, ସିବିଆଇ, ନିର୍ବାଚନ କମିଶନ, ଆୟକର ବିଭାଗ ପରେ ଏବେ ସିଏସ୍‌ଓର ସ୍ୱାତନ୍ତ୍ର୍ୟକୁ ଯେଉଁଭଳି ଭାବେ କ୍ଷୁଣ୍ଣ କରିବାକୁ ବସିଛନ୍ତି, ତାହା ଦ୍ୱାରା ଦେଶର କୌଣସି ମୌଳିକ ସଂସ୍ଥା ଉପରେ ବିଶ୍ୱାସ ରଖିବା ସମ୍ଭବପର ହେଉ ନାହିଁ। ଆଜିର ଏହି କୁକର୍ମ କେବଳ ମୋଦି ସରକାରଙ୍କ ପାଖରେ ଶେଷ ହେବ ନାହିଁ। ୨୦୧୯ ପରଠାରୁ ଭାରତରେ ଯେକୌଣସି ଦଳର ସରକାର ଆସିଲେ ଏହି ଅସାଧୁ ପଦ୍ଧତିକୁ ସହଜରେ ନୀତି କରିନେବେ।

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 5 | | | | | | | 7 | D | | | | | |
| | 7 | 1 | 3 | | 6 | | | | | | 5 | | 4 | |
| 4 | | E | | | | | 2 | 3 | | | A | 6 | | |
| | | | 0 | | | | | 5 | 9 | B | | | D | 1 |
| | | | | 7 | | | 9 | 4 | | 2 | | | B | |
| | | | | | 9 | D | | 6 | | 7 | | C | | 3 |
| | | | | | | | 4 | | 3 | | | | | 7 |
| | D | | | | 5 | | B | | | | | | 0 | |
| | 6 | | | | | E | | | 0 | 8 | C | | | |
| A | B | | | | 0 | | | | | | 2 | | 6 | |
| | 0 | C | | | 4 | 2 | 6 | 8 | | D | | | | |
| 2 | | 6 | | | B | | | | | | 8 | E | A | |
| | 3 | | | | | 7 | | 1 | 2 | | E | | | |
| | E | 8 | | | | | | | | A | 4 | | | 5 |
| | | A | 5 | | | | | 0 | | | | | 7 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | 9 | 8 | 2 | 7 | B | 6 | 0 | 5 | C | 4 | 3 | A | 1 |
| 8 | 2 | 7 | 4 | C | A | 1 | 9 | 3 | 0 | 6 | E | D | 5 | B |
| B | 4 | 5 | 9 | 0 | 1 | E | 7 | C | 3 | D | A | 2 | 6 | 8 |
| 0 | 1 | 3 | 5 | D | 6 | 8 | 4 | A | 2 | B | 9 | C | E | 7 |
| A | C | 6 | 3 | B | E | 2 | 5 | D | 7 | 1 | 8 | 0 | 9 | 4 |
| 3 | 0 | C | 6 | E | 8 | 4 | B | 9 | A | 7 | 5 | 1 | D | 2 |
| 2 | 8 | 4 | 0 | 1 | 3 | D | A | 6 | B | E | C | 5 | 7 | 9 |
| 9 | 6 | D | 7 | 5 | 4 | 0 | C | 8 | 1 | 3 | 2 | E | B | A |
| 1 | 5 | B | D | A | 2 | 3 | E | 7 | 9 | 4 | 6 | 8 | 0 | C |
| 7 | A | E | B | 9 | C | 5 | 2 | 1 | 8 | 0 | D | 4 | 3 | 6 |
| 4 | 7 | 1 | C | 6 | 0 | 9 | 3 | 5 | E | 8 | B | A | 2 | D |
| 6 | E | 2 | 1 | 3 | 5 | A | D | 4 | C | 9 | 7 | B | 8 | 0 |
| 5 | 9 | 8 | 2 | 7 | D | C | 0 | B | 4 | A | 3 | 6 | 1 | E |
| D | 3 | 0 | A | 4 | B | 7 | 8 | E | 6 | 2 | 1 | 9 | C | 5 |
| C | B | A | E | 8 | 9 | 6 | 1 | 2 | D | 5 | 0 | 7 | 4 | 3 |

ଗତକାଲିର ଉତ୍ତର

# ଆବେଗିକ ବୁଦ୍ଧି : କୈଶୋରର ଅକ୍ଷବିନ୍ଦୁ



ଚିନ୍ତାମଣି କର

ବାର ବର୍ଷର ପିଲାଟିଏ ଥରେ ସ୍କୁଲରୁ ଫେରି ମାଆଙ୍କ ପାଖରେ ଫେରାଦ ହେଲା ଯେ, ତା' ସାଙ୍ଗରେ ପଢୁଥିବା ଝିଅପୁଅମାନେ ତାକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ବେଶି ମିଶୁନାହାନ୍ତି। ନିଜକୁ ସେ ନ୍ୟୂନ ଭାବୁଛି। ବିଶେଷକରି କିଏ ଦୁଃଖରେ କିମ୍ବା ଖୁସିରେ ଅଛି ସେ ଜାଣିପାରୁନାହିଁ। ତେଣୁ କିଛି କଥା ସେ ଏପରି କହୁଛି, ଯାହା ଅନ୍ୟମାନଙ୍କ ମନରେ କଷ୍ଟ ଦେଉଛି।

ଏଥର ମାଆ ବୁଝିପାରିଲେ ପିଲାଟିର କ'ଣ ଅସୁବିଧା ହେଉଛି। ପ୍ରଥମତଃ ସେ ନିଜର ଆବେଗ ଓ ଅନୁଭବକୁ ଠିକ୍‌ଭାବେ ଜାଣିପାରୁନାହିଁ କିମ୍ବା ଚିହ୍ନିପାରୁନାହିଁ। ଦ୍ୱିତୀୟତଃ ଅନ୍ୟମାନଙ୍କ ଆବେଗକୁ ଚିହ୍ନିବା ଏବଂ ସେଥିପ୍ରତି ପ୍ରତିକ୍ରିୟା ଦେଖାଇବା ତା' ପାଇଁ କଷ୍ଟକର ହୋଇପଡୁଛି। ତୃତୀୟରେ ସେ ତା' ଆବେଗକୁ ଠିକ୍‌ଭାବେ ନିୟନ୍ତ୍ରଣ ଓ ପରିଚାଳନା କରିପାରୁନାହିଁ। ପୁନଶ୍ଚ ସେ ନିଜକୁ ଠିକ୍‌ଭାବରେ ଅଭିପ୍ରେରିତ କରିପାରିନାହିଁ। ଫଳରେ ଏକ ସକାରାତ୍ମକ ଦିଗରେ ତା'ର ଅଭିପ୍ରେରଣା ଗତି କରୁନାହିଁ। ଏସବୁର ପ୍ରଭାବ ପଡୁଛି ସାମାଜିକ ସମ୍ପର୍କ ରକ୍ଷା ଉପରେ। ତେଣୁ ସେ ସାଙ୍ଗସାଥୀଙ୍କ ସହ ଉତ୍ତମ ସାମାଜିକ ସମ୍ପର୍କ ରକ୍ଷା କରିପାରୁନାହିଁ। ଏଥିପାଇଁ ସେ ଅନେକ କ୍ଷେତ୍ରରେ ନିନ୍ଦିତ, ଅପମାନିତ ଓ ଅବହେଳିତ ହେଉଛି ବୋଲି ଭାବୁଛି। ଏପରି ପରିସ୍ଥିତି ଯେ ଏଇ ନିର୍ଦ୍ଦିଷ୍ଟ ପିଲାଟି କ୍ଷେତ୍ରରେ ଦେଖାଗଲା ତା' ନୁହେଁ। ପ୍ରାୟତଃ ଆଠବର୍ଷରୁ ସତରବର୍ଷ କିଶୋରୀକିଶୋରଙ୍କ କ୍ଷେତ୍ରରେ ଏପରି ପରିସ୍ଥିତି ଉପୁଜେ। କିଛି ସମସ୍ୟା ଦେଖାଦିଏ ଘରେ, ପରିବାର ଭିତରେ। ଆଉ କିଛି ଦେଖାଦିଏ ସ୍କୁଲରେ ବା ଶ୍ରେଣୀଗୃହରେ। ସାଧାରଣତଃ ମାଆବାପା କିମ୍ବା ଶିକ୍ଷକ ଏହାକୁ ପାଗଳାମି ବା ନିର୍ବୁଦ୍ଧିଆ ପିଲାଙ୍କ କାମ ବୋଲି ଧରିନିଅନ୍ତି। ଅନେକସ୍ଥଳେ ପିଲାମାନେ ଏଥିପାଇଁ ଦଣ୍ଡିତ ହୁଅନ୍ତି। କିନ୍ତୁ ସେମାନଙ୍କ ପକ୍ଷେ ଏସବୁ ଆଚରଣ ବଦଳେଇବା କଷ୍ଟକର ହୋଇପଡେ।

ଏହା ଅବଶ୍ୟ ସତ ଯେ, ବୁଦ୍ଧି ହେଉଛି ଏକ ଜ୍ଞାନାତ୍ମକ କ୍ରିୟା। ଯୁକ୍ତିଯୁକ୍ତ ଭାବରେ ଚିନ୍ତା କରିବାରେ, ଉଦ୍ଦେଶ୍ୟପ୍ରଣୋଦିତ ହୋଇ କାର୍ଯ୍ୟ କରିବାରେ ଏବଂ ପରିବେଷ୍ଟନୀ ସହ ସଫଳତାର ସହିତ ମୁକାବିଲା କରିବାରେ ବ୍ୟକ୍ତିର ସାର୍ବଜନୀନ ଓ ସାମୂହିକ ସାମର୍ଥ୍ୟକୁ ବୁଦ୍ଧି କୁହାଯିବ। କୌଣସି ଜଟିଳ ପରିସ୍ଥିତି ସହିତ ଉପଯୋଜନ କରିବାର କ୍ଷମତା ଓ ଜୈବିକ ଉପଯୋଜନ କରିବାର ଯୋଗ୍ୟତା ହିଁ ବୁଦ୍ଧି। ଏସବୁ ଦୃଷ୍ଟିରୁ ବିଚାର କଲେ ଶିକ୍ଷଣର ଚୂଡାନ୍ତ ଉତ୍କର୍ଷ ହେଉଛି ବୁଦ୍ଧି। ସ୍କୁଲର କୃତିତ୍ୱ ପରୀକ୍ଷାରେ ବୁଦ୍ଧିମାନ୍ ପିଲାମାନେ ଭଲ ଫଳ ଦେଖାଇଥାଆନ୍ତି। ବର୍ତ୍ତମାନର ସମାଜରେ ଆଗକୁ ଯିବା ପାଇଁ ପରୀକ୍ଷାରେ ରଖିଥିବା ନମ୍ବର ବା ସଂଖ୍ୟାକୁ ବେଶି ଗୁରୁତ୍ୱ ଦିଆଯାଉଛି। ଏହା ଆମ ଶିକ୍ଷା ବ୍ୟବସ୍ଥା ସହ ଓତପ୍ରୋତ ଭାବେ ଜଡିତ ଏବଂ ପିଲାମାନଙ୍କର ଜ୍ଞାନାତ୍ମକ ବିକାଶ ସହ ଏହା ମଧ୍ୟ ସଂଶ୍ଳିଷ୍ଟ। କିନ୍ତୁ ଜ୍ଞାନାତ୍ମକ ବିକାଶ ସହ ଯେ ଆବେଗିକ ବିକାଶର ସମ୍ବନ୍ଧ ଅଛି, ତାହା ଆମ ଭିତରୁ ଅଧିକାଂଶ ଭୁଲିଯାଉଛନ୍ତି।

ପିଲାମାନଙ୍କୁ ଯେଉଁ ଶିକ୍ଷା ଦିଆଯାଉଛି, ସେଥିରେ ପ୍ରାୟ ଦୈନନ୍ଦିନ ସମସ୍ୟା ସମାଧାନର କୌଶଳ ଅନ୍ତର୍ଭୁକ୍ତ ନୁହେଁ। ଏସବୁର ସମାଧାନ ସାଧାରଣ ବୁଦ୍ଧି ପ୍ରୟୋଗ ଦ୍ୱାରା ସମ୍ଭବ ନୁହେଁ, କେବଳ ଆବେଗିକ ବୁଦ୍ଧି ମାଧ୍ୟମରେ ସମ୍ଭବ। ୧୯୯୦ ମସିହା ପରେ କେତେକ ମନୋବିଜ୍ଞାନୀ ମନେକଲେ ଯେ, ଶିକ୍ଷାଗତ ଧୀଶକ୍ତି ଅପେକ୍ଷା ଆବେଗିକ ଧୀଶକ୍ତିର ଆବଶ୍ୟକତା ଅନେକ ବେଶି। ସାଫଲ୍ୟ ଅର୍ଜନ କରିବାକୁ ହେଲେ ବାସ୍ତବକ୍ଷେତ୍ରରେ ଅନ୍ୟମାନଙ୍କ ସହ ଉପଯୋଜନ କରି ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ପରିବେଷ୍ଟନୀରେ ସମସ୍ତଙ୍କ ସହ ସୁସମ୍ପର୍କ ରଖିବା ଆବଶ୍ୟକ। ଆବେଗିକ ବୁଦ୍ଧି ଏହି କ୍ରିୟା ସାଧନ କରିବାରେ ସହାୟତା କରିଥାଏ। ଅନେକ ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଆମର ଆବେଗ ଆତ୍ମସଚେତନତାକୁ ପ୍ରଭାବିତ କରିଥାଏ। ସଫଳତା ଏହା ଉପରେ ହିଁ ନିର୍ଭର କରେ। ଅଧିକ ବୁଦ୍ଧିଥିବା ଲୋକେ ଯେ ସର୍ବଦା ସଫଳତା ହାସଲ କରିପାରିଛନ୍ତି, ଏକଥା ଭାବିବା ଭୁଲ୍। ପ୍ରଖ୍ୟାତ ମନୋବିଜ୍ଞାନୀ ଗୋଲ୍‌ମ୍ୟାନ୍‌ଙ୍କ ମତରେ ଜୀବନକାଳରେ ସଫଳତା ହାସଲ କରିବା ପାଇଁ ସୁସ୍ଥ ଆବେଗାତ୍ମକ ବିକାଶ ଏବଂ ଆବେଗିକ ବୁଦ୍ଧିର ପ୍ରୟୋଜନ ଅଛି। ବିଂଶ ଶତାବ୍ଦୀର ଶେଷ ଦଶକରେ ଗୋଲ୍‌ମ୍ୟାନ ଆବେଗିକ ବୁଦ୍ଧି ସମ୍ବନ୍ଧରେ ଅନେକ ତଥ୍ୟ ଉପସ୍ଥାପନା କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ତାଙ୍କ ରଚିତ ପୁସ୍ତକ Emotional Intelligence ସମଗ୍ର ପୃଥିବୀରେ ଚହଳ ପକେଇଥିଲା।

ଆବେଗିକ ଧୀଶକ୍ତିର ପାଞ୍ଚୋଟି ଉପାଦାନ ରହିଛି। ଏଗୁଡିକ ହେଲା- ନିଜର ମନୋଭାବ ତଥା ଅନୁଭବକୁ ଠିକ୍‌ଭାବେ ଜାଣିବା ଏବଂ ବିଭିନ୍ନ ସମସ୍ୟାର ସଫଳ ସମାଧାନ ପାଇଁ ସେଗଡ଼ିକର ଉପଯୋଗ କରିବା। ନିଜର ମାନସିକ ଅବସ୍ଥା ଯଥା ଦୁଃଖ, ଅସହାୟତା ଓ ହତାଶା ଯେପରି ଆମର ଚିନ୍ତନ ଶକ୍ତି ହ୍ରାସ ନ କରେ, ସେଥିପ୍ରତି ଧ୍ୟାନଦେବା, ନିୟମିତ ଓ ଧାରାବାହିକ ଭାବେ ବିଭିନ୍ନ ଘାତପ୍ରତିଘାତ, ବାଧାବିଘ୍ନ ଦେଖାଦେଲେ ମଧ୍ୟ ସେଥିରେ ବିବ୍ରତ ନ ହୋଇ ନିଜର କାର୍ଯ୍ୟସାଧନ ନିମନ୍ତେ ଅଭିପ୍ରେରିତ ହେବା ତଥା ଆଶାବାଦୀ ରହିବା, ଅନ୍ୟମାନଙ୍କ ପ୍ରତି ସହାନୁଭୂତି ତଥା ସମବେଦନା ପ୍ରଦର୍ଶନ କରିବା, ଅନ୍ୟ ବ୍ୟକ୍ତିମାନଙ୍କ ସହ ଉତ୍ତମ ସମ୍ପର୍କ ରଖି ସେମାନଙ୍କର ସହଯୋଗ ହାସଲ କରିବା ଏବଂ ବିଭିନ୍ନ ଲୋକଙ୍କ ସହ ସମ୍ପର୍କ ରକ୍ଷା କରିବାରେ ଯେପରି କୌଣସି ବାଧା ନ ଆସେ, ସେ ସମ୍ପର୍କରେ ସର୍ବଦା ସତର୍କ ଓ ସଚେତନ ରହିବା।

ମନୋବିଜ୍ଞାନୀମାନଙ୍କ ମତରେ ଆବେଗିକ ଧୀଶକ୍ତି କେବଳ ଜୀବନର ସଫଳତା ହାସଲ କରିବାରେ ସାହାଯ୍ୟ କରେନାହିଁ। ପରବର୍ତ୍ତୀ ଅବସ୍ଥାରେ ଅନ୍ୟମାନଙ୍କ ସହ ସୁସମ୍ପର୍କ ରକ୍ଷାକରିବା ପାଇଁ ଏବଂ ନିଜର ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାକରିବା ନିମିତ୍ତ ଏହା ସହାୟତା କରେ। ଜଣେ ବ୍ୟକ୍ତିର ଆବଗିକ ବୁଦ୍ଧ୍ୟଙ୍କ (E.Q.) ଅଧିକ ହେଲେ, ତା'ଠାରେ ଖୁବ୍ କମ୍ ଅପରାଧପ୍ରବଣତା, କମ୍ ହିଂସ୍ର ବ୍ୟବହାର ଏବଂ ନିଶାଦ୍ରବ୍ୟର ସୀମିତ ବ୍ୟବହାର ପରିଲକ୍ଷିତ ହୁଏ। ଯେଉଁ ଛାତ୍ରୀଛାତ୍ରଙ୍କର ବେଶି ଆବେଗିକ ଦକ୍ଷତା ଥାଏ, ସେମାନେ ସାଧାରଣତଃ କେତୋଟି କୌଶଳ ଅବଲମ୍ବନ କରନ୍ତି ଏବଂ ଏହି କୌଶଳ ପ୍ରୟୋଗ କରି ପରୀକ୍ଷାଗୁଡ଼ିକରେ ଅଧିକ ସଫଳତା ହାସଲ କରିଥାଆନ୍ତି।

ଏହି ଆବେଗିକ ଧୀଶକ୍ତିର ବିକାଶ ଶୈଶବାବସ୍ଥାରୁ ହିଁ ହୋଇଥାଏ। ପିଲାମାନଙ୍କର ବ୍ୟକ୍ତିତ୍ୱ ବିକାଶ ସହ ଏହା ସଂଶ୍ଳିଷ୍ଟ। ପିଲାମାନଙ୍କର ଏପ୍ରକାର ବିକାଶ ପାଇଁ ପରିବାର ଭିତରେ ମାଆବାପା ଓ ଅନ୍ୟ ସଦସ୍ୟ ଏବଂ ବିଦ୍ୟାଳୟରେ ଶିକ୍ଷକମାନେ ହିଁ ଦାୟୀ। ସେମାନେ ପିଲାମାନଙ୍କର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥାଆନ୍ତି। ଏଥିପାଇଁ ମଧ୍ୟ ଏମାନେ ପ୍ରଥମେ ସ୍ୱାସ୍ଥ୍ୟକର ଆବେଗିକ ଅବସ୍ଥାର ଅଧିକାରୀ ହେବା ବାଞ୍ଛନୀୟ। ଅନ୍ୟଥା ସେମାନେ ପିଲାଙ୍କ ପାଇଁ ଉଦାହରଣ ସାଜି ପାରିବେନାହିଁ। ବାଲ୍ୟକାଳରେ ପିଲାଙ୍କ ବ୍ୟକ୍ତିତ୍ୱରେ ଯେପରି ଆବେଗିକ ଅସ୍ୱାଭାବିକତା ଜାଗ୍ରତ ନ ହୁଏ ଏବଂ ତା'ର ସ୍ନେହ, ପ୍ରେମ, କ୍ରୋଧ, ଈର୍ଷା, ଭୟ ଓ ଆନନ୍ଦ ଯେପରି ଠିକ୍ ଏବଂ ସହଜଭାବରେ ପ୍ରକାଶ ପାଏ, ତାହା ଦେଖିବାର ଦାୟିତ୍ୱ ପରିବାର ଭିତରେ ପ୍ରତ୍ୟେକ ମାଆବାପାଙ୍କର ଏବଂ ସ୍କୁଲରେ ଶିକ୍ଷକଙ୍କର। ଅନେକ ମାଆବାପା ପିଲାଙ୍କୁ ଛୋଟ ଛୋଟ କଥାରେ ବିରକ୍ତ କରନ୍ତି, ସେମାନଙ୍କ ମନରେ ଅଯଥା ଦୁଃଖ ଦିଅନ୍ତି, ହତାଶା ଓ ବ୍ୟର୍ଥତାରେ ସେମାନଙ୍କ ମନକୁ ଭାରାକ୍ରାନ୍ତ କରନ୍ତି। ଆଉ କେତେକ ମାଆବାପା ନିଜ ଜିଦ୍ ଯୋଗୁ ପିଲାଙ୍କ ମନରେ ଅକଥନୀୟ ଯନ୍ତ୍ରଣା ଦିଅନ୍ତି। ଏହାଦ୍ୱାରା ପିଲାଟିର ଆବେଗିକ ଜୀବନ ଅସ୍ତବ୍ୟସ୍ତ ହୋଇଯାଏ ଏବଂ ତା'ର ଆବେଗିକ ଧୀଶକ୍ତିର ସ୍ୱାଭାବିକ ବିକାଶରେ ବାଧା ଉପୁଜେ। ଅର୍ଥାତ୍ ସମୁଚିତ ଆବେଗିକ ଧୀଶକ୍ତିର ବିକାଶ କଠୋର ଶିଶୁପାଳନ ପଦ୍ଧତିଦ୍ୱାରା ପ୍ରଭାବିତ ହୁଏ।

ଧୀଶକ୍ତିର ଏହି ନୂତନ ଦିଗ ପ୍ରତି ଆକୃଷ୍ଟ ହୋଇ ଅନେକ ମନୋବିଜ୍ଞାନୀ କିଛି ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ଆବେଗିକ ବୁଦ୍ଧି ସମ୍ପର୍କରେ ଗବେଷଣାରୁ ପ୍ରତିଦିନ କିଛି ନା କିଛି ତଥ୍ୟ ଲୋକଲୋଚନକୁ ଆସୁଛି। ବିଶେଷକରି ବ୍ୟବସାୟିକ କ୍ଷେତ୍ରରେ 'ଆବେଗିକ ବୁଦ୍ଧି'ର ଭୂମିକାକୁ ପାଶ୍ଚାତ୍ୟଦେଶଗୁଡ଼ିକରେ ଗୁରୁତ୍ୱ ଦିଆଯାଉଛି। ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ଏହାର ଏକ ସ୍ୱତନ୍ତ୍ର ପାଠ୍ୟଖସଡ଼ା ପ୍ରସ୍ତୁତ ହୋଇଛି।

ଆବେଗିକ ଧୀଶକ୍ତିକୁ ମାପିବା ପାଇଁ ଏବେ ବିଭିନ୍ନ ପରୀକ୍ଷା ମଧ୍ୟ କରାଯାଉଛି। ଏହାର ପରିମାଣାତ୍ମକ ମାପକକୁ ଗବେଷକମାନେ ଆବେଗିକ ବୁଦ୍ଧ୍ୟଙ୍କ (E.Q.) ବୋଲି କହୁଛନ୍ତି। ଏହା ସାଧାରଣ ବୁଦ୍ଧ୍ୟଙ୍କ(I.Q.)ଠାରୁ ଭିନ୍ନ। ଅଧିକ ଆବେଗିକ ବୁଦ୍ଧ୍ୟଙ୍କ ଥିବା ବ୍ୟକ୍ତି ସହଜରେ ସାଫଲ୍ୟ ଅର୍ଜନ କରିପାରନ୍ତି ବୋଲି ମନସ୍ତତ୍ତ୍ୱବିତ୍‌ଙ୍କ ମତ। ଆଜିର ସମାଜରେ ଯେଉଁ ହିଂସାତ୍ମକ ଆଚରଣ, ବାଳଅପରାଧ, ଦାମ୍ପତ୍ୟ କଳହ ଓ ନିଶାଦ୍ରବ୍ୟର ଖୋଲା କାରବାର ଦେଖାଯାଉଛି, ତାହାର ମୂଳରେ ରହିଛି 'ଆବେଗିକ ବୁଦ୍ଧି'। ଖୁବ୍ କମ୍ ଆବେଗିକ ବୁଦ୍ଧି ଥିବା ଲୋକେ ଏପରି ଆଚରଣ ପ୍ରଦର୍ଶନ କରୁଛନ୍ତି। ଅନ୍ୟପକ୍ଷରେ ବେଶି ଆବେଗିକ ବୁଦ୍ଧି ଥିବା ବ୍ୟକ୍ତି ଅନ୍ୟମାନଙ୍କ ସହ ମିଶି ସମସ୍ୟାଗୁଡ଼ିକୁ ସହଜରେ ସମାଧାନ କରିପାରୁଛନ୍ତି। ତେଣୁ ଏମାନଙ୍କ ଜୀବନଶୈଳୀ ବେଶ୍ ସରଳ ଏବଂ ସହଜ ହୋଇପାରିଛି।

ଅନେକ ମନୋବିଜ୍ଞାନୀ କୈଶୋରକୁ ଆବେଗିକ ଧୀଶକ୍ତି ବିକାଶର ପ୍ରକୃଷ୍ଟ ସମୟ ବୋଲି କହିଛନ୍ତି। ଏହା ସହିତ ବ୍ୟକ୍ତିତ୍ୱ ଏବଂ ନୈତିକ ବିକାଶ ସଂଶ୍ଳିଷ୍ଟ ବୋଲି କିଛି ମନସ୍ତତ୍ତ୍ୱବିତ୍‌ଙ୍କ ମତ। ଏହି ସ୍ତରରେ ପିଲାମାନଙ୍କର ଅନେକ ପରିବର୍ତ୍ତନ ହୋଇଥାଏ। କିଛି ଆର୍ଥିକ, ଆବେଗିକ, ପାରିବାରିକ ତଥା ଶିକ୍ଷାଗତ ସମସ୍ୟାର ସମ୍ମୁଖୀନ ହୁଅନ୍ତି ପିଲାମାନେ। ହତାଶା, ଅସହାୟତା ଓ ନୈରାଶ୍ୟର ଧ୍ୱନି ଅନୁରଣିତ ହୁଏ ପ୍ରତିମୁହୂର୍ତ୍ତରେ। ଏଥିପାଇଁ ପରିବେଶ ସହ ଖାପଖୁଆଇ ଚଳିବା ସେମାନଙ୍କ ପାଇଁ ଏକ ବଡ଼ ସମସ୍ୟା ରୂପେ ଦେଖାଦିଏ। ବେଳେବେଳେ ଏମାନେ ତୀବ୍ର ଆବେଗିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଫଳରେ ଏମାନେ ନିଜକୁ ବହୁତ ନ୍ୟୂନ, ଅଯୋଗ୍ୟ ଏବଂ ଅପାଙ୍‌କ୍ତେୟ ଭାବନ୍ତି। କେହି କେହି ଏହି କାରଣରୁ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁ। ନ ହେଲେ ଅବସାଦଗ୍ରସ୍ତ ହୋଇ ବହୁ ସମୟ କଟାନ୍ତି। ଏଥିପାଇଁ ଏହି ସମୟକୁ 'ମାନସିକ ଝଡ଼ର ସମୟ' ବୋଲି କୁହାଯାଏ। ଏମାନଙ୍କର ମାନସିକ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ମାଆବାପା ତଥା ଶିକ୍ଷୟିତ୍ରୀଶିକ୍ଷକମାନେ ଆଗେଇ ଆସିବା ଦରକାର।

ଚରମ୍ପା, ଭଦ୍ରକ, ମୋ- ୯୮୬୧୧୦୬୨୦୬

# ଅଳିଆଗଦାରେ ଭିନ୍ନକ୍ଷମଙ୍କ ଅଧିକାର



ନାରାୟଣ ଚନ୍ଦ୍ର ବିଶ୍ୱାଳ

ସମଗ୍ର ବିଶ୍ୱରେ ପ୍ରାୟ ୧କୋଟି ଭିନ୍ନକ୍ଷମ ଅଛନ୍ତି, ଯେଉଁମାନେ ସମାଜର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ହେବାକୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକଙ୍କ ଭଳି ସେମାନେ ସୁବିଧାସୁଯୋଗ ଉପଭୋଗ କରିପାରୁ ନାହାନ୍ତି। ଗମନାଗମନ, ଚାକିରି, ଶିକ୍ଷା ସହିତ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେମାନେ ଭାଗ ନେଇପାରୁନାହାନ୍ତି। ଏକ ସୁସ୍ଥ ଲୋକତନ୍ତ୍ରରେ ସମାଜରେ ଅସମାନତା ଦୂର କରିବାକୁ ହେଲେ ସାର୍ବଜନୀନ ଭାବେ ଜୀବନ ବଞ୍ଚିବାର ଅଧିକାର ମିଳିବା ଆବଶ୍ୟକ। ସମସ୍ତ ପ୍ରକାର ବାଧାବନ୍ଧନକୁ ଦୂର କରି ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜାତିସଂଘ ଆଜିର ଦିନକୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବେ ଘୋଷଣା କରିଛି। ପ୍ରତିଟି ସରକାରୀ ଅଫିସରେ ର୍ୟାମ୍ପ ରହିବ। ଯେମିତି କୌଣସି ହୁଇଲ୍‌ଚେୟାର ଗଡ଼ିବାରେ କିଛି ଅସୁବିଧା ହେବନି। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ବ୍ୟାଙ୍କ, ପୋଷ୍ଟଅଫିସ ଭଳି ଯାବତୀୟ ସର୍ବସାଧାରଣ କାର୍ଯ୍ୟାଳୟ ପ୍ରତିବନ୍ଧକମୁକ୍ତ ହେବ, ଯେମିତି ଭିନ୍ନକ୍ଷମମାନେ କାର୍ଯ୍ୟାଳୟ ପରିସରରେ ଯାଆସ, ଚାଲବୁଲ କରିବାରେ କିଛି ସମସ୍ୟା ରହିବନି। ସରକାରୀ ଅଫିସ୍, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ରହିବ ଭିନ୍ନକ୍ଷମଙ୍କ ବ୍ୟବହାର ଉପଯୋଗୀ ସ୍ୱତନ୍ତ୍ର ପରିସ୍ରାଗାର, ଶୌଚାଳୟ। ବଡ଼ ଟ୍ରାଫିକ୍ ଛକମାନଙ୍କରେ ଦୃଷ୍ଟିହୀନଙ୍କ ପାଇଁ ଶୁଣାଯିବା ଭଳି ସିଗ୍‌ନାଲ ମଧ୍ୟ ବ୍ୟବହୃତ ହେବ। ଭିନ୍ନକ୍ଷମଙ୍କ ସୁବିଧା ପାଇଁ ଏସବୁ ବ୍ୟବସ୍ଥା କରାଯିବ। ସରକାରୀ ନିୟମ ଅନ୍ତତଃ ଏୟା କହୁଛି। ବାସ୍ତବତା କିନ୍ତୁ ସାଂଘାତିକ। ସଚିବାଳୟ ଓ ହାତଗଣତି ଆଉ କେତୋଟି ବଡ଼ ସରକାରୀ ଅଫିସ୍‌କୁ ଛାଡ଼ିଦେଲେ ବାକି କେଉଁଠି ର୍ୟାମ୍ପ ନାହିଁ କି କେଉଠି ପ୍ରତିବନ୍ଧକମୁକ୍ତ କ୍ୟାମ୍ପସ୍ ନାହିଁ। ସ୍ୱତନ୍ତ୍ର ଟଏଲେଟ୍ ଓ ଶ୍ରାବ୍ୟ-ଟ୍ରାଫିକ୍-ସିଗ୍‌ନାଲ ତ ଅନେକ ଦୂରର କଥା। ସରକାରୀ କଳ ପ୍ରତିବର୍ଷ ଡିସେମ୍ବର ୩କୁ ଔପଚାରିକ ଭାବେ ବିଶ୍ୱ ଭିନ୍ନକ୍ଷମ ଦିବସ ରୂପେ ପାଳୁଛି। ନାନା ପ୍ରତିଶ୍ରୁତି ଅଜାଡୁଛି। କାର୍ଯ୍ୟକାରିତା ବେଳକୁ କିନ୍ତୁ ସରକାର ପଛଘୁଞ୍ଚା ଦେଉଛନ୍ତି।

ଭିନ୍ନକ୍ଷମଙ୍କୁ ମିଳୁଥିବା ଭତ୍ତା ଆଜିଯାଏ ତିନିଅଙ୍କରୁ ଚାରି ଅଙ୍କକୁ ବି ଛୁଇଁପାରୁନି। ଅନେକ

## ବିଶ୍ୱ ଭିନ୍ନକ୍ଷମ ଦିବସ ଉପଲକ୍ଷେ

ରାଜ୍ୟ ଭିନ୍ନକ୍ଷମଙ୍କୁ ଅଧିକ ଭତ୍ତା ଓ ସୁବିଧା ଦେଲେଣି। ଓଡ଼ିଶା ସରକାରଙ୍କର ସେ ଦିଗକୁ ନିଘା ନାହିଁ। ଏହାଛଡ଼ା ସ୍ୱତନ୍ତ୍ର ଉପକରଣ, ଗାଡ଼ି, ଆତ୍ମନିଯୁକ୍ତି, ଋଣ, ଥଇଥାନ, ବୃତ୍ତିଗତ ତାଲିମ୍ ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଭଳି ସୁବିଧାମାନ ଅନେକ ସମୟରେ କାଗଜପତ୍ରରେ ସୀମିତ ରହିଯାଉଛି। ରାଜ୍ୟ ଭିନ୍ନକ୍ଷମ କମିଶନ୍ ଗଢ଼ାଯାଇଛି ସତ, ହେଲେ ସେଇଟି ପୂର୍ଣ୍ଣାଙ୍ଗ ଭାବେ କାମ କରୁନାହିଁ। କମିଶନ୍‌ଙ୍କ ଆଦେଶକୁ ସରକାର ଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାବେଳେ କେତେକ ବିଭାଗ ଅସମ୍ମାନ କରି ଅଳିଆଗଦାରେ ଫିଙ୍ଗି ଦେଉଥିବା ମଧ୍ୟ ଅଭିଯୋଗ ଉଠୁଛି। ଭିନ୍ନକ୍ଷମମାନଙ୍କୁ ବିଶେଷ ଧରଣର ବୈଷୟିକ ପ୍ରଶିକ୍ଷଣ ଦେବା ପାଇଁ ସ୍ୱତନ୍ତ୍ର ଆଇଟିଆଇ ପ୍ରତିଷ୍ଠା କରାଯିବା କଥା କିଛିବର୍ଷ ତଳେ ଘୋଷଣା କରାଯାଇଥିଲା। ଏଯାଏ ତାହା ଘୋଷଣାରେ ସୀମିତ ହୋଇ ରହିଛି। କିଛି ଦିନ ତଳେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ ହୋଟେଲ୍‌ଗୁଡ଼ିକରେ ର୍ୟାମ୍ପ ଲଗାଯିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରସ୍ତାବ ସେମିତି ପଡ଼ି ରହିଛି। ଭିନ୍ନକ୍ଷମଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟକ୍ରମର ନକ୍ସା ଓ ନୀତି ନିର୍ଦ୍ଧାରଣ ନିମନ୍ତେ ଟାସ୍କଫୋର୍ସ ଗଠନ କରାଯିବାର ଯୋଜନା ବି କାର୍ଯ୍ୟକାରୀ ନ ହୋଇ ପଡ଼ିରହିଛି। ଅନେକ ସମୟରେ ବସ୍‌ମାନଙ୍କରେ ନିୟମାନୁଯାୟୀ ରିହାତି ଓ ସୁବିଧା ମିଳୁନାହିଁ। ସରକାର ରିହାତି ନିୟମ କରିଦେଇ ଚୁପ୍ ବସିଯାଇଛନ୍ତି। ତଦାରଖ ବି କରୁନାହାନ୍ତି। ଭିନ୍ନକ୍ଷମମାନଙ୍କୁ ଟଙ୍କିକିଆ ବିପିଏଲ୍ ଚାଉଳ ଯୋଗାଯିବାର ଯୋଜନାକୁ ମଧ୍ୟ ଏଯାଏ କାର୍ଯ୍ୟକାରୀ କରାଯାଇପାରି ନାହିଁ। ଭିନ୍ନକ୍ଷମ କୁହାଯାଉଥିବା ଏହି ଦିବ୍ୟାଙ୍ଗମାନେ ଆଦୌ ଅକ୍ଷମ ନୁହନ୍ତି ବା ପରିବାର, ସମାଜ ପ୍ରତି ବୋଝ ବି ନୁହନ୍ତି। ସେମାନଙ୍କର ଅନ୍ତର୍ନିହିତ ପ୍ରତିଭା ସମସ୍ତ ଅକ୍ଷମତାକୁ ଦୂରେଇ ଦେଉଛି। ଆଜି ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଆସନ୍ତୁ ଏମାନଙ୍କୁ ସ୍ନେହଶ୍ରଦ୍ଧାରୁ ବଞ୍ଚିତ ନ କରିବା ପାଇଁ ଶପଥ ନେବା। ଏ କାମ କେବଳ ସରକାର ବା ଏନ୍‌ଜିଓମାନଙ୍କର ନୁହେଁ ଏହା ସମସ୍ତଙ୍କର ଦାୟିତ୍ୱ।

ବାକ୍ ଶ୍ରବଣ ବିଶେଷଜ୍ଞ, ମୋ-୯୪୩୮୨୭୬୭୬୦

## ଏଇ ଭାରତରେ

ବାଲ୍ୟ ବିବାହ ପରମ୍ପରାକୁ ନିଷିଦ୍ଧ ଘୋଷଣା କରାଯାଇଥିଲେ ହେଁ ଆମ ଦେଶର କେତେକ ସ୍ଥାନରେ ଏବେ ବି ଏହି ପ୍ରଥା ପ୍ରଚଳିତ। ଆଇନ ଦୃଷ୍ଟିରେ ଏହା ଦଣ୍ଡନୀୟ ଅପରାଧ ହୋଇଥିବାରୁ ଏଥିରେ ସମ୍ପୃକ୍ତ ବ୍ୟକ୍ତିକୁ ଜେଲ୍ ଓ ଜରିମାନା ଉଭୟ ଦଣ୍ଡରେ ଦଣ୍ଡିତ ହେବାକୁ ପଡେ। ବାଲ୍ୟ ବିବାହ ଚାଲିଥିବା ବେଳେ ଆଇନ ହାତରୁ ଖସିଯିବା ପାଇଁ କନ୍ୟାର ମା' ଅନ୍ୟ ଜଣେ ଯୁବକଙ୍କ ସହ ବାହାବେଦୀରେ ବସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏପରି ଏକ ଘଟଣା ଘଟିଛି ରାଜସ୍ଥାନର ଜୟପୁରରେ। ଅପ୍ରାପ୍ତ ବୟସ୍କ ପ୍ରେମୀଯୁଗଳଙ୍କ ବାଲ୍ୟ ବିବାହ ପାଇଁ ଦୁଇ ପରିବାର ସହଯୋଗ କରିଥିଲେ। ୧୬ବର୍ଷ ବୟସ୍କା କନ୍ୟା ସହିତ ୨୦ବର୍ଷ ବୟସ୍କ ବରର ବାହାଘର ଆରମ୍ଭ ହୋଇଥିଲା। ତେବେ ଏହି ଖବର ଚାଇଲ୍ଡ ଲାଇନ୍‌ରେ ପହଞ୍ଚିଥିଲା। ଚାଇଲ୍ଡ ଲାଇନ୍ ପକ୍ଷରୁ ଅଭିଯୋଗ ହେବାପରେ ସ୍ଥାନୀୟ ପୋଲିସ ଚିତ୍ରଡୁଙ୍ଗରୀ ଗାଁରେ ପହଞ୍ଚିଥିଲା। କନ୍ୟା-ବରଙ୍କୁ ଗିରଫଦାରିରୁ ବଞ୍ଚାଇବା ପାଇଁ କନ୍ୟାଙ୍କ ମା' ଅନ୍ୟ ଜଣେ ଯୁବକଙ୍କ ସହିତ ବେଦୀରେ ବସିପଡିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ପ୍ରକୃତ କନ୍ୟା-ବରଙ୍କୁ ପାଇ ନ ଥିଲା। ପରେ ଦୁଇ ପରିବାର ସଦସ୍ୟଙ୍କୁ ଥାନାକୁ ଡକାଯାଇ ପଚରାଉଚରା କରାଯାଇଥିଲା। ଫଳରେ ସତକଥା ପଦାକୁ ଆସିଥିଲା।

### ଚିରନ୍ତନୀ

ଦେହର ତୃଷା ଯେବେ ପୀଡ଼ଇ
ରୂପର ମୋହ ପୁଣି ଭିଡ଼ଇ
ପୁରୁଷ ନାରୀ ହୋଇ ଜନମ ଲଭି ସହି
ଜୀବନ ଗୋଟା ଖାଲି ପୋଡ଼ଇ।
(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୩ ଡିସେମ୍ବର ୧୯୯୩

- ଲିବ୍ୟା ବିରୋଧରେ ଜାତିସଂଘ ନିରାପତ୍ତା ପରିଷଦର ନୂଆ ଅର୍ଥନୈତିକ କଟକଣା କାର୍ଯ୍ୟକାରୀ।
- ଚାଇନାର କେନ୍ଦ୍ରୀୟ ପ୍ରଦେଶ ହୁନାଂସ୍ଥିତ ଏକ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟି ୬୧ ଜଣଙ୍କ ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ନଭେମ୍ବର ୨୫-ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସି.କେ. ଜାଫର ସରିଫଙ୍କ ୮୫ ବର୍ଷ ବୟସରେ ପରଲୋକ।

୨୬- ସୁନୀଲ ଅରୋରା ନୂଆ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତ ହୋଇଛନ୍ତି।

୨୭- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ହକି ବିଶ୍ୱକପ୍‌ର ୧୪ଶ ସଂସ୍କରଣ ଉଦ୍‌ଘାଟିତ ହୋଇଛି।

୨୮- ପୁରୁଷ ହକି ବିଶ୍ୱକପ୍‌ର ପ୍ରଥମ ଦିବସରେ ଭାରତ ଦକ୍ଷିଣ ଆଫ୍ରିକାକୁ ୫-୦ ଗୋଲରେ ପରାସ୍ତ କରିଛି।

୩୦- ବରିଷ୍ଠ ନେତା ଦିଲୀପ ରାୟ ଓ ବିଜୟ ମହାପାତ୍ର ଭାଜପାରୁ ଇସ୍ତଫା ଦେଇଛନ୍ତି।

## ଆମ ସମସ୍ୟା

### ରାସ୍ତା ମରାମତି ତୁରନ୍ତ ହେଉ

ମହାଶୟ,

ଖୋର୍ଦ୍ଧା-ଗୁରୁଜଙ୍ଗ ମୁଖ୍ୟରାସ୍ତାର ଅବସ୍ଥା ଫାର୍ମଛକ ନିକଟରେ ଅତ୍ୟନ୍ତ ଶୋଚନୀୟ । ପୂର୍ବ ପାର୍ଶ୍ୱସ୍ଥ ଡ୍ରେନ୍‌ର କିଛି ଅଂଶ ପୋତିହୋଇ ପଡ଼ିବା ଫଳରେ ସମସ୍ତ ଆବର୍ଜନା ଜଳ ରାସ୍ତାର ମଧ୍ୟଭାଗରେ ପ୍ରବାହିତ ହେଉଛି। ଛୋଟ, ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତା ସାରା କଂକ୍ରିଟର ଆସ୍ତରଣ। ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳରେ ଭୟଙ୍କର ଟ୍ରାଫିକ୍ ସମସ୍ୟା। ପ୍ରଶାସନ ତୁରନ୍ତ ଏହି ରାସ୍ତାର ମରାମତି କାର୍ଯ୍ୟ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ମାଳିସାହି ଛକ, ଖୋର୍ଦ୍ଧା

### ଡାକବାକ୍ସ ବଦଳାଯାଉ

ଭୁବନେଶ୍ୱର ଶୈଳଶ୍ରୀବିହାର ଡାକଘର ସମ୍ମୁଖରେ ଥିବା ଡାକବାକ୍ସଟିର ନିମ୍ନଭାଗ ଜଙ୍କ୍ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାଛଡ଼ା ବାକ୍ସର ଚାରିପଟେ ବହୁ ପରିମାଣର ଚିପ୍‌ସ ଗଦା ହୋଇଥିବାରୁ ସେଥିରେ ପାଦ ପଡ଼ିଲେ ପାଦ ଫସି ରହୁଛି। ଏହି ଚିପ୍ସ ଉପରେ କୁକୁର ମଳତ୍ୟାଗ କରିଥିବାରୁ ସ୍ଥାନଟି ଏଭଳି ପ୍ରଦୂଷିତ ହୋଇପଡ଼ିଛି ଯେ, ସେଥିରେ ପାଦ ପକାଇବାକୁ ଇଚ୍ଛା ହେଉନାହିଁ। ଏହି ବାକ୍ସ ବଦଳିବା ସହ ସ୍ଥାନଟି ବ୍ୟବହାର ଉପଯୋଗୀ କରାଯିବା ଆବଶ୍ୟକ। ମହାଡାକପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ଭାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# କଟେରି ପୋଖରୀ ପୋତିହୋଇ ପଡୁଛି

## ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ପଟ୍ଟାମୁଣ୍ଡାଇ ସହର

**ପଟ୍ଟାମୁଣ୍ଡାଇ, ୨।୧୨ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ କୁଢ କୁଢ ଅଳିଆ ଆର୍ବଜ୍ଜନା ଗଦା ହୋଇ ରହିବା ଫଳରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଏ ନେଇ ବାରମ୍ବାର ଅଭିଯୋଗ କରାଗଲେ ମଧ ପୌର କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କର ନିଘା ନାହିଁ । ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଦୈନିକ ପଟ୍ଟାମୁଣ୍ଡାଇ ସହର ମଧ୍ୟରୁ ବାହାରୁଥିବା ବର୍ଜ୍ୟବସ୍ତୁ କୌଣସି ଏକ ନିର୍ଦ୍ଧିଷ୍ଟ ସ୍ଥାନରେ ପକାଇବା ପାଇଁ ସ୍ଥିର ହୋଇ ନ ଥିବା ବେଳେ ସୁଇପରମାନେ ଏହାକୁ ମନଇଚ୍ଛା ସହରର ବିଭିନ୍ନ ସ୍ଥାନରେ ପକାଉ ଥିବା ଦେଖିବାକୁ ମିଳୁଛି। ବିଶେଷ କରି ଗତ ୨ବର୍ଷ ହେଲା ଦଳପୂର୍ଣ୍ଣ କଟେରି ପୋଖରୀରେ ସୁଇପରମାନେ ଅଳିଆ ଆର୍ବଜ୍ଜନା ପକାଉଛନ୍ତି । ଫଳରେ ଐତିହ୍ୟ ସମ୍ପନ୍ନ କଟେରୀ ପୋଖରୀ ଦିନକୁ ଦିନ ପୋତି ହେବାରେ ଲାଗିଛି । ଏହି ପୋଖରୀ ତହସିଲ ଅଧୀନରେ ଥିବା ବେଳେ ପୌର କର୍ତ୍ତୃପକ୍ଷ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା କଥା । କିନ୍ତୁ ଗତ ୧୦ ବର୍ଷ ହେଲା ପୋଖରୀରୁ ଦଳ ସଫା ହୋଇ ନ ଥିବା ବେଳେ ଏହାର ପୁନରୁଦ୍ଧାର କରାଯାଇନାହିଁ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କୁ ପଚାରିବାରେ ସହର ମଧ୍ୟରେ ଥିବା ଏକମାତ୍ର କଟେରୀ ପୋଖରୀ ପୁନରୁଦ୍ଧାର ପାଇଁ ଆମର ପ୍ରସ୍ତାବ ରହିଛି । ଏଥିପାଇଁ ଅର୍ଥ ମଞ୍ଜୁର କରିବା ପାଇଁ ନଗର ଉନ୍ନୟନ ଓ ଗୃହ ନିର୍ମାଣ ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ସେ କହିଥିଲେ । କିନ୍ତୁ ଅଳିଆ ଆବର୍ଜ୍ଜନା କାହିଁକି ବିକ୍ଷିପ୍ତ ହୋଇ ପଡୁଛି ବୋଲି ପ୍ରଶ୍ନର ଉତ୍ତରରେ ମାସେ ପରେ ଏସବୁ ବନ୍ଦ କରାଯିବ ବୋଲି ସେ କହିଥିଲେ । ଅନ୍ୟପକ୍ଷରେ କଟେରୀ ପୋଖରୀର ଗୋଟିଏ ପାର୍ଶ୍ୱରେ ତହସିଲ ଅଫିସ ଥିବା ବେଳେ ଅନ୍ୟ ପଟରେ ଶ୍ରୀରାମ ମନ୍ଦିର ଅବସ୍ଥିତ । ଏହାଛଡା ସପ୍ତାହରେ ରବିବାର ଓ ବୁଧବାର ପରିବା ହାଟ ଲାଗିଥିବା ବେଳେ ପ୍ରତିଦିନ ଶ୍ରଦ୍ଧାଳୁ ଓ ସାଧାରଣ ଜନସାଧାରଣ ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି । ତହସିଲ ସମ୍ମୁଖରେ ଥିବା ଏହି ପୋଖରୀରେ ପଡୁଥିବା ଆର୍ବଜ୍ଜନା ପଚି ଉତ୍କଟ ଗନ୍ଧ ବାହାରୁଥିବାରୁ ତହସିଲ ଅଫିସ ଓ ରାମ ମନ୍ଦିର ରାସ୍ତାରେ ଯାତାୟାତ କରିବା କଷ୍ଟଦାୟକ ହୋଇ ପଡ଼ିଛି । ଏ ସମ୍ପର୍କରେ ତହସିଲଦାର ସରୋଜ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରିବାରେ ଜମିଦାର ଅମଳରୁ ଖନନ ହୋଇଥିବା କଟେରୀ ପୋଖରୀ ପୁନରୁଦ୍ଧାର ପାଇଁ ଆମ ପକ୍ଷରୁ ଉଦ୍ୟମ ଚାଲିଛି । ତେବେ ଏହି ପୋଖରୀର କିସମ ପରିବର୍ତ୍ତନ ପାଇଁ ରାଜସ୍ୱ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ସେ କହିଥିଲେ । ଅପରପକ୍ଷରେ ଯୁଦ୍ଧକାଳୀନ ଭିତ୍ତିରେ ଐତିହ୍ୟ ସମ୍ପନ୍ନ କଟେରୀ ପୋଖରୀର ପୁନରୁଦ୍ଧାର କରା ନ ଗଲେ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାଇ ଦେଇଛନ୍ତି । କଟେରୀ ପୋଖରୀ ପୁନରୁଦ୍ଧାର ସମ୍ପର୍କରେ ଆନ୍ତର୍ଜାତିକ ମାନବାଧିକାର କାଉନସିଲର ଜିଲା ମୁଖ୍ୟ ପ୍ରତାପ ପାଢୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଦୀର୍ଘ ଦିନ ହେଲା କଟେରୀ ପୋଖରୀ ଖନନ ପାଇଁ ସ୍ଥାନୀୟ ଲୋକେ ଦାବି କରି ଆସୁଛନ୍ତି । ମାତ୍ର ପୌର କର୍ତ୍ତୃପକ୍ଷ ଓ ତହସିଲଦାର ସେମାନଙ୍କ କର୍ତ୍ତବ୍ୟ ପାଳନରେ ଚରମ ଅବହେଳା ପ୍ରଦର୍ଶନ କରୁଥିବାରୁ ସାଧାରଣ ଲୋକେ ନାନା ରୋଗର ଶିକାର ହେବା ସହିତ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଥିଲେ ।



ଦଳ ଓ ଆବର୍ଜନାପୂର୍ଣ୍ଣ କଟେରି ପୋଖରୀ।

# ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଜନମଞ୍ଚର ଦାବି

**ରାଜନଗର, ୨।୧୨(ଡିଏନଏ)**

ରାଜନଗର ବ୍ଲକର ମାଣପଡାଠାରେ ଜନମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରାପଡା ଜିଲାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି କରାଯାଇଛି। ଏହାଛଡା ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତରୀ ପଦବୀ ପୂରଣ ପାଇଁ ଜନମଞ୍ଚ ରାଜ୍ୟ ସରକାରଙ୍କ ନିକଟରେ ଦାବି କରଛି । ଜନମଞ୍ଚର ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା । ଏଥିରେ ଶିକ୍ଷାବିତ୍ ବସନ୍ତ କୁମାର ପାଣି, ଶିକ୍ଷକ ଗୋଲକ ବିହାରୀ ସାହୁ, ବରଦାକାନ୍ତ ଜେନା, ଜାମିନୀ କାନ୍ତ ଭୂୟାଁ, କୃପାସିନ୍ଧୁ ସାମଲ, ବିଜୟ କୁମାର ଜେନା, ସୁଶାନ୍ତ କୁମାର ପ୍ରଧାନ, ପ୍ରମୋଦ କୁମାର ଶତପଥୀ, କନକଲତା ନାୟକ, ମମତା ଧଳ, ଅହଲ୍ୟା ରାଉତ, ଅନ୍ତର୍ଯ୍ୟାମୀ ପରିଡା, ମନୋଜ ରାଉତ, ଡ. ଗୌରାଙ୍ଗ ବେହେରା, ଗୋକୁଳ ଚନ୍ଦ୍ର ରାଉତ, ବୈକୁଣ୍ଠ ବଳ, ସଂଗ୍ରାମ କେଶରୀ ଦାସ, ଶ୍ରମିକ ନେତା ଭଗବାନ ନାୟକ ପ୍ରମୁଖ ଯୋଗଦେଇ ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମକୁ ରବିନ୍ଦ୍ର ପରିଡା, ଧନେଶ୍ୱର ନାୟକ, ପାରେଶ୍ୱର ବିଶ୍ୱାଳ, ପ୍ରଫୁଲ୍ଲ ଶତପଥୀ, ଅନ୍ନପୂର୍ଣ୍ଣା ବେହେରା, କ୍ଷେତ୍ରବାସୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଷ୍ଟ୍ରେସଡ୍ ଆସେଟ୍ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)

**ତା.୧୦.୧୨.୨୦୧୮ ରିଖରେ ଅନୁଷ୍ଠିତ ହେବାକୁଥିବା ମେଗା ଇ-ନିଲାମ ନିମନ୍ତେ ପ୍ରସ୍ତାବିତ ସମ୍ପତ୍ତିଗୁଡିକର ସଂଖ୍ୟା**

| ଶାଖାର ନାମ | ସମ୍ପତ୍ତିର ପ୍ରକାର | | | |
|---|---|---|---|---|
| | ବାସୋପଯୋଗୀ | ବାଣିଜ୍ୟିକ | ଶିଳ୍ପଭିତ୍ତିକ | ମୋଟ |
| ଷ୍ଟ୍ରେସଡ୍ ଆସେଟ୍ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଭୁବନେଶ୍ୱର | ୫ | ୧ | ୧୩ | ୧୯ |
| ଷ୍ଟ୍ରେସଡ୍ ଆସେଟ୍ସ ରିକଭରି ଶାଖା (SARB), ଭୁବନେଶ୍ୱର | ୮ | ୦ | ୦ | ୮ |
| ଷ୍ଟ୍ରେସଡ୍ ଆସେଟ୍ସ ରିକଭରି ଶାଖା (SARB), ଭଦ୍ରକ | ୨ | ୦ | ୦ | ୨ |
| ଷ୍ଟ୍ରେସଡ୍ ଆସେଟ୍ସ ରିକଭରି ଶାଖା (SARB), କଟକ | ୭ | ୧ | ୦ | ୮ |
| ଷ୍ଟ୍ରେସଡ୍ ଆସେଟ୍ସ ରିକଭରି ଶାଖା (SARB), ସମ୍ବଲପୁର | ୨ | ୦ | ୩ | ୫ |
| ମୋଟ | ୨୪ | ୨ | ୧୬ | ୪୨ |

ତାରିଖ : ୦୧.୧୨.୨୦୧୮, ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

**ପଟ୍ଟାମୁଣ୍ଡାଇ,୨।୧୨(ସ୍ୱ.ପ୍ର)**

କେନ୍ଦ୍ରାପଡା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକର ଦକ୍ଷିଣେଶ୍ୱର ହାଇସ୍କୁଲ କାଠିଆପଡ଼ା ଠାରେ ଅଣସଙ୍ଗଠିତ ଶ୍ରମିକମାନଙ୍କ ସମସ୍ୟା ଉପରେ ଏକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ତଥା ବିଚାରପତି ରାଜ କୁମାର ଦାସ ପୌରୋହିତ୍ୟ କରି ଅଣସଙ୍ଗଠିତ ଓ ଶିଶୁ ଶ୍ରମିକମାନଙ୍କ ସମସ୍ୟାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଏଲଭି ପ୍ରଫୁଲ୍ଲ କୁମାର ଦାଶ ଯୋଗ ଦେଇ କହିଲେ ଯେ, ଅଣସଙ୍ଗଠିତ ଶ୍ରମିକମାନଙ୍କର ଦେଶର ଅର୍ଥନୀତିରେ ଏକ ପ୍ରମୁଖ ଯୋଗଦାନ ରହିଛି । ସେମାନଙ୍କୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଆର୍ଥିକ ସୁରକ୍ଷା ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ଶତ୍ରୁଘ୍ନ ମହାନ୍ତି, ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ, ପ୍ରାକ୍ତନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ରାଜେନ୍ଦ୍ର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଅରବିନ୍ଦ ମହାପାତ୍ର, ରବିନ୍ଦ୍ର ମଳିକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

### ଖବରଦାତା ସମ୍ମିଳନୀରେ ଛାମୁଆ କର୍ମୀଙ୍କ ଘୋଷଣା

# ବିଜୟ ଯୁଆଡ଼େ, ଆମେ ସିଆଡ଼େ




ଖବରଦାତା ସମ୍ମିଳନୀରେ ବିଜୟଙ୍କ ସମର୍ଥକମାନେ।

**ମାର୍ଶାଘାଇ,୨।୧୨(ଡ଼ିଏନ୍ଏ )**

ବରିଷ୍ଠ ନେତା ବିଜୟ ମହାପାତ୍ର ନିକଟରେ ଭାଜପାରୁ ଇସ୍ତଫା ଦେଇଛନ୍ତି । ତେବେ ତାଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରି ବିଜୟ ଯେଉଁଠି ଥାଆନ୍ତୁ ଆମେ ତାଙ୍କ ସାଙ୍ଗରେ ସବୁଦିନ ଅଛୁ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ତାଙ୍କର ଛାମୁଆ କର୍ମୀମାନେ ପ୍ରକାଶ କରିଛନ୍ତି। ଅପରାହ୍ନରେ ମାର୍ଶାଘାଇ ବ୍ଲକର ଯୁବ ନେତା ଶାରଦା ପ୍ରଶନ୍ନ ବେଉରାଙ୍କ ଆବାହକତ୍ୱରେ ସ୍ଥାନୀୟ କ୍ରସିଙ୍ଗ ନିକଟ ଏକ ହୋଟେଲରେ ଏହି ଖବରଦାତା ସମ୍ମିଳନୀ କରାଯାଇଥିଲା । ବିଜୟଙ୍କ ଅନୁଗତ ବୋଲାଉ ଥିବା ଏହି ଛାମୁଆ କର୍ମୀମାନେ ଭାଜପାରେ ବିଜୟଙ୍କୁ କୋଣଠେସା କରାଯାଉଥିବା ଜାଣି ପାରି ଏମାନେ ଭାଜପାରୁ ଇସ୍ତଫା ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ସେହିପରି ମହାକାଳପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ବ୍ଲକର ମଣିକୁଣ୍ଡା ସରପଞ୍ଚ ପ୍ରତାପ ରାଉତ ଓ ସମିତି ସଭ୍ୟ ଜ୍ଞାନ ରଞ୍ଜନ ବସନ୍ତିଆ ,ପରକୁଳା ସମିତି ସଭ୍ୟ ରାଜଲକ୍ଷ୍ମୀ ଦାସ ,ଆଇତିପୁର ସରପଞ୍ଚ ଗୋଲେଖ ବେହେରା ଓ ନାଏବ ସରପଞ୍ଚ ନୃସିଂହ ଚରଣ ଦାସ ,ଜମପଡ଼ା ସମିତି ସଭ୍ୟ ହୃଷିକେଶ ସ୍ୱାଇଁ ,କରିଲୋପାଟଣା ସମିତି ସଭ୍ୟ ଅନ୍ନଦା ତ୍ରିପାଠୀ ,ତାଳସଙ୍ଗା ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର ନାଥ ବେହେରା ପ୍ରମୁଖ ଭାଜପାରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ । ମହାକାଳପଡା ବ୍ଲକ ଜୟଚନ୍ଦ୍ରପୁର ସରପଞ୍ଚ ପ୍ରଦୀପ ବେହେରା ଓ ସମିତି ସଭ୍ୟ ଅଧିର ମଳିକ ଏବଂ ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଲେଙ୍କା,ବଡକୂଳ ସମିତି ସଭ୍ୟ ବିପିନ ସ୍ୱାଇଁ ,ଅମେଇପାଳ ସରପଞ୍ଚ ଧ୍ରୁବ ଚରଣ ସାହୁ ,ପାଟ୍‌କୁଳିପଙ୍କ ସମିତି ସଭ୍ୟ ଆଶିଷ ଖଟୁଆ , ତେରଙ୍ଗା ସରପଞ୍ଚ ବିନତୀ ଦାସଙ୍କ ସହ ମୋଟ ୧୫ରୁ ଊର୍ଦ୍ଧ୍ୱ ସରପଞ୍ଚ ,ସମିତି ସଭ୍ୟ ଭାଜପାରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ। ଏହି ଖବରଦାତା ସମ୍ମିଳନୀ ଜରିଆରେ ପ୍ରଶନ୍ନ ମହାନ୍ତି, ଗଣେଶ ଲେଙ୍କା ,ବଳରାମ ନାୟକ, କୈଳାଶ ବେଉରା, ଗୋପୀନାଥ ବେହେରା, ସଞ୍ଜୟ ଲେଙ୍କା, ନିର୍ମଳ ବେଉରା,ବସନ୍ତ ଖଟୁଆ, ବିଚିତ୍ର ଖଟୁଆ, ଅବକାଶ ବେହେରା,ଅଭୟ ବେହେରା, ପୂର୍ବତନ ସରପଞ୍ଚ ରବିନ୍ଦ୍ର କୁମାର ମହାରଣା ,ରମାକାନ୍ତ ପରିଡା ,ଅକ୍ଷୟ କୁମାର ନାୟକ ,ପୂର୍ବତନ ସରପଞ୍ଚ ଚିନ୍ତାମଣି ପରିଡ଼ା ,ପୂର୍ବତନ ସରପଞ୍ଚ ବିଭୁତି ଭୁଷଣ ପରିଡ଼ା ,ଅଜୟ କୁମାର ପରିଡାଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ପୂର୍ବରୁ ଭାଜପାରୁ ଇସ୍ତଫା ଦେଇଥିବା ଘୋଷଣା କରିଥିବା ବେଳେ ବିଜୟଙ୍କ ସହ ଆମେ ସବୁ ସମୟରେ ଅଛୁ ବୋଲି କହିଥିଲେ।

ଧରିତ୍ରୀର
୪୫ତମ
ଜନ୍ମବାର୍ଷିକୀ ଅବସରରେ
ବହୁତ ବହୁତ ଶୁଭ କାମନା।



**ସୁଧୀର କୁମାର ସାହୁ**
ଥାନା ଅଧିକାରୀ
ଡେରାବିଶ ଥାନା

ନିରପେକ୍ଷ ଖବର କାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଅବସରରେ ବଡବାଣପୁର ପଞ୍ଚାୟତବାସୀଙ୍କୁ ଓ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।



**ପ୍ରଦୀପ କୁମାର କର**
ସରପଞ୍ଚ, ବଡ଼ବାଣପୁର, ଖଣ୍ଡପଡ଼ା

ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ମହାନ। ଏହାକୁ ଉଜ୍ଜୀବିତ ରଖିବା ପାଇଁ ଆସନ୍ତୁ ସଂକଳ୍ପ ନେବା। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା/ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସୁଖ ସମୃଦ୍ଧି କାମନା କରୁଛି।



**ପ୍ରାଧ୍ୟାପକ ଚତୁର୍ଭୁଜ କର**
ଅଧ୍ୟକ୍ଷ, ଡେରାବିଶ ମହାବିଦ୍ୟାଳୟ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ଅବସରରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶାକୁ ଅଧିକ ସମୃଦ୍ଧି ପାଇଁ ସହାୟତାର ହାତ ବଢ଼ାଇବାକୁ ସଂକଳ୍ପ ନେବା। ପାଟକୁରା ନିର୍ବାଚନ ମଣ୍ଡଳୀ', ମା', ଭାଇଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।



**ପ୍ରାଧ୍ୟାପକ ଅଜୟ କୁମାର ରାଉତ**
ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ କୁରୁଜଙ୍ଗା ପଞ୍ଚାୟତର ସମସ୍ତ ଭାଇ ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି। ଡେରାବିଶ ବ୍ଲକରେ ଆମ ପଞ୍ଚାୟତର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।



**ଚନ୍ଦ୍ରକାନ୍ତ ପ୍ରଧାନ**
ସରପଞ୍ଚ, କୁରୁଜଙ୍ଗା ପଞ୍ଚାୟତ
(ଡେରାବିଶ ବ୍ଲକ)



## ସଂକ୍ଷେପରେ



### ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ବିରିଡି,୨।୧୨(ଡି.ଏନ.ଏ):** ରାଜ୍ୟ ଯୁବ କଲ୍ୟାଣ ପରିଷଦ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିରିଡ଼ି ବ୍ଲକ ଉକୁନ୍ଦରା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଅଲ୍ଲୀପଡ଼ାଠାରେ ରବିବାର 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଶିବ ପ୍ରସାଦ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମପିଙ୍କ ପ୍ରତିନିଧି ଗୟାଧର ମହାନ୍ତି, ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ନାଥ ସାହୁ, ବାସନ୍ଦରା ସରପଞ୍ଚ ଲକ୍ଷ୍ମୀଧର ଭୋଇ, ପଞ୍ଚାୟତ ବିଜେଡି ସଭାପତି ତାପସ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ବିପର୍ଯ୍ୟୟ ପରିଚାଳନାରେ ସାହାଯ୍ୟ କରିବା, ଶିକ୍ଷା, ସ୍ୱଚ୍ଛତା, ପରିବେଶ ସୁରକ୍ଷା, କୁସଂସ୍କାର ଦୂରୀକରଣ, ସାମାଜିକ ସମାନତା ପ୍ରତିଷ୍ଠା, ମହିଳା ସଶକ୍ତିକରଣ, ସାହସିକତା, ଦାରିଦ୍ର୍ୟ ଦୂରୀକରଣ ଓ ବୃକ୍ଷରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ବିଜୁ ଯୁବ ବାହିନୀ ପକ୍ଷରୁ ଚୟନ କରି ସମ୍ବର୍ଦ୍ଧିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସେମାନେ କହିଥିଲେ। ଉକୁନ୍ଦରା ପଞ୍ଚାୟତର କଲ୍ୟାଣ କୁମାର ବାରିକଙ୍କୁ ମୁଁ ହିରୋ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବିଜୁ ଯୁବ ବାହିନୀ ସଭାପତି ଶୁଭ୍ରାଂଶୁ ଶେଖର ପାତ୍ର, ସମ୍ପାଦକ ପ୍ରମୋଦ ଭୋଇ, କୋଷାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ଦାଶଙ୍କ ସହ ଯୁବ ବାହିନୀର ସମସ୍ତ ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତ ବିଜେଡି ସଭାପତି ତାପସ ଜେନା ଧନ୍ୟବାଦ ଦେଇଥିଲେ। ଉପସ୍ଥିତ ପିଲାମାନଙ୍କ ମଧ୍ୟରୁ ନୃତ୍ୟ ପରିବେଷଣ କରିଥିବା ଦେବିତା ପ୍ରିୟଦର୍ଶିନୀ ଜେନା, ସ୍ୱର୍ଣ୍ଣଲତା ଭୋଇ ଓ ବିକାଶ କୁମାର ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା।

■ ଗୋଡ଼ା ପଞ୍ଚାୟତ ଦୁର୍ନୀତି ଗୁମର ଫିଟୁଛି

# ନଳକୂପ ନ କରି ଅର୍ଥ ଆତ୍ମସାତ୍

**ଜଗତ୍‌ସିଂହପୁର ଅଫିସ, ୨।୧୨**

ଏରସମା ବ୍ଲକ ଗୋଡ଼ା ପଞ୍ଚାୟତରେ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ଗୁମର ଫିଟିବାରେ ଲାଗିଛି। ଏହି ପଞ୍ଚାୟତରେ ଗୋଟିଏ ନୁହେଁ, ଏକାଧିକ ଯୋଜନାରେ ଦୁର୍ନୀତି କରାଯାଇଥିବା ଅଭିଯୋଗ ହେଉଛି। ବିନା କାମରେ ମିଥ୍ୟା ବିଲ୍ କରିନିଆଯାଇଛି। ବିନା ପୋଖରୀ ଖୋଳାରେ ୪୭,୯୨୦ ଟଙ୍କାର ବିଲ କରିନିଆଯାଇଥିବା ସମ୍ପର୍କରେ ରବିବାର ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ଆଲୋଚନା ଥମି ନ ଥିବାବେଳେ ଗୋଡ଼ା ବଜାରରେ ଏକ ନଳକୂପ ଖନନ ଦର୍ଶାଇ ୨୪,୫୦୦ ଟଙ୍କାର ମିଥ୍ୟା ବିଲ୍ କରାଯାଇଥିବା ସାମ୍ନାକୁ ଆସିଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଗୋଡ଼ା ବଜାରରେ ଏକ ନଳକୂପ ଓ ଏହାର ପ୍ଲାଟଫର୍ମ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁକଦେବ ମହାନ୍ତିଙ୍କ ନାମରେ ଏହି କାମ ହୋଇଥିବାବେଳେ କେନ୍ଦ୍ରୀୟ ଅର୍ଥ କମିଶନ(ସିଏଫ୍‌ସି) ପକ୍ଷରୁ ଏନେଇ ୨୪,୫୦୦ ଟଙ୍କା ଖର୍ଚ୍ଚ କରାଯାଇଛି। ଶ୍ରମିକ ଲଗାଯାଇ ୨୫୦ ଫୁଟ ଗଭୀର ପର୍ଯ୍ୟନ୍ତ ଖନନ କରାଯାଇଥିଲା। ଖନନ ବାବଦରେ ଫୁଟ ପିଛା ୨୦ ଟଙ୍କା ହିସାବରେ ୨୫୦ ଫୁଟ ପାଇଁ ୫,୦୦୦ ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି । ସେହିପରି ପାଇପ୍, ହ୍ୟାଣ୍ଡ ପମ୍ପ ସହ ଟ୍ୟୁବୱେଲ୍ ପାର୍ଟସ୍ ଆଦି କିଣା ବାବଦରେ ୧୨,୦୦୦ ଟଙ୍କା ଖର୍ଚ୍ଚ ହୋଇଛି। ଫିଟିଂ ଓ ଫିକ୍ସିଂ ପାଇଁ ୨,୦୦୦, ନଳକୂପ ଖୋଳା ହେବା ସ୍ଥାନକୁ ସାମଗ୍ରୀ ପରିବହନ ବାବଦରେ ୧,୫୦୦ ଟଙ୍କା ବ୍ୟୟ କରାଯାଇଛି। ନଳକୂପ ପ୍ଲାଟଫର୍ମ ନିର୍ମାଣ ବାବଦରେ ୪,୦୦୦ ଓ ଫଟୋ ଉଠା ନେଇ ୩୦୦ ଟଙ୍କା ଖର୍ଚ୍ଚ ହୋଇଛି। ଏହିପରି ମୋଟ ୨୫,୦୫୦ ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି। କିନ୍ତୁ ପାଖାପାଖି ୫୦୦ ଟଙ୍କା ଅଧିକ ଖର୍ଚ୍ଚ ଦର୍ଶାଯାଇଥିବାରୁ ଏହି ରାଶି କାଟି ଦିଆଯିବା ପରେ ୨୪,୫୦୦ ଟଙ୍କା ବିଲ୍ କରାଯାଇଛି। ବାସ୍ତବରେ କିନ୍ତୁ ଏଭଳି ନଳକୂପ ଗୋଡ଼ା ବଜାରରେ କରାଯାଇନାହିଁ। ଗୋଡ଼ା ପଞ୍ଚାୟତର ଏକାଧିକ ବ୍ୟକ୍ତି ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ଗୋଡ଼ା ବଜାରରେ ଥିବା ନଳକୂପ ଅଚଳ ହୋଇ ଯାଇଥିଲା। ତେଣୁ ଉକ୍ତ ସ୍ଥାନରେ ନୂଆ ନଳକୂପ ବସାଯିବା ସହ ପ୍ଲାଟଫର୍ମ କରାଯାଇଛି ବୋଲି ଦର୍ଶାଯାଉଛି। କିନ୍ତୁ ସେଠାରେ କୌଣସି ନଳକୂପ କରାଯାଇନାହିଁ। ଏ ସମ୍ପର୍କରେ ବର୍ତ୍ତମାନର ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ ଜେନାଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ ଏହାର ତଦନ୍ତ ପାଇଁ ଏବିଡିଓ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ଆକାଉଣ୍ଟସ୍ ଅଫିସରଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। କମିଟି ରିପୋର୍ଟ ଆସିଲା ପରେ ଯାଇ ଯାହା କିଛି ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ, ସିଏଫ୍‌ସିରେ ଏହି ପଞ୍ଚାୟତ ଅନ୍ତର୍ଗତ କୁଆଁରବେଦୀ ଗ୍ରାମ ସ୍କୁଲ ପୋଖରୀ ଖୋଳା ବାବଦରେ ୪୭,୯୨୦ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତୀ ଚଢ଼ାଠଉଁ ସମ୍ପତ୍ତି ନାହିଁ**
**ଘର ପୋଡ଼ିଠଉଁ ବିପତ୍ତି ନାହିଁ ।**

ଆଗକାଳରେ ରାଜା ମହାରାଜାମାନେ ହାତୀ ପିଠିରେ ବସି ନଅର ବିଜେ କରୁଥିଲେ। ହାତୀ ଚଢ଼ିବା ଅଗ୍ରଗତିର ପ୍ରତୀକ ବା ସମ୍ଭ୍ରାନ୍ତ ବ୍ୟକ୍ତିର ଲକ୍ଷଣ ହୋଇଥାଏ। ସେହିପରି ଘର ପୋଡ଼ିଯିବା ସର୍ବନାଶର କାରଣ ପାଲଟି ଥାଏ। ଘରପୋଡ଼ିଯିବା ସବୁଠାରୁ ବଡ଼ ବିପତ୍ତି ବା ବିପର୍ଯ୍ୟୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାଡି ବାଇଦ କୋଶେ,**
**ତୁଣ୍ଡ ବାଇଦ ସହସ୍ର କୋଶେ ।**

ଯେ କୌଣସି ବାଦ୍ୟର ଶବ୍ଦ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ପରିସୀମା ମଧ୍ୟରେ ସୀମିତ ରହିଥାଏ। ପରନ୍ତୁ କାନଶୁଣା କଥା ବା କାନକୁହା କଥା ଜଣଙ୍କ ମୁହଁରୁ ଅନ୍ୟଜଣଙ୍କ ମୁହଁକୁ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ। ଉକ୍ତ କଥାଟିର ସତ୍ୟତା ନ ଥିଲେ ମଧ୍ୟ ଏହା ହିଁ ପ୍ରକୃତ ସତ୍ୟଭାବେ ଧରି ନିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

# ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ

**ଜଗତ୍‌ସିଂହପୁର ଅଫିସ, ୨।୧୨**

ବିଜୁ ଜନତା ଦଳ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଜିଲାବ୍ୟାପୀ ଚାଲିଥିବା ଜନ ସମ୍ପର୍କ ପଦଯାତ୍ରା ରବିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଗାନ୍ଧୀ ଛକରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ସୁବର୍ଣ୍ଣବରାହୀ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବିଜେଡି ଜିଲା ସଭାପତି ବିଷ୍ଣୁ ଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଜେଡି ସରକାର ଓଡ଼ିଶାର ପ୍ରଗତି ପାଇଁ ଅଙ୍ଗୀକାରବଦ୍ଧ। ରାଜ୍ୟ ସରକାରଙ୍କ ଜନମଙ୍ଗଳ ଯୋଜନାଗୁଡିକର ସୁଫଳ ଲୋକେ ପାଉଛନ୍ତି। ଏହି ସରକାରକୁ ଅଧିକ ଲୋକପ୍ରିୟ କରିବା ପାଇଁ ତୃଣମୂଳସ୍ତରରୁ ପ୍ରତ୍ୟେକ ଅଧିକ ଦାୟିତ୍ୱବାନ ହେବାକୁ ପଡିବ। ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ ଯେପରି ଜିଲାର ସମସ୍ତ ୪ ବିଧାନସଭା ଓ ଜଗତ୍‌ସିଂହପୁର ଏମ୍‌ପି ସିଟ୍‌ରେ ବିଜୟୀ ହେବେ ସେନେଇ ସମସ୍ତେ ଉଦ୍ୟମ କରିବାକୁ ପଡିବ ବୋଲି ବିଷ୍ଣୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସ, ବ୍ଲକ ବିଜେଡି ସଭାପତି ମନୋଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


ବିଜେଡିର ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପନୀ ଅବସରରେ ଉପସ୍ଥିତ ନେତା ଓ କର୍ମୀ।

## ଯନ୍ତ୍ରୀଙ୍କୁ ଉଠାଇ ନେଲେ ଥାନାବାବୁ

**ରଘୁନାଥପୁର, ୨।୧୨( ଡି.ଏନ.ଏ.)**

ଜଇପୁର ଆର ଆଣ୍ଡ ବି କନିଷ୍ଠ ଯନ୍ତ୍ରୀ ବିନୟ କୁମାର ସାହୁଙ୍କୁ ରଘୁନାଥପୁର ଆଇଆଇସି ଥାନାକୁ ଉଠାଇ ନେବା ଚର୍ଚ୍ଚାର ବିଷୟ ହୋଇଛି। ଖଣ୍ଡତରୀସ୍ଥିତ ଆମେନିଟି ସେଣ୍ଟର ପରିସରରେ ଦୁଇଟି ଲାଇଟ ପୋଷ୍ଟ ଜଳୁ ନ ଥିଲା। ଏ ସମ୍ପର୍କରେ ଇଲେକ୍ଟ୍ରିସିଆନଙ୍କ ସହ ଜେଇ ସାହୁ ଶନିବାର ରାତିରେ ସେଠାରେ ଆଲୋଚନା କରୁଥିଲେ। ଏହି ସମୟରେ ଆଇଆଇସି ଅରବିନ୍ଦ ମହାନ୍ତି ଆସି ସେମାନଙ୍କ ପରିଚୟ ଓ କାଗଜପତ୍ର ମାଗିଥିଲେ। ସାହୁ ନିଜ ପରିଚୟ ଦେବା ସତ୍ତ୍ୱେ ଆଇଆଇସି ତାଙ୍କୁ ଥାନାକୁ ନେଇ ଯାଇଥିଲେ। ଉପରିସ୍ଥ ଅଧିକାରୀଙ୍କଠାରୁ ନ ବୁଝି ଜଣେ କାର୍ଯ୍ୟରତ ଜେଇଙ୍କୁ ଉଠାଇନେବା ଯୁକ୍ତିଯୁକ୍ତ ନୁହେଁ ବୋଲି ବିଭାଗୀୟ ଏକଜିକ୍ୟୁଟିଭ ଯନ୍ତ୍ରୀ ପ୍ରେମାନନ୍ଦ ରାଉତ ଓ ଏସ୍‌ଡିଓ ରତିକାନ୍ତ ବେହେରା ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଜେଇ ସାହୁ ଏନେଇ ରବିବାର ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି। ସୋମବାର ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ମଧ୍ୟ ବିଧିବଦ୍ଧ ଅଭିଯୋଗ କରାଯିବ ବୋଲି କୁହାଯାଇଛି। ଆଇଆଇସି ମହାନ୍ତି କହିଛନ୍ତି ଯେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେବା ଓ ପରିଚୟ ନ ମିଳିବାରୁ ଥାନାକୁ ନେଇ ଆସିଥିଲୁ। ପରେ ତାଙ୍କୁ ଛାଡି ଦିଆଯାଇଛି।

## ବିଜୁ ଯୁବ ବାହିନୀର କ୍ରୀଡ଼ା ପ୍ରତିଯୋଗିତା

**ନାଉଗାଁ, ୨।୧୨(ସ୍ୱ.ପ୍ର.)**

ନାଉଗାଁ ତହସିଲ ପଡ଼ିଆଠାରେ ବିଜୁ ଯୁବବାହିନୀ ପକ୍ଷରୁ ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାକୁ ବିଡିଓ ଜେ. କଳ୍ପନା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ବିଜୁଯୁବବାହିନୀ ଜିଲା ସଂଯୋଜକ କୁମାରିକା ରଥ ପ୍ରମୁଖ ଯୋଗ ଦେଇଥିଲେ। ଓଡିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତା ମାଧ୍ୟମରେ ଗ୍ରାମାଞ୍ଚଳ ପିଲାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କ ପ୍ରତିଭା ବିକାଶ କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ପ୍ରଥମ ଦିନ ମ୍ୟାଚ ବଛାଳୋ ଓ ଓଷକଣା ପଞ୍ଚାୟତ ମଧ୍ୟରେ ହୋଇଥିଲା। ଆସନ୍ତା ୮ରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ବ୍ଲକ ସଂଯୋଜକ ରବି ନାରାୟଣ ଷଡ଼ଙ୍ଗୀ ପ୍ରତିଯୋଗିତା ପରିଚାଳନା କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ

**ପାରାଦୀପ, ୨।୧୨(ସ୍ୱ.ପ୍ର.)**

ପାରାଦୀପ ମେରାଇନ ଡ୍ରାଇଭ ରୋଡ୍ ପାଖ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପରିସରରେ ରବିବାର ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳିତ ହୋଇଛି। ବୋର୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ଶିଳ୍ପ ସଂସ୍ଥାର ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି, ପାରାଦୀପ ବନ୍ଦର, ପୌରପାଳିକା ପ୍ରତିନିଧିମାନେ ଯୋଗଦେଇଥିଲେ। ଏଥିରେ ପଲିଥିନ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାରର କୁପରିଣାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଶିଳ୍ପରୁ ବାହାରୁଥିବା ବର୍ଜ୍ୟ, ରାସାୟନିକ ପଦାର୍ଥ ବ୍ୟବସ୍ଥିତ ଉପାୟରେ ନଷ୍ଟ କରିବା ସମ୍ପର୍କରେ କୁହାଯାଇଥିଲା। ବୋର୍ଡର ଆଞ୍ଚଳିକ ଅଧିକାରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ଇଫ୍‌କୋର ଜେ.ପି. ଶ୍ରୀବାସ୍ତବ, ପାରାଦୀପ ବନ୍ଦରର ହିମାଂଶୁ ଶେଖର ରାଉତ, ତୈଳ ବିଶୋଧନାଗାରର ପି.କେ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସରକାର ପଲିଥିନ ବ୍ୟବହାର ନିଷିଦ୍ଧ କରିବା ସତ୍ତ୍ୱେ ଏହା ବହୁଳ ଭାବେ ବ୍ୟବହୃତ ହେଉଛି। ତେଣୁ ପଲିଥିନ ବ୍ୟବହାର ବନ୍ଦ କରିବା ପାଇଁ ସମସ୍ତେ ଯତ୍ନବାନ ହେବାକୁ କୁହାଯାଇଥିଲା। ସୂଚନାଯୋଗ୍ୟ, ଦେଶର ସର୍ବାଧିକ ୮୮ଟି ସହର ଅତ୍ୟଧିକ ପ୍ରଦୂଷିତ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ସେହି ୮୮ ସହର ମଧ୍ୟରେ ଓଡ଼ିଶାର ୪ଟି ସହର ରହିଛି। ସେଗୁଡିକ ହେଲା ଝାରସୁଗଡ଼ା, ଇବ୍‌ଭ୍ୟାଲି, ତାଳଚେର-ଅନୁଗୋଳ ଓ ପାରାଦୀପ। ଶୀତଦିନେ ପାରାଦୀପରେ ଚାରିଆଡ଼େ କଳା ଧୂଳିର ଆସ୍ତରଣ ଖେଳିଯାଉଛି। ଏଭଳି ପ୍ରଦୂଷଣ ପାଇଁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାକୁ ରୋକିବା ପାଇଁ ଏହି କାର୍ଯ୍ୟକ୍ରମରେ କେତେକ ସ୍ୱେଚ୍ଛାସେବୀ ସଂଗଠନ ଦାବି କରିଥିଲେ।

## କଂଗ୍ରେସରେ ମିଶିଲେ ବିଜେଡି, ଭାଜପା କର୍ମୀ


ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ସହ ଉପସ୍ଥିତ କର୍ମୀ।

**ନାଉଗାଁ, ୨।୧୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତର ନନ୍ଦିଗ୍ରାମ ଠାରେ ରବିବାର ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ଯୋଗ ଦେଇଥିବା ଦଳ ପକ୍ଷରୁ କୁହାଯାଇଛି। ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ଜିଲା ସଭାପତି ନଟବର ବାରିକ, ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ବିଚିତ୍ରା ନନ୍ଦ ଲେଙ୍କାଙ୍କ ଉପସ୍ଥିତିରେ ମନୋରଞ୍ଜନ ପାଢୀ, ଝରି ଦାସ, ଶଶିକାନ୍ତ ଦାସ, ବିଜୟ ପରିଡା, ରବୀନ୍ଦ୍ର ନାଥ ମନ୍ତ୍ରୀ, ସୁଦାମ ଦାସ, ଜଗନ୍ନାଥ ଦାସ ପ୍ରମୁଖ କଂଗ୍ରେସରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଗୌତମ ପରିଡ଼ା, ଆଶୀଷ ପରିଡ଼ା, ନିଳାମ୍ବର ଭୋଇ,ଅମୀୟ ପାଢୀ, ଅଭୟ ଦାସ, ରୁଦ୍ର ପାଢୀ, ସୁନିଲ ମାଟିଆ ପ୍ରମୁଖ ପରିଚାଳନା କରିଥିଲେ। ପରେ ଦଳର ସାଂଗଠନିକ ବୈଠକ ହୋଇଥିଲା।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286 7750921101

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

M. GROUP FINANCE CO.
DIWALI OFFER (Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8697980580

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD (an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

T.C.F. FINANCE (Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline 18002126755 08802683947
Dist: Khargaon, Madhyapradesh

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers 9996568749 7497026992
Kutasingha, Tentuligaon, Bolangir, Orissa 767068

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

uti UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

## ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

# ମ୍ୟୁଚୁଆଲ ଫଣ୍ଡ - ପ୍ରଧାନ ପ୍ରତିରକ୍ଷା ରଣନୀତି

ଜଣେ ସୈନିକ ଭାବେ, ଆପଣ ଦେଶକୁ ସବୁଠାରୁ ଆଗରେ ରଖିବା ପାଇଁ ପ୍ରଶିକ୍ଷିତ। ସେବାରତ ଥିବା ବେଳେ, ସରକାର ଆପଣ ତଥା ଆପଣଙ୍କ ପରିବାରଙ୍କ ଯତ୍ନ ନେଇଥାଆନ୍ତି। ଆପଣଙ୍କ କ୍ୟାଣ୍ଟନ୍‌ମେଣ୍ଟ ବାହାର ଦୁନିଆ ସହ ଆପଣଙ୍କ କ୍ଷଣସ୍ଥାୟୀ ସଂସ୍ପର୍ଶ କାରଣରୁ ଟଙ୍କାପଇସାର ଭାବନା ଆପଣଙ୍କ ମନରେ ନ ଥାଏ।

ଅଧିକନ୍ତୁ, ଆପଣଙ୍କ ଚାକିରିର ସ୍ଥାନାନ୍ତରଯୋଗ୍ୟ ପ୍ରକୃତି କାରଣରୁ ଆପଣ ହୁଏତ୍ ଏକ ଭବିଷ୍ୟନିଧି ପାଣ୍ଠି ଖାତାକୁ ନେଇ ସନ୍ତୁଷ୍ଟ ରହିଥାନ୍ତି ନତୁବା ନିଜ ସାଙ୍ଗସାଥୀ କିମ୍ବା ସହକର୍ମୀଙ୍କ ପରାମର୍ଶକ୍ରମେ ଅନିୟନ୍ତ୍ରିତ ଯୋଜନାଗୁଡ଼ିକରେ ନିବେଶ କରିବାର "ରିସ୍କ" ନେଇଥାଇପାରନ୍ତି ।

ବିଡମ୍ବନା ହେଉଛି ଯେ ଜଣେ ସ୍ୱଭାବଗତ ରିସ୍କ-ଟେକର୍, ଯୁଦ୍ଧର ପଦ୍ଧତି ସହ ସୁପରିଚିତ ପ୍ରତିରକ୍ଷା କର୍ମଚାରୀ ହୋଇଥିବା ସତ୍ତ୍ୱେ ଆପଣ ନିୟନ୍ତ୍ରିତ ନିବେଶ ଯାନ ମାଧ୍ୟମରେ ସୁବିଚାରିତ ରିସ୍କରୁ ଦୂରେଇ ରହିବା ପସନ୍ଦ କରନ୍ତି ।

ପ୍ରକୃତପକ୍ଷେ, ଦେଶ ପାଇଁ ସମର୍ପିତ ସୈନିକମାନଙ୍କ ଲାଗି ଜୀବନର ବିଭିନ୍ନ ପର୍ଯ୍ୟାୟରେ ଯେକୌଣସି ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ମ୍ୟୁଚୁଆଲ୍ ଫଣ୍ଡ (ଏମ୍‌ଏଫ୍) ସ୍କିମ୍‌ଗୁଡ଼ିକ ହେଉଛି ଆଦର୍ଶ ଅସ୍ତ୍ର।

**ନିଜର ଆର୍ଥିକ ଲକ୍ଷ୍ୟଗୁଡ଼ିକୁ ପୂରଣ କରିବାରେ ଏମ୍‌ଏଫ୍‌ଗୁଡ଼ିକ କାହିଁକି ଆପଣଙ୍କ ସର୍ବୋପଯୁକ୍ତ ସାଥୀ ହୋଇପାରିବ ତାହାର କାରଣ:**

- ବିବିଧକରଣ, ନିବେଶ ସଫଳତାର ଏକ ମୁଖ୍ୟ ଉପାଦାନ, ପ୍ରାକୃତିକ ଭାବେ ଏମ୍‌ଏଫ୍ ସହିତ ଆସିଥାଏ ଯାହା ଆପଣଙ୍କୁ ସମସ୍ତ ରିସ୍କରୁ ସୁରକ୍ଷା ଯୋଗାଇଥାଏ ।
- ଅନ୍ୟାନ୍ୟ ନିବେଶ ବିକଳ୍ପ ତୁଳନାରେ ଏଥିରେ ଆପଣଙ୍କ ନିବେଶର ପରିମାଣ, ସମୟ ସୀମା ଏବଂ କେତେ ରିସ୍କ ନେବାକୁ ଚାହୁଁଛନ୍ତି ତାହା ସମ୍ପୂର୍ଣ୍ଣ ଆପଣଙ୍କ ନିୟନ୍ତ୍ରଣାଧୀନ ରହିଥାଏ।
- ସେଗୁଡ଼ିକ ଅତି କମ୍ ମୂଲ୍ୟରେ ବୃତ୍ତିଗତ ଟଙ୍କା ପରିଚାଳନାର ଲାଭ ଯୋଗାଇଥାଏ।
- ଯଦି ଆପଣ କ୍ଲୋଜ୍-ଏଣ୍ଡେଡ୍ ଫଣ୍ଡର ବିକଳ୍ପ ବାଛିନାହାନ୍ତି, ତେବେ ଆପଣ ନିଜ ଇଚ୍ଛାରେ ଏକ ନିବେଶର ଲିକ୍ୱିଡିଟି କିମ୍ବା ପ୍ରସ୍ଥାନର ଲାଭ ପାଇପାରିବେ ।
- ଆପଣ ଏକ ଶୃଙ୍ଖଳିତ ଉପାୟରେ ଛୋଟ ଛୋଟ ପରିମାଣର ନିବେଶ କରିବା ସତ୍ତ୍ୱେ ବ୍ୟାପକ ବର୍ଗର ଷ୍ଟକ୍ ଆପଣଙ୍କ ହାତପାହାନ୍ତାରେ ରହିଥାଏ ।



ଉପରେ ଦର୍ଶାଯାଇଥିବା ଅନୁଯାୟୀ, ଏମ୍‌ଏଫ୍‌ଗୁଡ଼ିକ ବ୍ୟାପକ ବର୍ଗର ବିକଳ୍ପ ପ୍ରଦାନ କରିଥାଏ ଏବଂ ସେଗୁଡ଼ିକୁ ନିମ୍ନ ଅନୁଯାୟୀ ବର୍ଗୀକୃତ କରାଯାଇପାରିବ:

- ଆସେଟ୍ କ୍ଲାସ୍ - ଯେପରିକି ଇକ୍ୱିଟି, ଡେବ୍‌ଟ, ମନି ମାର୍କେଟ୍ ଏବଂ ହାଇବ୍ରିଡ୍
- ଷ୍ଟ୍ରକ୍ଚର୍ - ଓପେନ୍-ଏଣ୍ଡେଡ୍, କ୍ଲୋଜ୍-ଏଣ୍ଡେଡ୍ ଏବଂ ଇଣ୍ଟର୍ଭାଲ୍ ଫଣ୍ଡସ୍

ପ୍ରତ୍ୟେକ ଫଣ୍ଡ ବର୍ଗର ରିସ୍କର ଭିନ୍ନ ଉପାଦାନ ରହିଥାଏ ଏବଂ ସେଗୁଡ଼ିକ ବିଭିନ୍ନ ନିବେଶ ଆଭିମୁଖ୍ୟ ଭିତ୍ତିରେ ଭିନ୍ନ ରଣନୀତି ପ୍ରୟୋଗ କରିଥାଏ, ଯେଉଁଗୁଡ଼ିକୁ ସ୍ପଷ୍ଟ ଭାବେ ଆଗୁଆ ସୂଚାଇଦିଆଯାଇଥାଏ । ତେଣୁ, ବିଭିନ୍ନ ବର୍ଗର ଏମ୍‌ଏଫ୍‌କୁ ଆପଣଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଆର୍ଥିକ ଲକ୍ଷ୍ୟଗୁଡ଼ିକ ପାଇଁ ବ୍ୟବହାର କରାଯାଇପାରିବ।

### ଇଣ୍ଡେକ୍ସ ଫଣ୍ଡ ସହିତ ଏହାକୁ ରଖନ୍ତୁ ସରଳ

ଯଦି ଆପଣ ନିଜ ଟଙ୍କାକୁ ନେଇ କୌଣସି ରିସ୍କ ନେବାକୁ ଚାହୁଁନାହାନ୍ତି ଏବଂ ଆପଣ ନିଜ ପରିବାର ପାଇଁ ନିବେଶ କରିବାକୁ ଚାହୁଁଛନ୍ତି, ତେବେ ଆପଣ ଇକ୍ୱିଟି ଫଣ୍ଡ ବର୍ଗ ମଧ୍ୟରେ ଇଣ୍ଡେକ୍ସ ଫଣ୍ଡର ବିକଳ୍ପ ବାଛିପାରନ୍ତି । ଏହି ଫଣ୍ଡଗୁଡ଼ିକ କେବଳ ଇଣ୍ଡେକ୍ସ ଯେପରି ଉପାୟରେ ରଚିତ ହୋଇଛି ସେହିଭଳି ଅନୁପାତରେ ନିବେଶ କରି ଏକ ଲୋକପ୍ରିୟ ଇଣ୍ଡେକ୍ସକୁ ପ୍ରତିବିମ୍ବିତ କରିଥାଏ। ଇଣ୍ଡେକ୍ସ ଫଣ୍ଡଗୁଡ଼ିକର ଲାଭ ନିମ୍ନରେ ପ୍ରଦାନ କରାଗଲା:

୧ **ସ୍ୱଳ୍ପ ମୂଲ୍ୟ:** ଯେହେତୁ ଏଗୁଡ଼ିକ ନିଷ୍କ୍ରିୟ ଭାବେ ପରିଚାଳିତ ହୋଇଥାଏ, ତେଣୁ ସେଗୁଡ଼ିକ ସ୍ୱଳ୍ପ ଖର୍ଚ୍ଚ ଅନୁପାତ ରହିଥାଏ। ଏହା ସେଗୁଡ଼ିକୁ ସକ୍ରିୟ ଭାବେ ପରିଚାଳିତ ଫଣ୍ଡ ତୁଳନାରେ ଶସ୍ତା କରିଥାଏ ।

୨ **ଏକ ବିବିଧକୃତ ପୋର୍ଟଫୋଲିଓ:** ଲୋକପ୍ରିୟ ଇଣ୍ଡେକ୍ସଗୁଡ଼ିକ ବିଭିନ୍ନ ସେକ୍ଟରର ଷ୍ଟକ୍‌ଗୁଡ଼ିକୁ ନେଇ ରଚିତ ହୋଇଥାଏ। ଏହା ପ୍ରାକୃତିକ ବିବିଧକରଣ ଆଣିଥାଏ, ଯାହାକି ଆପଣଙ୍କ ନିବେଶ ସଫଳତାର ଚାବିକାଠି ଅଟେ।

୩ **ସ୍ୱୟଂଚାଳିତ ପୁନଃସନ୍ତୁଳନ:** ଇଣ୍ଡେକ୍ସଗୁଡ଼ିକ ଏପରି ଭାବେ ରଚିତ ହୋଇଥାଏ ଯେ ନିମ୍ନପ୍ରଦର୍ଶନକାରୀଗୁଡ଼ିକୁ ନିୟମିତ ଭାବେ ବଦଳ କରାଯାଏ, ତେଣୁ ଆପଣଙ୍କ ପୋର୍ଟଫୋଲିଓର ରିଟର୍ନ ସମ୍ଭାବନାକୁ ନିମ୍ନଗାମୀ କରାଇବାର ସମ୍ଭାବନା ଥିବା ବିପଦଗୁଡ଼ିକୁ ଦୂର ହୋଇଯାଇଥାଏ ।

୪ **ପରିଚାଳନାରେ ସହଜ:** ଶେଷରେ, ଆପଣଙ୍କୁ ନିଜ ପୋର୍ଟପୋଲିଓ ଉପରେ ନିରନ୍ତର ଭାବେ ନଜର ରଖିବାକୁ ପଡ଼ିବ ନାହିଁ ଓ ଆଉ ଆପଣ ଆଶ୍ୱାସିତ ରହିପାରିବେ ଯେ କେବଳ ସିଷ୍ଟେମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ ଛୋଟ ଓ ନିୟମିତ ଅଂଶଦାନ କରି ଆପଣ ନିଜ ଲକ୍ଷ୍ୟର ନିକଟତର ହେଉଛନ୍ତି।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: କେଉଁ ଆର୍ଥିକ ଶତ୍ରୁମାନେ ମୋ ସଞ୍ଚୟ ଉପରେ ଆକ୍ରମଣ କରିପାରନ୍ତି ?**

ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି

**ଅଞ୍ଜୁବାଳା ନନ୍ଦ**
ଆର୍ଥିକ ପରାମର୍ଶଦାତା

ଆପଣଙ୍କ ଆର୍ଥିକ ଯୋଜନା ତଥା ତାହାର ପରିଣତିସ୍ୱରୂପ ଆପଣଙ୍କ ନିବେଶକୁ ବିପଦରେ ପକାଉଥିବା ଅନ୍ୟତମ ବଡ଼ ଶତ୍ରୁ ହେଉଛି ଭାବାବେଗ। ଷ୍ଟକ୍ ବଜାରରେ ମାନ୍ଦାବସ୍ଥା ଦେଖାଯିବା ସଙ୍ଗେ ସଙ୍ଗେ ଅନେକ ନିବେଶକ ଆତଙ୍କ ବଟନ୍ ଦବାଇଦେଇଥାନ୍ତି । ସେମାନେ ନିଜ ଭାବାବେଗର ବଶବର୍ତ୍ତୀ ହୋଇଯାଆନ୍ତି ଓ ପ୍ରାୟତଃ ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ କଥା ମାନିନିଅନ୍ତି। ଆପଣ ବୁଝିବା ଆବଶ୍ୟକ ଯେ ବଜାରର ଅସ୍ଥିରତା ପର୍ଯ୍ୟାୟରେ ସେଥିରେ ପ୍ରବେଶ କରିବା କିମ୍ବା ସେଥିରୁ ବାହାରିବା ବିପର୍ଯ୍ୟୟର କାରଣ ଅଟେ । ଆପଣଙ୍କୁ ପ୍ରଥମେ ନିଜର ପ୍ରକୃତ ଲକ୍ଷ୍ୟ ଭିତ୍ତିରେ ଏକ ସୁବିବେଚିତ ଆର୍ଥିକ ଯୋଜନା ପ୍ରସ୍ତୁତ କରିବାକୁ ହେବ ଏବଂ ଯାହା ହୋଇଯାଉ ନା କାହିଁକି ସେଥିରେ ଅଟଳ ରହିବାକୁ ହେବ। ଏଥିରୁ ବିଚ୍ୟୁତି କେବଳ ଜଣେ ଅଭିଜ୍ଞ ଆର୍ଥିକ ଯୋଜନାକାରୀଙ୍କ ସହାୟତାରେ ଉପଯୁକ୍ତ ସମୀକ୍ଷା ଦ୍ୱାରା ସଞ୍ଚାଳନ କରାଯାଇପାରିବ।

### ଗୁରୁ କୁହନ୍ତି

**ଶୈଳବାଳା ରାଉତରାୟ**
ଆର୍ଥିକ ପରାମର୍ଶଦାତା

**ମୋ ନିବେଶ ରିସ୍କକୁ ବ୍ୟାପ୍ତ କରିବାରେ ମ୍ୟୁଚୁଆଲ୍ ଫଣ୍ଡ କିପରି ସହାୟତା କରିପାରିବ ?**

କୌଣସି ବି ନିବେଶ ବଜାର-ସମ୍ପର୍କିତ ରିସ୍କରୁ ପ୍ରତିରକ୍ଷିତ ନୁହେଁ ଏବଂ କୌଣସି ନା କୌଣସି ସମୟରେ ଏହା କିଛି ପରିମାଣରେ ନିମ୍ନଗାମୀ ହେବାର ସମ୍ଭାବନା ରହିଥାଏ । ନିବେଶ କ୍ଷେତ୍ରରେ, ରିସ୍କକୁ ପ୍ରଶମିତ କରିବା ଏବଂ ଆପଣଙ୍କ ପୋର୍ଟଫୋଲିଓକୁ ଭଲ ପ୍ରଦର୍ଶନ କରିବାରେ ସକ୍ଷମ କରିବା ପାଇଁ ବିବିଧକରଣ ହେଉଛି ଏକ ଆଦର୍ଶ ପଦ୍ଧତି । ବିବିଧକରଣ ହାସଲ ପାଇଁ ଅଧିକାଂଶ ନିବେଶକ ବିଭିନ୍ନ ବର୍ଗରେ ଆସେଟ୍ ଆବଣ୍ଟନ ଉପରେ ବିଶ୍ୱାସ କରିଥାନ୍ତି। ଏହା ଅନ୍ୟତମ ଦୃଷ୍ଟିକୋଣ ହୋଇଥିବା ବେଳେ, ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ଆପଣଙ୍କ ପୋର୍ଟଫୋଲିଓକୁ ଏକ ଆଦର୍ଶ ପଦ୍ଧତିରେ ବିବିଧକୃତ କରିପାରିବ। ବିବିଧକରଣକୁ ଆପଣଙ୍କ ମୋଟାମୋଟି ରିସ୍କକୁ ହ୍ରାସ କରିବାର ଏକ ପଦ୍ଧତି ଭାବେ ବିବେଚନା କରାଯାଉଥିବା ବେଳେ, ଏହା ଆପଣ ଅଣଦେଖା କରିଥିବା ଅନ୍ୟାନ୍ୟ ବହୁବିଧ ସୁଯୋଗଗୁଡ଼ିକୁ ମଧ୍ୟ ଯୋଗାଇପାରିବ।

### SIP ଆପଣଙ୍କ ଆର୍ଥିକ ଯୁଦ୍ଧରେ ଲଢେଇ ପାଇଁ ଆପଣଙ୍କ ଅସ୍ତ୍ର ହୋଇପାରିବ!

**ନିଜକୁ ସଶସ୍ତ୍ର କରିବା ପାଇଁ ଏବେ ବିଳମ୍ବ ହୋଇନାହିଁ; ଆଜି ହିଁ ଏସ୍‌ଆଇପି ଆରମ୍ଭ କରନ୍ତୁ!**

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**
୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ପାଇଁ ଆପଣଙ୍କୁ ଆବଶ୍ୟକ ଅର୍ଥରାଶି ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକୁ ନେଇ ମନରେ କିଛି ପ୍ରଶ୍ନ ରହିଛି କି? ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ଓ ତାହାକୁ ଆମ ନିକଟକୁ ପଠାନ୍ତୁ।

ଆପଣଙ୍କ ସହରରେ ଆୟୋଜିତ ହେଉଥିବା କୌଣସି କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜୀକୃତ ହେବା ଲାଗି ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

## ସ୍ୱତନ୍ତ୍ର କୁମାର ବୁଝାନ୍ତି: ନିୟନ୍ତ୍ରଣର ଭ୍ରାନ୍ତି

ନିବେଶକମାନଙ୍କ ମଧ୍ୟରେ ଏକ ସାଧାରଣ ପ୍ରବୃତ୍ତି ଥାଏ ଯାହା ହେଉଛି ତଥ୍ୟ କିମ୍ବା ସୂଚନା ସଂଗ୍ରହ କରିବା, ଯାହା ନିବେଶ କରିବା ସମୟରେ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅତ୍ୟଧିକ ଆତ୍ମବିଶ୍ୱାସ ଯୋଗାଇଥାଏ। ଏହା ନିୟନ୍ତ୍ରଣର ଭ୍ରାନ୍ତି ସୃଷ୍ଟି କରିଥାଏ। ଏହାର ଅର୍ଥ ସେମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କ ନିବେଶର ପରିଣତି ଉପରେ ସେମାନଙ୍କର ନିୟନ୍ତ୍ରଣ ରହିଛି କିନ୍ତୁ ପ୍ରକୃତରେ ତାହା ନ ଥାଏ ।

**ସ୍ଥିତି ଏହିପରି ଭାବେ ବିପରୀତଗାମୀ ହୋଇଥାଏ:**

- ନିଜ ନିବେଶ ସଂକ୍ରାନ୍ତରେ ଆପଣ ସଂଗ୍ରହ କରିଥିବା ତଥ୍ୟଗୁଡ଼ିକୁ ନିର୍ଭୁଲ୍ ହୋଇ ନ ପାରେ।
- ନିଜ ବିଶ୍ଳେଷଣ ଦ୍ୱାରା ଆପଣ ଯେଉଁ ରିସ୍କଗୁଡ଼ିକୁ ଏଡ଼ାଇଯାଇଛନ୍ତି ବୋଲି ଭାବୁଛନ୍ତି ତେଣୁ ଆପଣ ତାହା ପ୍ରତି ସଜାଗ ରହି ନ ପାରନ୍ତି।
- ତଥ୍ୟ ନିର୍ଭୁଲ୍ ହୋଇଥିଲେ ମଧ୍ୟ, ଏହା କେବଳ ଆପଣଙ୍କ ପାଇଁ ଏକ୍ସକ୍ଲୁସିଭ୍ ହୋଇ ନ ପାରେ ଏବଂ ଏହା ପ୍ରାଇସ୍‌ଡ ଇନ୍ ହୋଇପାରେ। ଏହି କାରଣରୁ ଆପଣ ଯେତେ ଭାବିଥିଲେ ସେହି ମୂଲ୍ୟ ହରାଇପାରନ୍ତି।

**ନିୟନ୍ତ୍ରଣ ପକ୍ଷପାତିତାକୁ କିପରି ଏଡ଼ାଇବେ:**

- ପର୍ଯ୍ୟାପ୍ତ ପୋର୍ଟଫୋଲିଓ ବିବିଧକରଣ ମାଧ୍ୟମରେ ନିଜର ରିସ୍କଗୁଡ଼ିକୁ ଅବରୋଧ କରନ୍ତୁ ।
- ବଜାର ବିଷୟରେ ଅଳ୍ପ କିମ୍ବା ଆଦୌ କୌଣସି ଜ୍ଞାନ ନ ଥାଇ ବଜାରର ଭବିଷ୍ୟତକୁ ଅନୁମାନ କରି ନିବେଶ କରନ୍ତୁ ନାହିଁ।
- ଯଦି ତଥ୍ୟ କିମ୍ବା ସୂଚନା ଭିତ୍ତିରେ ଆପଣଙ୍କ ନିକଟରେ କୌଣସି ନିବେଶ ଥେସିସ୍ ରହିଥାଏ ତେବେ, ତାହାକୁ ଭିତ୍ତି କରି କୌଣସି ନିବେଶ କରିବା ପୂର୍ବରୁ ନିଜ ଆର୍ଥିକ ପରାମର୍ଶଦାତାଙ୍କ ସହ ପରାମର୍ଶ କରିନିଅନ୍ତୁ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ଏହାପରେ କ'ଣ ?

ଆପଣଙ୍କ ଆର୍ଥିକ ଲକ୍ଷ୍ୟଗୁଡ଼ିକୁ ପୂରଣ କରିବା ଲାଗି ଏକ ରଣନୀତି ପ୍ରସ୍ତୁତ କରିବା ପାଇଁ ମ୍ୟୁଚୁଆଲ୍ ଫଣ୍ଡକୁ କିପରି ବ୍ୟବହାର କରାଯିବ ଶିଖନ୍ତୁ।

## ଏକ ଯୁଦ୍ଧ ରଣନୀତି ପ୍ରସ୍ତୁତି ପାଇଁ ମ୍ୟୁଚୁଆଲ୍ ଫଣ୍ଡ

**ଭିନ୍ନ ଲକ୍ଷ୍ୟ ପାଇଁ ଭିନ୍ନ ଅସ୍ତ୍ର:**

ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ରହିଛି, କିନ୍ତୁ ଯୁଦ୍ଧ କ୍ଷେତ୍ରରେ ପ୍ରତ୍ୟେକ ଅସ୍ତ୍ରର ଏକ ସ୍ୱତନ୍ତ୍ର ଉପଯୋଗ ରହିଥାଏ, ମ୍ୟୁଚୁଆଲ୍ ଫଣ୍ଡ (ଏମ୍‌ଏଫ୍)ଗୁଡ଼ିକ ପାଇଁ ମଧ୍ୟ ଏହା ସତ୍ୟ ଅଟେ।

- ଇକ୍ୱିଟି-ଅଭିମୁଖୀ ଫଣ୍ଡଗୁଡ଼ିକ ଦୀର୍ଘମିଆଦୀ ଆର୍ଥିକ ଲକ୍ଷ୍ୟ ଯେପରି ନିଜର ଅବସରକାଳୀନ ଜୀବନ ପାଇଁ ପାଣ୍ଠି ଗଠନ କରିବା ପାଇଁ ଉପଯୁକ୍ତ।
- ସ୍ୱଳ୍ପମିଆଦୀ ଲକ୍ଷ୍ୟଗୁଡ଼ିକ, ଯେପରି ଏକରୁ ପାଞ୍ଚ ବର୍ଷ ମଧ୍ୟରେ ନିଜ ପିଲାଙ୍କ ଘରୋଇ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା, ପାଇଁ ଡେବ୍‌ଟ-ଅଭିମୁଖୀ ସ୍କିମ୍ ଏବଂ ବାଲାନ୍ସଡ୍ ସ୍କିମ୍ ରହିଛି।

**ରଣନୀତିଗତ ଧୈର୍ଯ୍ୟ ଉପାଦେୟ ହୋଇପାରେ**

ବେଳେବେଳେ ସାହସୀରୁ ସାହସୀ କମାଣ୍ଡରମାନେ ଶତ୍ରୁ ଛାଉଣୀରେ "ଶୀଘ୍ର ଆକ୍ରମଣ ନ କରିବା"କୁ ନେଇ ସମାଲୋଚନାର ଶରବ୍ୟ ହୋଇଥାନ୍ତି। କିନ୍ତୁ ପରେ ଜଣାପଡ଼େ ଯେ ନିଷ୍କ୍ରିୟତା ବା କିଛି ନ କରିବା ହିଁ ଶତ୍ରୁକୁ ପରାଜିତ କରିବାର ଶ୍ରେଷ୍ଠ ରଣନୀତି ଥିଲା !

- ଲକ୍ଷ୍ୟ ଯଦି ମୁଦ୍ରାସ୍ଫୀତିକୁ ପରାଜିତ କରିବା ଏବଂ ଯଥାସମ୍ଭବ ଶ୍ରେଷ୍ଠ ରିଟର୍ନ ଅର୍ଜନ କରିବା ହୋଇଥାଏ, ତେବେ ବଜାରର ପ୍ରତ୍ୟେକ ଅସ୍ଥିରତା ପର୍ଯ୍ୟାୟରେ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ନେବା ସହାୟକ ହୋଇ ନ ଥାଏ।
- ଏହା ପରିବର୍ତ୍ତେ, ଅସ୍ଥିରତା ସତ୍ତ୍ୱେ ନିଜ ଟାର୍ଗେଟ୍ (ବା ଆର୍ଥିକ ଲକ୍ଷ୍ୟ) ଉପରେ ଅଟଳ ଦୃଷ୍ଟି ରଖି ନିବେଶକୁ ବଜାୟ ରଖନ୍ତୁ।
- ଯେବେ ଆପଣ ମ୍ୟୁଚୁଆଲ୍ ଫଣ୍ଡର ସିଷ୍ଟେମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ ଏହି "ନିଷ୍କ୍ରିୟତା" ଅବଧିରେ ମଧ୍ୟ ନିବେଶକୁ ବଜାୟ ରଖିବେ, ଆପଣ କମ୍ପାଉଣ୍ଡିଂର ଶକ୍ତିରୁ ଲାଭାନ୍ୱିତ ହେବେ ।
- ସରଳ ଭାଷାରେ କହିଲେ, ଆପଣଙ୍କ ନିବେଶରୁ ପ୍ରାପ୍ତ ରିଟର୍ନଗୁଡ଼ିକୁ ଆପଣଙ୍କ ପ୍ରଧାନ ରାଶିରେ ପୁନଃନିବେଶ କରାଯାଏ, ଯାହାଦ୍ୱାରା ବର୍ଷ ବିତିବା ସହିତ ଆପଣଙ୍କ ରିଟର୍ନ ମଧ୍ୟ ବୃଦ୍ଧି ପାଏ। ଏହା ଆପଣଙ୍କୁ ସହଜରେ ନିଜର ଲକ୍ଷ୍ୟକୁ ହାସଲ କରିବାରେ ସାହାଯ୍ୟ କରିଥାଏ।

**ଶୃଙ୍ଖଳାର ମହତ୍ତ୍ୱ**

ମିଲିଟାରୀ ଶୃଙ୍ଖଳା ସାଧାରଣ ଜନତାଙ୍କ ମଧ୍ୟରେ ମଧ୍ୟ ସୁପ୍ରସିଦ୍ଧ। କିନ୍ତୁ ଜଣେ ପ୍ରତିରକ୍ଷା କର୍ମଚାରୀ ଭାବେ, ଆପଣ ତାହାର ମହତ୍ତ୍ୱକୁ ବୁଝିଥାନ୍ତି ଏବଂ ଯୁଦ୍ଧ ସମୟରେ ଏହା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଜାଣନ୍ତି ।

- ଏସ୍‌ଆଇପି ମାର୍ଗ ମାଧ୍ୟମରେ ଶୃଙ୍ଖଳିତ ନିବେଶ ଆପଣଙ୍କୁ ଛୋଟ କିନ୍ତୁ ନିୟମିତ ନିବେଶ ମାଧ୍ୟମରେ ନିଜର ନିବେଶ ଲକ୍ଷ୍ୟଗୁଡ଼ିକୁ ହାସଲ କରିବାରେ ସାହାଯ୍ୟ କରିବ।
- ଉପାୟ ହେଉଛି ନିଜ ଚତୁଃପାର୍ଶ୍ୱର କୋଳାହଳ (ଅର୍ଥାତ୍ ଅସ୍ଥିରତା)କୁ ଅଣଶୁଣା କରିବା ଏବଂ ନିଜ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଶୃଙ୍ଖଳା ସହିତ ନିରନ୍ତର ଭାବେ ନିବେଶ ଜାରି ରଖିବା।
- ଏସ୍‌ଆଇପି ମାଧ୍ୟମରେ ନିଜ ନିବେଶର ପରିଚାଳନା କରିବା ସୁବିଧାଜନକ ଓ ଏହା ଆପଣଙ୍କ ପକେଟ୍‌କୁ ମଧ୍ୟ ସୁହାଇଥାଏ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: info@beswatantra.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ ।
■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

**ପରବର୍ତ୍ତୀ ସଂସ୍କରଣରେ:** ପ୍ରତିରକ୍ଷା କର୍ମଚାରୀମାନେ ସେମାନଙ୍କର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ଭଲଭାବେ ସଚେତନ। ଜଣେ ମ୍ୟୁଚୁଆଲ୍ ଫଣ୍ଡ ନିବେଶକ ଭାବେ ଆପଣଙ୍କୁ ମଧ୍ୟ ନିଜର ଅଧିକାର ଓ ଦାୟିତ୍ୱକୁ ଜାଣିବାକୁ ହେବ। ଆସନ୍ତା ସଂସ୍କରଣରେ ଆମେ ଏହା ଉପରେ ଆଲୋକପାତ କରିବୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

f LIVE ଅଧିକ ଜାଣିବା ପାଇଁ, ୬ ଡିସେମ୍ବର, ୨୦୧୮ ଦିନ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ କରନ୍ତୁ ଏବଂ ଆମର ଶୋ' 'ନିବେଶକ: ନିଜର ଅଧିକାର ଓ ଦାୟିତ୍ୱକୁ ଜାଣନ୍ତୁ' ଦେଖନ୍ତୁ।

MUTUALFUNDS Sahi Hai

uti UTI Mutual Fund
Haq, ek behtar zindagi ka.

ଆଗାମୀ କାଲିର ଚମ୍ପିୟନ୍‌ମାନେ ମନୋନୟନ ପାଇଁ ପ୍ରତୀକ୍ଷା କରିଛନ୍ତି
ୟୁଟିଆଇ ନିଫ୍ଟି ନେକ୍ସଟ 50 ଇଣ୍ଡେକ୍ସ ଫଣ୍ଡରେ ନିବେଶ କରନ୍ତୁ.



ୟୁଟିଆଇ ନିଫ୍ଟି ନେକ୍ସଟ 50 ଇଣ୍ଡେକ୍ସ ଫଣ୍ଡ

ସମୟ ସହିତ ଉତ୍ତମ ଆହୁରି ଉତ୍ତମ ହୋଇ ପାରିବ! ବିଜେତା ସମୂହରେ ନିବେଶ କରିବା ନିମନ୍ତେ ଏଠାରେ ଆପଣଙ୍କ ପାଇଁ ରହିଛି ସୁଯୋଗ ଯାହା ଏହାକୁ ଭବିଷ୍ୟତରେ ବୃହତ୍ତର କରିପାରେ। ଆମେ ଆପଣଙ୍କ ପାଇଁ ଆଣିଛୁ ୟୁଟିଆଇ ନିଫ୍ଟି ନେକ୍ସଟ 50 ଇଣ୍ଡେକ୍ସ ଫଣ୍ଡ, ନିବେଶରେ ଏକ ଚିନ୍ତାଶୂନ୍ୟ ରୂପ।

ଆପଣଙ୍କ ବିତ୍ତୀୟ ପରାମର୍ଶଦାତାଙ୍କ ସହିତ ସମ୍ପର୍କ କରନ୍ତୁ ବା 8655019940 ରେ ମିସ୍‌ଡ କଲ୍ ଦିଅନ୍ତୁ ।


SMS "UTINNI" to 5676756
www.utimf.com

Scan this QR Code to know more about UTI Nifty Next 50 Index Fund

ୟୁଟିଆଇ ନିଫ୍ଟି ନେକ୍ସଟ 50 ଇଣ୍ଡେକ୍ସ ଫଣ୍ଡ ଏକ ଓପନ୍ ଏଣ୍ଡେଡ୍ ସ୍କିମ୍ ଅଟେ ଯାହା ନିଫ୍ଟି ନେକ୍ସଟ 50 ଇଣ୍ଡେକ୍ସର ପ୍ରତିଲିପି/ଟ୍ରାକିଂ କରୁଛି।

**ୟୁଟିଆଇ ନିଫ୍ଟି ନେକ୍ସଟ 50 ଇଣ୍ଡେକ୍ସ ଫଣ୍ଡ**
ଏହି ଉତ୍ପାଦ ଏପରି ନିବେଶକଙ୍କ ପାଇଁ ଉପଯୁକ୍ତ ଅଟେ ଯିଏ ନିମ୍ନଲିଖିତ ଚାହିଁଥାନ୍ତି:*
- ସୂଚକାଙ୍କ ଲାଭ ସହିତ ତାଳମେଳ କରି ପୁଞ୍ଜି ଲାଭ
- ନିଫ୍ଟି ନେକ୍ସଟ 50 ଇଣ୍ଡେକ୍ସ ସହିତ ସମ୍ବନ୍ଧିତ ଇକ୍ୱିଟୀ ଇନ୍‌ଷ୍ଟ୍ରୁମେଣ୍ଟସରେ ନିଷ୍କ୍ରିୟ ନିବେଶ

*ନିବେଶକଙ୍କ ପାଇଁ ଏହି ଯୋଜନା ଉପଯୁକ୍ତ ଅଟେ କି ନାହିଁ ଜାଣିବା ପାଇଁ, ନିବେଶକମାନେ ସେମାନଙ୍କ ବିତ୍ତୀୟ ପରାମର୍ଶଦାତାଙ୍କ ସହିତ ପରାମର୍ଶ କରିବା ଉଚିତ ।



ବିନିଯୋଗକାରୀମାନେ ବୁଝନ୍ତି ଯେ ସେମାନଙ୍କ ସିଦ୍ଧାନ୍ତ ମଧ୍ୟମ ଧରଣର ଉଚ୍ଚ ଆପଦରେ ରହିବ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ଯୋଜନା ସମ୍ବନ୍ଧିତ ସମସ୍ତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ।



ଭାଜପା ପ୍ରସଙ୍ଗଭିତ୍ତିକ ରାଜନୀତି କରୁନାହିଁ। ଗୈରିକ ଦଳ ଜାତି ଓ ଅନ୍ୟ ପ୍ରସଙ୍ଗଗୁଡ଼ିକର ରାଜନୀତିକରଣ କରିବା ଗଣତନ୍ତ୍ର ପାଇଁ ବିପଦ।
- ଅଶୋକ ଗେହଲଟ, କଂଗ୍ରେସ ସାଧାରଣ ସମ୍ପାଦକ।



# ଡ୍ରୋନ୍ ଉଡ଼ାଣରେ ଲଗାମ୍



**ମୁମ୍ବାଇ,୨।୧୨**

ରାସ୍ତାରେ ଗଡୁଥିବା ଯାନବାହନ ଭଳି ଆକାଶରେ ଉଡାଣ କରୁଥିବା ଡ୍ରୋନ୍‌ର ମଧ୍ୟ ରେଜିଷ୍ଟ୍ରେଶନ୍ ଜରୁରୀ। ଡ୍ରୋନ୍ ଉଡାଣ ବିଭିନ୍ନ ସମୟରେ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ଏହି ମାନବ ରହିତ କ୍ଷୁଦ୍ର ବିମାନ ଅନେକ ସ୍ଥାନରେ ଲୋକଙ୍କ ପ୍ରିଭେସି ବା ଗୋପନୀୟତା କ୍ଷୁଣ୍ଣକରି ବିବାଦର କାରଣ ମଧ୍ୟ ସାଜୁଛି। ଏଥିପାଇଁ କେନ୍ଦ୍ର ସରକାର ଡ୍ରୋନ୍ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଏହାର ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ କରାଯାଇଛି।

ସରକାରଙ୍କ ନୂଆ ନିୟମାନୁସାରେ ଦେଶରେ ଡ୍ରୋନ୍ ବ୍ୟବହାରକାରୀ (ୟୁଜର୍ସ)ଙ୍କୁ ପଞ୍ଜୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ପଡ଼ିବ। ଡ୍ରୋନ୍ ଉଡାଣ କରିବାକୁ ହେଲେ ୟୁଜର୍ସଙ୍କୁ ଏକକ ପରିଚୟ ସଂଖ୍ୟା (ୟୁଆଇଏନ୍) ହାସଲ କରିବାକୁ ପଡ଼ିବ। 'ଡିଜିଟାଲ୍ ସ୍କାଏ' ନାମକ ଏକ ପୋର୍ଟାଲରେ ଡିସେମ୍ବର ୧ରୁ ଏହି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତି ଡ୍ରୋନ୍ ପାଇଁ ୟୁଜର୍ସଙ୍କୁ ଥରେ (ୱାନ୍ ଟାଇମ୍) ପଞ୍ଜୀକରଣ କରିବାକୁ ପଡ଼ିବ। ଏଥିଲାଗି ଉଦ୍ଦିଷ୍ଟ ଆବେଦନ ଫର୍ମରେ ଡ୍ରୋନ୍‌ର ପାଇଲଟ୍ ଏବଂ ମାଲିକଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ପଡ଼ିବ। ଅନ୍ୟାନ୍ୟ ଏରିଏଲ୍ ଅପରେଟର୍ସ ପରମିଟ୍ (ୟୁଏଓପି) ଏବଂ ୟୁଆଇଏନ୍ ପାଇଁ ନିର୍ଦ୍ଧାରିତ ଦେୟ 'ଭାରତ କୋଷ' ପୋର୍ଟାଲ ଜରିଆରେ ପଇଠ କରିହେବ। ଯେଉଁ ୟୁଜର୍ସମାନେ ୟୁଆଇଏନ୍ ହାସଲ କରିଥିବେ ସେମାନେ ଆସନ୍ତା ଜାନୁୟାରୀ ୧ରୁ ରିମୋଟ୍‌ଲି ପାଇଲଟେଡ୍ ଏୟାରକ୍ରାଫ୍ଟ ସିଷ୍ଟମ୍ (ଆର୍‌ପିଏଏସ୍) ଚଳାଚଳ କରିପାରିବେ। ତେବେ ନାନୋ (୨୫୦ ଗ୍ରାମ୍‌ରୁ କମ୍ ଓଜନର) ଡ୍ରୋନ୍‌ଗୁଡ଼ିକ ଡିସେମ୍ବର ୧ରୁ ଆଇନତଃ ଉଡାଣ କରିପାରିବେ। ଏଭଳି ଡ୍ରୋନ୍‌ଗୁଡ଼ିକର ଉଡାଣ ପାଇଁ ଅପରେଟର୍ସ ସ୍ଥାନୀୟ ପୋଲିସକୁ ଅବଗତ କରାଇବେ। ଉଡାଣ ଦ୍ୱାରା କୌଣସି ବ୍ୟକ୍ତିଙ୍କ ପ୍ରିଭେସି କ୍ଷୁଣ୍ଣ ହେବ ନାହିଁ ବୋଲି ସେ ଲିଖିତ ଭାବେ ଜଣାଇବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଡ୍ରୋନ୍ ଉଡାଣ ପାଇଁ ଆକାଶମାର୍ଗରେ ସୀମାକୁ ବିଭିନ୍ନ ବର୍ଗରେ ନିର୍ଦ୍ଧାରିତ କରାଯାଇଛି, ଯଥା- ଗ୍ରୀନ୍ ଜୋନ୍, ୟେଲୋ ଜୋନ୍ ଓ ରେଡ୍ ଜୋନ୍। ଗ୍ରୀନ୍ ଜୋନ୍‌ରେ ଉଡାଣ ପାଇଁ ସମୟ ଓ ସ୍ଥାନ ସମ୍ପର୍କରେ ପୋର୍ଟାଲ କିମ୍ବା ଆପ୍ ଜରିଆରେ ମନ୍ତ୍ରଣାଳୟକୁ ଅବଗତ କରିବାକୁ ପଡ଼ିବ। ୟେଲୋ ଜୋନ୍‌ରେ ଉଡାଣ ପାଇଁ ଅନୁମତି ମାଗିବାକୁ ପଡ଼ିବ ଏବଂ ରେଡ୍ ଜୋନ୍‌ରେ ଉଡାଣ ଲାଗି କାହାକୁ ଅନୁମତି ଦିଆଯିବ ନାହିଁ। କେଉଁ ଡ୍ରୋନ୍‌କୁ କେଉଁ ସ୍ଥାନରୁ ଉଡାଣ ଅନୁମତି ପ୍ରଦାନ କରାଯିବ ତାହା ପୋର୍ଟାଲରେ ସୂଚିତ କରାଯିବ।

**କେନ୍ଦ୍ରର କଟକଣା**
- ନିରାପତ୍ତା ଓ ଗୋପନୀୟତା ପାଇଁ ଡ୍ରୋନ୍ ରେଜିଷ୍ଟ୍ରେଶନ୍ ବାଧ୍ୟତାମୂଳକ
- 'ଡିଜିଟାଲ୍ ସ୍କାଏ' ପୋର୍ଟାଲରେ ୧ରୁ ଚାଲିଛି ଅନ୍‌ଲାଇନ୍ ପଞ୍ଜୀକରଣ
- ନାନୋ ଡ୍ରୋନ୍ ଅପରେଟର୍ସ ଉଡ଼ାଣ ପୂର୍ବରୁ ପୋଲିସକୁ ଜଣାଇବେ

## ସଂକ୍ଷେପରେ

### ଦୁର୍ନୀତି ମାମଲା ନେତନ୍ୟାହୁ ଅଭିଯୁକ୍ତ



**ଜେରୁଜେଲମ,୨।୧୨(ପି.ଟି.):** ଇସ୍ରାଏଲ ପୋଲିସ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଦୁର୍ନୀତି ମାମଲାରେ ଆନୁଷ୍ଠାନିକ ଭାବେ ଅଭିଯୁକ୍ତ କରିବା ଲାଗି ସୁପାରିସ କରିଛି। ତାଙ୍କ ବିରୋଧରେ ତିନୋଟି ଦୁର୍ନୀତି ମାମଲାର ତଦନ୍ତ ଚାଲିଛି। ଟେଲିକମ୍ ମାମଲାରେ ସେ ଲାଞ୍ଚ ନେବା ଏବଂ ଜାଲିଆତିର ପ୍ରମାଣ ମିଳିଥିବା ପୋଲିସ କହିଛି। ତାଙ୍କ ସ୍ତ୍ରୀ ସାରାଙ୍କ ବିରୋଧରେ ମଧ୍ୟ ଦୁର୍ନୀତି ଅଭିଯୋଗର ପ୍ରମାଣ ମିଳିଛି। ୱାଲା ନ୍ୟୁଜ ନେତନ୍ୟାହୁଙ୍କ ସପକ୍ଷରେ ଖବର ଛାପିଥିବାରୁ ଏହାର ମୂଳ ସଂସ୍ଥା ବେଜେକ୍ ଟେଲିକମ୍ କମ୍ପାନୀଙ୍କ ଲାଗି ନିୟମାବଳୀରେ କୋହଳ କରାଯାଇଥିଲା। ଫଳରେ ବହୁ କୋଟି ଡଲାର ରାଜସ୍ୱ କ୍ଷତି ହୋଇଥିଲା। ତେବେ ତାଙ୍କୁ ଅଭିଯୁକ୍ତ କରାଯିବା ନେଇ ଆର୍ଟର୍ନି ଜେନେରାଲ ନିଷ୍ପତ୍ତି ନେବେ।

### ନୂଆବର୍ଷରେ ଟ୍ରମ୍ପ-କିମ୍ ସାକ୍ଷାତ

**ୱାଶିଂଟନ,୨।୧୨(ପି.ଟି.) :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆବର୍ଷରେ ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍‌ଙ୍କୁ ଭେଟିବେ। ୨୦୧୯ ଜାନୁୟାରୀ କିମ୍ବା ଫେବୃୟାରୀରେ ଉଭୟଙ୍କ ମଧ୍ୟରେ ସାକ୍ଷାତ ହୋଇପାରେ ବୋଲି ଟ୍ରମ୍ପ କହିଛନ୍ତି। ଆର୍ଜେଣ୍ଟିନାର ବୁଏନ୍ସ ଏୟାର୍ସଠାରେ ଜି-୨୦ ସମ୍ମିଳନୀରେ ଯୋଗଦେଇ ୱାଶିଂଟନ ଫେରିବା ବେଳେ ସେ ଗଣମାଧ୍ୟମକୁ ଏହା ଜଣାଇଛନ୍ତି।

### ଆଜିଠାରୁ ଭାରତ-ଆମେରିକା ବାୟୁସେନାର ସମରାଭ୍ୟାସ

**ନୂଆଦିଲ୍ଲୀ,୨।୧୨(ପି.ଟି.):** ଭାରତ ଏବଂ ଆମେରିକା ବାୟୁସେନାର ୧୨ ଦିନିଆ ସମରାଭ୍ୟାସ ସୋମବାରଠାରୁ ଆରମ୍ଭ ହେଉଛି। ପଶ୍ଚିମବଙ୍ଗର କଲାଇକୁଣ୍ଡା ଏବଂ ପାନାଗଡ଼ ଏୟାରବେସ୍‌ରେ ହେବାକୁ ଥିବା ଏହି ସମରାଭ୍ୟାସ ଦୁଇଦେଶର ଯୁଦ୍ଧ ସାମର୍ଥ ଓ ସହଯୋଗ ବୃଦ୍ଧି କରିବ।

# ବାଣିଜ୍ୟ ଯୁଦ୍ଧରେ ଅସ୍ତ୍ରବିରତି

**ସମାଧାନ ଲାଗି ଟ୍ରମ୍ପ, ଜିନ୍‌ପିଙ୍ଗ ରାଜି**



**ବୁଏନ୍ସ ଏୟାର୍ସ,୨।୧୨(ପି.ଟି.)**

ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ଆମେରିକା ଓ ଚାଇନା ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ବାଣିଜ୍ୟ ଯୁଦ୍ଧରେ ଅସ୍ତ୍ରବିରତି ହୋଇଛି। ଦୁଇ ଦେଶ ବିବାଦର ସମାଧାନ ଦିଗରେ ପଦକ୍ଷେପ ନେବା ଲାଗି ରାଜି ହୋଇଛନ୍ତି। ଜି-୨୦ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ଚାଇନା ପ୍ରତିପକ୍ଷ ଜି ଜିନ୍‌ପିଙ୍ଗ ପରସ୍ପର ସହ ସାକ୍ଷାତ ଅବସରରେ ୯୦ ଦିନ ପାଇଁ ନୂଆ ଟାରିଫ କାର୍ଯ୍ୟକାରୀ ନ କରିବାକୁ ସହମତି ପ୍ରକାଶ କରିଛନ୍ତି।

ବାଣିଜ୍ୟ ନିଅଣ୍ଟ କମାଇବା ଲାଗି ଉଭୟ ଦେଶ ବର୍ତ୍ତମାନ ପାଇଁ ପରସ୍ପରର ସାମଗ୍ରୀ ଉପରେ ନୂଆ ଟାରିଫ ଲାଗୁ କରିବେ ନାହିଁ। ଆସନ୍ତା ଜାନୁୟାରୀ ୧ରୁ ଆମେରିକା ଲାଗୁ କରିବାକୁ ଥିବା ନୂଆ ଟାରିଫକୁ ସ୍ଥଗିତ ରଖିଛି। ଏଥିସହିତ ଆଗାମୀ ଦିନରେ ଆଲୋଚନା ଜାରି ରଖିବାକୁ ଉଭୟ ନେତା ରାଜି ହୋଇଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ବେଶ୍ ସଫଳ ହୋଇଥିବା ହ୍ୱାଇଟ ହାଉସ୍ ପକ୍ଷରୁ କୁହାଯାଇଛି। ଏହି ରାଜିନାମା ଦୁଇ ଦେଶ ମଧ୍ୟରେ ରହିଥିବା ବାଣିଜ୍ୟିକ ବିବାଦ ହ୍ରାସ କରିବା ସହ ସହଯୋଗ ଲାଗି ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି।

ତେବେ ଏହା କେବଳ ଆଂଶିକ ଅସ୍ତ୍ରବିରତି। ୨୦୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ଆମେରିକା ୨୫ ପ୍ରତିଶତ ଟାରିଫ ଲାଗୁ ନ କରି ପୂର୍ବଭଳି ୧୦ ପ୍ରତିଶତ ଲାଗୁ କରିବ। ଯଦି ଚାଇନା ୯୦ ଦିନ ମଧ୍ୟରେ ଆମେରିକାର ଦାବି ପୂରଣ ନ କରେ ତେବେ ଟାରିଫକୁ ପୁଣି ୨୫ ପ୍ରତିଶତକୁ ବଢ଼ାଇ ଦିଆଯିବ ବୋଲି ହ୍ୱାଇଟ ହାଉସ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଆମେରିକାର ଦାବି ମଧ୍ୟରେ ରହିଛି ବାଣିଜ୍ୟ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର କରିବା, ବୌଦ୍ଧିକ ସମ୍ପତ୍ତି ଚୋରି ରୋକିବା ଏବଂ ସୁସ୍ଥ ବାଣିଜ୍ୟିକ ପରିବେଶ ସୃଷ୍ଟି ଲାଗି ଅନ୍ୟ ପଦକ୍ଷେପ ନେବା। ଆମେରିକା ଓ ଚାଇନା ପରସ୍ପରର ଆମଦାନି ସାମଗ୍ରୀ ଉପରେ ଟାରିଫ ବଢ଼ାଇବା ଫଳରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଚାଇନା ଦୀର୍ଘଦିନ ଧରି ଅନ୍ତର୍ଜାତୀୟ ବ୍ୟବସ୍ଥାର ଉଲ୍ଲଂଘନ କରିବା ସହ ବାଣିଜ୍ୟ କ୍ଷେତ୍ରରେ ଅସାଧୁ ଉପାୟ ଅବଲମ୍ବନ କରୁଥିବାରୁ କ୍ଷମତାକୁ ଆସିଲେ ଏହାକୁ ବନ୍ଦ କରିବେ ବୋଲି ଟ୍ରମ୍ପ ନିର୍ବାଚନ ପ୍ରଚାର ବେଳେ ପ୍ରତିଶ୍ରୁତି ଦେଇଥିଲେ। ଚାଇନା ବୌଦ୍ଧିକ ସମ୍ପତ୍ତି ଅଧିକାରର ଉଲ୍ଲଂଘନ କରୁଥିବାରୁ ଆମେରିକା ବିଶ୍ୱ ବାଣିଜ୍ୟ ସଂଗଠନର ପରାମର୍ଶ ଲୋଡିଥିଲା। ଅସାଧୁ କାରବାର ରୋକିବା ଲାଗି ଆମେରିକା ପ୍ରଶାସନ ଟ୍ରେଡ ଆକ୍ଟ ୧୯୭୪ର ଧାରା ୩୦୧ ଅନୁଯାୟୀ ରାଷ୍ଟ୍ରପତିଙ୍କୁ କାର୍ଯ୍ୟାନୁଷ୍ଠାନ ନେବା ଲାଗି କ୍ଷମତା ପ୍ରଦାନ କରିଥିଲା।

## ■ ଆତଙ୍କବାଦ ନିରୋଧୀ ଅଭିଯାନ
# ପାକ୍‌କୁ ସହଯୋଗ ପାଇଁ ପ୍ରସ୍ତୁତ

**ଜୟପୁର,୨।୧୨(ପି.ଟି.)**



ଦେଶରେ ଆତଙ୍କବାଦୀଙ୍କ ଗତିବିଧି ନିୟନ୍ତ୍ରଣାଧୀନ ରହିଛି। ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ସମ୍ଭବ ହୋଇ ନ ଥିଲେ ମଧ୍ୟ ଏନଡିଏର ସାଢ଼େ ୪ ବର୍ଷ ଶାସନ କାଳରେ କୌଣସି ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ହୋଇନାହିଁ। ଆତଙ୍କବାଦୀ କାର୍ଯ୍ୟକଳାପ କେବଳ କଶ୍ମୀରରେ ସୀମିତ ରହିଛି। ଏହାସତ୍ତ୍ୱେ ସେଠାରେ ପଞ୍ଚାୟତ ନିର୍ବାଚନ ସଫଳତାର ସହ ଅନୁଷ୍ଠିତ ହୋଇଛି। ଆତଙ୍କବାଦୀ ସଙ୍ଗଠନ ଯେ ପଡ଼ୋଶୀ ପାକିସ୍ତାନ ପ୍ରାୟୋଜିତ ଏଥିରେ ଦ୍ୱିମତ ନାହିଁ। ପାକିସ୍ତାନରେ ଏକାଧିକ ଆତଙ୍କବାଦୀ ଶିବିର ରହିଛି। ଏଣୁ ସେଠାକାର ସରକାର ଅନ୍ତର୍ଜାତୀୟ ଚାପର ବଶବର୍ତ୍ତୀ ହୋଇ ଏବେ ଆତଙ୍କବାଦ ଦମନ ଅଭିଯାନ ଚଳାଇଛି। ଏହି ଲଢ଼େଇରେ ଯଦି ପାକିସ୍ତାନ ଚାହେଁ, ଭାରତ ସହଯୋଗ ଯୋଗାଇଦେବ ବୋଲି ଜୟପୁରଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

# ଭାରତ-ସ୍ପେନ୍ ବନ୍ଦୀ ପ୍ରତ୍ୟର୍ପଣ ଚୁକ୍ତି

**ନୂଆଦିଲ୍ଲୀ,୨।୧୨(ପି.ଟି.):** ଭାରତ ଓ ସ୍ପେନ୍ ପରସ୍ପରର ବନ୍ଦୀଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ତେବେ ସ୍ପେନ ଯେଉଁ ଦଣ୍ଡିତ ବନ୍ଦୀଙ୍କୁ ଭାରତକୁ ହସ୍ତାନ୍ତର କରିବ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯିବ ନାହିଁ ବୋଲି ନୂଆଦିଲ୍ଲୀ ପ୍ରତିଶ୍ରୁତି ଦେଇଛି। ବନ୍ଦୀ ଫେରିପାଇବା ପରେ ସେମାନଙ୍କୁ ଦିଆଯାଇଥିବା କୋର୍ଟ ରାୟକୁ ଉଭୟ ଦେଶ ସମୀକ୍ଷା କରିପାରିବେ।

## ଫୁର୍‌ସତ

## ଆୟୁଷ୍ମାନ ଭାରତ ଯୋଜନାରେ
# ପ୍ରଥମ ହାର୍ଟ ସର୍ଜରୀ

**ଆଗ୍ରା:** ଆୟୁଷ୍ମାନ ଭାରତ ଯୋଜନାରେ ପ୍ରଥମକରି ଉତ୍ତରପ୍ରଦେଶରେ ଶନିବାର ଜଣେ ବ୍ୟକ୍ତିଙ୍କଠାରେ ଓପନ୍ ହାର୍ଟ ସର୍ଜରୀ କରାଯାଇଛି। ଆଗ୍ରା ଜିଲାର ଚିଫ୍ ମେଡିକାଲ ଅଫିସର(ସିଏମ୍‌ଓ) ମୁକେଶ ଭଟଙ୍କ ନେତୃତ୍ୱରେ ଏହା କରାଯାଇଥିଲା। ମଣିପୁର ରାଜ୍ୟର ଦେବେନ୍ଦ୍ର (୫୦) ଏହି ଯୋଜନାର ପ୍ରଥମ ହିତାଧିକାରୀ। ପୁଷ୍ପାଞ୍ଜଳି ହସ୍ପିଟାଲ୍‌ରେ ତାଙ୍କ ହୃତ୍‌ପିଣ୍ଡରେ ଅସ୍ତ୍ରୋପଚାର କରାଯାଇଥିଲା। ଅତୁଲ ଗୁପ୍ତା ଏବଂ ଦିନେଶ ଜୈନଙ୍କ ସମେତ କେତେକ ଡାକ୍ତରଙ୍କୁ ନେଇ ଗଠିତ ଟିମ୍ ଉକ୍ତ ଅସ୍ତ୍ରୋପଚାର କରିଥିଲା। ଦେବେନ୍ଦ୍ର ନିମ୍ନ ଆୟକାରୀ ବର୍ଗର ବ୍ୟକ୍ତି ହୋଇଥିବାରୁ ସେ ପୂର୍ବରୁ ଏଥିପାଇଁ ଚିକିତ୍ସା କରାଇ ପାରି ନ ଥିଲେ। କିନ୍ତୁ ଆୟୁଷ୍ମାନ୍ ଭାରତ ଯୋଜନା ତାଙ୍କ ପାଇଁ ଆଶୀର୍ବାଦ ସଦୃଶ ହୋଇଛି। ଏହା ଦ୍ୱାରା ଦେବେନ୍ଦ୍ର ଆଗାମୀ ଦିନରେ ସୁସ୍ଥ ଜୀବନଯାପନ କରିପାରିବେ ବୋଲି କହି ଈଶ୍ୱରଙ୍କୁ କୃତଜ୍ଞତା ଜଣାଇଛନ୍ତି।




# ସ୍ପେସ୍ ଷ୍ଟେଶନ୍ ଯିବେ ୩ ମହାକାଶଚାରୀ




**ୱାଶିଂଟନ୍:** ୩ ମହାକାଶଚାରୀ ସୋମବାର ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍ଏସ୍)କୁ ଯାତ୍ରା କରିବେ। ସେମାନଙ୍କ ମଧ୍ୟରୁ ୨ଜଣ ପ୍ରଥମକରି ମହାକାଶଯାତ୍ରା କରୁଛନ୍ତି। ସେମାନେ ସ୍ପେସ୍ ଷ୍ଟେଶନ୍‌ରେ ସାଢ଼େ ୬ମାସ ରହିବେ।

ଦୁଇମାସ ତଳେ ରୁଷୀୟ ମହାକାଶଚାରୀ ଆଲେକ୍ସ ଓଭଚିନିନ୍ ଏବଂ ଆମେରିକୀୟ ମହାକାଶଚାରୀ ନିକ୍ ହଗ୍‌ଙ୍କୁ ନେଇ ଯାଉଥିବା ସୋୟୁଜ୍ ସ୍ପେସ୍‌କ୍ରାଫ୍ଟ ବୁଷ୍ଟର ଅଚଳ ହୋଇପଡିବା ଯୋଗୁ ଜରୁରୀ ଅବତରଣ କରିଥିଲା। ଏକ ମାନବବାହୀ ମହାକାଶଯାନର ବିଫଳତା ରୁଷୀୟ ମହାକାଶ ଗବେଷଣା ଇତିହାସରେ ପ୍ରଥମ ଘଟଣା। ସୋମବାର ଯାତ୍ରା କରୁଥିବା ୩ ମହାକାଶଚାରୀ ହେଉଛନ୍ତି ନାସାର ଆନ୍ନେ ମ୍ୟାକ୍‌କ୍ଲେନ୍, କାନାଡା ସ୍ପେସ୍ ଏଜେନ୍ସିର ସେଣ୍ଟ-ଜାକ୍ୱିସଙ୍ ଏବଂ ରୁଷୀୟ ମହାକାଶ ଗବେଷଣା କେନ୍ଦ୍ର ରସ୍‌କସ୍‌ମସ୍‌ର ଓଲେଗ କୋନୋନେଙ୍କୋ। କାଜାଖସ୍ତାନର ବୈକୋନୁର ସ୍ପେସ୍‌ପୋର୍ଟରୁ ଅପରାହ୍ନ ୫ଟା ୩୦ରେ ସୋୟୁଜ ଏମ୍ଏସ୍-୧୧ ସ୍ପେସ୍‌କ୍ରାଫ୍ଟ ମହାକାଶକୁ ଯାତ୍ରା କରିବ। ଦୀର୍ଘ ୬ଘଣ୍ଟା ଯାତ୍ରା ପରେ ପୃଥିବୀକୁ ୪ଥର ପରିକ୍ରମା କରି ମହାକାଶଚାରୀମାନେ ସୋୟୁଜକୁ ଷ୍ଟେଶନ୍‌ରେ ଅବତରଣ କରାଇବେ। ଜୁନ୍‌ରେ ଆଇଏସ୍ଏସ୍‌ରେ ଅବସ୍ଥାନ କରୁଥିବା ୟୁରୋପୀୟ ସ୍ପେସ୍ ଏଜେନ୍ସିର ଏକ୍ସପେଡିଶନ୍ ୫୭ କମାଣ୍ଡର ଆଲେକଜାଣ୍ଡର ଗର୍ଷ୍ଟ, ନାସା ଫ୍ଲାଇଟ୍ ଇଞ୍ଜିନିୟର ସେରେନା ଔନନ୍-ଚାନ୍‌ସେଲର ଏବଂ ରସକସମସ୍ ଫ୍ଲାଇଟ୍ ଇଞ୍ଜିନିୟର ସେର୍ଗେଇ ପ୍ରୋକୋପିଭ୍ ସେମାନଙ୍କୁ ସ୍ୱାଗତ କରିବେ। ଉଭୟ ମ୍ୟାକ୍‌କ୍ଲେନ୍ ଏବଂ ସେଣ୍ଟ-ଜାକ୍ୱିସଙ୍କ ପାଇଁ ଏହା ପ୍ରଥମ ମହାକାଶ ଯାତ୍ରା ହୋଇଥିବା ବେଳେ କୋନେନେଙ୍କୋଙ୍କର ଏହା ଚତୁର୍ଥ ଯାତ୍ରା।

## ଇତିହାସର ଆଇନାରେ
### ଡିସେମ୍ବର ୩ର ପ୍ରମୁଖ ଘଟଣା

୧୯୭୧ ଡିସେମ୍ବର ୩ରେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହୋଇଥିଲା। ପୂର୍ବ ପାକିସ୍ତାନ ସ୍ୱାଧୀନତା ସଂଗ୍ରାମ ବେଳେ ପାକ୍ ସେନା ଭାରତର ୧୧ଟି ଏୟାରଷ୍ଟେସନ ଉପରେ ଆକ୍ରମଣ କରିବାରୁ ଯୁଦ୍ଧର ସୂତ୍ରପାତ ହୋଇଥିଲା। ପାକିସ୍ତାନ ପରାଜିତ ହୋଇଥିଲା ଏବଂ ପୂର୍ବ ପାକିସ୍ତାନର ମିଲିଟାରୀ କମାଣ୍ଡ ଆତ୍ମସମର୍ପଣ କରିଥିଲେ।

୧୯୮୪ ଡିସେମ୍ବର ୩ ତାରିଖରେ ଭୋପାଳ ଗ୍ୟାସ ଟ୍ରାଜେଡିରେ ୩୭୮୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ବିଶ୍ୱର ସବୁଠୁ ଭୟାବହ ଶିଳ୍ପ ବିପର୍ଯ୍ୟୟ ଥିଲା। ମଧ୍ୟପ୍ରଦେଶର ଭୋପାଳଠାରେ ଥିବା ୟୁନିଅନ କାର୍ବାଇଡ ଇଣ୍ଡିଆ ଲିମିଟେଡର ପ୍ଲାଣ୍ଟରୁ ବିଷାକ୍ତ ଗ୍ୟାସ ଲିକ୍ ହେବା ଯୋଗୁ ୫,୫୮,୧୨୫ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସବୁଦିନ ପାଇଁ ଅକର୍ମଣ୍ୟ ହୋଇଯାଇଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୧୫.୪ |
| ଚାନ୍ଦବାଲି | ୨୭.୮ | ୧୭.୪ |
| କଟକ | ୨୭.୨ | ୧୫.୬ |
| ପାରାଦ୍ୱୀପ | ୨୯.୦ | ୧୮.୪ |
| ଭୁବନେଶ୍ୱର | ୩୦.୫ | ୧୬.୩ |
| ଗୋପାଳପୁର | ୩୦.୪ | ୧୭.୭ |
| ପୁରୀ | ୨୯.୦ | ୧୮.୨ |
| ଅନୁଗୋଳ | ୨୮.୩ | ୧୩.୦ |
| ବାରିପଦା | --- | ୧୫.୬ |
| ଝାରସୁଗୁଡ଼ା | ୨୮.୪ | ୧୩.୮ |
| କେନ୍ଦୁଝର | ୨୬.୮ | ୧୩.୭ |
| ସମ୍ବଲପୁର | ୨୯.୦ | ୧୪.୭ |
| ସୁନ୍ଦରଗଡ଼ | ୩୦.୦ | ୧୩.୦ |
| ହୀରାକୁଦ | ୨୮.୬ | ୧୬.୧ |
| ତାଳଚେର | ୩୦.୫ | ୧୫.୮ |
| ଭବାନୀପାଟଣା | ୨୯.୦ | ୧୩.୦ |
| ବଲାଙ୍ଗୀର | ୨୮.୫ | ୧୪.୫ |
| କୋରାପୁଟ | ୨୭.୦ | ୧୧.୬ |
| ଫୁଲବାଣୀ | --- | ୭.୫ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୧.୦ | --- |
| ସୋନପୁର | ୨୯.୪ | ୧୫.୨ |
| ଦାରିଙ୍ଗିବାଡ଼ି | ୨୩.୦ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ମୁମ୍ବାଇ ଫେରିବେ ସୋନାଲି



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ଖୁବ୍ ଶୀଘ୍ର ମୁମ୍ବାଇ ଫେରୁଥିବା ସୂଚନା ମିଳିଛି। ସେ ମେଟାଷ୍ଟାଟିକ୍ କ୍ୟାନ୍‌ସରରେ ପୀଡିତ ଥାଇ ନ୍ୟୁୟର୍କରେ କିଛି ମାସ ହେଲା ଚିକିତ୍ସିତ ହେଉଥିଲେ। ମୁମ୍ବାଇ ଆସି କିଛି ଦିନ ଖୁସିରେ କଟାଇବେ ବୋଲି ଇଚ୍ଛା କରିଛନ୍ତି ସୋନାଲି। ଏ ବିଷୟ ସେ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ଏକ ବାର୍ତ୍ତା ସହିତ ଗୋଟିଏ ଫଟୋ ପୋଷ୍ଟ ହୋଇଛି। ଯେଉଁଥିରେ ସୋନାଲି ମୁମ୍ବାଇ ଫେରିବାକୁ ଖୁବ୍ ଆଗ୍ରହୀ ଥିବା ଦେଖାଯାଉଛି। ସୋନାଲିଙ୍କ କହିବାନୁଯାୟୀ, ମୁମ୍ବାଇ ଫେରିବାକୁ ତାଙ୍କ ହୃଦୟ ବ୍ୟାକୁଳ ହେଉଛି। ମୁମ୍ବାଇରେ ପହଞ୍ଚିବାର ମୁହୂର୍ତ୍ତକୁ ସେ ଭାଷାରେ ବର୍ଣ୍ଣନା କରିପାରିବେ ନାହିଁ। ସେଠାରେ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବଙ୍କୁ ଦେଖିବାର ସୁଯୋଗ ପାଇବେ। କ୍ୟାନ୍‌ସର ସହ ଯୁଝିବାର ସମୟ ସରିନାହିଁ। କିନ୍ତୁ କିଛିଦିନ ମୁମ୍ବାଇରେ କାଟିଲେ ଖୁବ୍ ସନ୍ତୁଷ୍ଟ ହୋଇପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି। ଅଭିନେତ୍ରୀ ସୋନାଲି ଫିଲ୍ମ ପ୍ରଯୋଜକ ଗୋଲ୍‌ଡି ବେହଲଙ୍କୁ ବିବାହ କରିଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ସେ ଗୁରୁତର କ୍ୟାନ୍‌ସରରେ ପୀଡିତ ହୋଇଥିବା ଲକ୍ଷଣ ପ୍ରକାଶ ପାଇଥିଲା। ଏଭଳି ଦୁର୍ଦ୍ଦିନରେ ତାଙ୍କର ଘନିଷ୍ଠ ବନ୍ଧୁ ଏବଂ ପରିବାର ତାଙ୍କୁ ସାନ୍ତ୍ୱନା ଓ ସମର୍ଥନ ଦେଇଥିବା ସେ ପ୍ରକାଶ କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ରାଜସ୍ଥାନ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବଳଦ ଗାଡ଼ିରେ ନିର୍ବାଚନ ପ୍ରଚାର ଫସର ଫାଟିଛି। ଉଚ୍ଚଶିକ୍ଷା ମନ୍ତ୍ରୀ କିରଣ ମାହେଶ୍ୱରୀ ସ୍ଥାନୀୟ ଭୋଟରଙ୍କୁ ହାତେଇବା ପାଇଁ ରାଜସଂସଦଠାରେ ପ୍ରଚାର କରୁଥିଲେ। ତେବେ ଗହଳି ଦେଖି ବଳଦ ହୁରୁଡ଼ିବା ଆରମ୍ଭ କରିଥିଲେ। ଫଳରେ ବଳଦଗାଡ଼ି ନିୟନ୍ତ୍ରଣ ହରାଇଥିଲା। ନିର୍ବାଚନ ପ୍ରଚାର ରାଲିରେ ଖେଳିଯାଇଥିଲା ଆତଙ୍କ।

## ସଂକ୍ଷେପରେ

### ଆରମ୍ଭ ହେଲା ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ

■ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ମାଲକାନଗିରି,୨।୧୨ (ଡି.ଏନ.ଏ.): ଏକ ସପ୍ତାହ ଧରି ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ (ପିପୁଲ୍ସ ଲିବରେଶନ ଗେରିଲା ଆର୍ମି) ରବିବାରଠାରୁ ଆରମ୍ଭ ହୋଇଛି। ଏଥିଯୋଗୁ ମାଲକାନଗିରି ଜିଲାରେ ସମସ୍ତ ସରକାରୀ ବସ୍ ଚଳାଚଳ ବନ୍ଦ ରହିଛି। ଏନେଇ ଦୂରଦୂରାନ୍ତକୁ ଯାତାୟାତ କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ଜିଲାରେ ବେସରକାରୀ ବସ୍ ଚଳାଚଳ ସ୍ୱାଭାବିକ ରହିଛି। ସୁରକ୍ଷା ବ୍ୟବସ୍ଥାକୁ ମଧ କଡାକଡି କରାଯାଇଛି। ସରକାରୀ ବସ୍ ଚଳାଚଳ ବନ୍ଦ ସମ୍ପର୍କରେ ପରିବହନ ବିଭାଗର ଜନୈକ ଅଧିକାରୀ କହିଛନ୍ତି ଯେ, ଏହି ସପ୍ତାହରେ ସରକାରୀ ବସ୍ ଚଳାଚଳ ବନ୍ଦ କରିବା ପାଇଁ ଭୁବନେଶ୍ୱର କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଛି। ପିଏଲ୍‌ଜିଏ ସପ୍ତାହ ପାଳନର ପ୍ରଥମ ଦିବସରେ ମାଓବାଦୀଙ୍କ ପକ୍ଷରୁ ଜିଲାର କୌଣସିଠାରେ କିଛି ଅଘଟଣ ଘଟି ନ ଥିବା ଜଣାପଡ଼ିଛି। ମାଲକାନଗିରି ପୋଲିସ ଏବଂ ବିଏସ୍‌ଏଫ୍ ପକ୍ଷରୁ ଜିଲା ସଦର ମହକୁମାଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉଛି। ଗାଡିମୋଟର ଯାଞ୍ଚ କରାଯାଇ ସୀମାନ୍ତ ଛତିଶଗଡ ଏବଂ ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି ବୋଲି ଏସ୍‌ପି ଜଗମୋହନ ମୀନା କହିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଡିସେମ୍ବର ୨ରୁ ୮ ପର୍ଯ୍ୟନ୍ତ ମାଓବାଦୀମାନେ ପିଏଲ୍‌ଜିଏ ସପ୍ତାହ ପାଳନ କରୁଛନ୍ତି। ବିଭିନ୍ନ ଗ୍ରାମରେ ସଭା ସମିତି କରି ଯୁବ ଗୋଷ୍ଠୀଙ୍କୁ ମାଓବାଦୀ ସଙ୍ଗଠନରେ ସାମିଲ ପାଇଁ ଆହ୍ୱାନ ଦେଉଛନ୍ତି।

### କଟକରେ ପୁଣି ଏନ୍‌କାଉଣ୍ଟର

■ ହତ୍ୟା ଅଭିଯୁକ୍ତଙ୍କୁ ପୋଲିସ ଗୁଳି

■ ବୋମାମାଡରେ ପୋଲିସ କର୍ମଚାରୀ ଆହତ

**କଟକ ଅଫିସ,୨।୧୨:** କିଛିମାସ ବ୍ୟବଧାନ ପରେ କଟକରେ ପୁଣି ଏନ୍‌କାଉଣ୍ଟର ହୋଇଛି। ରବିବାର ରାତି ପ୍ରାୟ ୮ଟା ୫୦ରେ ଜଗତ୍‌ପୁର ଥାନା ପୋଲିସ ଗୁଳିରେ ଜଣେ ହତ୍ୟା ଅଭିଯୁକ୍ତ ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଚାହାପଡା ଅଞ୍ଚଳର ଗୁରୁଚରଣ ପାତ୍ର ଓରଫ୍ ଗୁରିଆ। ତାଙ୍କ ବାମଗୋଡ଼ ଜଙ୍ଘରେ ଗୁଳି ବାଜିଥିବା ବେଳେ ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଗୁରିଆଙ୍କ ବୋମାମାଡ଼ରେ ଓଏସିଏଫ୍ କର୍ମଚାରୀ ଈଶ୍ୱର ମାଝି ଆହତ ହୋଇଛନ୍ତି। ତାଙ୍କୁ ମଧ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଏହି ଏନକାଉଣ୍ଟରକୁ ମିଶାଇଲେ କଟକ ପୋଲିସ ଚଳିତବର୍ଷ ରବିବାର ସୁଦ୍ଧା ୧୦ଜଣଙ୍କୁ ଏନ୍‌କାଉଣ୍ଟର କରିଛି।

■ କର୍କଟ ବିରୋଧୀ ସଚେତନତା ଶୋଭାଯାତ୍ରା ଆରମ୍ଭ

# ପ୍ରଥମରୁ ଚିକିତ୍ସା କଲେ ସୁସ୍ଥ ହେବା ସମ୍ଭବ: ମନୀଷା

ବ୍ରହ୍ମପୁର ଅଫିସ,୨।୧୨

ବର୍ତ୍ତମାନ ସମୟରେ ମେଡିକାଲ ସାଇନ୍ସ ବହୁତ ଉନ୍ନତ ହୋଇସାରିଛି। ମାରାତ୍ମକ ରୋଗ କର୍କଟ (କ୍ୟାନସର)କୁ ପ୍ରଥମରୁ ଚିକିତ୍ସା କରାଗଲେ ରୋଗୀ ସମ୍ପୂର୍ଣ୍ଣ ନଚେତ ୯୦ ପ୍ରତିଶତ ସୁସ୍ଥ ହୋଇପାରିବ ବୋଲି ବଲିଉଡ ଅଭିନେତ୍ରୀ ମନୀଷା କୋଇରାଲା କହିଛନ୍ତି। ମନିଷା ରବିବାର ଗୋପାଳପୁର ଆର୍ମି ଏୟାର ଡିଫେନ୍ସ କଲେଜ ପରିସରରୁ ବାହାରି ଥିବା କ୍ୟାନସର ସଚେତନତା ସାଇକେଲ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନୂଆଦିଲ୍ଲୀର ଗ୍ରାମୀଣ ସ୍ନେହା ଫାଉଣ୍ଡେଶନ ନାମକ ଏକ ସଂସ୍ଥା ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି। ସାଇକେଲ ଯାତ୍ରା ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଓ ମହାରାଷ୍ଟ୍ର ଆଦି ୫ ରାଜ୍ୟର ୧୪ ଜିଲାକୁ ଯାଇ ଲୋକଙ୍କୁ କ୍ୟାନସର ସମ୍ପର୍କରେ ସଚେତନ କରାଇବ। ମୋଟ ୨୪ ଦିନରେ ୧୪୮୧ କିମି ପରିଭ୍ରମଣ କରିବା ପରେ ଡିସେମ୍ବର ୨୫ ତାରିଖରେ ପୁଣେ ଠାରେ ଯାତ୍ରା ସରିବ। ପ୍ରଥମ ଦିନ ବ୍ରହ୍ମପୁର ଷ୍ଟାଡିୟମ ଛାତ୍ରାବାସର ଛାତ୍ରଙ୍କ ସମେତ ବହୁ ସାଇକେଲ ଆରୋହୀ ଏଥିରେ ସାମିଲ ହୋଇଥିଲେ। ପରେ ସାଇକେଲ ଯାତ୍ରା ଅତିକ୍ରମ କରୁଥିବା ଅଞ୍ଚଳର ଲୋକେ ଏଥିରେ ସାମିଲ ହେବେ ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ଏମ୍ସ ଜାତୀୟ କ୍ୟାନସର ଅନୁଷ୍ଠାନର ମୁଖ୍ୟ ପ୍ରଫେସର ଜି.କେ ରଥ ଅତିଥି ଭାବେ ଯୋଗଦେଇ କହିଥିଲେ, ମହିଳାଙ୍କ କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ପ୍ରକାର କ୍ୟାନସର ରୋକିବା ପାଇଁ ୯ ରୁ ୨୬ ବର୍ଷର ବାଳିକା ତଥା ଯୁବତୀଙ୍କୁ ପ୍ରତିଶେଧକ ଟିକା ଦେବା ବ୍ୟବସ୍ଥା ରହିଛି। ଏହା ବିଶେଷ ଫଳପ୍ରଦ ବୋଲି ସେ କହିଥିଲେ। ଆର୍ମି ଏଡି କଲେଜର ବ୍ରିଗେଡିୟର ଆର. ଶ୍ରୀବାସ୍ତବ, ମେଜର ଜେନେରାଲ ପିଏସ ଭାଟିଆ, ଆଚାର୍ଯ୍ୟ ହରିହର କ୍ୟାନସର ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ଡ. ଏଲ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେସନର କର୍ମକର୍ତ୍ତାଙ୍କ ସମେତ ଆର୍ମି ଏୟାର ଡିଫେନ୍ସର ବହୁ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ବଲିଉଡ ଅଭିନେତ୍ରୀ ମନୀଷା କୋଇରାଲା ଓ ଅନ୍ୟ ଅତିଥିମାନେ ସାଇକେଲ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

■ ୫ ରାଜ୍ୟର ୧୪ ଜିଲାରେ କରାଯିବ ସଚେତନ

■ ୨୫ରେ ପୁଣେରେ ସରିବ ସାଇକେଲ ଯାତ୍ରା

■ ବେତନଟୀ ରେଞ୍ଜରେ ହାତୀ ପଲ ତାଣ୍ଡବ

# ଫସଲ ନଷ୍ଟ କଲେ, ୮ ଘର ଭାଙ୍ଗିଲେ

ମୋରଡ଼ା,୨।୧୨

■ ରାସ୍ତାକୁ ଓହ୍ଲାଇଲେ ଉତ୍ତ୍ୟକ୍ତ ଲୋକେ

■ ୫ ଘଣ୍ଟା ଯାନବାହନ ଚଳାଚଳ ଠପ୍

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ତଥା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଝାଡ଼ଖଣ୍ଡ ହାତୀ ପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଏହି ପଲରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ହାତୀ ଅଛନ୍ତି। ସେମାନେ ବ୍ୟାପକ ଫସଲ ନଷ୍ଟ କରିବା ସହ ୮ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ଏଥିରେ ଉତ୍ତ୍ୟକ୍ତ ଲୋକେ ତୁରନ୍ତ ହାତୀ ପଲ ଘଉଡ଼ାଇବା ସହ କ୍ଷତିପୂରଣ ଦାବିରେ ରବିବାର ସକାଳେ ବଡ଼ାମ୍ବପୁରଠାରେ ମାଣିଦା - ବୈଶିଙ୍ଗା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ବନ ବିଭାଗ ଅଧିକାରୀ ଓ ପୋଲିସ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ଦୀର୍ଘ ୫ ଘଣ୍ଟା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ପଶ୍ଚିମବଙ୍ଗ ସୀମା ଦେଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଝାଡଖଣ୍ଡ ହାତୀ ମୟୂରଭଞ୍ଜ ଜିଲାରେ ମାସେ ପୂର୍ବେ ପ୍ରବେଶ କରିଥିଲେ। ସେମାନେ ଜିଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିବା ପରେ କିଛିଦିନ ପୂର୍ବେ ବାଲେଶ୍ୱର ଜିଲା ନୀଳଗିରି ମୁହାଁ ହୋଇଥିଲେ। ହେଲେ ସେଠାରୁ ୨ ଦିନ ହେବ ପଳାଇ ଆସି ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ପଶି ତାଣ୍ଡବ ରଚୁଛନ୍ତି। ଶନିବାର ରାତିରେ ଏହି ହାତୀପଲ ରାସଗୋବିନ୍ଦପୁର ବ୍ଲକ ବଡାମପୁରର, କୁଚବଣିଆ, ବଧି, କରତପଟା, ଭାଇଗାସାହି ଗାଁରେ ପଶି ପାଚିଲା ଧାନ ନଷ୍ଟ କରିବା ସହ ୮ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ଉତ୍ତ୍ୟକ୍ତ ଲୋକେ ରବିବାର ସକାଳ ୬ ଟାରୁ ବଡ଼ାମ୍ବପୁରଠାରେ ମାଣିଦା - ବୈଶିଙ୍ଗା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ସଙ୍ଗେ ସଙ୍ଗେ ରାସଗୋବିନ୍ଦପୁର ଥାନା ଆଇଆଇସି ରେଣୁବାଳା ସାହୁ ସଦଳବଳ ଓ ବେତନଟୀ ରେଞ୍ଜର ଘନଶ୍ୟାମ ସିଂ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ବନ ବିଭାଗ ତରଫରୁ ଶୀଘ୍ର କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବା ଏବଂ ହାତୀ ପଲ ଘଉଡାଇବାର ସବୁପ୍ରକାର ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା।

■ ବାରଙ୍ଗ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ପ୍ରେମ-ମନାନ୍ତର-ବ୍ଲାକମେଲ୍‌ରୁ ହତ୍ୟା

କଟକ ଅଫିସ,୨।୧୨

**ଅଭିଯୁକ୍ତ ଗିରଫ, ମାରିବା ପାଇଁ ବିହାରରୁ ବନ୍ଧୁକ ଆଣିଥିଲେ**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ହଷ୍ଟେଲ ସୁପରଭାଇଜର ସୁନୀଲ ରଞ୍ଜନ ସାହୁଙ୍କୁ ଗତ ୨୫ ତାରିଖରେ ବାରଙ୍ଗରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାର ପର୍ଦ୍ଦାଫାଶ ହୋଇଛି। ପ୍ରେମରୁ ମନାନ୍ତର, ପରେ ବ୍ଲାକମେଲ୍ ଯୋଗୁ ହତ୍ୟାକାଣ୍ଡ ଘଟିଥିଲା ବୋଲି ରବିବାର ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କଟକ ଡିସିପି ଅଫିସ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅଭିଯୁକ୍ତ ଲାଲବାଗ୍ ଥାନା ଅନ୍ତର୍ଗତ ଆଲମଚାନ୍ଦ ବଜାରର ନିରଞ୍ଜନ ବେହେରା(୨୫)ଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ନିରଞ୍ଜନଙ୍କଠାରୁ ପୋଲିସ ଏକ ୯ ଏମ୍‌ଏମ୍ ପିସ୍ତଲ, ଦୁଇଟି ଫାଙ୍କା ମାଗାଜିନ୍, ଗୋଟିଏ ମୋବାଇଲ ଫୋନ ଜବତ କରିଛି।

କମିଶନର ମହାନ୍ତିଙ୍କ ସୂଚନା ଅନୁଯାୟୀ, ସୁନୀଲ ପୂର୍ବରୁ ଢେଙ୍କାନାଳ ଜିଲାର ଏକ ଘରୋଇ କଲେଜରେ ପ୍ରଶାସନିକ ଅଧିକାରୀ ଥିଲେ। ସେହି ସମୟରେ ଉକ୍ତ କଲେଜରେ ଅଧ୍ୟାପିକା ଥିବା ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ଓ ଶାରୀରିକ ସମ୍ପର୍କ ଗଢ଼ି ଉଠିଥିଲା। ପରେ ସୁନୀଲ ଚାକିରି ଛାଡି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିଥିଲେ। ଦୁହେଁ ଯୋଗାଯୋଗରେ ଥିଲେ ମଧ ପୂର୍ବପରି ସମ୍ପର୍କ ନ ଥିଲା। ଇତିମଧ୍ୟରେ ଯୁବତୀଙ୍କ ବିବାହ ଅନ୍ୟତ୍ର ଠିକ୍ ହୋଇଥିଲା, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ସୁନୀଲ୍ ଯୁବତୀଙ୍କୁ ମାନସିକ ନିର୍ଯାତନା ଦେବା ସହ ବ୍ଲାକମେଲ କରୁଥିଲେ। ଏ ସମ୍ପର୍କରେ ଯୁବତୀ ତାଙ୍କର ସ୍କୁଲ ସମୟର ବନ୍ଧୁ ନିରଞ୍ଜନଙ୍କୁ ଜଣାଇଥିଲେ। ଫଳରେ ନିରଞ୍ଜନ ସୁନୀଲଙ୍କୁ ଜୀବନରୁ ମାରି ଦେବାକୁ ନିଷ୍ପତ୍ତି ନେଇଥିଲେ। ଯୋଜନା ଅନୁଯାୟୀ ନିରଞ୍ଜନ ବିହାରର ମୁଙ୍ଗେର ଯାଇ ପିସ୍ତଲ, ଦୁଇଟି ମାଗାଜିନ୍ ଏବଂ ତିନୋଟି ଗୁଳି ଆଣିଥିଲେ। ପରେ ଏକ ମାସ ଧରି ସୁନୀଲଙ୍କୁ ପିଛା କରିଥିଲେ। ସୁନୀଲ୍ ସକାଳୁ ସନ୍ଧ୍ୟା ଯାଏ କେଉଁଆଡେ ଯାଉଛନ୍ତି, କ'ଣ କରୁଛନ୍ତି ସେନେଇ ଖବର ରଖୁଥିଲେ। ଗତ ୨୫ ତାରିଖରେ ସେ ସୁନୀଲଙ୍କୁ ହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇ ଏକ ସ୍କୁଟି(ଓଡି ୦୫ ଏଡି ୭୫୭୦)ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପାଖରେ ପହଞ୍ଚିଥିଲେ। ସୁନୀଲ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବିଶ୍ୱବିଦ୍ୟାଳୟରୁ ଏକ ବାଇକରେ ବାହାରିବା ପରେ ନିରଞ୍ଜନ ତାଙ୍କୁ ପିଛା କରି ବାରଙ୍ଗ ଥାନା ଅନ୍ତର୍ଗତ ହନୁମାନ ଛକ ନେତାଲ ବଜାର ନିକଟରେ ଅଟକାଇଥିଲେ। ନିରଞ୍ଜନ ତାଙ୍କ ପ୍ରେମିକାଙ୍କ ସାଙ୍ଗ ବୋଲି ସୁନୀଲ ଜାଣିଥିଲେ। ତେଣୁ ସୁନୀଲ ଗାଡ଼ି ଅଟକାଇ କଥା ହେଉଥିବା ସମୟରେ ନିରଞ୍ଜନ ତାଙ୍କ ଉପରକୁ ଅତର୍କିତ ଦୁଇଟି ଗୁଳି ଚଳାଇଥିଲେ। ପ୍ରଥମ ଗୁଳିଟି ତାଙ୍କ ଛାତି ଓ ଦ୍ୱିତୀୟଟି ମୁଣ୍ଡରେ ବାଜିଥିଲା। ଏହାପରେ ନିରଞ୍ଜନ ସ୍କୁଟିରେ ବିଦ୍ୟାଧରପୁର ଦେଇ ଢେଙ୍କାନାଳ ଅଭିମୁଖେ ପଳାଇଯାଇଥିଲେ। ବାଟରେ ଏକ ବୁଦାରେ ସେ ପିସ୍ତଲ ଓ ଅନ୍ୟ ସାମଗ୍ରୀ ଲୁଚାଇ ଦେଇଥିଲେ। ଶନିବାର ବିଳମ୍ବିତ ରାତିରେ ପୋଲିସ ନିରଞ୍ଜନଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ପଚରାଉଚରା ପରେ ନିରଞ୍ଜନ ଘଟଣା ସମ୍ପର୍କରେ ସମସ୍ତ ସୂଚନା ଦେଇଥିଲେ ବୋଲି କମିଶନର ମହାନ୍ତି କହିଛନ୍ତି।

ସୂଚନାଥାଉ କି, ହତ୍ୟାକାଣ୍ଡ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ସହକାରୀ ସୁରକ୍ଷା ଅଧିକାରୀ ସୁବେଦାର ଯାଦବଙ୍କ ଅଭିଯୋଗ କ୍ରମେ ବାରଙ୍ଗ ଥାନା ପୋଲିସ ଆଇପିସି ଦଫା ୩୦୨ ଏବଂ ଆର୍ମ୍ସ ଆକ୍ଟ ୨୫, ୨୭ ଅନୁଯାୟୀ ଏକ ମାମଲା(୧୯୪/୧୮) ରୁଜୁ କରିଥିଲା।

### ଶାସକ ଦଳ ନେତାଙ୍କ ପକେଟରେ ଚାଷୀଙ୍କ ଟଙ୍କା: ଭାଜପା

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଥିବାବେଳେ ଚାଷୀଙ୍କୁ ହଜାରରୁ ବାରଶହ ଟଙ୍କା ଯାଏଁ ମିଳୁଛି। ବାକି ଟଙ୍କା ଶାସକ ଦଳର ନେତା ଓ ମନ୍ତ୍ରୀମାନଙ୍କ ପକେଟ୍‌କୁ ଯାଉଛି ବୋଲି ଭାଜପା ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ପ୍ରଦୀପ କହିଛନ୍ତି ଯେ, ପଶ୍ଚିମ ଓଡିଶାରେ ବର୍ତ୍ତମାନ ମଣ୍ଡି ଖୋଲା ନ ଯିବାରୁ ହଜାରହଜାର କୁଇଣ୍ଟାଲ ଧାନ ଗଦା ହୋଇଛି। ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସେମାନେ ମିଲରମାନଙ୍କ ସହ କଥାବାର୍ତ୍ତା କରାଯିବ ବୋଲି କହି ହାତଟେକି ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ୪ରୁ ୫ କିଲୋ ଧାନ ନ କାଟିଲେ ମିଲରମାନେ ମଣ୍ଡିରୁ ଧାନ ଉଠାଉନାହାନ୍ତି। ଗତ ୫ରୁ ଧାନ ମଣ୍ଡି ଖୋଲା ହେବାର ଲମ୍ବା ତାଲିକା ରାଜ୍ୟ ସରକାରଙ୍କ ପାଖରେ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଅଳ୍ପ କେତୋଟି ଖୋଲାଯାଇଛି । କୁଇଣ୍ଟାଲ କୁଇଣ୍ଟାଲ ଧାନ ଗଦା ହୋଇଥିବାବେଳେ ଏଯାବତ୍ ଧାନ ମଣ୍ଡି ଖୋଲା ଯାଇନାହିଁ। ୧୦୦୦ରୁ ୧୨୦୦ଟଙ୍କାରେ ଦଲାଲ୍‌ମାନେ ଧାନ କିଣୁଛନ୍ତି । ମଣ୍ଡିରୁ ଧାନ କିଣାଯାଉ ନ ଥିବାରୁ ସରଳ ଚାଷୀ ଅଭାବୀ ବିକ୍ରି ପାଇଁ ବାଧ ହେଉଛନ୍ତି। ଚାଷୀଙ୍କଠୁ ଲୁଟ୍ କରାଯାଉଥିବା ଟଙ୍କା ସିଧାସଳଖ ମନ୍ତ୍ରୀଙ୍କ ପ୍ୟାକେଟ୍ ଯାଉଛି। ସରକାର ଚାଷୀମାନଙ୍କୁ ଶୋଷଣ କରୁଛନ୍ତି, ଆଗାମୀ ଦିନରେ ରାଜ୍ୟବାସୀ ଏହାର ସଠିକ୍ ଜବାବ୍ ଦେବେ ବୋଲି ପ୍ରଦୀପ କହିଛନ୍ତି।

# ନିକାହରେ ବାଧା ଦେଲା ବୟସ

ସମ୍ବଲପୁର,୨।୧୨(ବ୍ୟୁରୋ)

■ ସାମୂହିକ ନିକାହ ପୂର୍ବରୁ ପ୍ରଶାସନର ଚଢାଉ

■ ବିବାହଯୋଗ୍ୟ ବୟସ ହୋଇ ନ ଥିବା ପ୍ରମାଣ

■ ୫ ନାବାଳିକା, ଜଣେ ନାବାଳକଙ୍କ ନିକାହ ବନ୍ଦ କଲା ପ୍ରଶାସନ

■ ଅପରାହ୍ନ ୨ଟା ପରେ ୧୫ ଯୋଡିଙ୍କ ନିକାହ ସମ୍ପନ୍ନ

■ ସାମିଲ ହେଲେ ନାହିଁ ପ୍ରଶାସନିକ ଅଧିକାରୀ

ସମ୍ବଲପୁର ଆଲ୍ଲା ହଜରତ ୱେଲଫେୟାର କମିଟି ପକ୍ଷରୁ ରବିବାର ରାଜା ନଗରସ୍ଥିତ ସହଜାନ ନଗରରେ ସାମୂହିକ ନିକାହ ଅନୁଷ୍ଠିତ ହୋଇଛି। ହେଲେ ନିକାହ (ବିବାହ) ପୂର୍ବରୁ ଖବର ପାଇ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ସାମୂହିକ ନିକାହରେ ସାମିଲ ହୋଇଥିବା ୫ ଜଣ ନାବାଳିକା ଓ ଜଣେ ନାବାଳକଙ୍କ ନିକାହକୁ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଥିଲା । ମୋଟ ୨୧ ଯୋଡା ନିକାହ ପାଇଁ କମିଟି ପକ୍ଷରୁ ସ୍ଥିର ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିଖାରୀ ଶୁଚିସ୍ମିତା ପଟ୍ଟନାୟକ ଚଢାଉ କରି ନିକଟସ୍ଥ ଏକ ଅଫିସରେ ସମସ୍ତ ଝିଅପୁଅଙ୍କ ବୟସ ପ୍ରମାଣପତ୍ର ଯାଞ୍ଚ କରିଥିଲେ । ଏଥିରେ ୫ ନାବାଳିକା ଓ ଜଣେ ନାବାଳକ ଥିବା ପ୍ରମାଣ ମିଳିବା ପରେ ସେ ପ୍ରଶାସନକୁ ଜଣାଇଥିଲେ। ପରେ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏଡିଏମ ଅଜୟ କୁମାର ଜେନା ପହଞ୍ଚି ପୁଣି ଥରେ ଏମାନଙ୍କ ବୟସ ପ୍ରମାଣପତ୍ର ଯାଞ୍ଚ କରିଥିଲେ। ପ୍ରଶାସନିକ ଅଧିକାରୀ ସେମାନଙ୍କ ପଡା ଓ ଘରକୁ ଯାଇ ମଧ ଯାଞ୍ଚ କରିଥିଲେ। ବିବାହଯୋଗ୍ୟ ବୟସ ହୋଇ ନ ଥିବା ସବୁଆଡୁ ପ୍ରମାଣ ମିଳିଥିଲା। ଶେଷରେ କମିଟି ସଦସ୍ୟଙ୍କ ସହ ଆଲୋଚନା କରି ଉକ୍ତ ନାବାଳକ ନାବାଳିକାଙ୍କ ନିକାହ ବନ୍ଦ କରି ଦିଆଯାଇଥିଲା। ଏହି ଘଟଣା ପ୍ରଚାର ହେବା ପରେ ସହରରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏପରିକି ଅତିଥି ଭାବେ ନିମନ୍ତ୍ରିତ ଥିବା ପ୍ରଶାସନିକ ଅଧିକାରୀ ଓ କେତେଜଣ ନେତା ଯୋଗ ଦେଇ ନ ଥିଲେ ।

ଅପରାହ୍ନ ୨ଟା ପରେ କିନ୍ତୁ ବାକି ୧୫ ଯୋଡିଙ୍କ ନିକାହ ସମ୍ପନ୍ନ ହୋଇଥିଲା। ଏଥିରେ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ନବଦମ୍ପତିମାନଙ୍କୁ ଶୁଭ କାମନା ଜଣାଇଥିଲେ । ଜିଲା ସ୍କୁଲ ଛକରୁ ୧୫ଟି ଗାଡିରେ ବରଯାତ୍ରୀ ଦଳ ସହ ବର ରାଜା ନଗରସ୍ଥିତ ସହଜାନ ନଗରରେ ପହଞ୍ଚିଥିଲେ। କମିଟି ପକ୍ଷରୁ ବର ଓ ବରଯାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଗୋଟିଏ ମଣ୍ଡପରେ ୧୫ ଯୋଡିଙ୍କ ନିକାହ ସମ୍ପନ୍ନ ହୋଇଥିଲା। କମିଟି ପକ୍ଷରୁ ସମସ୍ତଙ୍କୁ ଘରଚଳଣି ସାମଗ୍ରୀ ଓ ରୋଜଗାର ପାଇଁ ସିଲେଇ ମେଶିନ ପ୍ରଦାନ କରାଯାଇ ବିଦାୟ ଦିଆ ଯାଇଥିଲା।

ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ

# ଖୁବ୍‌ଶୀଘ୍ର ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ

**ସମୀକ୍ଷା କଲେ ଉଚ୍ଚ ଶିକ୍ଷାମନ୍ତ୍ରୀ**

ପୁରୀ ଅଫିସ,୨।୧୨

ପୁରୀ ଜିଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବକୁଳବନରେ ପ୍ରତିଷ୍ଠା ହେବାକୁ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ଲାଗି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି। ଗଛ ନ କାଟି କିଭଳି ବିଶ୍ୱବିଦ୍ୟାଳୟର କୋଠା ନିର୍ମାଣ ହେବ ତାହାର ଡିଜାଇନ ପ୍ରସ୍ତୁତ କରିବାକୁ ଦିଲ୍ଲୀର ଆର୍କିଟେକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଉକ୍ତ ଜମିକୁ ସମତୁଲ କରିବା ସହ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବା ଲାଗି ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ରବିବାର ମନ୍ତ୍ରୀ ଦାସ ପୁରୀ ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟର ସମୀକ୍ଷା କରିବା ସହ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସତ୍ୟବାଦୀସ୍ଥିତ ବକୁଳବନରେ ପ୍ରତିଷ୍ଠା ହେବ ଓଡିଆ ବିଶ୍ୱବିଦ୍ୟାଳୟ। ପ୍ରାୟ ୨୯ ଏକର ପରିମିତ ଜମିରେ ହେବାକୁ ଥିବା ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି ଗତ ଅକ୍ଟୋବର ୯ ଗୋପବନ୍ଧୁ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ଏହି ଜମିକୁ ରାଜ୍ୟ ସରକାର ଗୋପୀନାଥ ଦେବ ଟ୍ରଷ୍ଟ ବୋର୍ଡଠାରୁ କ୍ରୟ କରିବା ଲାଗି ପ୍ରକ୍ରିୟା ଜାରି ରଖିଛନ୍ତି। ଜମି ବାବଦକୁ ଟ୍ରଷ୍ଟବୋର୍ଡକୁ ସରକାର ୩୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେବ। କିନ୍ତୁ ଏ ପର୍ଯ୍ୟନ୍ତ ଟ୍ରଷ୍ଟବୋର୍ଡକୁ ଜମି ବାବଦକୁ କିଛି ଟଙ୍କା ଦିଆଯାଇ ନ ଥିବାବେଳେ ଭିତିପ୍ରସ୍ତର ସ୍ଥାପନ ପରଠାରୁ ସ୍ଥିତି ଯେମିତି ଥିଲା ସେମିତି ରହିଛି। ଏସବୁ ଉପରେ ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପ ଜିଲାପାଳ ଭବତାରଣ ସାହୁ, ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ବିଡିଓ ଗୌରବମୟ ପ୍ରଧାନ, ପୂର୍ତ୍ତ ବିଭାଗର ଉପ ନିର୍ବାହୀଯନ୍ତ୍ରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ।

■ ବେଲଟିକିରିରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି

# ଜିଲାପାଳ, ଏସ୍‌ପିଙ୍କୁ ଘେରିଲେ

ଢେଙ୍କାନାଳ ଅଫିସ, ୨।୧୨

ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ ବିବାଦରେ ଛନ୍ଦି ହୋଇପଡ଼ିଛି 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'। ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି ବିରୋଧୀ। ରବିବାର ପୂର୍ବାହ୍ନ ୧୦ଟାରେ ଢେଙ୍କାନାଳ ସଦର ଥାନା ବେଲଟିକିରି ଗସ୍ତ କରିଥିଲେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ପ୍ରତିନିଧି ମଣ୍ଡଳୀ। ମୋର୍ଚ୍ଚାର ସଭାପତି ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ସମ୍ପାଦିକା ତଥା ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ପିଙ୍କି ପ୍ରଧାନ, ସମ୍ପାଦିକା ରଶ୍ମିରେଖା ଦାସ ପ୍ରମୁଖ ଏଥିରେ ସାମିଲ ଥିଲେ। ଏପରି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ସରକାରଙ୍କ ଅପାରଗତାକୁ ସମ୍ପୂର୍ଣ୍ଣ ଦାୟୀ କରିବା ସହ ପ୍ରବଳ ବର୍ଷିଥିଲେ ନେତୃବୃନ୍ଦ। ସେହିପରି ପ୍ରତିନିଧି ଦଳ ପହଞ୍ଚିବା ପୂର୍ବରୁ ଅନ୍ତେବାସୀଙ୍କୁ ସ୍ଥାନାନ୍ତର କରାଯାଇ ଅନୁଷ୍ଠାନକୁ ସିଲ୍ କରିଦିଆଯାଇଥିଲା। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ମହିଳା ମୋର୍ଚ୍ଚା ପ୍ରତିନିଧିମଣ୍ଡଳୀ, ଯାହାର ପ୍ରତିଫଳନ ଦେଖିବାକୁ ମିଳିଥିଲା ଜିଲାପାଳଙ୍କ କାର୍ଯ୍ୟାଳୟରେ।

ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟରେ ପଞ୍ଜୀକୃତ ନ ହୋଇ ଜିଲା ମୁଖ୍ୟାଳୟଠାରୁ ମାତ୍ର ୧୨ କିମି ଦୂରରେ କିପରି ଏମିତି ଅନୈତିକ କାର୍ଯ୍ୟ ଚାଲିଥିଲା। ଅନ୍ତେବାସୀଙ୍କୁ ମନଇଚ୍ଛା କାହିଁକି ସ୍ଥାନାନ୍ତର କରାଗଲା ଏବଂ ସେମାନଙ୍କ ସୁରକ୍ଷାକୁ ନେଇ ପ୍ରତିନିଧି ଦଳ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଥିଲେ। ହେଲେ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସେମାନେ ଦୀର୍ଘସମୟ ଜିଲାପାଳ ଏବଂ ଏସ୍‌ପି ସନ୍ତୋଷ କୁମାର ନାୟକଙ୍କୁ ଘେରିଥିଲେ। ଏ ସଂକ୍ରାନ୍ତରେ ଲିଖିତ ନିର୍ଦ୍ଦେଶନାମା ଦାବି କରିଥିଲେ।

ସ୍ଥାନାନ୍ତର ହୋଇଥିବା ଅନ୍ତେବାସୀଙ୍କୁ ପ୍ରତିନିଧି ଦଳ ଭେଟିବାକୁ ଚାହିଁବାରୁ ଜିଲାପାଳ ସେମାନଙ୍କୁ ଅଧଘଣ୍ଟା ବାହାରେ ଅପେକ୍ଷା କରିବାକୁ କହିଥିଲେ। ଏହାର ପ୍ରତିବାଦରେ ପ୍ରତିନିଧି ଦଳ ଜିଲାପାଳଙ୍କ ପ୍ରକୋଷ୍ଠ ବାହାରେ ୪୫ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ଚାପରେ ପଡ଼ି ଏପରି କାର୍ଯ୍ୟ କରୁଛି ବୋଲି ସେମାନେ ଅଭିଯୋଗ ଆଣିଥିଲେ। ଏହି ସମୟରେ ଜିଲାପାଳଙ୍କ ସହ କଥା କଟାକଟି ହୋଇ ଯୁକ୍ତିତର୍କ ଯାଏ ଯାଇଥିଲା। ଏସ୍‌ପି ଏଥିରେ ହସ୍ତକ୍ଷେପ କରି ପୋକ୍‌ସୋ ଆକ୍ଟକୁ ନେଇ ରହିଥିବା ସୁପ୍ରିମକୋର୍ଟ ଗାଇଡ୍‌ଲାଇନ୍ ସମ୍ପର୍କରେ ବୁଝାଇଥିଲେ। ହେଲେ ଭାଜପା କର୍ମକର୍ତ୍ତା ଏହାକୁ ଦେଖାଇବାକୁ ଜିଦ୍ ଧରି ଅଡ଼ି ବସିଥିଲେ। ଏହାକୁ ନେଇ ଏସ୍‌ପିଙ୍କ ସହିତ ମଧ ବାକ୍‌ବିତଣ୍ଡା ହୋଇଥିଲା। ପ୍ରଶାସନର ଅସହଯୋଗରେ ଅସନ୍ତୋଷ ବ୍ୟକ୍ତ କରି ପ୍ରତିନିଧିମଣ୍ଡଳୀ ଫେରିଯାଇଥିଲେ।

ଏ ନେଇ ସଭାନେତ୍ରୀ ପ୍ରଭାତୀ ପରିଡ଼ା କୁହନ୍ତି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଜ୍ଞାତସାରରେ ଏଭଳି ଅନୁଷ୍ଠାନ ଚାଲିଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରେ ୨୬ଟି ଅନୁଷ୍ଠାନରେ ଝିଅପୁଅଙ୍କୁ ଏକାଠି ରଖି ଅନୈତିକ କାର୍ଯ୍ୟ କରାଯିବା ନିନ୍ଦନୀୟ ଘଟଣା। ତୃତୀୟ ମହଲା ଚାପରେ ଅନ୍ତେବାସୀଙ୍କୁ ତରବରିଆ ଭାବେ ସ୍ଥାନାନ୍ତର କରାଯାଇଛି। ଅବ୍ୟବସ୍ଥା ପଦାକୁ ଆସିଲେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁଛି ବୋଲି ସେ କହିଛନ୍ତି। ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର କୁହନ୍ତି, ରାଜ୍ୟ ସରକାରଙ୍କ ଅପାରଗତା ପଦାରେ ପଡ଼ିଛି। ଜିଲାର ମୁଖ୍ୟ ଜିଲାପାଳ, ଆଇନଶୃଙ୍ଖଳାର ନିୟନ୍ତ୍ରଣ ଦାୟିତ୍ୱ ଏସ୍‌ପିଙ୍କର। ଜିଲାପାଳଙ୍କୁ ମଗାଯାଇଥିବା ସାମାନ୍ୟ ତଥ୍ୟ ସେ ଦେଇପାରିଲେନି। ସେମାନେ ଏ ସମ୍ପର୍କରେ କ'ଣ ତୃତୀୟ ମହଲା କିରାଣିଙ୍କୁ ପଚାରିବେ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ନିରୋଜ ନଳିନୀ ମହାଳିକ, ସାଧାରଣ ସମ୍ପାଦିକା ଅନିତା ଦାସ, ଜିଲା ଉପସଭାନେତ୍ରୀ ରତ୍ନପ୍ରଭା ପଣ୍ଡା, ନବ କିଶୋର ଗୁରୁ, ସୁଧାଂଶୁ ଦଳେଇ, ରମେଶ ଚନ୍ଦ୍ର ସାମଲ, ମାତୃ ପ୍ରସାଦ ନନ୍ଦ, ଇତିଶ୍ରୀ ସାହୁ, ଭାରତୀ ସ୍ୱାଇଁ, ଅନସୂୟା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ମହିଳା ମୋର୍ଚ୍ଚାର ପ୍ରତିନିଧି ଦଳ ଓ ଜିଲାପାଳଙ୍କ ସହ କଥା କଟାକଟି।

■ ଜିଲା କାର୍ଯ୍ୟାଳୟରେ ଧାରଣା ଦେଲେ

■ ରାଜ୍ୟ ସରକାରଙ୍କୁ ଦୋଷ ଲଦିଲେ

■ ପ୍ରଶାସନ ଅବହେଳାକୁ ଦାୟୀ କଲେ

DSPL-273

# ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡିସେମ୍ବର ୩ ଉପଲକ୍ଷେ

## ରାଜ୍ୟର ସମସ୍ତ ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।



### ଭତ୍ତା

କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା ଯୋଜନା ଓ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ୍ ଯୋଜନା ମାଧ୍ୟମରେ ୩ ଲକ୍ଷ ୧ ହଜାର ୧୧ ଜଣ ଭିନ୍ନକ୍ଷମ ଲୋକ ଉପକୃତ ହେଉଅଛନ୍ତି ।

### ବୃତ୍ତି

ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଶିକ୍ଷା ସହାୟତା ବୃତ୍ତି ଯୋଗାଇ ଦିଆଯାଉଛି ।

### ସଂରକ୍ଷଣ

ସରକାରୀ ନିଯୁକ୍ତିରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ୪ ପ୍ରତିଶତ ଓ ଶିକ୍ଷାନୁଷ୍ଠାନରେ ୫ ପ୍ରତିଶତ ସ୍ଥାନ ସଂରକ୍ଷିତ କରାଯାଇଛି ।

### ଲ୍ୟାପ୍‌ଟପ୍

+୩ ଶ୍ରେଣୀରେ ପଢୁଥିବା ଦୃଷ୍ଟିହୀନ ପିଲାମାନଙ୍କୁ ମାଗଣାରେ ଲ୍ୟାପ୍‌ଟପ୍ ସହିତ ସ୍ୱତନ୍ତ୍ର ସଫ୍ଟୱେୟାର ଯୋଗାଇ ଦିଆଯାଉଛି ।

### ସ୍ୱତନ୍ତ୍ର ବିଦ୍ୟାଳୟ

ଭିନ୍ନକ୍ଷମ ପିଲାମାନଙ୍କୁ ବିନା ଖର୍ଚ୍ଚରେ ପାଠ ପଢ଼ିବା ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାମାନଙ୍କରେ ସ୍ୱତନ୍ତ୍ର ବିଦ୍ୟାଳୟ ମାନ ସ୍ଥାପନ କରାଯାଇଅଛି ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

ଏହି ଯୋଜନା ମାଧ୍ୟମରେ ରାଜ୍ୟର ସବୁ ଜିଲ୍ଲା ମାନଙ୍କରେ ପଞ୍ଚାୟତ ସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଓ ସହାୟତା ଶିବିର ଆୟୋଜନ କରାଯାଉଛି ।

## ସାମାଜିକ ନ୍ୟାୟ ଓ ସମାନତା ସହ ଭିନ୍ନକ୍ଷମମାନଙ୍କ ବିକାଶ

### ସ୍ୱତନ୍ତ୍ର ଶିଳ୍ପ ତାଲିମ କେନ୍ଦ୍ର

ଖୋର୍ଦ୍ଧା ଜିଲ୍ଲାର ଜଟଣୀ ଠାରେ ଭିନ୍ନକ୍ଷମ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଶିଳ୍ପ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

### ଦକ୍ଷତା ବିକାଶ ତାଲିମ କେନ୍ଦ୍ର

ଆତ୍ମ ନିଯୁକ୍ତି ନିମନ୍ତେ ଭିନ୍ନକ୍ଷମମାନଙ୍କୁ ଦକ୍ଷତା ବିକାଶ ସମ୍ବନ୍ଧରେ ତାଲିମ ପ୍ରଦାନ କରଯାଉଅଛି ।

### ବିବାହ ସହାୟତା

ଜଣେ ଭିନ୍ନକ୍ଷମ ବ୍ୟକ୍ତି ଅନ୍ୟ ଜଣେ ସାଧାରଣ ବ୍ୟକ୍ତିଙ୍କୁ ବିବାହ କଲେ, ଏଭଳି ଦମ୍ପତ୍ତିଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ୫୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଅଛି ।

### ଭିନ୍ନକ୍ଷମଙ୍କ ନିମନ୍ତେ ପାଠାଗାର

ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏନ୍‌ସିଏସ୍‌ସିଡିଏ, ପୋଖରୀପୁଟ, ଭୁବନେଶ୍ୱର ଠାରେ ଏକ ସ୍ୱତନ୍ତ୍ର ପାଠାଗାର ସ୍ଥାପନ କରାଯାଇଅଛି ।

### ଛାତ୍ରୀନିବାସ

ଭିନ୍ନକ୍ଷମ ଛାତ୍ରୀମାନଙ୍କ ପାଠ ପଢ଼ିବା ନିମନ୍ତେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ଛାତ୍ରୀନିବାସ ନିର୍ମାଣ ହୋଇଛି ।

### ନିଯୁକ୍ତି ମେଳା

ବିଭିନ୍ନ ସ୍ଥାନରେ ନିଯୁକ୍ତି ମେଳା ମାଧ୍ୟମରେ ଭିନ୍ନକ୍ଷମମାନଙ୍କୁ କାର୍ଯ୍ୟନିଯୁକ୍ତି ଦିଆଯାଉଛି ।

### ସଂଶୋଧନକ୍ଷମ ଅସ୍ତ୍ରୋପଚାର

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍ ପରିସର ଓ ୮ ଟି ଜିଲ୍ଲାର ଜିଲ୍ଲା ପୁନର୍ବାସ କେନ୍ଦ୍ର ମାଧ୍ୟମରେ ଭିନ୍ନକ୍ଷମମାନଙ୍କୁ ସକ୍ଷମ କରିବା ନିମନ୍ତେ ଅସ୍ତ୍ରୋପଚାରର ସୁବିଧା ରହିଛି ।

### ସ୍ୱତନ୍ତ୍ର ପରିଚୟ ପତ୍ର

ରାଜ୍ୟର ସମସ୍ତ ଭିନ୍ନକ୍ଷମଙ୍କୁ ଏକକ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯାଉଛି ।

### ପୁରସ୍କାର

ବିଭିନ୍ନ କ୍ଷେତ୍ରରେ କୃତୀ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ୨୫ ହଜାର ଟଙ୍କାର ରାଜ୍ୟ ପୁରସ୍କାର ପ୍ରଦାନ କରାଯାଉଛି ।

### ତାଲିମ୍ ଓ ଉତ୍ପାଦନ କେନ୍ଦ୍ର

ଏନ୍‌ସିଏସ୍‌ସିଡିଏ, ପୋଖରୀପୁଟ, ଭୁବନେଶ୍ୱର ଠାରେ ଏକ ଉତ୍ପାଦନ ଓ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି ।

### ସ୍ୱୟଂ ସହାୟକ ଗୋଷ୍ଠୀ

ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ସ୍ୱରୋଜଗାରକ୍ଷମ କରିବା ପାଇଁ ସହାୟତା ଯୋଗାଇ ଦିଆଯାଉଛି ।

### ବୌଦ୍ଧିକ ଅନଗ୍ରସରତାର ଚିକିତ୍ସା

ବୌଦ୍ଧିକ ଅନଗ୍ରସର ଶିଶୁମାନଙ୍କ ଚିକିତ୍ସା ଓ ଥଇଥାନ ନିମନ୍ତେ ବିଶେଷ ବ୍ୟବସ୍ଥା କରାଯାଇଛି ।

46001/13/0029/1819

## ଆମେ ଭିନ୍ନକ୍ଷମମାନଙ୍କୁ ସୁରକ୍ଷା, ଯତ୍ନ ଓ ସହାୟତା ଯୋଗାଇ ଦେଉଅଛୁ ।

Website : http: //ssepd.gov.in Toll Free Helpline : 1800 345 7150 Facebook : www.facebook.com/ssepd Twitter : https://twitter.com/ssepd2

## ସଂକ୍ଷେପରେ

### ଗୋଟିଏ ଜୁଇରେ ଜଳିଲେ ମା'ପୁଅ

**ରତ୍ନଗିରି,୨।୧୨(ଡି.ଏନ୍.ଏ.):** ବରୀ-କଳାମାଟିଆ ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଶନିବାର ନାବାଳକ ପୁଅ ଓ ମା'ଙ୍କର ମୃତ୍ୟୁ ହୋଇଥିଲା। ରବିବାର ନାବାଳକ ପୁଅ ଓ ମା'ଙ୍କ ମୃତଦେହ ବାସଗୃହରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ, ବରୀ ଭାଜପା ନେତା ବିଶ୍ୱ ମଲ୍ଲିକ, ବାଲିବିଲି ସରପଞ୍ଚ ସନ୍ତୋଷ ସାମଲ, ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ଦାସ, ୨୪ନଂ ଜିଲାପରିଷଦ ସଭ୍ୟା ରିତା ସାମଲ, ବୃନ୍ଦାବନ ସାମଲ, ବିଆର୍‌ସି ବିପିନ୍ ବିହାରୀ ସାମଲ, ନିର୍ମଳ ଦାସ, ସୁଧାଂଶୁ ସାମଲ, ଜନ୍ମେଜୟ ସାମଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଦୁଃଖ ପ୍ରକାଶ କରିଥିଲେ। ଗୋଟିଏ ଯୁଇରେ ମା', ପୁଅଙ୍କ ଶବଦାହ ଘଟଣା ଉପସ୍ଥିତ ଲୋକଙ୍କୁ ସ୍ତମ୍ଭୀଭୂତ କରିଥିଲା। ଘଟଣାରୁ ପ୍ରକାଶ ଯେ, ଶନିବାର ସଡକ ଦୁର୍ଘଟଣାରେ ବରୀ ବ୍ଲକ ଅଧୀନ କୋରଡା ପିପଲ ଗ୍ରାମର ରିତେସ୍ ସାମଲ(୧୨)ଙ୍କର ମୃତ୍ୟୁ ହୋଇଥିବା ବେଳେ ମା' ସୁଧାଂଶୁବାଳା(୪୨) ଗୁରୁତର ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ହେଲେ ରାତି ୯.୩୦ରେ ସୁଧାଂଶୁବାଳାଙ୍କ ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ, ରିତେସ ୬ଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ମା' ସୁଧାଂଶୁବାଳା ଅଙ୍ଗନୱାଡ଼ି କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ।

### ଜନପରାମର୍ଶ ପଦଯାତ୍ରା



**କୁଜଙ୍ଗ,୨।୧୨(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ୍ ପଙ୍କପାଳ ମଣ୍ଡଳରେ ଭାଜପାର ଜନପରାମର୍ଶ ଯାତ୍ରା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ହରପାର୍ବତୀଙ୍କ ପୀଠରେ ପୂଜାର୍ଚ୍ଚନା କରି ଏହି ପଦଯାତ୍ରାକୁ ପୂର୍ବତନ ବିଧାୟକ ବାଇଧର ମଲିକ ଉଦ୍‌ଘାଟନ କରିଥିଲେ। ଏହାର ନେତୃତ୍ୱ ନେଇଥିଲେ ନିର୍ବାଚନମଣ୍ଡଳି ନେତା ସମ୍ପଦ ସ୍ୱାଇଁ। ଏହି ଅବସରରେ ଜିଲା ଉପସଭାପତି ଯୁଗଳ କିଶୋର ପ୍ରଧାନ, ଜିଲା କାର୍ଯ୍ୟ କାରିଣୀ ସଭ୍ୟ ଭରତ ପ୍ରଧାନ ପ୍ରମୁଖ ଯୋଗଦେଇ ଲୋକଙ୍କ ବିଭିନ୍ନ ପରାମର୍ଶ ନେଇଥିଲେ। ଲଗାଣ ବର୍ଷା ଜନିତ ଫସଲ ହାନୀ, ଗରିବ ଲୋକଙ୍କୁ ଭତ୍ତା ପ୍ରଦାନ ଆଦିରେ ପାତରଅନ୍ତର କରିବା ଆଦି ସମ୍ପର୍କରେ ସେମାନେ ଅଭିଯୋଗ ଗ୍ରହଣ କରିଥିଲେ। ପଙ୍କପାଳ ମଣ୍ଡଳ ସଭାପତି ପ୍ରଦୀପ୍ତ ମହାପାତ୍ର, ମଣ୍ଡଳ ସମ୍ପାଦକ ବିନମ୍ର ମଞ୍ଜୁଳ ସ୍ୱାଇଁ, ଜିଲା କାର୍ଯ୍ୟ କାରିଣୀ ସଦସ୍ୟ ଭରତ ପ୍ରଧାନ, ପଞ୍ଚାୟତ ପ୍ରମୁଖ ଦିଲୀପ ବେହେରା, ସୁଦାମ ଚଣର ମଲ୍ଲ, ପରିକ୍ଷୀତ ସାହୁ, ନାରାୟଣ ବେହେରା, ହେମନ୍ତ ରାୟ ପ୍ରମୁଖ ସାମିଲ ହୋଇଥିଲେ। ଅପରାହ୍ନରେ ଆୟୋଜିତ ପଥପ୍ରାନ୍ତ ସଭାରେ ସମ୍ପଦ ଉପସ୍ଥିତ ରହି ବିଜେଡିକୁ ତୀବ୍ର ସମାଲୋଚନା କରିବା ସହ ମୋଦୀ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହିଥିଲେ।

### ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରଲୋକ

**ନାଉଗାଁ,୨।୧୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ଗ୍ରାମର ରୂପ ନାୟକ (୯୭)ଙ୍କ ଗୁରୁବାର ବିଳମ୍ବିତ ରାତ୍ରିରେ ପରଲୋକ ଘଟିଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପଟ୍ଟ ଶିଷ୍ୟ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ଦୀର୍ଘଦିନ ଧରି ବିଜେଡିରେ ରହି କାର୍ଯ୍ୟ କରୁଥିଲେ। ୧୯୯୬ ପର୍ଯ୍ୟନ୍ତ ସେ ଘୋଡାଂଶ ପଞ୍ଚାୟତରେ ଜନତା ଦଳର ପଞ୍ଚାୟତ ସଭାପତି ଭାବେ ଶୃଙ୍ଖଳାର ସହିତ କାର୍ଯ୍ୟ ତୁଲାଇ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ କୈଳାସ ନାୟକ, ନାତି ଦୀପୁ, ଲିପୁ, ପଞ୍ଚାୟତ ବିଜେଡି ସଭାପତି ଶିଶିର ନାୟକ, ନାତୁଣୀ ହେଲନ ଓ ମିଳନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଦାମଙ୍କୁ ବିଜେଡି ନେତାଙ୍କ ଟାର୍ଗେଟ



ରାହାମାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ସମାବେଶରେ ଉପସ୍ଥିତ ନେତା ଓ କର୍ମୀ।

**ରାହାମାରେ ସମାବେଶ**
- ବିଜେଡିର ଜନସମ୍ପର୍କ ପଦଯାତ୍ରା
- ସାମିଲ ହେଲେ କଂଗ୍ରେସ କର୍ମୀ

**ରାହାମା,୨।୧୧(ଡି.ଏନ.ଏ.)**

ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ପୁଣି ଥରେ ବିଜେଡି ନେତାମାନେ ଟାର୍ଗେଟ କରିଛନ୍ତି। ରବିବାର କୁଜଙ୍ଗ ବ୍ଲକ ୨ନଂ. ଜିଲା ପରିଷଦ ଜୋନରେ ବିଜେଡି ପକ୍ଷରୁ ହୋଇଥିବା ଜନସମ୍ପର୍କ ପଦଯାତ୍ରା ସମାବେଶରେ ଦଳୀୟ ନେତାମାନେ ଉପସ୍ଥିତ ରହି ଦାମଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା, କଟକ-ବାରବାଟି ବିଧାୟକ ଦେବାଶିଷ ସାମନ୍ତରାୟ, କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି, ନିମାପଡ଼ା ବିଧାୟକ ସମୀର ଦାସ, ବିଜେଡି ନେତା ତଥା ସିନେ ତାରକା କୁନା ତ୍ରିପାଠୀ, ଜଗତ୍‌ସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, କୁଜଙ୍ଗ ବ୍ଲକର ପୂର୍ବତନ ଅଧକ୍ଷ ନରେନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ଦାମଙ୍କୁ କଡ଼ା ସମାଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସମସ୍ୟା, ବେକାରୀ ଦୂରୀକରଣ, ନିଯୁକ୍ତି ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ସେମାନେ ଦାମଙ୍କ ଉପରେ ବର୍ଷିଥିଲେ। ଏଥିସହ ବିଜେଡି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କଟକ-ପାରାଦୀପ ରାସ୍ତାର ବଡ଼ବଜାର ଠାରୁ ରାହାମା ହାଟ ବଜାର ପର୍ଯ୍ୟନ୍ତ ବିଜେଡି ନେତାମାନେ ପଦଯାତ୍ରାରେ ଆସି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଭା ଆରମ୍ଭରେ ସାଇଲୋ ସରପଞ୍ଚ ରୋଜାଲିନ୍ ମହାପାତ୍ର, ସାଇଲୋ ପଞ୍ଚାୟତ କଂଗ୍ରେସ ସଭାପତି ଜଟାଧାରି ଦାସ, ୨ନଂ ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ମାନସୀ ସେଠୀ ପ୍ରମୁଖ ସେମାନଙ୍କ ସମର୍ଥକଙ୍କ ସହିତ ଆସି ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସୁନାକର ବେହେରା, ଶିଶିର କୁମାର ଦାସ, ପ୍ରମୋଦ ବେହେରା, ରବିନାରାୟଣ ସାହୁ, ପବିତ୍ର ସେନାପତି, ମନୋଜ କୁମାର ସାହୁ, ରଶ୍ମିରଞ୍ଜନ ଦାସ, ନିରଞ୍ଜନ ପାତ୍ର, ଚିତ୍ତରଞ୍ଜନ କୁଅଁର, ବ୍ରଜକିଶୋର ମହାରାଜ, ସୁବାସ ସାମଲ, ମାନିନୀ ବେହେରା, ସଂଗ୍ରାମ ମନ୍ତ୍ରୀ, ସାକ୍ରା ଟୁଡୁ ପ୍ରମୁଖ ପରିଚାଳନା କରିଥିଲେ।



ସମାବେଶରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

## କଂଗ୍ରେସର ସାଙ୍ଗଠନିକ ବୈଠକ

**କୁଜଙ୍ଗ,୨।୧୨(ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ୍ ଅଗପାଳ ପଞ୍ଚାୟତ କଳଦୀପ ଗ୍ରାମରେ କଂଗ୍ରେସର ଏକ ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ପିସିସି ସମ୍ପାଦକ ପ୍ରମୋଦ କିଶୋର ଜେନା ଯୋଗଦେଇ କହିଲେ ଯେ, ଏକଦା ଅବିଭକ୍ତ ଏରସମା ନିର୍ବାଚନମଣ୍ଡଳି କଂଗ୍ରେସର ଗଡ଼ ଥିଲା। କର୍ମୀ ଓ ସଂଗଠକମାନେ ଏକତ୍ରିତ ହୋଇ କାର୍ଯ୍ୟ କଲେ ଦଳ ପୁଣି ଏଠାରେ ମଜଭୁତ ହୋଇପାରିବ ବୋଲି କହିବା ସହ ସେ ବିଜେଡି ଓ ଭାଜପାକୁ ସମାଲୋଚନା କରିଥିଲେ। ଜିଲା ଉପସଭାପତି ସନ୍ତୋଷ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ରାଜ୍ୟ କିସାନ୍ ସେଲ୍ ସମ୍ପାଦକ ବିଶ୍ୱନାଥ ପାଣି, ବିପିନ କୁମାର ବିଶ୍ୱାଳ, ଶାରଦା ମହାପାତ୍ର, ଶାରଦା ମଲ୍ଲ, କୃତ୍ତିବାସ ନାୟକ, ସୁନାକର ପରିଡା, ବିଷ୍ଣୁ ଚରଣ ସାହୁ, ଅଜୟ ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଜେଡି ସମତେ ବିଭିନ୍ନ ଦଳରୁ ବାଞ୍ଛାନିଧି ମଲ୍ଲିକ, ମୁରଲୀ ପରିଡା, ଅନାମ ବେହେରା, ନୃସିଂହ ପାଳ, ଭଜନାନନ୍ଦ ସାହୁ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ କଂଗ୍ରେସରେ ସାମିଲ ହୋଇଥିଲେ। ସେହିପରି ରବିବାର ସନ୍ଧ୍ୟାରେ ଗୋପିଆକୁଦ ପଞ୍ଚାୟତ ଘୋଡାମରରେ ରାଜ୍ୟ ଏସ୍‌ସି ସେଲ୍ ଅଧ୍ୟକ୍ଷ ବିଭୂ ପ୍ରସାଦ ତରାଇ, ପିସିସି ସମ୍ପାଦକ ପ୍ରମୋଦ କିଶୋର ଜେନା ପ୍ରମୁଖ ଏକ ବୈଠକରେ କର୍ମୀଙ୍କୁ ମାର୍ଗଦର୍ଶନ କରିଥିଲେ। ଜିଲା ଉପସଭାପତି ସନ୍ତୋଷ ଦାଶ, କୁଳମଣି ବେହେରା, କ୍ଷିରୋଦ ଦଳାଇ, ଅଲେଖ ଦଳାଇ, ଆଲୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ



ବୈଠକରେ ଉପସ୍ଥିତ ଶିକ୍ଷକ ସଂଘ କର୍ମକର୍ତ୍ତା।

**କୁଜଙ୍ଗ,୨।୧୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍‌ରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଏଲିମେଣ୍ଟାରୀ ସ୍ତରର ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ସ୍ଥାନୀୟ ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ ନିଶାକର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆବାହକ ବାବୁରାମ ଚୌଧୁରୀ ବିବରଣୀ ପ୍ରଦାନ କରିଥିଲେ। ମଧୁମଙ୍ଗଳ ସ୍ୱାଇଁ, ନବୀନ କୁମାର ପ୍ରଧାନ, ସର୍ବେଶ୍ୱର ରାଉତ, ରଞ୍ଜନ ମହାପାତ୍ର, ଅଶୋକ ସ୍ୱାଇଁ, ପ୍ରହ୍ଲାଦ ଖଟୁଆ, ଅନାଦୀ ଚରଣ ଖଟୁଆ, ନରେଶ ଚୌଧୁରୀ ସଂଗଠନର ବିଭନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ସଂଘର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ମଧୁମଙ୍ଗଳ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ବାବୁରାମ ଚୌଧୁରୀ, ଉପସଭାପତି ଗୋପବନ୍ଧୁ ନାୟକ ଓ ଗାୟତ୍ରୀ ଷଡଙ୍ଗୀ, ସମ୍ପାଦକ ହିମାଂଶୁ ଶେଖର ସାମଲ, ସହ ସମ୍ପାଦକ ଶ୍ରୀଚରଣ ସାହୁ ଓ ଅଜୟ କେତନ ସାମନ୍ତରାୟ, କୋଷାଧ୍ୟକ୍ଷ ଭାବେ ସଞ୍ଜୀବ କୁମାର ଦାସ ପ୍ରମୁଖ ମନୋନୀତ ହୋଇଥିଲେ। ବିଭିନ୍ନ ଜୋନ୍ ପାଇଁ ସଂଗଠନ ସମ୍ପାଦକ ଚନୟ ହୋଇଥିଲା। ପଙ୍କପାଳ ପାଇଁ ବାଦଲ କୁମାର ଦାସ, ପଣ୍ଡୁଆରେ ସୁରେନ୍ଦ୍ର କୁମାର ମହାପାତ୍ର, କୁଜଙ୍ଗରେ ରଞ୍ଜିତ ମାଝି, ପାରାଦୀପ ପାଇଁ ଅରକ୍ଷିତ ଜେନା ଚୟନ ହୋଇଥିଲେ।

# ଦେବାଶିଷଙ୍କ ଉପରେ ବର୍ଷିଲେ ଦାମ

**କୁଜଙ୍ଗ,୨।୧୨(ସ୍ୱ.ପ୍ର.)**

ପାରାଦୀପ ବିଧାୟକ ଦାମୋଦର ରାଉତ ରବିବାର ନିଜ ନିର୍ବାଚନମଣ୍ଡଳିର କୁଜଙ୍ଗଠାରେ ସ୍ୱାଭିମାନ ସଭା କରି ବିଜେଡିକୁ ଜବାବ ଦେଇଛନ୍ତି। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ଏମ୍‌ପି କୁଳମଣି ସାମଲ, କଟକ ବାରବାଟି ବିଧାୟକ ଦେବାଶିଷ ସାମନ୍ତରାୟ ଓ ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖଙ୍କୁ ତୀବ୍ର ସମାଲୋଚନା କରି ନିଜ କ୍ଷୋଭ ପ୍ରକାଶ କରିଛନ୍ତି। ଦୀର୍ଘ ୨ ମାସ ୨୦ ଦିନ ହେଲା ବିଜେଡିରୁ ବହିଷ୍କାର ହେବା ପରେ ଦାମବାବୁ ରାଜ୍ୟସାରା ବୁଲି ଦୁର୍ନୀତି ବିରୋଧୀ ସମାବେଶ କରୁଥିବାବେଳେ ନିଜ ନିର୍ବାଚନମଣ୍ଡଳିରେ କାହିଁକି ସଭା କରିପାରୁନାହାନ୍ତି ବୋଲି କହି ବିଜେଡି ନେତାମାନେ ସମାଲୋଚନା କରିଥିଲେ। ଏହାର ଜବାବ ଦେବାକୁ ଯାଇ ଦାମ କୁଜଙ୍ଗ ଜଳଧରପୁରରେ ସ୍ୱାଭିମାନ ସଭା କରିଛନ୍ତି। ଏହି ଅବସରରେ ସେ ବାଇକ ଶୋଭାଯାତ୍ରାରେ ଆସି ସମାବେଶ ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଯଦୁମଣୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେଇ ସେ କହିଲେ ଯେ, ଦୁର୍ନୀତି କଥା କହିବାରୁ ତାଙ୍କୁ ଦଳରୁ ବହିଷ୍କାର କରାଗଲା। କୁଳମଣି ସାମଲଙ୍କୁ ସେ ରାଜନୀତିକୁ ଆଣି ଏମ୍‌ପି କରାଇଥିଲେ। କିନ୍ତୁ କୁଳମଣି ଲୋକଙ୍କ ବିକାଶ କଥା ନ ବୁଝି ନିଜ ସମ୍ପର୍କୀୟଙ୍କୁ ଥଇଥାନ କରୁଛନ୍ତି ବୋଲି ଦାମ ଅଭିଯୋଗ କରିଥିଲେ। ସେହିପରି ନିମାପଡ଼ା ବିଧାୟକ ସମୀର ଦାସ, ମନ୍ତ୍ରୀ ଜେନା, ପ୍ରଫୁଲ୍ଲ ସାମଲଙ୍କୁ ମଧ ସେ ସମାଲୋଚନା କରିଥିଲେ। ତେବେ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ଉପରେ ଅଧିକ ବର୍ଷିଥିଲେ। ସେ କହିଲେ ଯେ ବିଜୁବାବୁଙ୍କ ସଭାରେ ଯିଏ ଗଣ୍ଡଗୋଳ କରୁଥିଲେ, ସେ ଆଜି ବିଜୁଙ୍କ ଆଦର୍ଶରେ ପ୍ରତିଷ୍ଠିତ ଦଳର ମଙ୍ଗୁଆଳ। ବିଜୁ ଶ୍ରମିକ ସଙ୍ଘ ପ୍ରତିଷ୍ଠା କରି ଏହାର ଉଦ୍‌ଘାଟନ ଉତ୍ସବରେ ଶୋଭାଯାତ୍ରାରେ ଆସୁଥିବାବେଳେ କୁଜଙ୍ଗଠାରେ ବାଣ ବିସ୍ଫୋରଣରେ ୪ ଜଣ ଦଳିତଙ୍କୁ ମାରିଦେଲେ। ମାତ୍ର ସେମାନଙ୍କ ପରିବାରକୁ ଦେବାଶିଷ ଆବଶ୍ୟକ ସହଯୋଗ କଲେନି। ତେବେ ଯେ ପର୍ଯ୍ୟନ୍ତ ଲୋକମାନେ ସମର୍ଥନ ଦେବେ, ସେ ପର୍ଯ୍ୟନ୍ତ ସେ ନିଜ ଦାୟିତ୍ୱ ନିର୍ବାହ କରିବେ ବୋଲି ଦାମ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ସ୍ମୃତିରଞ୍ଜନ ବେହେରା, ଉପାଧ୍ୟକ୍ଷା ପୁଷ୍ପଲତା ବେହେରା, କୁଜଙ୍ଗ ସରପଞ୍ଚ ଭାରତଭୂଷଣ ନାୟକ, ଗଣ୍ଡକିପୁର ସମିତିସଭ୍ୟ ପୀତାମ୍ବର ପ୍ରସାଦ ମାଝୀ, ପଙ୍କପାଳ ସମିତିସଭ୍ୟ ଅକ୍ଷୟ କୁମାର ସାହୁ, ରଞ୍ଜୁଲତା ବେହେରା, ଚିତ୍ତରଞ୍ଜନ ମିଶ୍ର, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ନୀରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।



କୁଜଙ୍ଗରେ ଅନୁଷ୍ଠିତ ସ୍ୱାଭିମାନ ସଭାରେ ଉଦ୍‌ବୋଧନ ଦେଉଛନ୍ତି ବିଧାୟକ ଦାମୋଦର ରାଉତ।

■ ଗୋରଖନାଥଙ୍କ ଦାନ ଅର୍ଥ ଅସୁରକ୍ଷିତ

## ଜରି ବସ୍ତାରେ ଲକ୍ଷାଧିକ ଟଙ୍କାର କଏନ୍

**ରଘୁନାଥପୁର, ୨।୧୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଛପଡ଼ା ପଞ୍ଚାୟତ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ରର ଆରାଧ୍ୟ ଗୋରଖନାଥଙ୍କ ଦାନ ଅର୍ଥର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟରେ ବସ୍ତାରେ ଅବ୍ୟବସ୍ଥିତ ଭାବେ ଲକ୍ଷାଧିକ ଟଙ୍କାର କଏନ ପଡ଼ିରହିଛି। ଏ ସମ୍ପର୍କରେ କାର୍ଯ୍ୟାଳୟ ପକ୍ଷରୁ କୌଣସି ହିସାବ ନ ଥିବାବେଳେ ଗତ ୨ବର୍ଷ ହେଲା ୫ଲକ୍ଷ ଟଙ୍କାର କଏନ ଏଭଳି ପଡିରହିଛି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ବିଭିନ୍ନ ସମୟରେ ପୀଠ ହୁଣ୍ଡି ଖୋଲାଯାଏ। କିନ୍ତୁ ଗଣତି ବେଳେ ନୋଟ୍‌କୁ ଗଣାଯାଇ କଏନ ସବୁ ରଖି ଦିଆଯାଏ। ନୋଟଗୁଡିକୁ ଟ୍ରଷ୍ଟବୋର୍ଡ ଆକାଉଣ୍ଟରେ ଡିପୋଜିଟ୍ କରାଯାଉଛି। କଏନ୍ ପରିମାଣ ବୃଦ୍ଧି ପାଉଥିଲେ ମଧ ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ସମୟ ଅଭାବ, ଲୋକବଳ କମ ଦର୍ଶାଇ କଏନ ଗଣାଯାଉନାହିଁ। ସିସିଟିଭି ଲଗାଯାଇଥିଲେ ବି ଲାଇନ ଯିବା ସମୟରେ ଚୋରି ହେବାର ସମ୍ଭାବନା ରହିଛି। ଏ ନେଇ ଟ୍ରଷ୍ଟବୋର୍ଡ କିରାଣି ସରୋଜ ସାହାଣି କୁହନ୍ତି, ଏସବୁ ଉପରସ୍ତରର କଥା, ମୁଁ କ'ଣ କରିପାରିବି। ଭକ୍ତଙ୍କ ଦାନ ଅର୍ଥ ଏଭଳି ଅସୁରକ୍ଷିତ ଅବସ୍ଥାରେ ନ ରଖି ତୁରନ୍ତ ବ୍ୟାଙ୍କରେ ରଖିବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଜିଲାପାଳ ଓ ଦେବୋତ୍ତର କମିଶନରଙ୍କ ନିକଟରେ ଦାବି କରାଯାଇଛି।



ବସ୍ତାରେ ବନ୍ଧାହୋଇ ରହିଥିବା କଏନ୍।

## ନବଜାତ ଶିଶୁପୁତ୍ର ଉଦ୍ଧାର

**କୋରେଇ/ଯାଜପୁରରୋଡ,୨।୧୨ (ସ୍ୱ.ପ୍ର./ନି.ପ୍ର.):** ଯାଜପୁରରୋଡ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗରର ପଞ୍ଚାୟତ ତରାପୁର ଗ୍ରାମର ବାବୁ ରାଉତଙ୍କ ସ୍ତ୍ରୀ ଛବିରାଣୀ ରବିବାର ଭୋରରୁ ଉଠି ଦାଣ୍ଡକୁ ଯାଇଥିଲେ। ଏହି ସମୟରେ ଘର ନିକଟରେ ଇଲେକ୍ଟ୍ରି ଖୁଣ୍ଟି ତଳେ ଏକ ନବଜାତ ଶିଶୁ କାନ୍ଦୁଥିବା ଦେଖି ତାକୁ ଆଣି ସ୍ୱାମୀଙ୍କୁ ଜଣାଇଥିଲେ। ପରେ ନବଜାତ ଶିଶୁକୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହାପରେ ଘରକୁ ନେଇ ଆସିଥିଲେ। ଖବରପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପରାମର୍ଶକ୍ରମେ ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ହୃଷୀକେଶ ପଣ୍ଡା, ଅରୁଣ କୁମାର ସ୍ୱାଇଁ, କେୟାର ଟେକର ଗୀତାଞ୍ଜଳି ମହାଳିକ ଓ ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ଉକ୍ତ ଗ୍ରାମକୁ ଯାଇ ଯାଜପୁରରୋଡ ଉପସ୍ଥିତିରେ ଶିଶୁକୁ ପୁତ୍ରକୁ ଉଦ୍ଧାର କରିଥିଲେ।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ବାଙ୍କୀ, ୨।୧୨ (ବି.ପ୍ର.):** ବାଙ୍କୀ ବ୍ଲକ ପୁଇଁଚା ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନରୋତ୍ତମ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଡ. ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି କାଳନ୍ଦୀ ସାହୁ, ବାଙ୍କୀ ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ଦାସ, ବେଣୁଧର ବଳିୟାରସିଂ, ଯୁବ ବିଜେଡି ସଭାପତି ସନ୍ତୋଷ ରଣା ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ କଳା, ସାହିତ୍ୟ, କ୍ରୀଡ଼ା, ଯୁବ ସେବା ଓ ବିବିଧ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବାସ୍ତବ ହିରୋମାନଙ୍କୁ ପ୍ରଶଂସିତ କରିବା କାର୍ଯ୍ୟକ୍ରମର ଆଭିମୁଖ୍ୟ ବୋଲି ଆଲୋକପାତ କରିଥିଲେ।

ସର୍ବଭାରତୀୟ ବୃହତ୍ ବନ୍ଦର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ପାରାଦୀପ, ଜେଏନ୍‌ପିଟି ବିଜୟୀ




ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳିମାନେ।

**ପାରାଦୀପ,୨।୧୨(ସ୍ୱ.ପ୍ର.)**

ପାରାଦୀପ ନୂଆ ବଜାର ଗୋପବନ୍ଧୁ ଷ୍ଟାଡିୟମଠାରେ ରବିବାର ସର୍ବଭାରତୀୟ ବୃହତ ବନ୍ଦର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହା ୬ଦିନ ଚାଲିବ। ଏଥିରେ ଦେଶର ୯ଟି ବୃହତ ବନ୍ଦରର ଖେଳାଳି ଅଂଶଗ୍ରହଣ କରିଛନ୍ତି। ଭି.ଓ. ଚିଦାମ୍ବରମ ପୋର୍ଟ, ଜବାହାରଲାଲ ନେହେରୁ ପୋର୍ଟ, କାଣ୍ଡଲା ପୋର୍ଟ, କଲିକତା ପୋର୍ଟ, ବମ୍ବେ ପୋର୍ଟ, ମୁର୍ମୁଗାଓ ପୋର୍ଟ, ନିୟୁ ମାଙ୍ଗାଲୋର ପୋର୍ଟ, ବିଶାଖାପାଟନମ୍ ପୋର୍ଟ ଓ ପାରାଦୀପ ପୋର୍ଟ ଟିମ୍ ଏଥିରେ ଭାଗ ନେଇଛନ୍ତି। ସର୍ବ ଭାରତୀୟ ବନ୍ଦର ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ଓ ପାରାଦୀପ ପୋର୍ଟ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେଉଛି। ଟୁର୍ନାମେଣ୍ଟକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଟ୍ରାଫିକ ମ୍ୟାନେଜର ଏସ୍.କେ. ମିଶ୍ର, କ୍ରୀଡ଼ା କମିଟି ସଚିବ ସୁଶୀଲ ନାହାକ, ରବି ଦାସ, ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ପାରାଦୀପ ଓ କାଣ୍ଡଲା ମଧ୍ୟରେ ହୋଇଥିଲା। ଏଥିରେ କାଣ୍ଡଲା ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ୧୧୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ପାରାଦୀପ ୧୭.୪ ଓଭରରେ ୪ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ନିୟୁ ମାଙ୍ଗାଲୋର ଓ ଜବାହାରଲାଲ ନେହେରୁ ପୋର୍ଟ ମଧ୍ୟରେ ହୋଇଥିଲା। ନିୟୁ ମାଙ୍ଗାଲୋର ପ୍ରଥମେ ବ୍ୟାଟିଂ କରି ୧୮.୪ ଓଭରରେ ୮୨ ରନ୍ କରିଥିଲା। ଜବାବରେ ଜେଏନ୍‌ପିଟି ୯ ଓଭରରେ ୩ ଉଇକେଟ୍ ହରାଇ ୮୪ରନ୍ କରି ବିଜୀୟ ହୋଇଥିଲା।

# ପରିତ୍ୟକ୍ତ ଅବସ୍ଥାରେ ବସଷ୍ଟାଣ୍ଡ ଶୌଚାଳୟ

**ଏରସମା,୨।୧୨(ସ୍ୱ.ପ୍ର.)**

ଏରସମା ବ୍ଲକ ସଦରମହକୁମାରେ ନିର୍ମିତ ଶୌଚାଳୟଟି ଏବେ ଭୂତକୋଠିରେ ପରିଣତ ହେଲାଣି। ୧୦ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ଶୌଚାଳୟ ଆଦୌ ବ୍ୟବହୃତ ହୋଇନାହିଁ। ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଉକ୍ତ ଶୌଚାଳୟ ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହେଉଥିଲେ ମଧ ସୁଫଳ ମିଳୁନାହିଁ। ପ୍ରକାଶ ଯେ, ଏରସମା ବସଷ୍ଟାଣ୍ଡରୁ ପ୍ରତ୍ୟେହ ୫ଟି ବସ କଟକ ଚଳାଚଳ କରୁଛି ଓ ୩ଟି ବସ ପାରାଦୀପ ଯାଉଛି। ଏଥିସହିତ ଆମ୍ବିକି, ଗଡ଼ବିଷ୍ଣୁପୁର, ଗଡ଼ହରିଶପୁରରୁ ମଧ ବସ ପାରାଦୀପ ଓ କଟକ ଯାଉଛି। ସେଥିପାଇଁ ପ୍ରତିଦିନ ଶତାଧିକ ଯାତ୍ରୀ ଏହି ବସଷ୍ଟାଣ୍ଡରେ ଅପେକ୍ଷା କରନ୍ତି। ଏହାକୁ ଦୃଷ୍ଟିରେ ରଖି ଏରସମାର ତତ୍କାଳୀନ ବିଡିଓ ମୂରଲୀଧର ସ୍ୱାଇଁ ବସଷ୍ଟାଣ୍ଡର ପଶ୍ଚିମ ପଟେ ୨୦୦୯ରେ ଏକ ଶୌଚାଳୟ ନିର୍ମାଣ କରିଥିଲେ। ୬ ବଖରା ବିଶିଷ୍ଟ ପକ୍କା ଘର ଓ ପାଣି ପାଇଁ ଛାତ ଉପରେ ସ୍ଥାୟୀ ଟାଙ୍କି କରାଯାଇଛି। ଶୌଚାଳୟ ପରିସରରେ ନଳକୂଅ ବସାଯାଇଛି। ପାନୀୟ ଜଳ ପାଇଁ ୧୦ ହଜାର ଲିଟର ଜଳ ଧାରଣ କ୍ଷମତା ଥିବା ପାଣି ଟାଙ୍କି ମଧ କରାଯାଇଛି। ଶୌଚାଳୟ ଚାରିପଟେ ପାଚେରି ବୁଲାଯାଇଛି। ମାତ୍ର ପରିତାପର ବିଷୟ, ସବୁ ପ୍ରକାର ସୁବ୍ୟବସ୍ଥା କରାଯାଇଥିଲେ ମଧ ଦୀର୍ଘ ୧୦ ବର୍ଷ ହେଲା ତାହା ବ୍ୟବହୃତ ହୋଇପାରିନାହିଁ। ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରୁ ଜିଲା ଓ ବ୍ଲକ ପ୍ରଶାସନ ନିକଟରେ ଦାବି ହୋଇଛି। କିନ୍ତୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ଏ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି ଯେ, ଖୁବ୍‌ଶୀଘ୍ର ଉକ୍ତ ଶୌଚାଳୟର ପୁନରୁଦ୍ଧାର କରାଯିବ।



ପରିତ୍ୟକ୍ତ ଅବସ୍ଥାରେ ଥିବା ଶୌଚାଳୟ।

## ସଂକ୍ଷେପରେ

### ଅଗ୍ନିକାଣ୍ଡ, ୬ ଛେଳି ଜୀବନ୍ତ ଦଗ୍ଧ

ଡେରାବିଶ, ୨।୧୨ (ସ୍ୱ.ପ୍ର.):ଡେରାବିଶ ବ୍ଲକ ଅଧୀନ ଛୋଟି ପଞ୍ଚାୟତ ଚକରଘୁନାଥପୁର ଗ୍ରାମରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଧନେଶ୍ୱର ପଣ୍ଡାଙ୍କ ଗୁହାଳ ଜଳିଯାଇଥିବା ବେଳେ ୬ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏଥିସହ ଗୋଟିଏ ଗାଈ ଅର୍ଦ୍ଧଦଗ୍ଧ ହୋଇଥିବା ଜଣାପଡିଛି। ଧନେଶ୍ୱର ସନ୍ଧ୍ୟାରେ ଗାଈ ଓ ଛେଳିଙ୍କୁ ଗୁହାଳ ଘରେ ବାନ୍ଧିବା ପରେ ମଶା ପାଇଁ ଧୂଆଁ ଦେଇଥିଲେ। ଧୂଆଁରୁ ନିଆଁ ଧାସ ଉଡି ଚାଳରେ ଲାଗିଯିବା ଯୋଗରୁ କିଛି ସମୟ ଭିତରେ ଗୁହାଳ ଜଳି ଉଠିଥିଲା। ତେବେ ଗୁହାଳେ ବନ୍ଧା ହୋଇଥିବା ୬ଟି ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଗୋଟିଏ ଗାଈକୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଛି। ଖବରପାଇ ଡେରାବିଶ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

### ମାଲେସିଆ ଜେଲରୁ ଓଡିଆ ଯୁବକ ମୁକୁଳିବା ଘଟଣା
### ପରିବାରକୁ ଭେଟିଲେ ପୂର୍ବତନ ଏମ୍‌ପି

ଆଳି,୨।୧୨(ଡି.ଏନ.ଏ): ପରିବାରର ଆର୍ଥିକ ସ୍ଥିତି ସୁଧାରିବା ନିମନ୍ତେ ସୁଦୂର ମାଲେସିଆ ଯାଇ ସେଠାରେ ଜେଲରେ ବନ୍ଦୀ ଜୀବନ କାଟିବାର ଦୀର୍ଘ ଅଢେଇ ମାସ ପରେ ନଭେମ୍ବର ୨୨ରେ ଜେଲରୁ ମୁକୁଳି ଘରକୁ ଫେରିଛନ୍ତି ଆଳି ଅଞ୍ଚଳର ଯୁବକ। ସେ ହେଲେ ଆଳି ଥାନା ଅନ୍ତର୍ଗତ ବଡଆଙ୍କୋ ଗ୍ରାମର କୈଳାସ ମଲିକଙ୍କ ପୁଅ ଅଶୋକ। ୨୦୧୭ରେ ଜଣେ ଏଜେଣ୍ଟଙ୍କ ଜରିଆରେ ୯୦ ହଜାର ଟଙ୍କା ଦେଇ ସେ ମାଲେସିଆ ଯାଇଥିଲେ। ଅଶୋକଙ୍କ ଭଳି ଯାଜପୁର ଅଞ୍ଚଳର ତପନ କୁମାର ବରାଳଙ୍କୁ ଟୁରିଷ୍ଟ ଭିଜା ମାଧ୍ୟମରେ ମାଲେସିଆରେ କାମ କରିବାକୁ ପଠାଯାଇଥିଲା। ସେଠାରେ ଅଳ୍ପଦିନ କାମ କରିବା ପରେ ସେମାନଙ୍କୁ ସ୍ଥାୟୀ ଭିଜା ମିଳିଯିବ ବୋଲି କୁହାଯାଇଥିଲା। ସେଠାରେ ଅଶୋକ ଓ ତପନଙ୍କୁ ଯେଉଁ କାମ ଉଦ୍ଦେଶ୍ୟରେ ନିଆଯାଇଥିଲା ସେକାମ ବଦଳରେ ଅନ୍ୟ କାମରେ ନିୟୋଜିତ ଯାଇଥିଲା। ଇତିମଧ୍ୟରେ ସେମାନଙ୍କ ଟୁରିଷ୍ଟ ଭିଜା ଅବଧି ସରିଯାଇଥିଲେ ମଧ ସ୍ଥାୟୀ ଭିସା ମିଳି ନ ଥିଲା। ଫଳରେ ମାଲେସିଆ ପୋଲିସ ସେମାନଙ୍କୁ ଅଗଷ୍ଟ ୩୦ରେ ଗିରଫ କରିଥିଲା। ଖବରପାଇ ପରିବାର ଲୋକେ ତାଙ୍କୁ ମୁକୁଳାଇବା ନିମନ୍ତେ ଆଳି ଥାନା, କେନ୍ଦ୍ରାପଡା ଏସପି ଓ ସ୍ଥାନୀୟ ଅଞ୍ଚଳର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ଭେଟିଥିଲେ। ପରେ ଏନେଇ ମାଲେସିଆ ଦୂତାବାସ ସହିତ ଯୋଗାଯୋଗ ହେବା ପରେ ସେମାନେ ଜେଲରୁ ମୁକୁଳିଥିଲେ। ଅଶୋକ ଓ ତପନ ଘରକୁ ଫେରିବା ପରେ ପଣ୍ଡା ଶନିବାର ପୂର୍ବାହ୍ନରେ ଅଶୋକଙ୍କ ଘରେ ପହଞ୍ଚି ତାଙ୍କ ପରିବାରକୁ ଭେଟିଛନ୍ତି।

### ଚାନ୍ଦୋଳ ବଜାରରେ ଟ୍ରାଫିକ୍ ସମସ୍ୟା ସୁଧୁରିଲା

ଡେରାବିଶ, ୨।୧୨ (ସ୍ୱ.ପ୍ର.): କଟକ-ଚାନ୍ଦବାଲି ରାଜରାସ୍ତାର କେନ୍ଦ୍ରାପଡ଼ା ଜିଲାର ଚାନ୍ଦୋଳ ହାଟ ନିକଟରେ ପ୍ରତି ହାଟ ବାରିରେ ହେଉଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇଛି। ଦୀର୍ଘ ଦିନ ଧରି ଏହି ସମସ୍ୟା ଲାଗି ରହିଥିବା ବେଳେ ଜିଲା ପ୍ରଶାସନ ଓ ବଜାର କମିଟି ମିଳିତ ପ୍ରଚେଷ୍ଟାରେ ଶନିବାର ଏହାର ସମାଧାନ ହୋଇପାରିଛି। ପ୍ରତି ବୁଧବାର ଓ ଶନିବାର ଚାନ୍ଦୋଳ ହାଟ ବସେ। ଜାଗା ଅଭାବରୁ ସ୍ଥାନୀୟ ଚାଷୀ ଓ ବ୍ୟବସାୟୀମାନେ ହାଟ ବାହାରେ କଟକ-ଚାନ୍ଦବାଲି ରାସ୍ତା କଡ଼ରେ ପନିପରିବା ବିକ୍ରି କରନ୍ତି। ଏଥିସହ ହାଟକୁ ଆସୁଥିବା ଲୋକମାନେ ମଧ ରାସ୍ତା କଡ଼ରେ ଗାଡ଼ିମୋଟର ରଖୁ ଥିବାରୁ ଯିବାଆସିବା ପାଇଁ ଲୋକମାନେ ବହୁ ଅସୁବିଧା ଭୋଗୁଥିଲେ। କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି ଚାଷୀମାନଙ୍କୁ ବସିବା ପାଇଁ ଯଥେଷ୍ଟ ସ୍ଥାନ ଯୋଗାଇ ପାରୁ ନଥିବାରୁ ରାସ୍ତା ଉପରେ ହାଟ ବସୁଥିବା ଅଭିଯୋଗ ହୋଇ ଆସୁଥିଲା। ତେବେ ଏହାର ସମାଧାନ ପାଇଁ ଜିଲାପାଳ ଓ ଉପ ଜିଲାପାଳଙ୍କ ଉପସ୍ଥିତିରେ ବୈଠକ ବସିଥିଲା। ବୈଠକରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅଜୟ ରାଉତ, ସୁପରଭାଇଜର ପ୍ରଦୀପ୍ତ କୁମାର ମହାନ୍ତି, ହାଟତୋଳା ଆଦାୟକାରୀ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର କୁମାର ସାମଲ ଓ ପୋଲିସ କର୍ମଚାରୀ ଏବଂ ଚାନ୍ଦୋଳ ବଜାର କମିଟି ସଭାପତି ନିଶାମଣୀ ବେହେରା, ସମ୍ପାଦକ ରତ୍ନାକର ନାୟକଙ୍କ ସମେତ ବଜାର କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ତେବେ ଏଥର ହାଟ ବାରିରେ ବ୍ୟବସାୟୀ ଓ ଚାଷୀମାନେ ପଡ଼ିଆରେ ବସିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା।

# କେନ୍ଦ୍ର, ରାଜ୍ୟ ଲଢ଼େଇରେ ବଳି ପଡୁଛନ୍ତି ଚାଷୀ

- ଧାନ,ବିହନ ବିକ୍ରୟରେ କ୍ଷତି ସହୁଛି ଚାଷୀ
- ଧାନ ଉତ୍ପାଦନ ଖର୍ଚ୍ଚ ଧାର୍ଯ୍ୟ ସହାୟକ ମୂଲ୍ୟଠାରୁ ଅଧିକ

କେନ୍ଦ୍ରାପଡା ଅଫିସ, ୨।୧୨

କେନ୍ଦ୍ରାପଡା ଜିଲାରେ ଖରିଫ ଧାନ ଫସଲ ଅମଳ ଆରମ୍ଭ ହୋଇଯାଇଛି। ଆସନ୍ତା ୧୫ ତାରିଖରୁ ରାଜ୍ୟ ସରକାର ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବା ପାଇଁ ସ୍ଥିର କରିଛନ୍ତି। ତେବେ ଖର୍ଚ୍ଚ ତୁଳନାରେ ଧାନର ବିକ୍ରୟ ମୂଲ୍ୟ ବହୁତ କମ ରହିଛି ବୋଲି ଚାଷୀ ନେତାମାନେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ କୃଷକନେତା ବିଜୟ ପରିଡା କୁହନ୍ତିଯେ, ରାଜ୍ୟ ସରକାରଙ୍କ ବିହନ ନିଗମ ଚାଷୀଙ୍କଠାରୁ ଯେଉଁ ଦରରେ ଧାନ ବିହନ ସଂଗ୍ରହ କରୁଛି, ତାହା ଉତ୍ପାଦନ ଖର୍ଚ୍ଚଠାରୁ ଯଥେଷ୍ଟ କମ୍ ରହିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚାଲିଥିବା ରାଜନୈତିକ ଲଢ଼େଇରେ ସାଧାରଣ ଚାଷୀ ବଳି ପଡୁଛି। କେନ୍ଦ୍ର ସରକାର ଏ ଗ୍ରେଡ ଧାନ ପାଇଁ କୁଇଣ୍ଟାଲ ପିଛା ୧୫୯୦ ଟଙ୍କା ଓ ସାଧାରଣ ଧାନ ପାଇଁ ୧୫୫୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିଛନ୍ତି। ରାଜ୍ୟର ଧାନ ଉତ୍ପାଦନ ଖର୍ଚ୍ଚ ଧାର୍ଯ୍ୟ ଦରଠାରୁ ଯଥେଷ୍ଟ କମ୍ ବୋଲି କେନ୍ଦ୍ର ସରକାର ଦର୍ଶାଇଛନ୍ତି। ଅପରପକ୍ଷେ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ,ଧାନର ଉତ୍ପାଦନ ଖର୍ଚ୍ଚ ୨୩୪୪ ଟଙ୍କା। ଏହି ଅନୁସାରେ ଧାନର ଉତ୍ପାଦନ ଖର୍ଚ୍ଚ କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ଦରଠାରୁ ବହୁତ ଅଧିକ ରହିଛି। କେନ୍ଦ୍ର ସରକାର ୨୦୧୪ ନିର୍ବାଚନ ସମୟରେ ଧାନର ସହାୟକ ମୂଲ୍ୟ ଦେଢ଼ଗୁଣା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ହିସାବରେ ଧାନର କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ପ୍ରାୟ ୩୫୧୬ ଟଙ୍କା ହେବା କଥା। ଏପରି କରା ନ ଯାଇ କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି ବୋଲି କେବଳ ଡିଣ୍ଡିମ ପିଟୁଛନ୍ତି ବୋଲି ପରିଡା କହିଛନ୍ତି। ସେହିପରି କୃଷକ ନେତା ବିଧୂଭୂଷଣ ମହାପାତ୍ର କୁହନ୍ତି ସାଧାରଣ ଧାନ ଅପେକ୍ଷା ବିହନ ଧାନ ଉତ୍ପାଦନ ଲାଗି ଖର୍ଚ୍ଚ ୨୫ରୁ ୩୦ ପ୍ରତିଶତ ଅଧିକ ଖର୍ଚ୍ଚ ହୋଇଥାଏ। ପିଣ୍ଡ ବିହନ ଉତ୍ପାଦନ ପାଇଁ କୁଇଣ୍ଟାଲ ପିଛା ଅନ୍ୟୂନ ୪ ହଜାର ଟଙ୍କା ଆବଶ୍ୟକ। ମାତ୍ର ଓଡିଶା ରାଜ୍ୟ ବିହନ ନିଗମ ପକ୍ଷରୁ ସହଳ ଓ ସୁବାସିତ କିସମ ବିହନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୦୬୫ ଟଙ୍କା ସ୍ଥିର କରାଯାଇଥିବା ବେଳେ ଏହାର ପ୍ରାମାଣିକ ଧାନ ବିହନର ଦର ୨୦୧୫ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ମଧ୍ୟମ ଓ ବିଳମ୍ବିତ କିସମ ଧାନର ପିଣ୍ଡ ବିହନ ମୂଲ୍ୟ କୁଇଣ୍ଟାଲ ପିଛା ୧୯୮୭ ଟଙ୍କା ରଖା ଯାଇଥିବା ବେଳେ ଏହାର ପ୍ରାମାଣିକ ବିହନର ଦର ୧୯୩୬ ଟଙ୍କା ଧାର୍ଯ୍ୟ କରାଯାଇଛି। ଫଳରେ ଧାନ ଚାଷୀ ଫସଲର ଲାଭ ଉଠାଇ ପାରୁନାହାନ୍ତି ବୋଲି ମହାପାତ୍ର କହିଛନ୍ତି। କୃଷକ ନେତା ରମଣୀରଞ୍ଜନ ରାଉତରାୟ କୁହନ୍ତି ଯେ, କେନ୍ଦ୍ରାପଡା ଜିଲାର ଅର୍ଥନୀତି ଚାଷ ଉପରେ ନିର୍ଭର କରେ। ତେବେ ଫସଲର ଉପଯୁକ୍ତ ମୂଲ୍ୟ ମିଳୁ ନ ଥିବାରୁ ବହୁ ଚାଷୀ ଚାଷ କାର୍ଯ୍ୟ ଛାଡି ଜିଲା ବାହାରକୁ ଦାଦନ ଖଟୁଛନ୍ତି। ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ଟଙ୍କା ଓ ବିହନର ୪୦୦୦ ଟଙ୍କା ହେଲେ ଜିଲାର ଧାନ ଚାଷୀ ଉପକୃତ ହେବେ ବୋଲି ସେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି ଯେ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ କାର୍ଯ୍ୟକାରୀ ହୋଇଥାଏ। ଏଥିରେ ଜିଲା ପ୍ରଶାସନର କୌଣସି ଭୂମିକା ନାହିଁ। ସହାୟକ ଦର ମୂଲ୍ୟ ବୃଦ୍ଧି ପାଇଁ ଅଭିଯୋଗ ପତ୍ର ମିଳିବା ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲାଗି ମହାକାଳପଡ଼ା ଚଳଚଞ୍ଚଳ



ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲାଗି କାର୍ଯ୍ୟ ତଦାରଖ କରୁଛନ୍ତି।

ମହାକାଳପଡା, ୨।୧୨ (ଡି.ଏନ୍.ଏ.)

ଆସନ୍ତା ୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହାକାଳପଡା ବ୍ଲକ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେ ବ୍ଲକ ଅନ୍ତର୍ଗତ ପେଟ୍‌ଛେଲା ପଞ୍ଚାୟତର କୋଟିଳା-ସରୁମୁହିଁ ରେଡକ୍ରସ ପଡିଆକୁ ଆସି ୨୪୧ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବୃହତ୍ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହି ପ୍ରକଳ୍ପ ଦ୍ୱାରା ମାର୍ଶାଘାଇ-ମହାକାଳପଡା ଅଞ୍ଚଳର ୩୨ ପଞ୍ଚାୟତର ପ୍ରାୟ ୨ ଲକ୍ଷ ୫୦ ହଜାର ଲୋକେ ଉପକୃତ ହେବେ। ଏହି ପ୍ରକଳ୍ପ ଜରିଆରେ ଲୁଣା ଓ ଚିତ୍ରୋତ୍ପଳା ନଦୀରୁ ଜଳକୁ ବିଶୋଧନ କରାଯାଇ ୨୯ ଓଭର ହେଡ ଟାଙ୍କି ମାଧ୍ୟମରେ ପାନୀୟ ଜଳ ଲୋକଙ୍କୁ ଯୋଗାଇ ଦେବା ଲାଗି ସ୍ଥିର କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ଲାଗି ମହାକାଳପଡା ବ୍ଲକ ଏବେ ଚଳଚଞ୍ଚଳ ହୋଇ ଉଠିଛି। ଏହି ଉପଲକ୍ଷେ ରବିବାର ପୂର୍ବାହ୍ନରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥି, ପୋଲିସ ଅଧୀକ୍ଷକ ନିତିଶେଖର, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ପ୍ରମୁଖ କୋଟିଳା-ସରୁମୁହିଁ ରେଡକ୍ରସ ପଡିଆ ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଚାଲିଥିବା ଆୟୋଜନ ସମ୍ପର୍କରେ ତଦାରଖ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ତଦାରଖ ସମୟରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଦୀପ ମହାନ୍ତି, ଗ୍ରାମ୍ୟ ପାନୀୟଜଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ଦେହୁରୀ, ବିଡିଓ ରମେଶ ଚନ୍ଦ୍ର ସେଠୀ ଓ ବିଭୂତି ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୯ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାପୂର୍ବରୁ ୭ ଥର ମହାକାଳପଡା ବ୍ଲକ ଗସ୍ତ କରିଛନ୍ତି। ୨୦୦୯ରେ ମହାକାଳପଡା ନିର୍ବାଚନ ମଣ୍ଡଳୀ ଗଠନ ହେବା ପରେ ୨୦୧୦ରେ ସେ ପ୍ରଥମ ଥର ପାଇଁ ଏହି ବ୍ଲକକୁ ଆସିଥିଲେ। ଏହା ପରଠାରୁ ସେ ବାରମ୍ବାର ବିଭିନ୍ନ କାର୍ଯକ୍ରମରେ ଯୋଗ ଦେବା ଲାଗି ସେ ଏହି ବ୍ଲକକୁ ଆସିଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ମା' ବୁଢ଼ୀ ଜାଗୁଳାଇ କ୍ରିକେଟ୍ ଟୁର୍ନାମେଣ୍ଟ

# ଗୋଲକୁଣ୍ଡ ବାଟ ମଙ୍ଗଳା ଟିମ୍ ଚାମ୍ପିୟନ୍

ଡେରାବିଶ, ୨।୧୨ (ସ୍ୱ.ପ୍ର.)



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ କୁସୁନୁପୁର ହାଇସ୍କୁଲ ପଡ଼ିଆଠାରେ ଚାଲିଥିବା ମା' ବୁଢୀ ଜାଗୁଳାଇ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ଥିଲା ଉଦ୍‌ଯାପନୀ ଦିବସ। ଉଦ୍‌ଯାପନୀ ଅବସରରେ ଗୋଲକୁଣ୍ଡ ବାଟମଙ୍ଗଳା କ୍ରିକେଟ୍ କ୍ଲବ ଏବଂ ପାରାଦପ ବ୍ଲୁଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଟମଙ୍ଗଳା କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୪ ଓଭରରେ ୨୭୬ ରନ୍ ସଂଗ୍ରହ କରିଥିଲା। ଜବାବରେ ବ୍ଲୁଷ୍ଟାର ଟିମ୍ ସମସ୍ତ ୱିକେଟ ହରାଇ ୮୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଅଜୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଟିମ୍‌କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ପୂର୍ବତନ ସମିତିସଭ୍ୟ ଶୈଳେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପୂର୍ବତନ ସରପଞ୍ଚ ବସନ୍ତରାଜ ସାମଲ, କ୍ରୀଡ଼ାବିତ୍ ଅଜୟ ଦାସ, ଗୋଲକ ଚନ୍ଦ୍ର କର, ଶ୍ରୀକାନ୍ତ କୁମାର ସାମଲ, ଅଶ୍ୱିନୀ କୁମାର କର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନିରଞ୍ଜନ ଦାସ, ବଂଶୀଧର ସ୍ୱାଇଁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

# ତ୍ୟାଗ, ସହଯୋଗରେ ଶିକ୍ଷାନୁଷ୍ଠାନ ମହାନ୍ ହୁଏ

ଡେରାବିଶ, ୨।୧୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ସମିତି ସଭାପତି ହୃଦୟାନନ୍ଦ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମହାବିଦ୍ୟାଳୟର ଏକ ଉତ୍ସବ ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷ ପ୍ରାଧ୍ୟାପକ ମଦନ ମୋହନ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବକୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡ଼ା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ତଥା ଏଚ୍. ନାୟକଙ୍କ ସ୍ମାରକୀ ବକ୍ତା ଭାବେ ପୁରୀ ଶ୍ରୀମନ୍ଦିର ପ୍ରଶାସକ ମଧୁସୂଦନ ଦାଶ ଯୋଗଦେଇ ତ୍ୟାଗ, ସହଯୋଗରେ ଶିକ୍ଷାନୁଷ୍ଠାନ ମହାନ୍ ହୁଏ ବୋଲି ମତ ଦେଇଥିଲେ। ପ୍ରାଧ୍ୟାପକ ଡା. ପ୍ରକାଶ କୁମାର ପରିଡ଼ା ଅତିଥି ପରିଚୟ ଦେଇଥିବା ବେଳେ ପ୍ରାଧ୍ୟାପକ ଡା. ଲକ୍ଷ୍ମଣ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ମାରକୀ ବକ୍ତୃତା କ୍ରମରେ କବି ମଧୁସୂଦନ ଦାଶ ଛାତ୍ରୀଛାତ୍ରଙ୍କୁ ସମୟ ଅପବ୍ୟୟ ନକରିବାକୁ ପରାମର୍ଶ ଦେଇଥିଲେ। ପ୍ରଫେସର ନନ୍ଦକିଶୋର ପରିଡ଼ା, ପ୍ରାକ୍ତନ ପରିଚାଳନା ସମିତି ସମ୍ପାଦକ ଡା. ରାଜକିଶୋର ଜେନା, ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଶ୍ରୀନିବାସ ଭୂୟାଁ ସ୍ୱର୍ଗତ ହୃଦୟାନନ୍ଦ ନାୟକଙ୍କ ଅନୁଷ୍ଠାନ ପ୍ରତି ଅନନ୍ୟ ଅବଦାନର ସ୍ମୃତିଚାରଣ କରିଥିଲେ।

■ଭାଜପା ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ

# ଜିଲା ବିକାଶ,ସଂଗଠନକୁ ଗୁରୁତ୍ୱ



ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

କେନ୍ଦ୍ରାପଡା ଅଫିସ, ୨।୧୨

ଜିଲା ଭାଜପା ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ ରବିବାର ସହରର ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭପତି ସୁଧୀର କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଦଳର ଜିଲା ଓ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ଆଗାମୀ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ ରଖି ବିଭିନ୍ନ ରଣନୀତି ପ୍ରସ୍ତୁତ କରାଯାଇଥିଲା। ବୈଠକରେ କେନ୍ଦ୍ରାପଡା ଜିଲାର ବିକାଶ ଓ ଦଳୀୟ ସଂଗଠନକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ସମସ୍ୟାର ସମାଧାନ ଦିଗରେ କର୍ମୀ ଓ କାର୍ଯ୍ୟକର୍ତ୍ତାମାନେ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ବୁଥସ୍ତରୀୟ କମିଟି ଗଠନ କେନ୍ଦ୍ରାପଡ଼ାର ସାମୁହିକ ବିକାଶ ଓ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇ ବିଭିନ୍ନ କର୍ମୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଚିତ୍ତରଞ୍ଜନ ଦାସ ଏଥିରେ ଯୋଗ ଦେଇ ଦଳୀୟ ପ୍ରସଙ୍ଗ ଉତ୍‌ଥାପନ କରିଥିଲେ। ଦୁର୍ଯ୍ୟୋଧନ ସାହୁ, ଭୁବନମୋହନ ଜେନା, ଦୁର୍ଗାପ୍ରସାଦ ନାୟକ ଓ ନୃସିଂହ ଚରଣ ସାହୁ, ପ୍ରମୁଖ ଯୋଗ ଦେଇଥିଲେ।

### କମ୍ୟୁନିଷ୍ଟ ନେତା ବରଦା ଥାଟୋଇଙ୍କ ଶ୍ରାଦ୍ଧୋତ୍ସବ

କେନ୍ଦ୍ରାପଡା ଅଫିସ, ୨।୧୨

କେନ୍ଦ୍ରାପଡା ବ୍ଲକ ପଳସିଂହା ଗ୍ରାମର ଅଲେଖ ମଠ ପରିସରରେ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ବରଦା ଥାଟୋଇଙ୍କ ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ସନ୍ଧ୍ୟାରେ ଆୟୋଜିତ ସଭାରେ ଆଇନଜୀବୀ ରାମକୃଷ୍ଣ ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ସରପଞ୍ଚ ଅଜିତ ମହାପାତ୍ର, ଅତସୀ ମଲ୍ଲିକ, ପତିତପାବନ ମଲ୍ଲିକ, ମାନଗୋବିନ୍ଦ ମଲ୍ଲିକ, କିଶୋର ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବରଦା ଥାଟୋଇଙ୍କ ସ୍ମୃତିଚାରଣ କରିଥିଲେ। ଏହା ପୂର୍ବରୁ କମ୍ୟୁନିଷ୍ଟ ନେତା ଓ ସଦସ୍ୟମାନେ ସାନମାଣିତିଆରୁ ଏକ ଶୋଭାଯାତ୍ରାରେ ଆସି ଅଲେଖ ମଠରେ ପହଞ୍ଚିଥିଲେ।

■ପାଲା ଗାୟକ ରାମଚନ୍ଦ୍ର ଶତପଥୀଙ୍କ ସ୍ମୃତିସଭା

# ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିଛି ପାଲା

ଡେରାବିଶ ୨।୧୨ (ସ୍ୱ.ପ୍ର.)



ସ୍ମୃତିସଭାରେ ଉପସ୍ଥିତ ପାଲା ଗାୟକ ଓ ସାହିତ୍ୟିକମାନେ।

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତ ଭଣଗାଁ ଗ୍ରାମର ବିଶିଷ୍ଟ ପାଲା ଗାୟକ ରାମଚନ୍ଦ୍ର ଶତପଥୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପାଲା ଗାୟକ ଲକ୍ଷ୍ମୀଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପାଲାଗାୟକ ଓ ସାହିତ୍ୟିକମାନେ ଯୋଗଦେଇ ରାମଚନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ସାମାଜିକ ବ୍ୟବସ୍ଥାକୁ ପାଲା ସୁଦୃଢ଼ କରିଛି ବୋଲି ସଭାରେ ଯୋଗଦେଇଥିବା ବିଶିଷ୍ଟ ବକ୍ତାମାନେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ପାଲା ଗାୟକ ଦଣ୍ଡହରି ପଣ୍ଡା, କେନ୍ଦ୍ରାପଡ଼ା ଜିଲା ପାଲା ଗାୟକ ପରିଷଦ ସଭାପତି ଗଗନ ବିହାରୀ ସିଂ, ସମ୍ପାଦକ ଗାୟକ ପ୍ରଫୁଲ୍ଲ କୁମାର ପଣ୍ଡା, ସିଦ୍ଧେଶ୍ୱର ନାୟକ, ବିଷ୍ଣୁପ୍ରସାଦ ରଥ, ସଙ୍ଗୀତଜ୍ଞ କ୍ଷୀରୋଦ କୁମାର ନାଥ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ମିଶ୍ର, ହାଡ଼ିବନ୍ଧୁ ଦାସ, ଦିବାକର ପ୍ରଧାନ, ଗୋଲକ ବିହାରୀ ଦାସ, ସାହିତ୍ୟିକ ଜେନାମଣୀ ବଳ, ଅରକ୍ଷିତ ପୃଷ୍ଟି, ପ୍ରଦୀପ ଶତପଥି, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତିଙ୍କ ବହିଷ୍କାର ଦାବି

ପଟ୍ଟାମୁଣ୍ଡାଇ,୨।୧୨(ସ୍ୱ.ପ୍ର)

କେନ୍ଦ୍ରାପଡା ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନଙ୍କ ବିରୋଧରେ ସମାଲୋଚନାମୂଳକ କଟୁ ମନ୍ତବ୍ୟ ଦେବା ପ୍ରତିବାଦରେ ଶନିବାର ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ପଟ୍ଟାମୁଣ୍ଡାଇଠାରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ଜିଲା ସଭାପତିଙ୍କ ବହିଷ୍କାର ଦାବି କରାଯାଇଛି। ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଭାଜପା ସଭାପତି ଶିବପ୍ରସାଦ ସାମନ୍ତରାୟ ଓ ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଭାଜପା ଯୁବମୋର୍ଚ୍ଚା ସଭାପତି ସୁଧୀର କୁମାର ରାୟ ଯୋଗ ଦେଇ କହିଥିଲେ ଯେ, ଗତ ୨୫ ତାରିଖରେ ସ୍ଥାନୀୟ ନିଗମ ମଣ୍ଡପଠାରେ ପ୍ରଧାନମନ୍ତ୍ରୀଙ୍କ ୫୦ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମ ସମ୍ପର୍କରେ ଖୋଲା ଆଲୋଚନା ହେଉଥିଲା। ମନ୍ କୀ ବାତ୍ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ମନକୁ ଛୁଇଁଥିବା ବେଳେ ଭାଜପା ଜିଲା ସଭାପତି ସାହୁ ଦଳୀୟ କର୍ମକର୍ତ୍ତାଙ୍କ ବିରୋଧରେ ଗଣମାଧ୍ୟମରେ କଟୁ ମନ୍ତବ୍ୟ ଦେବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଜିଲା ସଭାପତି ସାହୁଙ୍କ ମନ୍ତବ୍ୟ ଭାଜପା ପରି ଏକ ସଂଘୀୟ ବିଚାରଧାରା ଦଳର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି କୁଠାରଘାତ କରିଛି ବୋଲି ଖବରଦାତା ସମ୍ମିଳନୀରେ ନେତାମାନେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପୀନାଥ ପଣ୍ଡା, ବିଦ୍ୟାଧର ମଳିକ, ସୁଧାଂଶୁ ଜେନା, ରତିରଞ୍ଜନ ପଟ୍ଟନାୟକ, ଅଶୋକ ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ପାରେଶ୍ୱର ପାତ୍ର, ଅମିତାଭ ସ୍ୱାଇଁ, କୀର୍ତ୍ତି ସାହୁ, ତପନ ରାଉତ, ଶେଖ୍ ମେହମୁବ ଅଲ୍ଲୀ, ଗୋଲେଖ ସାହୁ, ଅଜୟ ମଳିକ, ରାଜେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

■ମାର୍କଫେଡ୍ ଧାନକିଣା ଦୁର୍ନୀତି ନେଇ ବିବାଦୀୟ ମନ୍ତବ୍ୟ

# ମନ୍ତ୍ରୀ ସୂର୍ଯ୍ୟ ପାତ୍ରଙ୍କ ବହିଷ୍କାର ଦାବି

ପଟ୍ଟାମୁଣ୍ଡାଇ,୨।୧୨(ସ୍ୱ.ପ୍ର)



କୁଶପୁତ୍ତଳିକା ଦାହ କରାଯାଉଛି।

ମାର୍କଫେଡ୍ ଧାନକିଣା ଦୁର୍ନୀତିରେ ପ୍ରତ୍ୟକ୍ଷ ଭାବେ ଜଡିତ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଧ୍ରୁବ ସାହୁଙ୍କୁ ଦୋଷମୁକ୍ତ କରିବାକୁ ଅପଚେଷ୍ଟା ଚଳାଇଥିବା ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦାୟିତ୍ୱହୀନ ମନ୍ତବ୍ୟକୁ ନେଇ ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଏଥିସହିତ ମନ୍ତ୍ରୀ ପାତ୍ରଙ୍କୁ ବହିଷ୍କାର କରିବା ପାଇଁ ଦାବି କରାଯାଇଛି। ଏହାର ପ୍ରତିବାଦରେ ରବିବାର ଅପରାହ୍ନରେ ପଟ୍ଟାମୁଣ୍ଡାଇ ବାଇପାସ୍ ଛକରେ ନଗର ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମନ୍ତ୍ରୀ ପାତ୍ର ଓ ଜିଲା ବିଜେଡି ସଭାପତି ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମାର୍କଫେଡ୍ ଧାନକିଣା ଦୁର୍ନୀତିରେ ଜିଲା ବିଜେଡି ସଭାପତି ସାହୁଙ୍କ ସଂପୃକ୍ତିକୁ ନେଇ ବିଧାନସଭାରେ ତଥ୍ୟ ସମ୍ବଳିତ କାଗଜପତ୍ର ଉପସ୍ଥାପନ କରିଥିଲେ। ଏହାର ତଦନ୍ତ ପାଇଁ ସରକାର ସିଏଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାନସଭାରେ ସିଏଜି ରିପୋର୍ଟ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। କିନ୍ତୁ ଦଳର ଜିଲା ସଭାପତିଙ୍କୁ ଘଣ୍ଟ ଘୋଡାଇବା ପାଇଁ ସମବାୟ ମନ୍ତ୍ରୀ ପାତ୍ର ଭୁବନେଶ୍ୱରଠାରେ ଏଥିରେ ରାଜନଗର ବିଧାୟକ ଅଂଶୁମାନଙ୍କ ସଂପୃକ୍ତି ଥିବା ବୟାନ ଦେବା ନିନ୍ଦନୀୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ପଟ୍ଟାମୁଣ୍ଡାଇ ବାଇପାସ୍‌ଠାରେ କୁଶ ପୁତ୍ତଳିକା ଦାହ କାର୍ଯ୍ୟକ୍ରମ ଅବସରରେ ନଗର କଂଗ୍ରେସ ସଭାପତି ପ୍ରଦୀପ ପ୍ରଧାନ, ବ୍ଲକ କଂଗ୍ରେସ ପ୍ରାକ୍ତନ ସଭାପତି ଯଦୁମଣି ଦାସ, ମଳୟ ଦାସ, ତପନ ପାତ୍ର, ଅମୂଲ୍ୟ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ସମୀର ଜେନା,ସନାତନ ବିଶ୍ୱାଳ, ଅଭିମନ୍ୟୁ ମଳିକ, ଆଲୋକ ଧଳ, ଜଟକୃଷ୍ଣ ବେହେରା. ଶେଖ୍ ଅମରୁଲ୍, ଅଭିମନ୍ୟୁ ମଳିକ, ଶେଖ୍ ତଇତୁଲ୍ଲାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଓ କର୍ମୀ ମାର୍କଫେଡ ଧାନକିଣା ଦୁର୍ନୀତିରେ ସଂପୃକ୍ତ ଥିବା ନେତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସମବାୟ ମନ୍ତ୍ରୀ ପାତ୍ରଙ୍କୁ ବହିଷ୍କାର କରିବାକୁ ଦାବି କରିଛନ୍ତି।




ହନୁମାନଙ୍କୁ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିବାଦୀୟ ମନ୍ତବ୍ୟ ପରେ ଦେଶରେ ଜାରି ରହିଛି ନାନା ପ୍ରକାର ଚର୍ଚ୍ଚା। ଆଦିତ୍ୟନାଥ ହନୁମାନ ଦଳିତ ଥିବା କହି ବିବାଦୀୟ ହୋଇ ପଡ଼ିଥିବାବେଳେ ଏବେ ଦ୍ୱାରିକା ପୀଠ ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଏହାକୁ ଖଣ୍ଡନ କରିଛନ୍ତି। ସ୍ୱରୂପାନନ୍ଦ କହିଛନ୍ତି ଯେ, ତୁଳସୀ ଦାସଙ୍କ ରଚନାରେ ହନୁମାନଙ୍କ ସମ୍ପର୍କରେ ବିଶଦ ଭାବେ ଉଲ୍ଲେଖ ରହିଛି। ଏଥିରୁ ଜଣାପଡୁଛି ହନୁମାନ ବ୍ରାହ୍ମଣ ଥିଲେ। ତ୍ରେତା ଯୁଗରେ ଦଳିତ ବୋଲି କୌଣସି ଶବ୍ଦ ନ ଥିବା ସେ ସୂଚିତ କରିଛନ୍ତି।

## ଆର୍ଥିକ ଶୋଷଣର ହୃଦୟବିଦାରକ କାରନାମା

# ୧୫ଟି ପଦକ୍ଷେପରେ ଓଡ଼ିଶାକୁ ଶୋଷଣ


ଡ. ସୁରେନ୍ଦ୍ର କୁମାର ମିଶ୍ର



ପୂର୍ବରୁ ପ୍ରଚଳିତ କଉଡ଼ି ଓ ରୁପା ଟଙ୍କା ବ୍ୟବସ୍ଥା।

କୃଷ୍ଣ ସିଂହଙ୍କ ହାତକୁ ରୋଢ଼ଙ୍ଗ ଜମିଦାରି ଚାଲିଯିବା ପରେ ବକ୍ସି ବିଚଳିତ ହୋଇପଡ଼ିଥିଲେ। ଜାଲିଆତି କରି ସେହି ବଙ୍ଗାଳୀ ଭଦ୍ରଲୋକ 'ରାହାଙ୍ଗ ଓଗେର' କରିଦେବା ପରେ ସମ୍ପତ୍ତି ନିଲାମ ଦିଗକୁ ଚାଲିଗଲା। ୧୮୦୭-୦୮ ମସିହା ପାଇଁ ଲକ୍ଷ୍ମୀନାରାୟଣ ରାୟ, ୧୮୦୮-୦୯ ମସିହା ଲାଗି ସୁମନ୍ତ ପଟ୍ଟଯୋଶୀ ନିଲାମ ନେଇଥିଲେ। ବକ୍ସି ରହିଲେ ଦଖଲଦାର ମାତ୍ର। ତା'ପରବର୍ଷ ବିକ୍ରି ହୋଇଗଲା ସମ୍ପତ୍ତି। କୃଷ୍ଣଚନ୍ଦ୍ର ସିଂହ କିଣିନେଲେ। ବକ୍ସି ଏହି କିଣା-ବିକା କାରବାରକୁ ନେଇ ସରକାରଙ୍କ ପାଖରେ ଅଭିଯୋଗ କଲେ। ଅଭିଯୋଗର ବିଚାର ଅନ୍ୟପ୍ରକାର ହୋଇଥାନ୍ତା, ମାତ୍ର ବକ୍ସିଙ୍କ ଦାଦାପୁଅ ଭାଇ ସମ୍ପତ୍ତିରୁ ଭାଗ ଦାବିକରି ବସିଲେ। ଗୋଳିଆପାଣି ଚାହୁଁଥିଲେ ସରକାର। ନିଷ୍ପତ୍ତିହେଲା କୃଷ୍ଣ ସିଂହଙ୍କ ମାର୍ଫତରେ ସମ୍ପତ୍ତି ରହିବ। ଶେଷରେ ଶତ୍ରୁ ହୋଇ ବାହାରିଲେ ନିଜ ଗୁମାସ୍ତା ଗଜବନ୍ଧୁ ପଟ୍ଟନାୟକ। ପାଖ-ଆଖ ଗାଁରେ ରହିଥିବା ଜମିଗୁଡ଼ିକ କୃଷ୍ଣ ସିଂହଙ୍କୁ ପଇସା ଧରାଇ ନିଜ ନାଁରେ ପଟ୍ଟା କରାଇନେଲେ। ଶେଷରେ ଚାଷ ଜମିତକ ଚାଲିଗଲା। ବଡ଼ ବ୍ୟସ୍ତ ଓ ବିବ୍ରତ ଅବସ୍ଥାରେ ବକ୍ସି ଥାଆନ୍ତି। ସେଣେ ୧୪ଟି କାରଣ ଯୋଗୁଁ ସାଧାରଣ ଜନତା ଅସନ୍ତୋଷରେ ଥାଆନ୍ତି। ତାହା ସହିତ ବକ୍ସିଙ୍କ ଅସନ୍ତୋଷ ୧୫ ତମ କାରଣରେ ପରିଣତ ହେଲା। ଅସନ୍ତୋଷର କାରଣଗୁଡ଼ିକ ହେଲା-

- ଗଜପତି ମୁକୁନ୍ଦ ଦେବଙ୍କୁ ବିତାଡ଼ିତ କରିବା ଥିଲା ପ୍ରଥମ ଅସନ୍ତୋଷ।
- ଜୟୀ ରାଜଗୁରୁଙ୍କୁ ଅମାନବୀୟ ଭାବରେ ହତ୍ୟା କରିବାଦ୍ୱାରା ଗଡ଼ମାନଙ୍କରେ ଏକ ପ୍ରତିଶୋଧ ମନୋଭାବ ସୃଷ୍ଟି ହୋଇଥିଲା।
- ମୁଦ୍ରା ପ୍ରଚଳନ କରିବା ଓ କଉଡ଼ିକୁ ମୂଲ୍ୟହୀନ କରିଦେବା ସାଧାରଣ ଜନତାଙ୍କୁ ଖୁବ୍ ବାଧିଥିଲା। କଉଡ଼ି ବଦଳରେ ରୁପାଟଙ୍କା ପ୍ରଚଳନ କରିବାଦ୍ୱାରା ବେଡ଼ି ଉପରେ କୋରଡ଼ାମାଡ଼ ସଦୃଶ ହୋଇଯାଇଥିଲା।
- ଗଜପତି ପ୍ରଦାନ କରିଥିବା ଜାଗିର ଜମିରେ ଫିରିଙ୍ଗି ସରକାର ଖଜଣା ବସାଇବା ଆରମ୍ଭ କରିଥିଲେ। ବାପ-ଅଜା ଚଉଦ ପୁରୁଷରୁ ଜାଗିରି ଜମି ଭୋଗଦଖଲ କରି ଦେଶ ଓ ସମାଜ ପାଇଁ ତ୍ୟାଗ କରୁଥିବା ଓଡ଼ିଶାର ସାଧାରଣ ଜନତା ତାତି ଉଠିଥିଲେ।
- ଖୋର୍ଦ୍ଧା ଇଲାକାକୁ ଖାସମାହାଲରେ ପରିଣତ କରିବା ଥିଲା ଅନ୍ୟତମ କାରଣ।
- ଯାହା ତ କଲେ କଲେ ଲୁଣମରା ଆଇନ ପ୍ରଚଳନ କରି ପୁରୁଷାନୁକ୍ରମିକ ଅଧିକାରକୁ କ୍ଷୁଣ୍ଣ କରିବାଦ୍ୱାରା ନିପଟ ମଫସଲରୁ ନଗର ପର୍ଯ୍ୟନ୍ତ ଲୋକେ ଅସନ୍ତୁଷ୍ଟ ହୋଇ ଉଠିଥିଲେ।
- ଖଜଣା ଆଦାୟ କାଳରେ ଖଜଣାବୃଦ୍ଧି କରିବା ପାଇଁ ଅତ୍ୟଧିକ ଯାତ୍ରୀକର ଧାର୍ଯ୍ୟ କରି ଓ ଜୋରଜବରଦସ୍ତି ଆଦାୟ କରିବାଦ୍ୱାରା ଧାର୍ମିକ ଭାବାବେଗ କ୍ଷୁଣ୍ଣ ହୋଇଥିଲା।
- ସୂର୍ଯ୍ୟାସ୍ତ ଆଇନ ବଳରେ କଲିକତାଠାରେ ଓଡ଼ିଶାର ଜମିବାଡ଼ିକୁ ହଡପ କରିବାର ଚକ୍ରାନ୍ତ ବହୁ ଲୋକଙ୍କୁ ଦାଣ୍ଡର ଭିକାରି କରି ଦେଇଥିଲା।



ଜୟୀ ରାଜଗୁରୁଙ୍କୁ ଫାଶୀ ଦିଆଯାଉଛି (ଶିଳ୍ପୀ ନାରାୟଣ ମହାରଣାଙ୍କ ଦ୍ୱାରା ଅଙ୍କିତ ଚିତ୍ର)।

ଐତିହ୍ୟର ଓଡ଼ିଶା

- ଥିଲେ ଥିଲେ ଶେଷକୁ ସାମରିକ ବାହିନୀରେ କାର୍ଯ୍ୟ କରୁଥିବା ବୀର ଓଡ଼ିଆ ପାଇକଙ୍କର ଜାଗିର ଜମିକୁ ନିଲାମ କରାଇବା ଆରମ୍ଭ କରିଥିଲେ। ତାହାଦ୍ୱାରା ଜୟୀ ରାଜଗୁରୁଙ୍କ ହତ୍ୟା ପରଠାରୁ ଗଡ଼ଗୁଡ଼ିକରେ କୁହୁଳୁଥିବା ନିଆଁ ଉଗ୍ରରୂପ ଧାରଣ କରିଥିଲା।
- ଖଜଣାବୃଦ୍ଧି କରିବା ପାଇଁ ବାରମ୍ବାର ଜମିର ଖଜଣା ନିର୍ଦ୍ଧାରଣ କରିବାଦ୍ୱାରା ଆର୍ଥିକ ଦୃଷ୍ଟିରୁ ଲୋକେ ନିଃସ୍ୱ ହୋଇଯାଇଥିଲେ।
- ଖଜଣା ଆଦାୟ କାଳରେ ସାଧାରଣ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରି ଦେଇଥିଲେ ଫିରିଙ୍ଗି ଶାସନର କର୍ମଚାରୀ। କର୍ମଚାରୀମାନଙ୍କର ଏହି ଭାବଭଙ୍ଗୀ ଘରେ ଘରେ ଲୋକଙ୍କୁ ଉତ୍ତେଜିତ କରିଥିଲା।
- ପୂର୍ବରୁ ପ୍ରଚଳିତ ଥିବା କରମୁକ୍ତ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ରଦ୍ଦ କରିଦେବା।
- ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି କରି ସାଧାରଣ ଖାଉଟିଙ୍କୁ ଶୋଷଣ କରିବାର ଚିନ୍ତାଧାରା, ସେଥିରେ ଲୁଣ ମଧ୍ୟ ସାମିଲ।
- ବଙ୍ଗାଳୀ କର୍ମଚାରୀଙ୍କର ଜାଲିଆତିକୁ ନୀରବ ସମର୍ଥନ କରିବା।
- ଜମିଦାରମାନଙ୍କୁ ଜମିର ମାଲିକାନା ସ୍ୱତ୍ୱରୁ ବଂଚିତ କରିବା।

ଏହି ଶେଷ ତଥା ୧୫ ତମ ବିନ୍ଦୁଟି ବକ୍ସି ଜଗବନ୍ଧୁଙ୍କ କ୍ଷେତ୍ରରେ ଘଟିଥିଲା। ଏହାକୁ ସାର୍ବଜନୀନ ବିଚାରରେ ଗ୍ରହଣ କରି ଓଡ଼ିଶାର ଏହା ଏକ ସାର୍ବଜନୀନ ସମସ୍ୟା ହୋଇଥିଲା ବୋଲି ଇତିହାସରେ ଲେଖିଥିଲେ କିଛି ଅଶୁଦ୍ଧ ହୋଇ ନ ଥାନ୍ତା। କିନ୍ତୁ ଏହି ଗୋଟିଏ ବାକ୍ୟକୁ ଫେଣେଇ ଫେଣେଇ ବକ୍ସି ଜଗବନ୍ଧୁଙ୍କୁ ତା ମଧ୍ୟକୁ ଭିଡ଼ି-ଓଟାରି ଏମିତି ଆମେ ଉପସ୍ଥାପନ କଲୁ ଯେ ତାହା ଏକ ବ୍ୟକ୍ତିଗତ କାରଣରୂପେ ପ୍ରଚାରିତ ହୋଇଗଲା। ବାସ୍ତବରେ ୧୫ଟି ଅସାମାଜିକ ଓ ଅମାନବିକ ପଦକ୍ଷେପ ଯୋଗୁଁ ଓଡ଼ିଶାର ସାଧାରଣ ଜନତା, ଜମିଦାର, କ୍ଷତ୍ରିୟ ଓ ପାଇକ ବୀରମାନଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳି ଉଠିଥିଲା। ବକ୍ସିଙ୍କର ଘଟଣା ନିଆଁ ଉପରେ ଘିଅ ଢ଼ାଳିବା ଭଳି ସ୍ୱାଭାବିକ ଥିଲା। ୧୮୦୪ ମସିହା ଜୟୀ ରାଜଗୁରୁଙ୍କ ଯୁଦ୍ଧର ଏ ସମ୍ପ୍ରସାରିତ ରୂପ ଭାବରେ ଏହି ଅସନ୍ତୋଷ ମୁଣ୍ଡଟେକି ଯୁଦ୍ଧର ରୂପ ନେଇଥିଲା। ଯାହା ଜର୍ଜ ଟୟନବୀ ସ୍ୱୀକାର କରିଛନ୍ତି। ଓଡ଼ିଶାର ସେହି ଯୁଦ୍ଧର ଘନଘଟା ସମଗ୍ର ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା। ଦିଲ୍ଲୀରେ ବଡଲାଟଙ୍କ ସ୍ଥିତି ଚହଲି ଯାଇଥିଲା। ପ୍ରକୃତରେ ଏହାକୁ ପାଇକବିଦ୍ରୋହ ଆଖ୍ୟା ଦିଆ ଯାଇଥିଲେ ମଧ୍ୟ ଏହା ପାଇକଯୁଦ୍ଧରୂପେ ଘୋଷଣା ହେବା କଥା। ୧୮୦୪ ମସିହାରେ ରାଜଗୁରୁଙ୍କ ସେନାପତିତ୍ୱରେ ଆମର ବରେଣ୍ୟ ପାଇକବୀରଙ୍କ ଦ୍ୱାରା ଯେପରି ଭୟାବହ ଯୁଦ୍ଧ ହୋଇଥିଲା ତାହା କୁହୁଳି କୁହୁଳି ୧୮୧୭ ମସିହାରେ ଏକ ବିସ୍ଫୋରକ ଯୁଦ୍ଧରେ ପରିଣତ ହୋଇଥିଲା। ଏହାକୁ ଆମେ ସମ୍ରାଟ୍ ଅଶୋକଙ୍କ ସମୟରେ କଳିଙ୍ଗରେ ହୋଇଥିବା ଗଣଯୁଦ୍ଧ ପରି ଏକ ଗଣଯୁଦ୍ଧ ବୋଲି କହିବାରେ କୌଣସି ସଂଶୟ ନାହିଁ। ବାସ୍ତବରେ ଏହି ଯୁଦ୍ଧ ଗଣଯୁଦ୍ଧ ହିଁ ହୋଇଥିଲା।


**OFFICE OF THE MUNICIPAL COUNCIL, SUNDARGARH**

No. 5221 Dt. 01.12.2018

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

Bid Reference No. SNGM-12/2018-19/Dt. .2018

On behalf of the Sundargarh Municipality, on-line e-tender Item Rate Bids are invited by the Executive Officer, Sundargarh Municipality from the intending registered suppliers / manufacturers / agencies of Godrej and eligible category of bidders in conformity with the Detailed Tender Call Notice for "Supply of Furniture, AC, etc. to the Office of the Chairperson and Vice-Chairperson of Sundargarh Municipality" as mentioned in the DTCN.

1. Total No. of items for which tenders invited: 13 nos.
2. Place of Supply: Office of Sundargarh Municipality.
3. Eligible Class of Contractors: Registered suppliers / manufacturers /agencies of Godrej as indicated against each work mentioned in the Tender Call Notice.
4. Intending bidders have to participate through "Online" bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from 11AM on 03.12.2018 to 5PM on 12.12.2018 for online bidding.
6. Bids received online will be opened at 11AM on 15.12.2018.
7. The bidder must possess valid and compatible Digital Signature Certificate (DSC).
8. The DTCN for 13 nos. of work shall be available in the e-Procurement portal https://www.tendersodisha.gov.in for online bidding.

*Sd./- Executive Officer, Sundargarh Municipality*



**Office of the Municipal Council, Bhawanipatna**

No. 3562 **"e" Procurement Notice** Dated 30.11.2018

**Tender Call Notice- EOBPM/Online-05/2018-19**

The Municipal Council Bhawanipatna invites online bid in single cover system through e-Procurement.

| | |
|---|---|
| Tender reference No. | : EOBPM/Online-02/2018-19 |
| Name of Work | : Civil Work |
| Total Nos. of Works | : 2 (Two) |
| Value of works | : Rs. 4.43 to Rs. 14.70 lakh |
| Date of availability of tender for online bidding | : From 03.12.2018 at 11.00AM upto 17.12.2018 at 5.00PM |
| Date of opening of bids | : 21.12.2018 at 4.00PM |
| Name and address of the Officer inviting bid | : Executive Officer, Bhawanipatna Municipality |

Further details can be seen from procurement portal the website: www.tendersorissa.gov.in.

*Sd./- Executive Officer, Bhawanipatna Municipality*



**GOVERNMENT OF ODISHA** No.889-A

**DEPARTMENT OF WATER RESOURCES**

**"e" Procurement Notice-BAID 08 of 2018-19**

**Bid Identification No.BAID 08 of 2018-19**

| | | |
|---|---|---|
| 1 | Name of the work | Canal work for the year 2019-20 |
| 2 | Total No. of package | 18 Nos. |
| 3 | Tender cost | Rs.8.32 lakhs to 21.94 lakhs as per DTCN |
| 4 | Bid Security (Online) | Rs.8400/- to Rs.22000/- as per DTCN |
| 5 | Cost of tener paper (Online) | Rs.6000/- & 4000/- as per DTCN |
| 6 | Period of completion | 120 days |
| 7 | Availability of tender online for bidding | From 07.12.2018 at 12.00 Noon to 17.12.2018 upto 5.00 PM |
| 8 | Date and place of opening | Dt.18.12.2018 at 11.00 AM in the office of the Executive Engineer, Baitarani Division, Salapada |
| 9 | Tender inviting authority | Executive Engineer, Baitarani Division, Salapada, Keonjhar, Odisha |

Further details can be seen from the website http://www.tendersorissa.gov.in / www.dowrodisha.gov.in. Any addendum / Corrigendum / Cancellation to the above notice will be published in this website only.

**Sd./- Executive Engineer, Baitarani Division, Salapada**

32006/11/0013/1819



**COLLECTORATE, BALANGIR**

**(SOCIAL WELFARE SECTION)**

No. 2280/ DSWO Dated: 01.12.2018

**TENDER CALL NOTICE FOR WALL PAINTINGS**

Sealed tenders in prescribed format are invited from intending firms / agencies for wall paintings at Gram Panchayat level in 285 GPs in Balangir district. Tender papers and other details regarding terms & conditions, specifications earnest money deposit etc. can be obtained from the office of the Collector (DSWO section) Balangir on payment of Rs. 2000/- (Rupees Two Thousand) only (non-refundable) during office hours from dt.02.12.2018 to dt.18.12.2018 in working days. The same can also be downloaded from our official website http://balangir.nic.in and can be filed along with a DD of Rs. 2000/- (Rupees Two Thousand) drawn in favour of DSWO, Balangir payable at Balangir towards the cost of tender papers if the tender paper is not purchased from the office. Tender papers complete in all respect along with required documents must be submitted to DSWO, Balangir on or before 19.12.2018 by 1.00PM by Registered Post /Speed Post / Courier service and tender papers received beyond the date and time mentioned above shall not be entertained. The tender shall be opened on the same date i.e. 19.12.2018 at 4.00PM by the Collector / Chairman of the tender committee in presence of all the members and tenderers / representative(s) of the tenderer(s).

The authority reserves the right to reject any or all the tenders without assigning any reason thereof.

*Sd./- COLLECTOR, BALANGIR*



**OFFICE OF THE REGULATED MARKET COMMITTEE, BHANJANAGAR**

**AT/PO- BHANJANAGAR, DIST.- GANJAM, ODISHA, PIN-**

**E-PROCUREMENT (INVITATION FOR BIDS)**

**BID IDENTIFICATION No. RMC/Bhanjanagar 1/2018-19**

No. 90 Dated: 28.11.2018

The Sub-Collector-cum-Chairman, R.M.C. Bhanjanagar invites percentage of BID through e-Procurement in single cover according to norms of e-Procurement.

1. Type of work : Construction of FIC-CUM-Auction Hall, Laboratory, Toilet, Sinking tube well for e-Nam At Sub-Market Yard, Buguda under RMC Bhanjanagar.
2. Total No. work : 01 (One)
3. Tender amount cost : Rs. 40,25,804.00
4. Period of Completion : 6 (Six) calendar months
5. Date & time availability of BID document in the portal : From 10AM of Date 03.12.2018 to 5PM of 18.12.2018
6. Original BID document submission in Tender Box : NA
7. Date & time of opening of tender : 19.12.2018 at 11.30AM (Friday)

Further, the details of e-tender document can be had from the e-Procurement portal www.tenderodisha.gov.in. Corrigendum if any, shall only be published in above website.

*Sd./- Sub-Collector-cum-Chairman R.M.C., Bhanjanagar*



**Agricultural Technology Management Agency (ATMA), Kendrapara**

**Under the Scheme "Support to State Extension Programme for Extension Reform"**

**କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) କେନ୍ଦ୍ରାପଡ଼ା**

କୃଷି ଓ କୃଷକମାନଙ୍କ ପାଇଁ ଉପଯୁକ୍ତ ସୂଚନା ତଥା ବୈଷୟିକ ଜ୍ଞାନ ପ୍ରଦାନ କରିବାରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଛି। କୃଷି ଓ ଆନୁଷଙ୍ଗିକ ବିଭାଗ ମାଧ୍ୟମରେ କୃଷକ ତାଲିମ ଶିବିର, କ୍ଷେତ୍ର ପ୍ରଦର୍ଶନୀ, କୃଷକ କ୍ଷେତ୍ର ବିଦ୍ୟାଳୟ ମାନ ଆୟୋଜନ କରାଯାଉଛି। ଉନ୍ନତ ଜ୍ଞାନକୌଶଳ ଆହରଣ ପାଇଁ କୃଷକମାନଙ୍କୁ ରାଜ୍ୟ ଭିତରେ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନକୁ ଭ୍ରମଣ ତଥା ତାଲିମ ପାଇଁ ପଠାଯାଉଛି। କୃଷକମାନଙ୍କର ଦକ୍ଷତା ବୃଦ୍ଧି ପାଇଁ କୃଷକ ବୈଜ୍ଞାନିକଙ୍କ ମଧ୍ୟରେ ଆଲୋଚନାଚକ୍ରର ଆୟୋଜନ କରାଯାଉଛି। ଉନ୍ନତ କିସମ ଚାଷ ପାଇଁ ଅଗ୍ରଣୀ କୃଷକମାନଙ୍କୁ ଜିଲ୍ଲା ତଥା ରାଜ୍ୟ ସ୍ତରରେ ପୁରସ୍କୃତ କରାଯାଉଛି।

ଶେଖ ଏହେସନ, ଉପପ୍ରକଳ୍ପ ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା

ମିତ୍ରୋଦୟ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା


See Career Appointment on every Wednesday & Saturday


**ରାଷ୍ଟ୍ରୀୟ ଲୋକ ଅଦାଲତ** 18-w

ତା୦୮।୧୨।୨୦୧୮ ରିଖ (ଶନିବାର)

**ବିଶେଷ ସୂଚନା**

୧। ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?

୨। ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।

୩। ତା ୦୮.୧୨.୨୦୧୮ ରିଖ (ଶନିବାର)ରେ ଉଚ୍ଚନ୍ୟାୟଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ର-ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।

୪। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

୫। କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମବିବାଦ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ହୋଇପାରିବ।

୬। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ।

୭। ଯଦି କୌଣସି ବିଚାରାଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।

୮। ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।

୯। ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
କଟକ
ଯୋଗାଯୋଗ : (୦୬୭୧) ୨୩୦୭୦୭୧

18008/11/0013/1819



**GOVERNMENT OF ODISHA** No.886-A

**DEPARTMENT OF WATER RESOURCES**

**OFFICE OF THE EXECUTIVE ENGINEER, EARTH DAM DIVISION, CHITRAKONDA, DISTRICT: MALKANGIRI**

E-mail ID –executiveengineereddckd@gmail.com

**"e" Procurement Notice**

1. Name of Work: As per detailed Tender Call Notice. (2) Total No. of package: 02 No(s) individual packages (3) Estimated cost of package(s): Varies from Rs. 24.91 to Rs. 90.31 Lakhs (4) Period of completion: Varies from 02 (Two) Calendar months to 04 (Four) Calendar Months).

| Procurement Officer | Bid -Identification No. | Availability of tender On-line for biding | | Opening of Tender |
|---|---|---|---|---|
| | | Form | To | |
| 1 | 2 | 3 | 4 | 5 |
| Executive Engineer, Earth Dam Division, Chitrakonda | EDD-04 of 2018-19 On-line | 12.12.2018 at 10.00 A.M. | 22.12.2018 up to 5.00 PM. | 27.12.2018 at 11.00 A.M on wards at S.I Sub Division Malkangiri |

Further details can be seen from the Govt. web site www.tendersorissa.gov.in.
Corrigendum / addendum / Cancellation of tender can also be seen in the aforesaid website.

**Sd./- Executive Engineer, Earth Dam Division, Chitrakonda, Malkangiri (O)**

32019/11/0007/1819



**DISTRICT EDUCATION OFFICE, GAJAPATI**

No. 10208 Date: 01.12.18

**SHORT TENDER CALL NOTICE**

Sealed tender in the prescribed tender paper are invited from the registered firms / authorized dealers / distributers / reputed suppliers / manufacturers / wholesale cooperative stores having valid PAN and GSTIN registration for supply of articles / items required for Hostel, Utensils for Kitchen, Bed items and other assets as detailed in Annexure A, B, C, D & E respectively for 06 number of Girls' Hostels of Odisha Adarsha Vidyalaya located within the premises of OAV, Kaithapadar in Rayagada block, BHQ Nuagada (Parimala) in Nuagada block, Chelligada in R.Udayagiri block, Gundima in Mohana block, Allada in Kashinagar block & BHQ Gumma in Gumma block.

The tender is to be received only through **Registered Post / Speed Post** on or before **17.12.2018 by 05.00 PM** in the office of the District Education Officer, Gajapati which will be opened on **19.12.18 at 4.00 PM** in the office chamber of the **District Education Office, Gajapati** by the procurement committee. The tenderers or their authorized representatives may present during the opening of the tender.

For more details term & conditions and tender paper for supply of the items please visit the official website **www.gajapati.nic.in** or available in the office of the District Education Officer, Gajapati from **01.12.18** to **17.12.18** during office hour on all working day on payment of **Rs.5000/- (Five thousand only)** per tender in shape of bank draft in favour of **District Education Officer, Gajapati** which is non-refundable. It can also be downloaded from the website and submitted along with a bank draft of **Rs.5000/-** only. The Collector-cum-Chairperson, Odisha Adarsha Vidyalaya reserves the right to accept or cancle any or all the tender without assigning any reason thereof.

**Sd./- Collector-cum-Chairperson, Gajapati**



**OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR** 1091-O

**(At:- Ambapua, Po:- Engineering School Near Income Tax Office, Berhampur-760011)**

E-Mail:- serwbpr2004@yahoo.com, Tel/FAX:- 0680-2404287

E-Mail / E-Despatch

**NATIONAL COMPETITIVE BIDDING THROUGH e-Procurement**

**Bid Identification No. Online Tender /25-2018-19/BPR**

| Identification No. | Name of work | No. of Works | Approx. Estimated Cost (in lakh) | Class of Contractor | Period of Completion |
|---|---|---|---|---|---|
| Online Tender / 25-2018-19/BPR | Road Works under MMSY | 03 Nos. | From Rs. 467.80 lakhs to Rs. 553.20 Lakhs | "A" or "Special" Class as applicable | 12 (Twelve) & 11 (Eleven) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/25-2018-19/ BPR | 07.12.2018 at 10.00AM | 27.12.2018 upto 3.00PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.

(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

25071/11/0037/1819 *Sd./- J.Beura, Superintending Engineer, R.W.Circle, Berhampur*

## ସ୍ୱାସ୍ଥ୍ୟ ସୂଚନା

❖ନିଜର ଜୀବନଶୈଳୀ ପ୍ରତି ସବୁବେଳେ ସନ୍ତୁଳିତ ରହନ୍ତୁ। କାରଣ ଅସନ୍ତୁଳିତ ଜୀବନଶୈଳୀ ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ।

❖ପ୍ରତିଦିନ କିଛି ନ କଲେ ନାହିଁ ସକାଳୁ ଅଧ ଘଣ୍ଟାଏ ଚାଲନ୍ତୁ। ଏହାଦ୍ୱାରା ମନ ଫୁର୍ତ୍ତି ରହିବା ସହ ମାନସିକତା ସକାରାତ୍ମକ ରହିଥାଏ।

❖ମନଲୋଭା ଖାଦ୍ୟ ଦେଖିଲେ ତାକୁ ଖାଇବାକୁ କାହାର ଲୋଭ ନ ହୁଏ କହିଲେ ? ହେଲେ ନିଜର ଲୋଭକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।

❖ବୟସ ବଢ଼ିବା ସହ ଆମକୁ ନିଜ ସ୍ୱାସ୍ଥ୍ୟ ପ୍ରତି ଆହୁରି ସଚେତନ ରହିବାକୁ ପଡେ। ତେଣୁ ଏହି ସମୟରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

❖ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିବାର ଏକ ସହଜ ଉପାୟ ରହିଛି। ପ୍ରତିଦିନ ସାଲାଡ ଖାଆନ୍ତୁ, ଯାହା ଶରୀରରେ ଜଳୀୟ ଅଂଶ ବଢ଼ାଇଥାଏ।

❖ପ୍ରତିଦିନ ଶୋଇବାର ସମୟ ନିର୍ଦ୍ଧିଷ୍ଟ ସ୍ଥିର କରନ୍ତୁ। କାରଣ ପରିଶ୍ରମ ଅନୁସାରେ ବିଶ୍ରାମ ନ ନେଲେ ତାହା ଶାରୀରିକ ସମସ୍ୟାକୁ ଡାକିଆଣେ।



# ପୁରୁଷଙ୍କ ଅପ୍ରଜନନତା



ଡା. ଲିପ୍‌ସା ମିଶ୍ର

ସମସ୍ତ ପରୀକ୍ଷଣ ଠିକ୍ ହେବା ପରେ ମଧ୍ୟ ଅନେକ ଦମ୍ପତିଙ୍କ ପକ୍ଷେ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିବା କଷ୍ଟକର ହୋଇଥାଏ। ଗର୍ଭଧାରଣ କରିବାକୁ ଚେଷ୍ଟା କରୁଥିବା ଦମ୍ପତିମାନଙ୍କଠାରେ ପୁରୁଷଙ୍କ ଅପ୍ରଜନନତା ହେଉଛି ପ୍ରମୁଖ କାରଣମାନଙ୍କ ମଧ୍ୟରୁ ଗୋଟିଏ, ଯାହା ସବୁବେଳେ ନଜରକୁ ଆସିଥାଏ। ଶୁକ୍ରାଣୁର ଗୁଣବତ୍ତା ଓ ପରିମାଣ ଗର୍ଭଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଏବଂ ପୁରୁଷଙ୍କ ପ୍ରଜନନତାରେ ନିଷ୍ପତ୍ତିମୂଳକ କାରଣ ମଧ୍ୟ ହୋଇଥାଏ। ଏହି ସମ୍ଭାବନାଗୁଡ଼ିକ ୧୦ଟି ଫୋଲ୍ଡରେ ଗ୍ରହଣ ହୋଇ ନ ଥାଏ ଓ ବହିର୍ଗତ ହୋଇଥିବା ଶୁକ୍ରାଣୁର ପରିମାଣ କମ୍ ଓ ନିମ୍ନମାନର ହୋଇଥିଲେ ସମୟେ ସମୟେ ଏହା ଅଧିକ ହୋଇଥାଏ।

**କାରଣ:** ପୁରୁଷଙ୍କ କ୍ଷେତ୍ରରେ ଅପ୍ରଜନନତା ଅସାଧାରଣ ଶୁକ୍ର ଉତ୍ପାଦନ କିମ୍ବା ନିମ୍ନମାନର ଶୁକ୍ର ନିର୍ଗମନ ଯୋଗୁ ହୋଇଥାଏ। ପୁରୁଷମାନଙ୍କଠାରେ ଶୁକ୍ର ଉତ୍ପାଦନ ଓ ବିକାଶରେ କୌଣସି ଅସୁବିଧା ନ ଥାଇପାରେ, କିନ୍ତୁ ଗଠନ ତଥା ନିର୍ଗମନ ସମସ୍ୟା ସୁସ୍ଥ ଶୁକ୍ରାଣୁଯୁକ୍ତ ନିର୍ଗମନ ଫ୍ଲୁଇଡ଼ମାନଙ୍କୁ ପ୍ରଜନନ ହୋଇପାରୁଥିବା ଫାଲୋପିଆନ୍ ଟ୍ୟୁବ୍‌ରେ ପହଞ୍ଚିବାରେ ବାଧା ଦେଇଥାଏ। କମ୍ ପରିମାଣର ଶୁକ୍ର, ଶୁକ୍ରାଣୁ ନିର୍ଗମନରେ ସମସ୍ୟାକୁ ଦର୍ଶାଇଥାଏ। ପ୍ରାୟତଃ ପୁରୁଷମାନଙ୍କଠାରେ ଅପ୍ରଜନନତାର ସଂକେତଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ପୁରୁଷଙ୍କ ଅପ୍ରଜନନତାର ତିନୋଟି (ଅଧିକ ହୋଇଥାଇପାରେ) ପ୍ରମୁଖ କାରଣଗୁଡ଼ିକ ହେଉଛି– ଓଲିଗୋଜୁସ୍ପର୍ମିଆ (କମ୍ ପରିମାଣର ଶୁକ୍ର), ଟେରାଟୋଜୁସ୍ପର୍ମିଆ (ଶୁକ୍ରର ଅସାଧାରଣ ରୂପତତ୍ତ୍ୱ) ଏବଂ ଶୁକ୍ର ସ୍ଥାନାନ୍ତରଣ ସମସ୍ୟା। ଶୁକ୍ର ସ୍ଥାନାନ୍ତରଣ ସମସ୍ୟା ପାଖାପାଖି ୨୦% ପୁରୁଷଙ୍କ ଅପ୍ରଜନନତାର କାରଣ ହୋଇଥାଏ। ଶୁକ୍ର ସ୍ଥାନାନ୍ତରଣ ସମସ୍ୟାଜନିତ ଜଟିଳତା ଶୁକ୍ରର ଘନତାରେ କମ୍‌ର କାରଣ ହୋଇଥାଏ ଏବଂ ଏଥିଯୋଗୁ ଶୁକ୍ର ମହିଳାଙ୍କ ତଳିପେଟରେ ସୁରକ୍ଷିତ ଭାବରେ ଯିବାକୁ ସକ୍ଷମତା ରଖି ନ ଥାଏ।

ଶୁକ୍ରାଣୁ ଟେଷ୍ଟିସ୍‌ମାନଙ୍କ ଦ୍ୱାରା ଉପନ୍ନ ହୋଇଥାଏ ଏବଂ ଏହା ପରିପକ୍ୱ ହେବା ପାଇଁ ୭୨ ଦିନ ସମୟ ନେଇଥାଏ। ଏହି ପରିପକ୍ୱ ଶୁକ୍ର ମୋଟିଲିଟି ଗ୍ରହଣ କରିବା ପାଇଁ ଟେଷ୍ଟିସ୍‌ରୁ ଏପିଡିଡାଇମିସ୍‌କୁ ଯାଇଥାଏ ଏବଂ ସେଥିପାଇଁ ଏହା ୧୦ ଦିନ ପରେ ପରବର୍ତ୍ତୀ ଅର୍ଗାଜିମ୍ କରିବାକୁ ପ୍ରସ୍ତୁତ ହୋଇଥାଏ। କିନ୍ତୁ ନଳୀରେ ଥିବା କିଛି ପ୍ରତିରୋଧକ ନିର୍ଗମନ ଶୁକ୍ରରସରେ ଶୁକ୍ରାଣୁର ଅଭାବର କାରଣ ହୋଇଥାଏ।



"ପୁରୁଷଙ୍କ କ୍ଷେତ୍ରରେ ଅପ୍ରଜନନତା ଅସାଧାରଣ ଶୁକ୍ର ଉତ୍ପାଦନ କିମ୍ବା ନିମ୍ନମାନର ଶୁକ୍ର ନିର୍ଗମନ ଯୋଗୁଁ ହୋଇଥାଏ। ପୁରୁଷମାନଙ୍କଠାରେ ଶୁକ୍ର ଉତ୍ପାଦନ ଓ ବିକାଶରେ କୌଣସି ଅସୁବିଧା ନ ଥାଇପାରେ, କିନ୍ତୁ ଗଠନ ତଥା ନିର୍ଗମନ ସମସ୍ୟା ସୁସ୍ଥ ଶୁକ୍ରାଣୁଯୁକ୍ତ ନିର୍ଗମନ ଫ୍ଲୁଇଡ଼ମାନଙ୍କୁ ପ୍ରଜନନ ହୋଇପାରୁଥିବା ଫାଲୋପିଆନ୍ ଟ୍ୟୁବ୍‌ରେ ପହଞ୍ଚିବାରେ ବଧା ଦେଇଥାଏ। କମ୍ ପରିମାଣର ଶୁକ୍ର, ଶୁକ୍ରାଣୁ ନିର୍ଗମନରେ ସମସ୍ୟାକୁ ଦର୍ଶାଇଥାଏ। ପ୍ରାୟତଃ ପୁରୁଷଙ୍କଠାରେ ଅପ୍ରଜନନତାର ସଂକେତଗୁଡ଼ିକ ଗୁରୁତ୍ୱପର୍ଣ୍ଣ।"



**ଶୁକ୍ରାଣୁର ଗତିକୁ କ'ଣ ପ୍ରଭାବିତ କରିଥାଏ :** ନିମ୍ନମାନର ଶୁକ୍ର କ୍ଷରଣ ହେବାର କେତୋଟି କାରଣ ରହିଛି।

**ନିର୍ଗମନର ପଶ୍ଚାତ୍‌ଗାମୀ :** ଯୌନକ୍ରିୟା ସମୟରେ ପୁରୁଷର ମୂତ୍ରାଶୟ ବନ୍ଦ ହୋଇପାରି ନ ଥାଏ, ଯାହାଫଳରେ ଶୁକ୍ରରସ ଲିଙ୍ଗ ଦ୍ୱାରା ନିର୍ଗମନ ନ ହୋଇ ମୂତ୍ରାଶୟ ମଧ୍ୟକୁ ଫେରିଯାଇଥାଏ। ଏହା ସ୍ନାୟୁ ବ୍ୟବସ୍ଥାରେ ରୋଗ, ଚିକିତ୍ସା କିମ୍ବା ଆଗୁଆ ଅସ୍ତ୍ରୋପଚାର ଯୋଗୁ ହୋଇଥାଏ।

**ଭାସେକ୍ଟୋମି ରିଭର୍ସାଲ୍‌ରେ ଅସଫଳ :** ଆଜି ପର୍ଯ୍ୟନ୍ତ ଭାସେକ୍ଟୋମି ରିଭର୍ସାଲ୍ ପଦ୍ଧତିରୁ ଆଶାନୁରୂପ ସଫଳତା ମିଳିନାହିଁ। ଭାସେକ୍ଟୋମି ରିଭର୍ସାଲ୍ ପରେ ଆଣ୍ଟି–ସ୍ପର୍ମ ଆଣ୍ଟି ବଡି ବିକଶିତ ହୋଇଥାଆନ୍ତି ଏବଂ ତାହା ଗର୍ଭଧାରଣରେ ବାଧା ସୃଷ୍ଟି କରିଥାଏ।

**ପ୍ରତିରୋଧ :** ପୁରୁଷର ଟେଷ୍ଟିସ୍‌ରେ ଥିବା ଶୁକ୍ର ଉତ୍ପାଦନ, ଶୁକ୍ର କ୍ଷରଣ ଓ ସଂରକ୍ଷଣ ଡକ୍ଟ ସହ ଜଡ଼ିତ ବ୍ୟବସ୍ଥାମାନଙ୍କୁ ଶୁକ୍ର ସଂରକ୍ଷଣ ଓ ସେଗୁଡ଼ିକୁ ମୂତ୍ରନଳୀକୁ ସ୍ଥାନାନ୍ତର କରିବାକୁ ହୋଇଥାଏ। ଅସ୍ତ୍ରୋପଚାର, ସଂକ୍ରମଣ ଓ ବଂଶାନୁକ୍ରମିକ ରୋଗ ଶୁକ୍ର କ୍ଷରଣକୁ ରୋକିପାରେ। କିଛି ପୁରୁଷ ଜନ୍ମରୁ ଡକ୍ଟଗୁଡ଼ିକୁ ବନ୍ଦ କରିଥାଆନ୍ତି କିମ୍ବା ନଳୀଗୁଡ଼ିକୁ ହରାଇଥାଆନ୍ତି। ତେଣୁ ଲିଙ୍ଗ ମଧ୍ୟରେ ଥିବା ମୂତ୍ରନଳୀର ବହିର୍ଗମନ ପଥ ମଧ୍ୟ ନିମ୍ନ ଶୁକ୍ର କ୍ଷରଣର କାରଣ ହୋଇଥାଏ।

**ଇରେକ୍ଟାଇଲ୍ ଡିସ୍‌ଫଙ୍କଶନ :** ଯୌନ ସମସ୍ୟା, ଯେପରି କି ଅପରିପକ୍ୱ ନିର୍ଗମନ ଓ ଇରେକ୍ଟାଇଲ୍ ଡିସ୍‌ଫଙ୍କଶନ୍ ଗର୍ଭଧାରଣ ରୋକିଥାଏ। ଦମ୍ପତିମାନେ ମାନସିକ ପରାମର୍ଶ ନେଇପାରିବେ ଏବଂ ଇରେକ୍ସନ୍ ଓ ଯୌନ କ୍ରିୟାରେ ହେଉଥିବା ଅସୁବିଧାର କାରଣ ବିଷୟରେ ଅବଗତ ହୋଇପାରିବେ।

**ଶୁକ୍ର ପରିବହନ ସମସ୍ୟାର ବିଭାଗୀକରଣ:** ଟେଷ୍ଟିସଠାରୁ ମୂତ୍ରନଳୀକୁ ଶୁକ୍ର ଧାରଣ କରିଥିବା ବିଭିନ୍ନ ଡକ୍ଟରେ ଥିବା ବ୍ଲକେଜ ଶୁକ୍ର ପରିବହନରେ ଅସୁବିଧାର କାରଣ ହୋଇପାରେ । ଶୁକ୍ର ପରିବହନରେ ଦେଖାଯାଉଥିବା ଅସୁବିଧା ମଧ୍ୟରେ ଜନ୍ମଗତ ଅସୁବିଧା, ଅର୍ଜନ କରିଥିବା ଅସୁବିଧା ଏବଂ କାର୍ଯ୍ୟକଳାପଜନିତ ଅସୁବିଧା ରହିଛି।

**ଜନ୍ମଗତ ଅସୁବିଧା :** ଏହା ଏକ ଜନ୍ମଗତ ଅସୁବିଧା, ଯାହା ମଧ୍ୟରେ ଅସ୍ୱାଭାବିକ ବୃଦ୍ଧି ରହିଥାଏ ଏବଂ ସ୍ପର୍ମ ଡକ୍ଟ ଅଣଓସାରିଆ ରହିଥାଏ । ଏହା ସେମିନାଲ ଭେସିକଲ (ସ୍ପର୍ମ ସଂଗ୍ରହ କରୁଥିବା)ରୁ ସିମେନର ଏବଂ ମୂତ୍ରନଳୀ ମାଧ୍ୟମରେ ଭାସରୁ ଉପାଦାନ ପରିବହନ କରିବା ପାଇଁ ଅନୁପସ୍ଥିତ ଥାଏ ।

**ଅର୍ଜିତ ପରିସ୍ଥିତି :** ଏହା ପୂର୍ବରୁ ଥିବା ରୋଗ କିମ୍ବା ପ୍ରଜନନ ବ୍ୟବସ୍ଥାରେ ସଂକ୍ରମଣ ପାଇଁ ହୋଇଥାଏ । ଶୁକ୍ର ପରିବହନ ସ୍କାର୍ସ ଦ୍ୱାରା ପ୍ରଭାବିତ ହୋଇଥାଏ ଯାହା ଡକ୍ଟରେ ସ୍ପର୍ମର ରାସ୍ତାକୁ ପ୍ରତିରୋଧ କରୁଥିବା ଇନଫ୍ଲାମେଶନ ପାଇଁ ହୋଇଥାଏ । ଯଦି କୌଣସି ରୋଗୀ ପେଟର ସର୍ଜରି ତଥା ହର୍ନିଆ ଇତ୍ୟାଦି ହୋଇଥାଏ ଯାହା ଦ୍ୱାରା ରୋଗୀଙ୍କ ମଧ୍ୟରେ ସ୍ପର୍ମର ଗତି ପ୍ରଭାବିତ ହୋଇଥାଏ ।

**କାର୍ଯ୍ୟକଳାପଜନିତ ଅସୁବିଧା :** ସ୍ନାୟୁ ବ୍ୟବସ୍ଥାରେ ଥିବା କିଛି ଅସୁବିଧା ସ୍ପର୍ମ ଗତି କ୍ଷମତାକୁ ପ୍ରଭାବିତ କରିଥାଏ । ପରିସ୍ଥିତି ତଥା ସ୍ନାୟୁର ଅସୁବିଧା ଦୁର୍ଘଟଣା କିମ୍ବା ସର୍ଜରି ଦ୍ୱାରା ହୋଇଥାଏ, ଯାହା ମେରୁଦଣ୍ଡରେ ଆଘାତ ଯୋଗୁ ହୋଇଥାଏ (ମାଂସପେଶୀର ଗତିରେ ପ୍ରଭାବ ପକାଇଥାଏ), ସ୍ପର୍ମର ପରିବହନରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଆଣ୍ଟି–ଡିପ୍ରେସାଣ୍ଟ ମେଡିସିନଗୁଡ଼ିକ ସ୍ନାୟୁ ବ୍ୟବସ୍ଥା ଉପରେ ପ୍ରଭାବ ପକାଇଥାଏ ।

**ଆସିଷ୍ଟେଡ ପ୍ରଜନନ କୌଶଳ :** ବିଭିନ୍ନ କୌଶଳ ମଧ୍ୟରେ ଇନ ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍) ଏବଂ ଇନଟ୍ରାସାଇଟୋପ୍ଲାସମିକ ସ୍ପର୍ମ ଇନ୍‌ଜେକଶନ (ଆଇସିଏସଆଇ) ସ୍ପର୍ମ ରିଟ୍ରାଇଭାଲ ପାଇଁ ରହିଛି ଯାହା ମଧ୍ୟରେ ପରକ୍ୟୁଟାନିଅସ ଏପିଡିଡାଇମାଲ ସ୍ପର୍ମ ଆସ୍ପିରେଶନ, ସ୍ପର୍ମ ଆସ୍ପିରେଶନ, ମାଇକ୍ରୋ ସର୍ଜିକାଲ ଇପିଡିଡାଇମାଲ ସ୍ପର୍ମ ଆସ୍ପିରେଶନ ଏବଂ ଓପନ ଟେଷ୍ଟିକୁଲାର ସ୍ପର୍ମ ଏକ୍ସଟ୍ରାକ୍ସନ ରହିଛି, ମେଡିକାଲ ବିଜ୍ଞାନ କ୍ଷେତ୍ରରେ ବିକାଶ ସହିତ ଆଇଭିଏଫ୍ କୌଶଳ ଅଧିକ ପ୍ରଚଳିତ ହୋଇଛି । ସର୍ଜିକାଲ ସ୍ପର୍ମ ରିଟ୍ରାଇଭାଲ ଏକ କୌଶଳ ଯାହା ଆଇଭିଏଫ ଏବଂ ଆଇଭିଏଫ୍–ଆଇସିଏସ୍ଆଇ ଉଭୟରେ ଆବଶ୍ୟକ କରୁଥିବା ସ୍ପର୍ମ ଯୋଗାଇଥାଏ ।

ଟେଷ୍ଟିକୁଲାର ସ୍ପର୍ମ ରିଟ୍ରାଇଭାଲ ଏକ ନୂତନ ଏବଂ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଅତ୍ୟନ୍ତ ଅତ୍ୟାଧୁନିକ କୌଶଳ । ଏ କ୍ଷେତ୍ରରେ ଆଇସିଏସ୍ଆଇ ଏବଂ ଆଇଭିଏଫ୍‌ର ଉତ୍ପତ୍ତି ଦ୍ୱାରା ଏହି କୌଶଳ ଅଣ୍ଡକୋଷ ସୃଷ୍ଟି କରିଥାଏ, ଏହା ସ୍ପର୍ମ ମାଚ୍ୟୁର କରିବାରେ ବାଧ୍ୟତାମୂଳକ ନୁହେଁ ଏବଂ ଏହା ଏପିଡାଇଡାମିସ ମଧ୍ୟରେ ଗତି କରିଥାଏ । ଏହି ପ୍ରକ୍ରିୟା କିଛି ସର୍ଜରି ତଥା ଭାସ୍କୋଟୋମି, ସଂକ୍ରମଣ କିମ୍ବା ଜନ୍ମଗତ କାରଣ ଯୋଗୁ ହୋଇଥିବା ଏପିଡାଇଡାଏମିସରେ ବ୍ଲକେଜ ଥିବା ରୋଗୀଙ୍କ ପାଇଁ ଖୁବ ଲାଭଦାୟକ ।

*–ସ୍ତ୍ରୀରୋଗ ବିଶେଷଜ୍ଞ ଏବଂ ଆଇଭିଏଫ୍ ଏକ୍ସପର୍ଟ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ, ଭୁବନେଶ୍ୱର*

# ଶକ୍ତିର ସାମର୍ଥ୍ୟ

"ଆଜିକାଲି ଅନେକ ବିକଳ୍ପ ଶକ୍ତିର ବ୍ୟବହାର କରାଯାଉଛି। ଉଦାହରଣ – ଜୁଆରଶକ୍ତି, ଗୋବରଗ୍ୟାସ୍, ଭୂତାପଶକ୍ତି, ଉଦ୍‌ଜାନ ଜାଳେଣି, ବାୟୋଡିଜେଲ ଓ ଆହୁରି ଅନେକ। ଏଥିରୁ ଅଧିକାଂଶ ଉତ୍ସରେ ଖର୍ଚ୍ଚ ଅଧିକ। କେତେକ ଉତ୍ସର ବ୍ୟବହାର ଦ୍ୱାରା ପରିବେଶ ଦୂଷିତ ହେବାର ଭୟ ବି ରହିଛି। ପୁଣି ସବୁ ଅଞ୍ଚଳରେ ସବୁ ଉତ୍ସ ମିଳିପାରିବ ନାହିଁ। ତଥାପି ଏସବୁ ବିକଳ୍ପ ଶକ୍ତିର ବ୍ୟବହାର ଦ୍ୱାରା ଶକ୍ତିର ଅଭାବକୁ କିଛିମାତ୍ରାରେ ପୂରଣ କରାଯାଇ ପାରୁଛି। ଯଦି ପରିବେଶକୁ ଦୂଷିତ କରୁ ନ ଥିବା ଏବଂ ଚିରସ୍ଥାୟୀ ବିକଳ୍ପ ଶକ୍ତିର କଥା କହିବା, ତେବେ ତାହା ହେଉଛି – ସୌରଶକ୍ତି।"





ଭୀଷ୍ମଦେବ ବାଗ

ଠେଲିବା ଓ ଟାଣିବାର ଅର୍ଥ ହେଉଛି ବଳ ପ୍ରୟୋଗ କରିବା । ବଳ ପ୍ରୟୋଗ କରି କାର୍ଯ୍ୟ କରାହୁଏ । ବଳ ପ୍ରୟୋଗ କରି ଗୋଟିଏ ବସ୍ତୁକୁ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ନେଲେ ଆମେ କହୁ କାର୍ଯ୍ୟ ସଂପାଦନ ହେଲା । ଆମେ କାର୍ଯ୍ୟ କରିବା ପାଇଁ ଶକ୍ତି ଦରକାର । ଆମେ ତ ଖାଇଲେ ଆମକୁ ଶକ୍ତି ମିଳେ । କିନ୍ତୁ କଳକାରଖାନାକୁ ଶକ୍ତି କୋଉଠୁ ମିଳେ? କାହିଁକି ନା, କଳକାରଖାନା ଚାଲିବା ପାଇଁ ଶକ୍ତି ଆବଶ୍ୟକ । ଗାଡିମୋଟର ଚାଲିବା ପାଇଁ ମଧ୍ୟ ଶକ୍ତି ଆବଶ୍ୟକ । କିନ୍ତୁ ଏସବୁ ପାଇଁ ଭାତ, ଡାଲି, ରୁଟି ଓ ତରକାରି ଇତ୍ୟାଦି ଖାଦ୍ୟ ପଦାର୍ଥରୁ ମିଳେ ନାହିଁ । କୋଇଲା, ଡିଜେଲ ଓ ପେଟ୍ରୋଲ ଭଳି ଇନ୍ଧନରୁ କଳକାରଖାନା ଓ ଗାଡିମୋଟର ଶକ୍ତି ପାଆନ୍ତି । କୋଇଲା, ଡିଜେଲ ଓ ପେଟ୍ରୋଲ ଇତ୍ୟାଦି 'ଶକ୍ତିର ଉତ୍ସ'। ଅନେକ ଦିନରୁ କୋଇଲା, ପେଟ୍ରୋଲ ଓ ଡିଜେଲର ବ୍ୟବହାର ହୋଇ ଆସୁଛି । ତେଣୁ ଏଗୁଡିକୁ 'ପାରମ୍ପରିକ ଶକ୍ତି ଉତ୍ସ' କୁହାଯାଏ ।

ଆଜିକାଲି ସବୁଠି ବିଜୁଳି ଶକ୍ତି ବ୍ୟବହାର ହେଉଛି । କଳକାରଖାନା ବିଜୁଳି ଶକ୍ତିରେ ଚାଲିଛି । ତାପଜ ବିଦ୍ୟୁତ୍‌କେନ୍ଦ୍ରରେ କୋଇଲା ଜଳାଯାଏ । ପୃଥିବୀର ୫ ଭାଗରୁ ପ୍ରାୟ ୪ ଭାଗ ବିଜୁଳିଶକ୍ତି ଆସେ ତାପଜ ବିଦ୍ୟୁତ୍‌କେନ୍ଦ୍ରରୁ ଏବଂ ୧ ଭାଗ ଆସେ ଜଳ ବିଦ୍ୟୁତ୍‌କେନ୍ଦ୍ରରୁ। କୋଇଲା ଜାଳିଲେ ପରିବେଶ ଦୂଷିତ ହୁଏ । କୋଇଲା ବି ସରିଆସୁଛି । ତେଣୁ ଆମ ପାଇଁ ବିକଳ୍ପଶକ୍ତି ଅପରିହାର୍ଯ୍ୟ ହୋଇପଡିଛି ।

ଆଜିକାଲି ଅନେକ ବିକଳ୍ପ ଶକ୍ତିର ବ୍ୟବହାର କରାଯାଉଛି । ଉଦାହରଣ – ଜୁଆରଶକ୍ତି, ଗୋବରଗ୍ୟାସ୍, ଭୂତାପଶକ୍ତି, ଉଦ୍‌ଜାନ ଜାଳେଣି, ବାୟୋଡିଜେଲ ଓ ଆହୁରି ଅନେକ । ଏଥିରୁ ଅଧିକାଂଶ ଉତ୍ସରେ ଖର୍ଚ୍ଚ ଅଧିକ । କେତେକ ଉତ୍ସର ବ୍ୟବହାର ଦ୍ୱାରା ପରିବେଶ ଦୂଷିତ ହେବାର ଭୟ ବି ରହିଛି । ପୁଣି ସବୁ ଅଞ୍ଚଳରେ ସବୁ ଉତ୍ସ ମିଳିପାରିବ ନାହିଁ । ତଥାପି ଏସବୁ ବିକଳ୍ପ ଶକ୍ତିର ବ୍ୟବହାର ଦ୍ୱାରା ଶକ୍ତିର ଅଭାବକୁ କିଛିମାତ୍ରାରେ ପୂରଣ କରାଯାଇ ପାରୁଛି । ଯଦି ପରିବେଶକୁ ଦୂଷିତ କରୁ ନ ଥିବା ଏବଂ ଚିରସ୍ଥାୟୀ ବିକଳ୍ପ ଶକ୍ତିର କଥା କହିବା, ତେବେ ତାହା ହେଉଛି – ସୌରଶକ୍ତି ।

ସୂର୍ଯ୍ୟ କିରଣରେ ତାପ ଶକ୍ତି ଓ ଆଲୋକ ଶକ୍ତି ଅଛି । ଏହାକୁ ଆମେ ସୌରଶକ୍ତି କହୁ । ପୃଥିବୀ ୧ ଘଣ୍ଟାରେ ପାଉଥିବା ସୌରଶକ୍ତିକୁ ପୂରାପୂରି ବିଜୁଳିଶକ୍ତିରେ ପରିଣତ କରି ପାରିଲେ ତାହା ଆମକୁ ୧ ବର୍ଷ ଶକ୍ତି ଯୋଗାଇ ପାରିବ । କିନ୍ତୁ ସମସ୍ତ ସୂର୍ଯ୍ୟକିରଣକୁ ସଂଗ୍ରହ କରିବା ପାଇଁ ଆମ ପାଖରେ ସୁବିଧା ନାହିଁ । ଦ୍ୱିତୀୟରେ ଆମ ସୌରବ୍ୟାଟେରୀ ୫ ଭାଗରୁ ୧ ଭାଗ ସୌରଶକ୍ତିକୁ ବିଜୁଳିଶକ୍ତିରେ ପରିଣତ କରିପାରିବ । ଅବଶ୍ୟ ସୌରଶକ୍ତିରେ ବିଜୁଳିବତି ଜାଳିପାରିବା । ତାପଜ ବଲ୍‌ବ୍ ଓ ସି.ଏଫ୍.ଏଲ୍. ବଦଳରେ ଏଲ୍.ଇ.ଡି. ବଲ୍‌ବ୍ ଅତି କମ୍ ଶକ୍ତିରେ ଉଜ୍ଜ୍ୱଳ ଜଳିପାରେ । ପାଣି ଗରମ କରି ହେବ । ସୌରଶକ୍ତିରେ ଛୋଟ ଗାଡିମୋଟର ଚାଲିପାରିବ । ଏବେ ସୌରଶକ୍ତିରେ ବଡ ବଡ ଗାଡିମୋଟର ଓ କଳକାରଖାନା ଚଳେଇବା ପାଇଁ ଗୁରୁତର ସହିତ ଗବେଷଣା ଜାରିରହିଛି । ସତ କହିଲେ, ସୌରବ୍ୟାଟେରୀର ଦକ୍ଷତା ଆଶାନୁରୂପ ବଢିପାରିଲେ ଯାଇ ଆଜି ଯେଉଁ ଶକ୍ତିସଙ୍କଟ ଦେଖାଦେଇଛି, ତାହାର ସହଜ ସମାଧାନ ସମ୍ଭବ ହୋଇପାରିବ । ଆଜି ଏହି କଥାକୁ ସମସ୍ତେ ହୃଦୟଙ୍ଗମ କରି ପାରିଛନ୍ତି । ତେଣୁ ସୌରବ୍ୟାଟେରୀର ଦକ୍ଷତା ବୃଦ୍ଧି କରିବା ଦିଗରେ ସକ୍ରିୟ ଗବେଷଣା ଜାରି ରହିଛି ।

–ଏମ୍. ଫିଲ. (ଫିଜିକ୍ସ), ଇ.ଏସ୍.ଆର.ଏସ୍., ଭବାନୀପୁର, ସୁନ୍ଦରଗଡ

# ହେପାଟାଇଟିସ୍ ଭାଇରସ ସଂକ୍ରମଣ କରେ ଟାଟୁ

ହେପାଟାଇଟିସ୍ ଏକ ମାରାତ୍ମକ ରୋଗ। ପ୍ରାରମ୍ଭରୁ ଏହାର ଠିକ ଭାବରେ ଚିକିତ୍ସା ନ କଲେ ତାହା ପ୍ରାଣନାଶକ ସାଜିଥାଏ। ଏହାର ଭାଇରସ ସଂକ୍ରମଣ କରିବାରେ ଟାଟୁର ଭୂମିକା ରହିଛି ବୋଲି ଲଣ୍ଡନ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଗବେଷଣାରୁ ଜାଣିବାକୁ ମିଳିଛି। ଆଜିକାଲି ଯୁବପିଢ଼ି ଟାଟୁ କରିବା ଏକ ଫ୍ୟାଶନରେ ପରିଣତ ହୋଇଗଲାଣି। ହେଲେ ବେଳେବେଳେ ଏହି ଆନନ୍ଦ ଶାରୀରିକ ସମସ୍ୟାକୁ ଡାକିଆଣିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଟାଟୁ କରିଥିବା କିଛି ବ୍ୟକ୍ତିଙ୍କର ଶରୀରରେ ହେପାଟାଇଟିସ୍ ଭାଇରସ ଅଛନ୍ତି କି ନାହିଁ ତାହା ପରୀକ୍ଷା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ହେପାଟାଇଟିସ୍‌ର ଭାଇରସ ଠାବ କରାଯାଇଥିଲା। ବିଶେଷଭାବରେ ହେପାଟାଇଟିସ ଭାଇରସ ତରଳ ପଦାର୍ଥ ସଂସ୍ପର୍ଶରେ ଆସିଲେ ସେମାନେ ସହଜରେ ସେମାନଙ୍କର କାୟା ବିସ୍ତାର କରିଥାଆନ୍ତି। ଅନ୍ୟପକ୍ଷରେ ଠିକ ଭାବରେ ବିଶୋଧନ କରାଯାଇ ନ ଥିବା ଛୁଞ୍ଚିରେ ଟାଟୁ କଲେ ଏହି ରୋଗର ଭାଇରସ ନିଜର ବଂଶ ବିସ୍ତାର କରିବାରେ ସାହାଯ୍ୟ କରିଥାଏ।



# ଗହଳି ସ୍ଥାନ ଓ ମେଦବହୁଳତା

ମେଦବହୁଳତା ବା ଓଜନ ବୃଦ୍ଧି ଏବେ ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଗଲାଣି। ଆବଶ୍ୟକତାଠାରୁ ଅଧିକ ଖାଇବା, ଅଧିକ ପରିମାଣରେ ଜଙ୍କ ଫୁଡ୍ ତେଲଯୁକ୍ତ ଖାଦ୍ୟ ଖାଇବା ସାଧାରଣତଃ ଓଜନ ବଢ଼ାଇବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ମେଦବୃଦ୍ଧି ଯୋଗୁ ହୃଦ୍‌ରୋଗ, ବ୍ଲଡପ୍ରେସର ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ତେବେ ଓଜନ ବଢ଼ିବା ପଛରେ ଆଉ ଏକ କାରଣ ଅଛି ବୋଲି ପ୍ରକାଶ କରିଛନ୍ତି ଚାଇନାର ବିଶେଷଜ୍ଞମାନେ। ଯଦି ଜଣେ ବ୍ୟକ୍ତି ଅଧିକ ସମୟ ଜନଗହଳିପୂର୍ଣ୍ଣ ସ୍ଥାନରେ ରହନ୍ତି ତେବେ ତାହା ଓଜନ ବଢ଼ାଇବାରେ ସହାୟକ ହୋଇଥାଏ। ପ୍ରାୟ ପ୍ରତିଦିନ ଗହଳି ସ୍ଥାନରେ ରହୁଥିବା କିଛି ବ୍ୟକ୍ତିଙ୍କର ଓଜନକୁ ନିୟମିତ ସମୟ ଅନ୍ତରାଳରେ ମପାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କର ଓଜନ ବଢୁଥିବାର ଜଣାପଡିଥିଲା। ଗହଳି ସ୍ଥାନରେ ରହୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ନିଜର ଖାଦ୍ୟଲୋଭକୁ ସମ୍ବରଣ କରିପାରନ୍ତି ନାହିଁ। ଫଳରେ ସେମାନେ ଓଜନ ବୃଦ୍ଧି ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି।





“ ଭୂଷଣ ଷ୍ଟିଲ ସମେତ ଆମର ଅନ୍ୟାନ୍ୟ ୟୁନିଟ୍‌ଗୁଡ଼ିକର କ୍ଷମତା ବୃଦ୍ଧି ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛୁ।
– ଟି.ଭି. ନରେନ୍ଦ୍ରନ, ଟାଟା ଷ୍ଟିଲ୍ ଏମ୍‌ଡି



“ ଆଗାମୀ ୩ ବର୍ଷ ମଧ୍ୟରେ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ କ୍ଷେତ୍ରରେ ଭାରତ ବଜାର ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେବ।
– ପେଟେ ଲିୟୁ, ସହପ୍ରତିଷ୍ଠାତା ତଥା ସିଇଓ, ଓ୍ୱାନପ୍ଲସ

## ସଂକ୍ଷେପରେ

### ସବୁ ୟୁଜରଙ୍କୁ ପେମେଣ୍ଟ ସେବା ଯୋଗାଣ

## ଆର୍‌ବିଆଇର ଅନୁମତି ମାଗିଲା ହ୍ୱାଟ୍ସଆପ୍

**ନୂଆଦିଲ୍ଲୀ,୨-୧୨:** ହ୍ୱାଟ୍ସଆପ୍ ଭାରତରେ ଥିବା ନିଜର ୨୦ କୋଟି ୟୁଜରଙ୍କୁ ପେମେଣ୍ଟ ସେବା ଦେବାକୁ ଚାହୁଁଛି। ଏଥିଲାଗି ହ୍ୱାଟ୍ସଆପ୍ ମୁଖ୍ୟ ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ଠାରୁ ଅନୁମତି ମାଗିଛନ୍ତି। ପ୍ଲାଟଫର୍ମରେ ମିଥ୍ୟା ଖବର ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ରୋଷର ଶିକାର ହୋଇଥିବା କମ୍ପାନୀ ଏବେ ସାରା ଦେଶରେ ପେମେଣ୍ଟ ସେବା ଯୋଗାଇ ଦେବା ଲାଗି ନିୟନ୍ତ୍ରକଙ୍କ ଅନୁମତି ଅପେକ୍ଷାରେ ରହିଛି। ପ୍ରାୟ ମାସେ ହେବ ୧୦ ଲକ୍ଷ ୟୁଜର ଏହି ପେମେଣ୍ଟ ଫିଚରକୁ ପରୀକ୍ଷା କରୁଛନ୍ତି। ସରକାରଙ୍କ ସହ ଆଲୋଚନା ପରେ ହ୍ୱାଟ୍ସଆପ୍ ପ୍ରାୟ ୨ ବର୍ଷ ପୂର୍ବେ ଏହି ବ୍ୟବସ୍ଥା ଆରମ୍ଭ କରିଥିଲା। ଏହାର ପ୍ରତିଦ୍ୱନ୍ଦ୍ୱୀ ଗୁଗୁଲ ପୂର୍ବରୁ ଏହି ପେମେଣ୍ଟ ସେବା ଆରମ୍ଭ କରିସାରିଛି। ଏବେ ହ୍ୱାଟ୍ସଆପ୍ ମୁଖ୍ୟ କ୍ରିସ୍ ଡାନିଏଲ୍ସ ଆର୍‌ବିଆଇକୁ ଚିଠି ଲେଖି ଏଥିପାଇଁ ଔପଚାରିକ ଅନୁମତି ମାଗିଛନ୍ତି।

### ଅର୍ଥ ସଙ୍କଟ ମୁଖ୍ୟ ସମସ୍ୟା

## ୭ ଗଲ୍ଫ ରୁଟ୍‌ରୁ ଓହରିଲା ଜେଟ୍ ଏୟାରୱେଜ



**ନୂଆଦିଲ୍ଲୀ,୨-୧୨:** ଆର୍ଥିକ ସଙ୍କଟର ସାମ୍ନା କରୁଥିବା ପ୍ରମୁଖ ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ ଚଳିତ ମାସରୁ ୭ଟି ଗଲ୍ଫ ରୁଟ୍‌ରେ ଉଡ଼ାଣକୁ ପ୍ରତ୍ୟାହାର କରିନେବ। ନରେଶ ଗୋଏଲଙ୍କ ମାଲିକାନାରେ ପରିଚାଳିତ ଏହି ବିମାନ କମ୍ପାନୀ ଦୋହା, ମାସ୍କଟ, ଆବୁଧାବୀ ଏବଂ ଦୁବାଇର ବିଭିନ୍ନ ସ୍ଥାନକୁ ଯାଉଥିବା ୩୯ ରୁଟ୍‌ରେ ଉଡ଼ାଣ ବନ୍ଦ କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଯାତ୍ରୀ ସଂଖ୍ୟା କମିବା, ବର୍ଦ୍ଧିତ ପ୍ରତିଯୋଗିତାର ସମ୍ମୁଖୀନ ହୋଇ ନ ପାରିବା ତଥା ଗଲ୍ଫ ଦେଶର ଅର୍ଥନୀତି ଭୁଶୁଡିପଡ଼ିବା କାରଣରୁ ଏବେ ଏହି କମ୍ପାନୀ ତା'ର କାର୍ଯ୍ୟକୁ ସୀମିତ କରିବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ, ଜେଟ୍ ଏୟାରୱେଜରେ ଏଟିହାଦ ଏୟାରୱେଜର ୨୪ ପ୍ରତିଶତ ଅଂଶଧନ ରହିଛି। ଚଳିତ ମାସ ୫ରୁ ଏହି ଉଡ଼ାଣକୁ ବନ୍ଦ କରାଯିବ ବୋଲି ଜଣାପଡିଛି।

### ୨୧୧୧କୋଟି ଅସୁଲ ଲକ୍ଷ୍ୟ

## ଏସ୍‌ବିଆଇ ବିକିବ ୩ ଏନ୍‌ପିଏ ଆକାଉଣ୍ଟ

**ନୂଆଦିଲ୍ଲୀ,୨-୧୨:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ୨,୧୧୧.୭୦ କୋଟି ଟଙ୍କା ଅସୁଲ କରିବା ଲାଗି ୩ ଏନ୍‌ପିଏ(ଅନାଦାୟ ଋଣ) ଆକାଉଣ୍ଟକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି। ଚଳିତ ମାସ ୧୩ରେ ଏଗୁଡିକର ଇ-ନିଲାମୀ ହେବ। ସୋନା ଆଲଏ ପ୍ରାଇଭେଟ ଲିମିଟେଡ, ଏମ୍‌ସିଏଲ୍ ଗ୍ଲୋବାଲ ଷ୍ଟିଲ୍ ପ୍ରାଇଭେଟ ଲିମିଟେଡ ଓ ଜୟସୱାଲ ନେକୋ ଇଣ୍ଡଷ୍ଟ୍ରିଜକୁ ବିକ୍ରି କରାଯିବ। ଏସ୍‌ବିଆଇ ନିଜର ୱେବସାଇଟ୍‌ରେ ଦର୍ଶାଇଛି ଯେ, ନିୟାମକଙ୍କ ଗାଇଡଲାଇନ ଓ ଅନୁରୂପ ଆର୍ଥିକ ସମ୍ପତ୍ତି ବିକ୍ରିକୁ ନେଇ ବ୍ୟାଙ୍କର ନୀତି ଅନୁଯାୟୀ ଉକ୍ତ ଆକାଉଣ୍ଟଗୁଡିକୁ ସମ୍ପତ୍ତି ପୁନର୍ଗଠନ କମ୍ପାନୀ/ବ୍ୟାଙ୍କ/ଏନ୍‌ବିଏଫ୍‌ସି/ଆର୍ଥିକ ସଂସ୍ଥାଙ୍କ ନିକଟରେ ଉପସ୍ଥାପନ କରାଯିବ। ଗତ ମାସରେ ବ୍ୟାଙ୍କ ପକ୍ଷରୁ ୧୧ ଏଭଳି ଏନ୍‌ପିଏ ଆକାଉଣ୍ଟର ଇ-ନିଲାମୀ କରାଯାଇଥିଲା। ସେମାନଙ୍କଠାରୁ ୧,୦୧୯ କୋଟି ଟଙ୍କା ବକେୟା ଆଦାୟ କରିବାକୁ ବ୍ୟାଙ୍କ ତତ୍ପର ହେଉଥିଲା। ଚଳିତ ବର୍ଷ ସେପ୍ଟେମ୍ବର ୩୦ ସୁଦ୍ଧା ଏସ୍‌ବିଆଇର ମୋଟ୍ ଏନ୍‌ପିଏ ପରିମାଣ ମୋଟ୍ ଋଣର ୯.୯୫% ଥିଲା। ବର୍ଷକ ପୂର୍ବେ ଏହା ୯.୮୩ ପ୍ରତିଶତ ରହିଥିଲା।

## ଏ.ଏସ୍.ରାଜୀବ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ସିଇଓ

**ନୂଆଦିଲ୍ଲୀ,୨-୧୨:** ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏମ୍‌ଡି ତଥା ସିଇଓ ଭାବେ ଏ.ଏସ.ରାଜୀବ ନିଯୁକ୍ତ ହୋଇଛନ୍ତି। ଏସମ୍ପର୍କରେ ବ୍ୟାଙ୍କ ପକ୍ଷରୁ ରବିବାର ଏକ ବିବୃତି ଜାରି କରାଯାଇଛି। ଉଲ୍ଲେଖଥାଉ କି, ରାଜୀବଙ୍କ ନିକଟରେ ପ୍ରାୟ ୩ ଦଶନ୍ଧିର ପେସାଦାର ଅଭିଜ୍ଞତା ରହିଛି। ଏଥିପୂର୍ବରୁ ସେ ସିଣ୍ଡିକେଟ ବ୍ୟାଙ୍କ, ବିଜୟା ବ୍ୟାଙ୍କ ଏବଂ ଇଣ୍ଡିଆନ ବ୍ୟାଙ୍କରେ କାମ କରିସାରିଛନ୍ତି।

# ଓପେକ୍‌ର ନିଷ୍ପତ୍ତି ସ୍ଥିର କରିବ ଟଙ୍କାର ମୂଲ୍ୟ

**ନୂଆଦିଲ୍ଲୀ,୨-୧୨**

### ୬ରେ ବସିବ ବୈଠକ

- କ୍ରୁଡ୍ ଦର ୫୦ ଡଲାର ଆଖପାଖରେ
- ଉତ୍ପାଦନ କମିଲେ ଟଙ୍କା ୭୧ ଛୁଇଁବ
- ଅସହମତ ହେଲେ ଟଙ୍କା ୬୭ ଛୁଇଁପାରେ



ଅଧିକ ଉତ୍ପାଦନ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ(କ୍ରୁଡ୍) ଦର ବ୍ୟାରେଲ ପିଛା ୫୦ ଡଲାର ଆଖପାଖରେ ରହିଛି। ଏଥିଯୋଗୁ କ୍ଷତି ହେଉଥିବା ଦର୍ଶାଇ ତୈଳ ଉତ୍ପାଦକ ଦେଶଗୁଡିକୁ ନେଇ ଗଠିତ ଦେଶ ସମୂହ ଓପେକ୍ ପକ୍ଷରୁ ଆସନ୍ତା ୬ରେ ଏକ ଜରୁରୀ ବୈଠକ ଡକାଯାଇଛି। ଦରବୃଦ୍ଧି ନେଇ ସହମତି ପ୍ରକାଶ ପାଇଁ ଏହି ବୈଠକ ଆହ୍ୱାନ କରାଯାଇଥିବା ବେଳେ ଭାରତ ଏହା ଉପରେ ଦୃଷ୍ଟିନିବଦ୍ଧ ରଖିଛି। କାରଣ କ୍ରୁଡ୍ ଦର ବୃଦ୍ଧି ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବ। ଏହାର ପ୍ରଭାବ ଟଙ୍କାର ମୂଲ୍ୟ ଉପରେ ସିଧାସଳଖ ପଡ଼ିବ। ଉତ୍ପାଦନ କମାଇବା ଲାଗି ସହମତି ପ୍ରକାଶ ପାଇଲେ ଟଙ୍କାର ମୂଲ୍ୟ ଚଳିତ ମାସ ଶେଷ ସୁଦ୍ଧା ୭୧ ଓ ପ୍ରକାଶ ନ ପାଇଲେ ଏହା ୬୭ ସ୍ତର ଛୁଇଁପାରେ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଇରାନ ବିରୋଧରେ ଆମେରିକା କଟକଣାକୁ ଦେଖି ତେଲର ଅଭାବ ରହିବ ବୋଲି ଆଶଙ୍କାବ୍ୟକ୍ତ କରାଯିବା ଯୋଗୁ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍‌ର ଦର ବ୍ୟାରେଲ ପିଛା ପ୍ରାୟ ୮୫ ଡଲାର ଉପରେ ରହିଥିଲା। ତେବେ କଟକଣାରୁ ଭାରତ ସମେତ ୮ଟି ତୈଳ ଆମଦାନୀକାରୀ ଦେଶକୁ ବାଦ୍ ଦିଆଯିବା ପରେ ଦର ଧୀରେ ଧୀରେ ହ୍ରାସ ପାଇବାକୁ ଲାଗିଛି। ଏହା ଏବେ ୫୦ଡଲାର ଆଖପାଖରେ କାରବାର କରୁଛି। ଏହାକୁ ନେଇ ଓପେକ୍ ଦେଶଗୁଡିକ ଚିନ୍ତାପ୍ରକଟ କରିଛନ୍ତି। ଆସନ୍ତା ୬ ତାରିଖ ବୈଠକରେ ଉତ୍ପାଦନ ହ୍ରାସ କରି ଦରବୃଦ୍ଧି କରିବାକୁ ବାଧ୍ୟ କରିବା ଲାଗି ଓପେକ୍ ଦେଶଗୁଡିକ ଚାହୁଁଛନ୍ତି। ଅନ୍ୟପକ୍ଷରେ ଆମେରିକା, ରୁଷ ଓ ଅନ୍ୟ ଅଣ ଓପେକ୍ ଦେଶଗୁଡିକର ନିଷ୍ପତ୍ତି ମଧ୍ୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଚଳିତ ବର୍ଷ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ଘରୋଇ ଓ ଅନ୍ତର୍ଜାତୀୟ କାରଣରୁ ଟଙ୍କା କ୍ରମାଗତ ହ୍ରାସ ପାଇଥିଲା। ଏହି ସମୟରେ ଏହା ୧୮ ପ୍ରତିଶତ ହ୍ରାସ ପାଇଥିବା ବେଳେ ଏବେ ଏଥିରେ ୪୫୦ ପଇସା ଅଥବା ୬% ବୃଦ୍ଧି ପରିଲକ୍ଷିତ ହୋଇଛି। ଟଙ୍କାର ମୂଲ୍ୟ ବୃଦ୍ଧିରେ କ୍ରୁଡ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତେବେ ଡିସେମ୍ବର ୬ ବୈଠକ ଟଙ୍କାର ମୂଲ୍ୟ ନିର୍ଦ୍ଧାରିତ କରିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। କ୍ରୁଡ୍ ଉତ୍ପାଦନ କମାଇବା ଲାଗି ସହମତି ପ୍ରକାଶ ନ ପାଇଲେ ଟଙ୍କା ଆହୁରି ଶକ୍ତିଶାଳୀ ହେବ। ତେବେ ଦୀର୍ଘକାଳୀନ ଭିତ୍ତିରେ ଏଥିରେ ଘୋର ଅନିଶ୍ଚିତତା ଲାଗି ରହିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। କ୍ରୁଡ୍ ମୂଲ୍ୟ ହ୍ରାସ ଯୋଗୁ ଟଙ୍କାର ମୂଲ୍ୟ ବଢ଼ିଛି। ଅକ୍ଟୋବର ୩ ପରେ କ୍ରୁଡ୍ ୩୦ ପ୍ରତିଶତରୁ ଅଧିକ ଦୁର୍ବଳ ହୋଇ ୧୩ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏଥିଯୋଗୁ ଡଲାର ଇଣ୍ଡେକ୍ସ ସ୍ଥିର ହୋଇଯାଇଛି। ଫେବୃୟାରୀରେ ଇଣ୍ଡେକ୍ସ ୯୮ ସ୍ତରରେ ପହଞ୍ଚିଯାଇଥିଲା। ଏବେ ଏହି ସ୍ତର ପହଞ୍ଚିବା ଅସମ୍ଭବ ହୋଇପଡିଛି। ଅନ୍ୟପକ୍ଷରେ ଆମେରିକାର ଫେଡେରାଲ ରିଜର୍ଭ ସୁଧ ହାର ବଢ଼ାଇ ନ ଥିବାରୁ ଡଲାର ପ୍ରତି ଚାହିଦା କମିବାରେ ଲାଗିଛି। କେଡିଆ କମୋଡିଟିର ଡାଇରେକ୍ଟର ଅଜୟ କେଡିଆ କହିଛନ୍ତି ଯେ, ଚଳିତ ମାସରେ ଟଙ୍କା ମୂଲ୍ୟରେ ବେଶି ପରିବର୍ତ୍ତନର ସମ୍ଭାବନା ନାହିଁ। ତେବେ ବର୍ଷ ଶେଷ ମାସ ହୋଇଥିବାରୁ କିଛି ମାତ୍ରାରେ ଡଲାର ଚାହିଦା ବୃଦ୍ଧି ପାଇବ। ଅନ୍ୟପକ୍ଷରେ ଆଞ୍ଜେଲ ବ୍ରୋକିଂର ରିସର୍ଚ୍ଚ ଭାଇସ ପ୍ରେସିଡେଣ୍ଟ(କରେନ୍ସି ଆଣ୍ଡ୍ କମୋଡିଟି) ଅନୁଜ ଗୁପ୍ତାଙ୍କ କହିବାନୁଯାୟୀ ଆଗାମୀ ଦିନରେ କିଛି ପ୍ରସଙ୍ଗ ରହିଛି, ଯାହା ଟଙ୍କାର ମୂଲ୍ୟକୁ ପ୍ରଭାବିତ କରିପାରେ। ଓପେକ୍ ବୈଠକ ବ୍ୟତୀତ, ଆର୍‌ବିଆଇର ମୁଦ୍ରାନୀତି, ଆମେରିକାର ସୁଧ ହାର ନୀତି ଏବଂ ରାଜ୍ୟଗୁଡିକର ବିଧାନସଭା ନିର୍ବାଚନ ଟଙ୍କାର ମୂଲ୍ୟକୁ ସ୍ଥିର କରିବ। କ୍ରୁଡ୍ ଦରରେ ସ୍ଥିରତା ଦେଖାଯାଉଛି। ସେହିପରି ଶେୟାର ବଜାରରେ ପୁନର୍ବାର ବୃଦ୍ଧି ପରିଲକ୍ଷିତ ହେଉଛି। ବିଦେଶୀ ନିବେଶକ ସେମାନଙ୍କ ନିବେଶ ବଢ଼ାଇବାରେ ଲାଗିଛନ୍ତି। ଏହି ସବୁ କାରଣରୁ ଟଙ୍କାକୁ ସହାୟତା ମିଳୁଛି।





## ବଜାରରେ ରେଡ୍ ଚିଫ୍‌ର ନୂଆ ଉତ୍ପାଦ

**ଭୁବନେଶ୍ୱର,୨-୧୨**

ପ୍ରମୁଖ ସୁ ବ୍ରାଣ୍ଡ ରେଡ୍ ଚିଫ୍ ପକ୍ଷରୁ ନୂଆ 'ସ୍ପ୍ରିଙ୍ଗର ସୁ' ବଜାରକୁ ଆସିଛି। କମ୍ପାନୀର ଚିଫ୍ ଅପରେଟିଂ ଅଫିସର ଅଖିଳେଶ ସିଂ ନୂଆ ଉତ୍ପାଦକୁ ଉନ୍ମୋଚନ ଥିଲେ। ଏହା ହାଇବ୍ରିଡ ସସ୍ପେଶନ ସିଷ୍ଟମ, ଅତ୍ୟାଧୁନିକ କ୍ରାଫ୍ଟମ୍ୟାନସିପ ସହ ଆସିଛି। ପରିବର୍ତ୍ତିତ ଜୀବନ ଶୈଳୀକୁ ଧ୍ୟାନରେ ରଖି ନୂଆ ଜୋତା ପ୍ରସ୍ତୁତ ହୋଇଛି। ଏହା ବହୁବିଧ ବ୍ୟବହାରରେ ଆସିପାରିବ। ୧୬ରୁ ୮୦ ବର୍ଷ ବୟସ୍କଙ୍କୁ ଧ୍ୟାନରେ ରଖି ଏହା ପ୍ରସ୍ତୁତ କରାଯାଇଛି। ନୂଆ କଲେକ୍ସନର ବଜାର ଦର ୩,୨୯୫ ଟଙ୍କା ରହିଛି। କମ୍ପାନୀର ୧୪୦ ଆଉଟଲେଟ ସହ ସାରା ଦେଶରେ ଥିବା ୫,୦୦୦ରୁ ଉର୍ଦ୍ଧ୍ୱ ମଲ୍ଟିବ୍ରାଣ୍ଡ ଷ୍ଟୋରରେ ଏହା ମିଳିବ। କାର୍ଯ୍ୟକ୍ରମରେ ରେଡ୍‌ଚିଫର ମାର୍କେଟିଂ ବିଭାଗ ଜେନେରାଲ ମ୍ୟାନେଜର ରାହୁଲ ଶର୍ମା, ସେଲସ୍ ଟିମର ରାହୁଲ ଶ୍ରୀବାସ୍ତବ, ସୁନୀଲ ସିଂ, କୃଷ୍ଣ ଗୋପାଳ ସିଂ, ବିଜୟ ତିୱାରୀ, ଅତୁଲ ସିଂ ଏବଂ ରାହୁଲ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।

## ବଜାଜର ନୂଆ ପଲସର ୧୫୦ ନିୟନ

**ଭୁବନେଶ୍ୱର,୨-୧୨**



ବଜାଜ ପକ୍ଷରୁ ବଜାରକୁ ଆସିଛି ନୂଆ ପଲ୍‌ସର ୧୫୦ ନିୟନ ୨୦୧୯। ଯୁବବର୍ଗଙ୍କୁ ଧ୍ୟାନରେ ରଖି ଏହାକୁ ପ୍ରସ୍ତୁତ କରାଯାଇଥିବା ବେଳେ ପେପି ଷ୍ଟାଇଲ ଏବଂ ସ୍ପୋର୍ଟସ ଅପିଲ୍ ସହ ଏହା ଉନ୍ମୋଚିତ ହୋଇଛି। ନୂଆ ମଡେଲର ବଜାର ଦର ୬୪,୯୯୮ ଟଙ୍କା ରହିଛି। ଏହା ସମ୍ପୂର୍ଣ୍ଣ ନୂଆ ରଙ୍ଗ ଏବଂ ଗ୍ରାଫିକ୍ସ ପ୍ରଦାନ କରୁଛି। ଏଥିରେ ହେଡଲ୍ୟାମ୍ପ ଆଇବ୍ରୋ, ପଲସର ଲୋଗୋ, ସାଇଡ ପ୍ୟାନେଲ ମେସ୍, ଆଲଏ ଗ୍ରାବ ରେଲ୍ ରଙ୍ଗର ସମନ୍ୱୟ ରହିଛି। ପଛ କାଉଲ ଏବଂ ଆଲଏ ହ୍ୱିଲ ଡେକାଲରେ ୩ଡି ଲୋଗୋ ଏହାକୁ ଏକ ପ୍ରିମିୟମ ଲୁକ୍ ପ୍ରଦାନ କରୁଛି। ତିନୋଟି ରଙ୍ଗରେ ଏହା ଉପଲବ୍ଧ। ଗତ ୧୭ ବର୍ଷ ଧରି ପଲସର ଭାରତରେ ଏକ ପ୍ରମୁଖ ସ୍ପୋର୍ଟସ ବାଇକ ହୋଇ ପାରିଥିବା ବେଳେ ନୂଆ ମଡେଲ ବିଶେଷ ଭାବେ ଆଦୃତ ହେବ ବୋଲି ବଜାଜ ଅଟୋ ଲିମିଟେଡର ସଭାପତି (ମୋଟରସାଇକେଲ) ଏରିକ୍ ଭାସ କହିଛନ୍ତି।

# ବେଦାନ୍ତ ହସ୍ପିଟାଲର ମୋତିଆବିନ୍ଦୁ ଶିବିର

**ଭୁବନେଶ୍ୱର,୨-୧୨**





କଳାହାଣ୍ଡି ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ହସ୍ପିଟାଲ ପକ୍ଷରୁ ନିଃଶୁଳ୍କ ମୋତିଆବିନ୍ଦୁ ଅପରେଶନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ପୁନର୍ଉତ୍ଥାନ ଏବଂ ସୋନପୁରର ଲେପ୍ରା ମହାନଦୀ ଆଇ ହସ୍ପିଟାଲର ମିଳିତ ସହଯୋଗରେ ଏହି ଶିବିର ଆୟୋଜନ ହୋଇଥିଲା। ବେଦାନ୍ତ ଲାଞ୍ଜିଗଡ ସିଓଓ ରାକେଶ ମୋହନ, ବୈଷୟିକ ନିର୍ଦ୍ଦେଶକ ଫିଲିପ କ୍ୟାମ୍ପବେଲ୍, ମୁଖ୍ୟ ସୁରକ୍ଷା ଅଧିକାରୀ ଗ୍ରାଟ ଡୁର୍ଲିଙ୍ଗ, ମୁଖ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରମିତ ସେହେରା, ଚିଫ୍ ମେଡିକାଲ ଅଫିସର ଡାକ୍ତର ଅକ୍ଷୟ କୁମାର ସାହୁ, ଲେପ୍ରାର ଡାକ୍ତର ସରୋଜ କାନ୍ତ ମିଶ୍ର, ଡା. ଦେବେନ୍ଦ୍ର ନାରାୟଣ ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ନିକଟବର୍ତ୍ତୀ ସ୍ଥାନଗୁଡିକରୁ ପ୍ରାୟ ୩୫ରୁ ଅଧିକ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଣ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୩୨୦ରୁ ଅଧିକ ରୋଗୀଙ୍କୁ ହସ୍ପିଟାଲ ପକ୍ଷରୁ ଚିକିତ୍ସା ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ସେବା ପ୍ରତିଶ୍ରୁତି ପୂରଣ ଦିଗରେ ପ୍ରୟାସ ଜାରି ରହିଛି ବୋଲି ସିଓଓ ରାକେଶ ମୋହନ କହିଛନ୍ତି।

## ୟୁଆନ-ଟଙ୍କାରେ ବାଣିଜ୍ୟ ଭାରତର ପ୍ରସ୍ତାବକୁ ଚାଇନାର ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୨-୧୨**

ଘରୋଇ ମୁଦ୍ରାରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଲାଗି ଭାରତ ଦେଇଥିବା ପ୍ରସ୍ତାବକୁ ଚାଇନା ପ୍ରତ୍ୟାଖ୍ୟାନ କରିଦେଇଛି ବୋଲି ଜଣେ ଅଧିକାରୀ କହିଛନ୍ତି। ରପ୍ତାନି ବୃଦ୍ଧି ତଥା ବାଣିଜ୍ୟ ନିଅଣ୍ଟ ହ୍ରାସ କରିବା ଲକ୍ଷ୍ୟରେ ଚାଇନା ସହ ୟୁଆନ-ଟଙ୍କାରେ କାରବାର କରିବାକୁ ଭାରତ ପ୍ରସ୍ତାବ ଦେଇଥିଲା। ଆର୍ଥିକ ବର୍ଷ ୨୦୧୭-୧୮ରେ ଚାଇନାକୁ ଭାରତ ୧୩.୪ ବିଲିୟନ ଡଲାର ରପ୍ତାନି କରିଥିଲା। ସେଠାରୁ ୭୬.୪ ବିଲିୟନ ଡଲାର ଆମଦାନୀ ହୋଇଥିଲା। ଫଳରେ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ୬୩ ବିଲିୟନ ଡଲାରରେ ପହଞ୍ଚିଛି। ଏଥିପୂର୍ବରୁ ଏକ ଆନ୍ତଃ ମନ୍ତ୍ରଣାଳୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ପ୍ରସଙ୍ଗରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଆର୍ଥିକ ବ୍ୟାପାର ବିଭାଗକୁ ଚାଇନା ସହ ୟୁଆନ-ଟଙ୍କାରେ ବାଣିଜ୍ୟର ସମ୍ଭାବନା ଖୋଜିବାକୁ କୁହାଯାଇଥିଲା। ଜଣେ ଅଧିକାରୀ କହିଛନ୍ତି ଯେ, ଭାରତର ଉକ୍ତ ପ୍ରସ୍ତାବକୁ ଚାଇନା ପ୍ରତ୍ୟାଖ୍ୟାନ କରିଛି। ଅନ୍ୟପକ୍ଷରେ ଫେଡେରେଶନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେଶନ ଅଧ୍ୟକ୍ଷ ଗଣେଶ କୁମାର ଗୁପ୍ତା କହିଛନ୍ତି ଯେ, ସରକାର ଘରୋଇ ମୁଦ୍ରାକୁ ରପ୍ତାନି ଲାଗି ପ୍ରୋତ୍ସାହିତ କରିବା ଆବଶ୍ୟକ। ଏହାଦ୍ୱାରା ଚାଇନା ଭଳି ଦେଶଗୁଡିକ ସହ ଥିବା ବାଣିଜ୍ୟ ନିଅଣ୍ଟକୁ ଭରଣା କରିବା ସହଜ ହେବ।

# ପୂର୍ଣ୍ଣେନ୍ଦୁ ଶେଖରଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨-୧୨**



ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର

ଦକ୍ଷିଣପୂର୍ବ ରେଳପଥର ମହାପ୍ରବନ୍ଧକ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ରଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ଭାର ପ୍ରଦାନ କରାଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ ଶୁକ୍ରବାର ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ନୂଆ ନିଯୁକ୍ତି ହୋଇ ନ ଥିବାରୁ ମିଶ୍ରଙ୍କୁ ଏହି କାର୍ଯ୍ୟଭାର ପ୍ରଦାନ କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ଦକ୍ଷିଣ ପୂର୍ବ ରେଳପଥ କୋଲକାତାରେ ମହାପ୍ରବନ୍ଧକ ନିଯୁକ୍ତି ପାଇବା ପୂର୍ବରୁ ମିଶ୍ର ମୁମ୍ବାଇସ୍ଥିତ ପଶ୍ଚିମ ରେଲୱେର ପ୍ରମୁଖ ମୁଖ୍ୟ ପରିଚାଳନା ପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ମିଶ୍ର ଭୁବନେଶ୍ୱର ବାସିନ୍ଦା ହୋଇଥିବା ବେଳେ ୧୯୮୨ରେ ସେ ଭାରତୀୟ ରେଳବାଇ ଟ୍ରାଫିକ ସେବାରେ ଯୋଗ ଦେଇଥିଲେ। ରେଲୱେ ଯାତାୟାତ ପରିଚାଳନାରେ ତାଙ୍କର ଅଭିଜ୍ଞତା ରହିଛି। ସେ ରେଳ ବୋର୍ଡର ନିରାପତ୍ତା ଉପଦେଷ୍ଟା, କର୍ପୋରେଟ କମ୍ୟୁନିକେଶନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଦକ୍ଷିଣପୂର୍ବ ମଧ୍ୟ ରେଲୱେର ମଣ୍ଡଳ ରେଳ ପ୍ରବନ୍ଧକ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି।

## ସୋନିର ନୂଆ କ୍ୟାମକୋଡ଼ର

**ଭୁବନେଶ୍ୱର,୨-୧୨**



ସୋନି ଇଣ୍ଡିଆ ପକ୍ଷରୁ ନୂଆ ଏଏକ୍ସସିଏଏମ୍ ହ୍ୟାଣ୍ଡହୋଲ୍ଡ କ୍ୟାମକୋଡ଼ର ଲାଇନଅପ୍‌ରେ ନୂଆ ଏଚ୍‌ଏକ୍ସଆର୍ ଏନ୍‌ଏକ୍ସ-୨୦୦ ବଜାରକୁ ଆସିଛି। ପେସାଦାର ଭିଡିଓଗ୍ରାଫରଙ୍କ ଫଟୋଗ୍ରାଫିକ ଅଭିଜ୍ଞତାକୁ ଏହା ବୁଦ୍ଧିମନ୍ତ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ସେହିଭଳି କଣ୍ଟେଣ୍ଟ କ୍ରିଏଟରଙ୍କ ଲାଗି ଏହା ଲାଭକାରୀ ହେବ। ଏହି ସଦ୍ୟତମ କ୍ୟାମକୋଡ଼ର ଷ୍ଟନିଂ ୪କେ ଇମେଜ କଲର ନୂତନ ଜ୍ଞାନକୌଶଳ ଆଧାରରେ ଉପଲବ୍ଧ କରାଇବାକୁ ସକ୍ଷମ ହେବ। ଉକ୍ତ କ୍ୟାମକୋଡରରେ ବହୁବିଧ ପେସାଦାର ବିଶେଷତା ସହ ମଜଭୁତ କମ୍ପାକ୍ଟ ଚେଚିସ ସହ ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହାର ବଜାର ଦର ୧.୬ ଲକ୍ଷ ଟଙ୍କା ରହିଛି।

### ମହଙ୍ଗା ପଡିବ ସୁଇସ୍ ବ୍ୟାଙ୍କରେ କଳାଧନ ମହଜୁଦ

# ୨ ଭାରତୀୟ କମ୍ପାନୀର ପର୍ଦ୍ଦାଫାଶ ହେବ

**ନୂଆଦିଲ୍ଲୀ,୨-୧୨**



କଳାଧନ ଠୁଳ କରିବାର ସୁରକ୍ଷିତ ସ୍ଥାନ ରୂପେ ପ୍ରସିଦ୍ଧ ସୁଇଜରଲାଣ୍ଡ ନିଜର ଭାବମୂର୍ତ୍ତି ସଜାଡିବାକୁ ପଦକ୍ଷେପ ନେବା ଆରମ୍ଭ କରିଛି। ଭାରତରେ ଏକାଧିକ ମାମଲାର ସାମ୍ନା କରୁଥିବା ଦୁଇଟି ଭାରତୀୟ କମ୍ପାନୀ ଓ ୩ ଜଣଙ୍କ ସମ୍ପର୍କରେ ତଦନ୍ତକାରୀ ଏଜେନ୍ସିଙ୍କୁ ତଥ୍ୟ ଦେବା ଲାଗି ସୁଇଜରଲାଣ୍ଡ ରାଜି ହୋଇଛି। ଏମାନଙ୍କ ବିରୋଧରେ ଦେଶରେ ଏବେ ମାମଲା ଚାଲିଛି।

ଦୁଇଟି କମ୍ପାନୀ ମଧ୍ୟରେ ଗୋଟିଏ ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ହୋଇଛି। ଏହା ବିରୋଧରେ ଅନେକ ଉଲ୍ଲଂଘନ ମାମଲା ଚାଲିଥିବା ବେଳେ ମାର୍କେଟ ନିୟନ୍ତ୍ରକ ସେବିର ନଜରରେ ରହିଛି। ଅନ୍ୟପକ୍ଷରେ ତାମିଲନାଡୁର କିଛି ରାଜନୈତିକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରିଚାଳିତ ଆଉ ଏକ କମ୍ପାନୀ ରହିଛି। ସୁଇଜରଲାଣ୍ଡ ସରକାରଙ୍କ ପକ୍ଷରୁ ଜାରି ଭିନ୍ନ ଭିନ୍ନ ଗେଜେଟ୍ ମୁତାବକ, ଦେଶର ଫେଡେରାଲ ଟ୍ୟାକ୍ସ ଡିପାର୍ଟମେଣ୍ଟ ଜିଓଡେସିକ୍ ଲିମିଟେଡ ଏବଂ ଆଧୀ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ ଲିମିଟେଡ ସମ୍ପର୍କରେ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ରାଜି ହୋଇଛି। ସେହିପରି ଜିଓଡେସିକ୍ ଲିମିଟେଡ ସହ ସମ୍ପୃକ୍ତ ୩ ଜଣ ପଙ୍କଜ କୁମାର ଓଁଙ୍କାର ଶ୍ରୀବାସ୍ତବ, ପ୍ରଶାନ୍ତ ଶରଦ ମୁଲେକର ଓ କିରଣ କୁଲକର୍ନିଙ୍କ ସମ୍ପର୍କରେ ସୁଇସ୍ ସରକାର ତଥ୍ୟ ଦେବ। ତେବେ ଦୁଇଟି କମ୍ପାନୀ ଓ ୩ ଭାରତୀୟଙ୍କ ସମ୍ପର୍କରେ ଭାରତର ଯାଞ୍ଚ ଏଜେନ୍ସିଗୁଡିକ କେଉଁପ୍ରକାର ତଥ୍ୟ ମାଗିଛନ୍ତି ତାହା ସୁଇସ୍ ସରକାର ପ୍ରକାଶ କରିନାହାନ୍ତି। ଏହି ଦୁଇ କମ୍ପାନୀ ଓ ୩ ଜଣ ବ୍ୟକ୍ତିବିଶେଷ ସୁଇସ୍ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଅଦାଲତର ଆଶ୍ରୟ ନେଇପାରିବେ। କିଛି ଭୁଲ୍ କରି ନ ଥିବା ଅତୀତରେ ସେମାନେ ପ୍ରକାଶ କରିଥିଲେ। ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ଜିଓଡେସିକ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ପଙ୍କଜ କୁମାର କମ୍ପାନୀର ଅଧ୍ୟକ୍ଷ ରହିଥିବା ବେଳେ କିରଣ କୁଲକର୍ନି ଏମ୍‌ଡି ଏବଂ ପ୍ରଶାନ୍ତ ଏକଜିକ୍ୟୁଟିଭ ଡାଇରେକ୍ଟର ରହିଛନ୍ତି। ସେହିପରି ଆଧୀ ଏଣ୍ଟରପ୍ରାଇଜେସ ଚେନ୍ନାଇର ଏକ କମ୍ପାନୀ। ଏହା ରିଏଲ ଇଷ୍ଟେଟ ବ୍ୟବସାୟରେ କ୍ରମାଗତ ଅଭିବୃଦ୍ଧି ହାସଲ କରିଥିଲା। ତେବେ ମନି ଲଣ୍ଡରିଂରେ ଲିପ୍ତ ରହିବା ତଥା ରାଜନୈତିକ ନେତାଙ୍କ ସହ ସମ୍ପୃକ୍ତି କାରଣରୁ ଏହା ଅସୁବିଧାରେ ପଡିଯାଇଛି। ଆୟକର ବିଭାଗ ପକ୍ଷରୁ କମ୍ପାନୀରେ ଏକାଧିକ ଥର ଚଢ଼ାଉ କରାଯାଇଛି।

## ଓଜିବି କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ





**ଭୁବନେଶ୍ୱର,୨-୧୨**


ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ୟାଙ୍କର ସମସ୍ତ ଜିଲାର ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସମସ୍ୟାର ସ୍ଥାୟୀ ସମାଧାନ ଲାଗି କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଅପରପକ୍ଷରେ ଆଗାମୀ ଦିନର କାର୍ଯ୍ୟପନ୍ଥା ମଧ୍ୟ ନିର୍ଦ୍ଧାରଣ ହୋଇଥିଲା। ବୈଠକରେ ସଭ୍ୟମାନେ ବର୍ତ୍ତମାନର ଅଧ୍ୟକ୍ଷ ବୃନ୍ଦାବନ ନାୟକଙ୍କୁ ପ୍ରଶଂସା କରିବା ସହ ତାଙ୍କ ନେତୃତ୍ୱରେ ବ୍ୟାଙ୍କର ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଙ୍ଗଠନର ସାଧାରଣ ସମ୍ପାଦକ ସରୋଜ କୁମାର ପ୍ରଧାନ, ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ, ସଭାପତି ପୁରୁଷୋତ୍ତମ ପ୍ରଧାନ, ସୁରେଶ ମହାକୁଡ଼, ରତ୍ନାକର ପୃଷ୍ଟି, ନବଘନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।







କାନାଡ଼ା ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥା ଏମ୍‌ପି ତଥାଗତ ସତପଥୀ କାନାଡ଼ା ଗୋଲକିପର ଡେଭିଡ୍ କାର୍ଟରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି ।

# କାନାଡ଼ା-ଦକ୍ଷିଣ ଆଫ୍ରିକା ମ୍ୟାଚ ଡ୍ର

ଭୁବନେଶ୍ୱର, ୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ରବିବାର ଅନୁଷ୍ଠିତ କାନାଡ଼ା-ଦକ୍ଷିଣ ଆଫ୍ରିକା ପୁଲ୍ 'ସି' ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏ ଭାଗ କରିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ୪୩ତମ ମିନିଟରେ ଏନ୍‌ଟୁଲି ଏନ୍‌କୋବିଲ ଫିଲ୍ଡ ଗୋଲ ଦେଇଥିବାବେଳେ ୪୫ତମ ମିନିଟରେ କାନାଡ଼ା ଅଧିନାୟକ ସ୍କଟ୍ ଟୁପର ପେନାଲ୍ଟି ଷ୍ଟ୍ରୋକ୍ ମାଧ୍ୟମରେ ଏହାକୁ ପରିଶୋଧ କରିଥିଲେ। ମେୟର ଅନନ୍ତ ନାରାୟଣ ଜେନା ଓ ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ଶ୍ରୀବାସ୍ତବ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚ ଶୁଭାରମ୍ଭ କରିଥିଲେ। ମ୍ୟାଚ ଶେଷରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥା ଏମ୍‌ପି ତଥାଗତ ସତପଥୀ ଅତିଥିଭାବେ ଯୋଗଦେଇ କାନାଡ଼ା ଗୋଲକିପର ଡେଭିଡ୍ କାର୍ଟରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ କାର୍ଟରଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କାନାଡ଼ା ପ୍ରଥମ ମ୍ୟାଚରେ ବେଲଜିୟମଠାରୁ ୧-୨ ଗୋଲରେ ହାରିଥିବାବେଳେ ଦକ୍ଷିଣ ଆଫ୍ରିକା ୦-୫ ଗୋଲରେ ଭାରତଠାରୁ ପରାଜୟ ବରଣ କରିଥିଲା। ତେଣୁ ଉଭୟ ଦଳ ୨ଟି ଲେଖାଏ ମ୍ୟାଚ ଖେଳିଥିଲେ ହେଁ ବିଜୟ ସ୍ୱାଦ ପାଇ ନାହାନ୍ତି। ଡିସେମ୍ବର ୮ରେ ଦକ୍ଷିଣ ଆଫ୍ରିକା ଏହାର ପରବର୍ତ୍ତୀ ମ୍ୟାଚ ବେଲଜିୟମ ସହିତ ଖେଳିବ। ସେହିଦିନ କାନାଡ଼ା ଆୟୋଜକ ଭାରତ ସହିତ ମୁକାବିଲା କରିବ।

ଦୁଇ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଦଳ ମଧ୍ୟରେ ଅଗ୍ରଣୀ ନେବା ପାଇଁ ଆରମ୍ଭରୁ ଉଦ୍ୟମ ହୋଇଥିଲା। ପ୍ରଥମାର୍ଦ୍ଧରେ ଦକ୍ଷିଣ ଆଫ୍ରିକାର ଅଗ୍ରଭାଗ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି କାନାଡ଼ା ଉପରେ ଚାପ ପକାଇବାକୁ ଉଦ୍ୟମ କରିଥିଲେ। ମ୍ୟାଚର ୧୦ମ ମିନିଟରେ ଏକ କ୍ରସ୍ ପାସ୍‌କୁ ଦକ୍ଷିଣ ଆଫ୍ରିକାର ଏନଟୁଲି ଏନ୍‌କୋବିଲେ ଡିଫ୍ଲେକ୍ସନ କରି ନ ପାରିବାରୁ ସୌଭାଗ୍ୟ ବଶତଃ କାନାଡ଼ା ଗୋଲ ବରଣରୁ ବର୍ତ୍ତି ଯାଇଥିଲା। ୧୫ତମ ମିନିଟରେ ଦକ୍ଷିଣ ଆଫ୍ରିକାକୁ ପେନାଲ୍ଟି କର୍ନର ମିଳିଥିଲା। ପାଟନ ଟାଇନ୍ କର୍ନରରୁ ବଲ୍ ପୁଶ୍ କରିଥିବାବେଳେ ସ୍ମିଥ ଅଷ୍ଟିନ ସ୍ମିଥ ମାରିଥିବା ଶଟ୍ ଗୋଲପୋଷ୍ଟ ଉପର ବାର୍‌ରେ ବାଜି ବାହାରକୁ ଚାଲି ଯାଇଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟ କ୍ୱାର୍ଟର ସ୍ୱାଭାବିକଭାବେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୨୧ତମ ମିନିଟରେ ଗୋଲ ସ୍କୋରିଂ ପାଇଁ ଦକ୍ଷିଣ ଆଫ୍ରିକା ନିକଟରେ ସୁଯୋଗ ପହଞ୍ଚିଥିଲା। ମାତ୍ର କାନାଡ଼ା ଗେକିପର ଡେଭିଡ କାର୍ଟର ଚମତ୍କାର ସେଭ୍ କରି ପ୍ରତିପକ୍ଷ ଦଳ ଆଶାରେ ପାଣି ଭରିଥିଲେ। ପ୍ରଥମାର୍ଦ୍ଧରେ ମୁଖ୍ୟତଃ ଦକ୍ଷିଣ ଆଫ୍ରିକା ଫରୱାର୍ଡମାନେ ପ୍ରଭାବୀ ରହିଥିବା ଦେଖିବାକୁ ମିଳିଥିଲା। ସେମାନେ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ କରିପାରି ନ ଥିଲେ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ରକ୍ଷଣଭାଗ ଅପେକ୍ଷାକୃତ ଦୁର୍ବଳ ପରିଲକ୍ଷିତ ହୋଇଥିଲେ ହେଁ କାନାଡ଼ା ଏହାର ଫାଇଦା ନେଇପାରି ନ ଥିଲା।

> **ଗୋଲ ସ୍କୋରର**
>
> **ଦକ୍ଷିଣ ଆଫ୍ରିକା-୧**
> **ଏନ୍‌ଟୁଲି ଏନ୍‌କୋବିଲ:**
> **୪୩ତମ ମିନିଟ**
>
> **କାନାଡ଼ା-୧**
> **ସ୍କଟ୍ ଟୁପର: ୪୫ତମ ମିନିଟ।**

ତୃତୀୟ କ୍ୱାର୍ଟରରେ ରଣନୀତି ପରିବର୍ତ୍ତନ କରି କାନାଡ଼ା ଆକ୍ରମଣାତ୍ମକ ଖେଳିଥିଲା। ୩୭ତମ ମିନିଟରେ ଦଳପାଇଁ ଖେଳାଳିମାନେ ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ଜନ୍ ସ୍ମିଥ ବଲ୍ ପୁଶ୍ କରିଥିବାବେଳେ ଷ୍ଟପରଙ୍କ ଦାୟିତ୍ୱହୀନତା ଯୋଗୁ ବଲକୁ ରୋକାଯାଇ ପାରି ନ ଥିଲା। ଏହାର ୧ ମିନିଟ ପରେ ଦକ୍ଷିଣ ଆଫ୍ରିକାକୁ ୩ୟ ପେନାଲ୍ଟି କର୍ନର ମିଳିଥିଲା। ଲଗାଥର ୨ ଥର ସୁଯୋଗ ସୃଷ୍ଟି ହୋଇଥିଲେ ହେଁ କାନାଡ଼ା ଗୋଲକିପର କାର୍ଟର ନିଜ ଦକ୍ଷତାର ଉପଯୋଗ କରି ଗୋଲ ହେବାକୁ ଦେଇ ନ ଥିଲେ। ଏହି କ୍ୱାର୍ଟରର ଶେଷ ପର୍ଯ୍ୟାୟ ଉଭୟ ଦଳପାଇଁ ଘଟଣା ବହୁଳ ରହିଥିଲା। ୪୩ତମ ମିନିଟରେ ଦକ୍ଷିଣ ଆଫ୍ରିକାର ୨୭ ନମ୍ବର ଖେଳାଳି ଏନଟୁଲି ଏନ୍‌କୋବିଲ୍ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ରୋମାଞ୍ଚ ଭରିଥିଲେ। ସେ ବଲ୍‌କୁ ଠିକ୍‌ଭାବେ ନିୟନ୍ତ୍ରଣରେ ରଖିପାରି ନ ଥିଲେ ହେଁ ପ୍ରତିପକ୍ଷ ଗୋଲପୋଷ୍ଟ ଭିତରକୁ ଠେଲି ଦେବାରେ ସକ୍ଷମ ହୋଇଥିଲେ। ମାତ୍ର ଦକ୍ଷିଣ ଆଫ୍ରିକାର ଏହି ଖୁସି ବେଶୀ ସମୟ ତିଷ୍ଠିପାରି ନ ଥିଲା। ତୃତୀୟ କ୍ୱାର୍ଟର ଶେଷ ହେବା ହ୍ୱିସିଲ ବାଜିବାର କିଛିକ୍ଷଣ ପୂର୍ବରୁ ଅର୍ଥାତ୍ ୪୫ତମ ମିନିଟରେ କାନାଡ଼ାକୁ ଏକ ପେନାଲ୍ଟି କର୍ନର ମିଳିଥିଲା ମାତ୍ର ଦକ୍ଷିଣ ଆଫ୍ରିକା ଡିଫେଣ୍ଡରଙ୍କ ଷ୍ଟିକ୍ ଅବ୍‌ଷ୍ଟ୍ରକ୍ସନ ଯୋଗୁ ଦଣ୍ଡ ସ୍ୱରୂପ କାନାଡ଼ାକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏହାକୁ ଗୋଲରେ କରିଣତ କରିବାରେ କୌଣସି ଭୁଲ କରି ନ ଥିଲେ କାନାଡ଼ା ଅଧିନାୟକ ସ୍କଟ ଟୁପର। ମ୍ୟାଚ ୧-୧ ସ୍ଥିତିକୁ ଆସିବାପରେ ୪ର୍ଥ କ୍ୱାର୍ଟରରେ ଉଭୟ ଦଳ ମୁଖ୍ୟତଃ ମ୍ୟାଚ ଜିତିବା ଉପରେ ଗୁରୁତ୍ୱ ଦେଇ ଖେଳିଥିଲେ। ୫୫ତମ ମିନିଟରେ କାନାଡ଼ା ପାଇଁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାର୍କ ପିଅରଶନ ବଲ୍ ପୁଶ୍ କରିଥିବାବେଳେ ଜନଷ୍ଟନ ଗର୍ଡନ ମାରିଥିବା ଶଟ୍‌କୁ ଦକ୍ଷିଣ ଆଫ୍ରିକା ଗୋଲକିପର ପିଟର୍ସ ରସେ ଅଟକାଇ ଦେଇଥିଲେ। ସେହିପରି ୫୮ତମ ମିନିଟରେ ଦକ୍ଷିଣ ଆଫ୍ରିକା ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ଫଳରେ ମ୍ୟାଚ ଡ୍ର ରହିଥିଲା।

## କଳିଙ୍ଗ କର୍ନର

# ପ୍ରଥମ ପେନାଲ୍ଟି ଷ୍ଟ୍ରୋକ୍


ଭୁବନେଶ୍ୱର, ୨।୧୨(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର ରବିବାର ଅନୁଷ୍ଠିତ କାନାଡ଼ା-ଦକ୍ଷିଣ ଆଫ୍ରିକା ମ୍ୟାଚରେ ଏକାଧିକ ପ୍ରଥମ ଘଟଣା ଘଟିଥିଲା। ଟୁର୍ନାମେଣ୍ଟର ପ୍ରଥମ ପେନାଲ୍ଟି ଷ୍ଟ୍ରୋକ୍ ଏହି ମ୍ୟାଚରେ ଦିଆ ଯାଇଥିବାବେଳେ ପ୍ରଥମଥରପାଇଁ ମ୍ୟାଚ ଡ୍ର ରହିଥିଲା। ପୂର୍ବରୁ ୮ଟି ମ୍ୟାଚ ଖେଳାଯାଇଥିଲେ ହେଁ କୌଣସି ମ୍ୟାଚ ଡ୍ର ହୋଇ ନ ଥିଲା। ସେହିପରି ମ୍ୟାଚର ୪୫ତମ ମିନିଟରେ କାନାଡ଼ାକୁ ମିଳିଥିବା ପେନାଲ୍ଟି କର୍ନର କନ୍‌ଭର୍ସନ ବେଳେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ଷ୍ଟିକ୍ ଅବ୍‌ଷ୍ଟ୍ରକ୍ସନ ଯୋଗୁ ତାହା ପେନାଲ୍ଟି ଷ୍ଟ୍ରୋକ୍‌ରେ ରୂପାନ୍ତରିତ ହୋଇଥିଲା। କାନାଡ଼ା ଅଧିନାୟକ ସ୍କଟ ଟୁପର ଦକ୍ଷିଣ ଆଫ୍ରିକା ଗୋଲକିପର ପିଟର୍ସ ରସେଙ୍କୁ ଚକ୍‌ମା ଦେଇ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଶେଷ ପର୍ଯ୍ୟନ୍ତ ଖେଳ ୧-୧ ସ୍ଥିତିରେ ରହିଥିଲା।

# 'ହକିର ବୃହତ୍ତର ସ୍ୱାର୍ଥ ପାଇଁ ଭାରତ ଚାମ୍ପିୟନ ହେବା ଜରୁରୀ'

ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପର ୧୪ତମ ସଂସ୍କରଣ ଖେଳିବାକୁ ଜାପାନ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି। ତେବେ ଜାପାନ କୋଚ୍ ସିଏଗଫ୍ରିଏଡ୍ ଏଇକମ୍ୟାନ ହକିର ମୋହ ଛାଡି ପାରି ନାହାନ୍ତି। ହକି ପ୍ରେମ ତାଙ୍କୁ ଟାଣିଆଣିଛି ଭୁବନେଶ୍ୱରକୁ। ଶନିବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍ ସେ ଦେଖିଛନ୍ତି। ଯେଉଁଥିରେ ନେଦରଲାଣ୍ଡ ୭-୦ ଗୋଲରେ ମାଲେସିଆକୁ ଓ ଜର୍ମାନୀ ୧-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ଭୁବନେଶ୍ୱରରେ ପହଞ୍ଚି ସେ ବେଶ୍ ଆନନ୍ଦିତ ବୋଲି କହିଛନ୍ତି। ବିଶ୍ୱକପ୍ ଯୋଗ୍ୟତା ହାସଲ କରିବାରେ ବିଫଳ ହେବାରୁ ସେ ଆକ୍ରିଡେଶନ ପାଇଁ ହକି ଇଣ୍ଡିଆକୁ ନିବେଦନ କରିଥିଲେ। କିନ୍ତୁ କିଛି ଫଳ ମିଳି ନ ଥିଲା। ଫଳରେ ସେ ପୁରୁଣା ବନ୍ଧୁ ତଥା ଭାରତୀୟ କୋଚ୍ ହରେନ୍ଦ୍ର ସିଂଙ୍କୁ ସାହାଯ୍ୟ କରିବାକୁ କହିଥିଲେ। ହରେନ୍ଦ୍ର ମଧ୍ୟ ଏ ନେଇ ତାଙ୍କୁ ସାହାଯ୍ୟ କରିଥିଲେ। ହରେନ୍ଦ୍ର ଓ ତାଙ୍କର ବନ୍ଧୁତ୍ୱ ଆରମ୍ଭ ହୋଇଥିଲା ବହୁ ଆଗରୁ। ଏଫଆଇଏଚ୍ ଲାଇସେନ୍ସ ପାଇଁ ହରେନ୍ଦ୍ର ଯେତେବେଳେ ଏଇକମ୍ୟାନଙ୍କ ତତ୍ତ୍ୱାବଧାନରେ ପଢୁଥିଲେ ସେତେବେଳଠାରୁ ଦୁହିଁଙ୍କ ମଧ୍ୟରେ ପରିଚୟ ହୋଇଥିଲା। ସୁରିନାମ୍‌ରେ ଜନ୍ମିତ ହଲାଣ୍ଡ ଅଧିବାସୀ ଏଇକମ୍ୟାନ ଜଣେ ଭାରତୀୟ ବଂଶୋଦ୍ଭବ। ହରେନ୍ଦ୍ର ମୋର ଛାତ୍ର ଭଳି। ସେ ମୋର ଜଣେ ପରିବାରର ସଦସ୍ୟ ଭଳି ବୋଲି ଏଇକମ୍ୟାନ କହିଛନ୍ତି।


ସିଏଗଫ୍ରିଏଡ୍ ଏଇକମ୍ୟାନ

ବେଲଜିୟମ ଦଳର ପ୍ରାକ୍ଟିସ୍ ସେସନ ଦେଖିବାର ସୁଯୋଗ ପାଇଥିଲେ ଏଇକମ୍ୟାନ। ପୁରାତନ ଓ ଆଧୁନିକ ହକିରେ ସେତେଟା କିଛି ପରିବର୍ତ୍ତନ ହୋଇ ନାହିଁବୋଲି ସେ କୁହନ୍ତି। ହକିର ମୌଳିକ ଢାଞ୍ଚାରେ ଆଦୌ ପରିବର୍ତ୍ତନ ହୋଇନାହିଁ। କିନ୍ତୁ ମାନସିକ, ସାମାଜିକ ଓ ସୋସିଆଲ ସ୍କିଲ୍‌ରେ ବହୁ କିଛି ପରିବର୍ତ୍ତନ ଆସିଛି। ହକି ଏକ ଦଳଗତ ଖେଳ ହୋଇଥିବାରୁ ଦଳର ସବୁ ସଦସ୍ୟ ସଫଳତା ଓ ବିଫଳତା ପାଇଁ ସମାନ ଭାବେ ଭାଗୀଦାର। ପରସ୍ପର ବୁଝାମଣା ଓ ସହଯୋଗରେ ହକି ବିକଶିତ ହେବ। ଏଇକମ୍ୟାନ ଏହି ବିଶ୍ୱକପ୍‌ରେ ଭାରତର ଜଣେ ଦୃଢ ସମର୍ଥକ ବନିଯାଇଛନ୍ତି। ଭାରତର ବିଶ୍ରମା ଦିନରେ ଏଇକମ୍ୟାନ ଓ ହରେନ୍ଦ୍ର ଡିନର ଏକାଠି ଡିନର କରି ଭାରତୀୟ ହକି ସମ୍ପର୍କରେ ବହୁତ ଆଲୋଚନା କରିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଁ ବେଶ୍ ଆନନ୍ଦିତ ଥିଲି। କାରଣ ବିମାନବନ୍ଦରରୁ ଆରମ୍ଭ କରି ଷ୍ଟାଡିୟମ ପର୍ଯ୍ୟନ୍ତ କେବଳ ହକି ଆଉ ହକିର ଚର୍ଚ୍ଚା ଓ ପରିବେଶ ମୋତେ ଦେଖିବାକୁ ମିଳିଥିଲା। ଏହା ନିଶ୍ଚିତ ଭାବେ ବିଶ୍ୱହକି ପାଇଁ ଏକ ଶୁଭ ସଙ୍କେତ। ଏଥର ଭାରତ ଦୀର୍ଘ ବର୍ଷର ପ୍ରତୀକ୍ଷାକୁ ଅନ୍ତ କରୁ ବୋଲି ମୁଁ ଚାହେଁ। ଭାରତ ଏହି ବିଶ୍ୱକପ୍‌ରେ ଟାଇଟଲ ହାସଲ କରୁ ବୋଲି ମୋର ଏକାନ୍ତ କାମ୍ୟ। କାରଣ ଏହା ହକିର ବୃହତ୍ତର ସ୍ୱାର୍ଥ ପାଇଁ ନିହାତି ଅପରିହାର୍ଯ୍ୟ। ପୁଣି ଥରେ ଭାରତ ହକିରେ ତା'ର ପୂର୍ବ ଗୌରବ ଫେରିପାଉ ବୋଲି ଏଇକମ୍ୟାନ କହିଛନ୍ତି।

## ଫ୍ୟାନ କର୍ନର


କାନାଡ଼ା ପ୍ରଶଂସକ ।


ଭାରତୀୟ ଦର୍ଶକ ।



ତ୍ରିରଙ୍ଗା ସହ ମ୍ୟାଚ ଦେଖିବାକୁ ଯାଇଥିବା କୁନି ପ୍ରଶଂସକ।


ନୃତ୍ୟରତ ଚିୟର୍ ଗର୍ଲ ।



❝ ଏକ ଅନ୍ତର୍ଜାତୀୟ ଟିମ୍‌କୁ କିପରି ପରିଚାଳନା କରିବାକୁ ହୁଏ ତାହା ଅଷ୍ଟ୍ରେଲିଆର ଗ୍ରେଗ୍ ଚାପେଲଙ୍କୁ ଜଣାନାହିଁ।
–ଭିଭିଏସ୍ ଲକ୍ଷ୍ମଣ, ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ



❝ ଭାରତୀୟ ଅଧିନାୟକ ତଥା ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କୁ ଅଡୁଆରେ ପକାଇବା କୌଶଳ ଆମ ପେସ୍ ବୋଲରଙ୍କୁ ଜଣା।
– ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଉତ୍ତରପ୍ରଦେଶକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** କଟକରେ ଚାଲିଥିବା ଜୁନିୟର ବାଳକ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ଡଃ ବି.ସି. ରାୟ ଟ୍ରଫିରେ ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଓଡ଼ିଶା ୧-୦ ଗୋଲରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ପୋଲିସ ଗ୍ରାଉଣ୍ଡରେ ଅପରାହ୍ନରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଲସ୍କୋର କରିବାରେ ବିଫଳ ହୋଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧର ଅନ୍ତିମ ମୁହୂର୍ତ୍ତରେ ରବି ମାଝି (୮୭ତମ ମିନିଟ୍)ଙ୍କ ନିର୍ଣ୍ଣାୟକ ଗୋଲବଳରେ ଓଡ଼ିଶା ରୋମାଞ୍ଚକ ବିଜୟ ଲାଭ କରିଥିଲା। ସେହିଭଳି ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ କର୍ଣ୍ଣାଟକ ୨-୦ ଗୋଲରେ ମଧ୍ୟପ୍ରଦେଶକୁ, ଗୋଆ ୨-୧ ଗୋଲରେ ସାଇକୁ ପରାସ୍ତ କରିଛି। ଜମ୍ମୁ ଓ କଶ୍ମୀର ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲଶୂନ୍ୟଭାବେ ଅମୀମାଂସିତ ରହିଥିଲା।

### ପ୍ରଧାନମନ୍ତ୍ରୀଙ୍କୁ ଫିଫା ସଭାପତିଙ୍କ ସ୍ୱତନ୍ତ୍ର ଉପହାର

**ବୁଏନସ୍ ଏରିଜ,୨।୧୨(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଶ୍ୱ ଫୁଟ୍‌ବଲ ପରିଚାଳକ ସଂସ୍ଥା (ଫିଫା) ସଭାପତି ଗିଆନି ଇନ୍‌ଫାଣ୍ଟିନୋ ଉପହାର ସ୍ୱରୂପ ସ୍ୱତନ୍ତ୍ର ଫୁଟ୍‌ବଲ ଖେଳାଳିଙ୍କ ଜର୍ସି ଦେଇଛନ୍ତି। ଏହି ଜର୍ସିର ପଛପଟେ ମୋଦିଙ୍କ ନାମ ରହିଛି। ଏଠାରେ ଶନିବାର ଆୟୋଜିତ ଜି-୨୦ ସମ୍ମିଳନୀ ଅବସରରେ ମୋଦି ଫିଫା ସଭାପତିଙ୍କୁ ଭେଟିଛନ୍ତି।

### ଗୋଥାମଙ୍କୁ ୬ ଉଇକେଟ
## ନ୍ୟୁଜିଲାଣ୍ଡ ଏ' ୩୯୮



**ହ୍ୱାଙ୍ଗାରେଇ, ୨।୧୨ (ପି.ଟି.):** ଭାରତ ଏ' ଅଫ୍ ସ୍ପିନର କ୍ରିଷ୍ଣାପ୍ପା ଗୋଥାମଙ୍କ ୬ ଉଇକେଟ ସଫଳତା ହାସଲ ଯୋଗୁ ଏଠାରେ ଚାଲିଥିବା ତୃତୀୟ ଅନ୍‌ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ଏ' ୩୯୮ ରନରେ ଅଲଆଉଟ ହୋଇଯାଇଛି। ୩୦ ବର୍ଷୀୟ ଗୋଥାମ ତାଙ୍କ ୪୬.୪ ଓଭର ବୋଲିଂରେ ୧୦ ମେଡେନ ସହ ୧୩୯ ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରିଛନ୍ତି। ଜବାବରେ ଭାରତ ଏ' ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୪ ଓଭରରେ ୧ ଉଇକେଟ ବିନିମୟରେ ୩୮ ରନ କରିଛି। ସପ୍ତମ ଓଭରରେ ଅଭିମନ୍ୟୁ ଈଶ୍ୱରନ ଆଉଟ ହୋଇଯିବା ପରେ ରବି କୁମାର ସମର୍ଥ ୨୭ ଏବଂ ଅଙ୍କିତ ବାଓନେ ୫ ରନ କରି ଅପରାଜିତ ରହିଛନ୍ତି। ସକାଳେ ପୂର୍ବଦିନର ଅସମାପ୍ତ ସ୍କୋର ୧୨୧/୩ ରୁ ଖେଳ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଏ' ପ୍ରଥମ ଇନିଂସରେ ୭୫ ରନ ଅଗ୍ରଣୀ ଲାଭ କରିବାରେ ସମର୍ଥ ହୋଇଛି। ଦଳ ପକ୍ଷରୁ ଟପ୍ ସ୍କୋରର କାମେରନ ଫ୍ଲେଚର ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୦୩ ରନ କରିଥିଲେ। ଫ୍ଲେଚର ତାଙ୍କ ୨୨୧ ବଲ୍‌ର ଇନିଂସରେ ୭ ଚୌକା ଓ ୧ ଛକା ଲଗାଇଥିଲେ। ଦଳ ପକ୍ଷରୁ ଅନ୍ୟ ସଫଳ ବ୍ୟାଟ୍ସମ୍ୟାନ ଭାବେ ଟିମ୍ ସେଫର୍ଟ (୮୬), ଡଗ୍ ବ୍ରେସ୍‌ୱେଲ(୫୫) ଏବଂ କାଇଲ ଜେମିସନ (୫୩) ଅର୍ଦ୍ଧ ଶତକମାନ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ ଏ: ୩୨୩ ଏବଂ ୩୮/୧ (ଆର. ସମର୍ଥ-୨୭*; ଡି. ବ୍ରେସ୍‌ୱେଲ-୧/୧୭)। ନ୍ୟୁଜିଲାଣ୍ଡ ଏ: ୩୯୮/ଅଲଆଉଟ (ସି. ଫ୍ଲେଚର-୧୦୩, ଟି. ସେଫର୍ଟ-୮୬; କେ. ଗୋଥାମ-୧୩୯/୬)।

# ନ୍ୟୁଜିଲାଣ୍ଡ ବିପକ୍ଷରେ ଆର୍ଜେଣ୍ଟିନା ଫେଭରାଇଟ

ଭୁବନେଶ୍ୱର, ୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍‌ରେ ସୋମବାର ପୁଲ୍ ଏ'ର ଅନ୍ୟଏକ ମୁକାବିଲାରେ ଆର୍ଜେଣ୍ଟିନା ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ପୁଲ ଫେଭରାଇଟ ବିବେଚିତ ହେଉଥିବା ବେଳେ ଦୁଇପାଦ ଆଗରେ ଥିବା ପରି ମନେହେଉଛି। ତେବେ ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ଏହି ଦୁଇ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ବିଜୟୀ ହେବା ପାଇଁ ଉଭୟ ଦଳକୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। ଆର୍ଜେଣ୍ଟିନା ୪–୩ ଗୋଲରେ ସ୍ପେନ ଓ ନ୍ୟୁଜିଲାଣ୍ଡ ୨–୧ ଗୋଲରେ ଫ୍ରାନ୍ସକୁ ହରାଇଥିଲା। ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନା ବିଶ୍ୱକପ୍‌ରେ ଅନ୍ୟତମ ଫେଭରାଇଟ ଦଳ ଭାବେ ଉଭା ହୋଇଛି। ୨୦୧୪ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ତୃତୀୟସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଅଲିମ୍ପିକ୍ସ ସଫଳତା ପରେ ଦଳ ସଫଳତା ପାଇଁ ଆହୁରି ବ୍ୟଗ୍ର ବୋଲି ଆର୍ଜେଣ୍ଟିନା କୋଚ୍ ଜର୍ମାନ ଓରୋଜୋକୋ କହିଛନ୍ତି। ଅଲିମ୍ପିକ୍ସ ଚାମ୍ପିୟନ ଦଳର ପ୍ରାୟ ସବୁ ସଦସ୍ୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ତେବେ କଠିନ ପରିଶ୍ରମ କରି ଖେଳାଳିମାନେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ବିଶ୍ୱକପ୍‌ରେ ମଧ୍ୟ କଠିନ ପରିଶ୍ରମ କାମରେ ଆସିବ ବୋଲି ଖେଳାଳିମାନେ ହୃଦୟଙ୍ଗମ କରିଛନ୍ତି ବୋଲି କୋଚ୍ ଜର୍ମାନ କହିଛନ୍ତି। ଅଲିମ୍ପିକ୍ସ ସଫଳତା ଦୋହରାଇବା କଷ୍ଟକର, କିନ୍ତୁ ଅସମ୍ଭବ ନୁହଁ। କ୍ୱାର୍ଟର ଫାଇନାଲରେ ସ୍ଥାନ ହାସଲ କରିବାକୁ ହେଲେ ନ୍ୟୁଜିଲାଣ୍ଡକୁ ହରାଇବାକୁ ପଡ଼ିବ ବୋଲି ସେ କହିଛନ୍ତି। ଆର୍ଜେଣ୍ଟିନା ଦଳରେ ଗୋଞ୍ଜାଲୋ ପେଇଲାଟ, ସାଣ୍ଟିଆଗୋ ଟୋମାସ, ଲୁକାସ ମାର୍ଟିନେଜ, ଲୁକାସ ଭିଲାଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଆର୍ଜେଣ୍ଟିନା ଗତ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ, ୨୦୧୪ ବିଶ୍ୱକପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲା।

ଅପରପକ୍ଷରେ ବିଶ୍ୱର ର୍‍ୟାଙ୍କିଙ୍ଗ୍‌ରେ ୯ ନମ୍ବର ସ୍ଥାନରେ ଥିବା ନ୍ୟୁଜିଲାଣ୍ଡ ମଧ୍ୟ ପ୍ରଥମ ମ୍ୟାଚ୍‌ରେ ଫ୍ରାନ୍ସକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ବିଶ୍ୱକପ୍‌ର ନ୍ୟୁଜିଲାଣ୍ଡ ଆଦୌ ନୂଆ ନୁହଁ। ବିଶ୍ୱକପ୍‌ରେ ୯ଥର ଅଂଶଗ୍ରହଣ କରି ଏହି ଦଳ ୪ଥର ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଦଳର ଭଲ ପ୍ରଦର୍ଶନ ନେଇ ହେଡ୍ କୋଚ୍ ଡାରେନ୍ ସ୍ମିଥ୍ ବେଶ୍ ଆଶାବାଦୀ ଅଛନ୍ତି। ଦଳ ୨୦୧୬ ଅଲିମ୍ପିକ୍ସରେ ସପ୍ତମ ଓ ୨୦୧୪ ବିଶ୍ୱକପ୍‌ରେ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ହେଡେନ ଫିଲିପ୍ସ, ବ୍ଲେୟାର ଟାରାଣ୍ଟ ଓ ମାର୍କସ ଚାଇଲ୍ଡଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ଦଳରେ ରହିଛନ୍ତି। ଯଦି ଦଳ ସୁଯୋଗର ସଦ୍ ଉପଯୋଗ କରେ ତାହାଲେ ଏହି ବିଶ୍ୱକପ୍‌ରେ ପଦକ ହାସଲ କରିପାରିବ। ସୋମବାର ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ହଟ୍ ଫେଭରାଇଟ୍ ବିବେଚିତ ହେଉଛି।



ଅଭ୍ୟାସରତ ଆର୍ଜେଣ୍ଟିନା ଖେଳାଳି।

### ଆର୍ଜେଣ୍ଟିନା ଦଳ

ଜୁଆନ ଭିଭାଲ୍ଡି (ଗୋଲକିପର), ଗୋଞ୍ଜାଲୋ ପେଇଲାଟ, ଜୁଆନ ଗିଲାର୍ଡି, ପେଡ୍ରୋ ଇବାରା (ଅଧିନାୟକ), ମାଇକୋ କାସେଲା, ମାଟିଆସ ପାରାଡେସ, ଜୋଆକ୍ୟୁନ୍ ମେନିନି, ଲୁକାସ ଭିଲା, ଇଗ୍ନାସିଓ ଓର୍ଟିଜ୍, ଜୁଆନ ଲୋପେଜ, ଟୋମାସ ବେଟ୍ଟାଗ୍ଲିଓ, ଟେମାସ ସାଣ୍ଟିଆଗୋ (ଗୋଲକିପର), ମାଟିଆସ ରେ, ଲୁକାସ୍ ମାର୍ଟିନେଜ, ନିକୋଲାସ ସିସିଲେଓ, ଅଗଷ୍ଟିନ ମାଜ୍ଜିଲି, ଲୁକାସ ରୋସି ଓ ଅଗଷ୍ଟିନ ବୁଗାଲ୍ଲୋ।
କୋଚ– ଜର୍ମାନ ଓରୋଜକୋ।

### ନ୍ୟୁଜିଲାଣ୍ଡ ଦଳ

ବ୍ଲେୟାର ଟାରାଣ୍ଟ (ଅଧିନାୟକ), କୋରି ବେନେଟ, ଡେନ୍ ଲେଟ, ନିକ ରୋସ୍, ରିଚାର୍ଡ ଜୋଏସ (ଗୋଲକିପର), ମାର୍କସ ଚାଇଲ୍ଡ, ଜାରେଡ ପାନଚିଆ, ଜର୍ଜ ଏନେରସନ (ଗୋଲ କିପର), ଏଇଡାନ ସାରିକାୟା, ନିକ୍ ଉଡ୍ସ, କେନ୍ ରସେଲ, ଅରୁଣ ପାଞ୍ଜିଆ, ସିଆ ମ୍ୟାକଆଲିସ୍, ଷ୍ଟିଫେନ ଜେନେସ, ଡୋମିନିକ ନ୍ୟୁମ୍ୟାନ, ହୁଗୋ ଇନ୍‌ଗିଲ୍ସ, ଜର୍ଜ ମୁଇର ଓ ହେଡେନ ଫିଲିପ୍ସ।
କୋଚ୍– ଡାରେନ୍ ସ୍ମିଥ୍

# ଜୋରଦାର ହେବ ସ୍ପେନ୍– ଫ୍ରାନ୍ସ ଟକ୍କର

ଭୁବନେଶ୍ୱର, ୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ଚଳିତ ଚତୁର୍ଦ୍ଦଶ ସଂସ୍କରଣରେ ସୋମବାର ପୁଲ ଏ'ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ବିଶ୍ୱକପ୍‌ର ଅନ୍ୟତମ ଦୃଢ଼ ଦାବିଦାର ଦଳ ସ୍ପେନ ଓ ଅପେକ୍ଷାକୃତ ଦୁର୍ବଳ ଫ୍ରାନ୍ସ ପରସ୍ପରକୁ ଭେଟିବେ। ଏହି ଦୁଇ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ଫଳରେ ଦୁଇ ଦଳ ପାଇଁ ଏହି ମ୍ୟାଚ୍ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ସ୍ପେନ୍ ତା'ର ପ୍ରଥମ ମ୍ୟାଚ୍‌ରେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାଠାରୁ ଲଢେଇ କରି ୩–୪ ଗୋଲରେ ପରାସ୍ତ ହୋଇ ବିଶ୍ୱକପ ଅଭିଯାନ ଆରମ୍ଭ କରିଥିଲା। ସେହିପରି ଫ୍ରାନ୍ସ ମଧ୍ୟ ଅନୁରୂପ ଭାବେ ଲଢେଇ କରି ନ୍ୟୁଜିଲାଣ୍ଡଠାରୁ ୧–୨ ଗୋଲରେ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଥିଲା। ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ସ୍ପେନ୍ ଓ ଫ୍ରାନ୍ସ ପରାସ୍ତ ହୋଇଥିବାରୁ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହେବା ପାଇଁ ପ୍ରାଣପଣେ ଚେଷ୍ଟା କରିବେ। ଏହି ମ୍ୟାଚ୍‌ରେ ଯେଉଁ ଦଳ ପରାସ୍ତ ହେବ ସେହିଦଳ କ୍ୱାର୍ଟର ଫାଇନାଲ ରେସ୍‌ରୁ ବାଦ ପଡ଼ିବା ଏକ ପ୍ରକାର ନିଶ୍ଚିତ ହେବ।

ମିଗୁଏଲ୍ସ ଡିଲ୍ସଙ୍କ ନେତୃତ୍ୱରେ ଓ ଫ୍ରେଡେରିକ୍ ସୋଏଜଙ୍କ ତତ୍ତ୍ୱାବଧାନରେ ସ୍ପେନ ଆରମ୍ଭରୁ ବିଶ୍ୱକପ୍ ପ୍ରସ୍ତୁତି ଜୋରଦାର କରିଥିଲା। ଦଳରେ ଏନରିକ ଗୋଞ୍ଜାଲେଜ, ସେର୍ଗି ଏନେରିକ, ଗୋଲ କିପର ମାରିଓ ଗାରିନଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ସ୍ପେନ୍ ଦଳ ବେଶ୍ ସନ୍ତୁଳିତ ମନେହୁଏ। ସ୍ପେନ୍‌ରେ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ବେଶ୍ ସଫଳତା ସହ ଆୟୋଜିତ ହୋଇଥିଲା। ବିଶ୍ୱକପ୍‌ରେ ସ୍ପେନ୍ ମଧ୍ୟ ଅନ୍ୟତମ ସଫଳ ଦଳ ଭାବେ ବିବେଚିତ ହେଉଛି। ସ୍ପେନ ବିଶ୍ୱକପ୍‌ରେ ୩ଥର ପଦକ ହାସଲ କରିବାରେ ସଫଳ ହୋଇଛି। ସ୍ପେନ ମଧ୍ୟ ୟୁରୋ ହକି ନେସନ୍ସ ଚାମ୍ପିୟନଶିପ୍ ଟାଇଟଲ ଦୁଇଥର ହାସଲ କରିଛି। ସେହିପରି ଚାମ୍ପିୟନ୍ସ ଟ୍ରଫି ଓ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍‌ରେ ଥରେ ଲେଖାଏ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରାୟ ସବୁ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଯଥା ଅଲିମ୍ପିକ୍ସ, ବିଶ୍ୱକପ୍, ୟୁରୋ ଚାମ୍ପିୟନଶିପ୍, ଚାମ୍ପିୟନ୍ସ ଟ୍ରଫି, ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟ୍ରଫି, ୱାର୍ଲ୍ଡ ଲିଗ୍‌ରେ ସଫଳ ପ୍ରଦର୍ଶନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍‍ୟାଙ୍କିଙ୍ଗ୍‌ରେ ସ୍ପେନ ଏବେ ଅଷ୍ଟମ ସ୍ଥାନରେ ରହିଛି।

ଅପରପକ୍ଷରେ ଫ୍ରାନ୍ସ ଅପେକ୍ଷାକୃତ ଦୁର୍ବଳ ହୋଇଥିବାରୁ ସ୍ପେନ୍ ଏହି ମୁକାବିଲାରେ ଫେଭରାଇଟ୍ ମନେହେଉଛି। କିନ୍ତୁ ପ୍ରଥମ ମ୍ୟାଚରେ ଫ୍ରାନ୍ସ ନିଜ ଲଢୁଆ ମନୋବୃତ୍ତିର ପରିଚୟ ଦେଇଛି। ଫଳରେ ଫ୍ରାନ୍ସ ସହଜରେ ସ୍ପେନ୍‌କୁ ବାଟ ଛାଡ଼ିବ ନାହିଁ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଫ୍ରାନ୍ସ ବିଂଶତମ ସ୍ଥାନରେ ରହିଛି। ସ୍ପେନଠାରୁ ୧୨ଟି ସ୍ଥାନ ତଳେ ଥିଲେ ମଧ୍ୟ ଫ୍ରାନ୍ସ ବିଶ୍ୱକପ୍‌ରେ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖୁଛି। ଫ୍ରାନ୍ସ ଅଲିମ୍ପିକ୍ସ, ବିଶ୍ୱକପ୍, ୱାର୍ଲ୍ଡ ଲିଗ୍, ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କରିବାରେ ସେତେ ସଂଖ୍ୟାରେ ସୁଯୋଗ ହାସଲ କରିନାହିଁ। କିନ୍ତୁ ସୀମିତ ସୁଯୋଗରେ ଏହି ଦଳ ବେଶ୍ ଆଖିଦୃଶିଆ ସଫଳତା ହାସଲ କରିଛି। ଭିକ୍ଟର ଚାର୍ଲେଟଙ୍କ ନେତୃତ୍ୱରେ ଓ କୋଚ୍ ଜେରୋଏନ ଡେଲମିଙ୍କ ତତ୍ତ୍ୱାବଧାନରେ ଫ୍ରାନ୍ସ ଅତିକମ୍‌ରେ ଏଥର ବିଶ୍ୱକପ୍‌ରେ କ୍ୱାର୍ଟର ଫାଇନାଲ ପାର କରିବା ଲକ୍ଷ୍ୟରେ ରହିଛି। ଦଳରେ ଗୋଲ କିପର ଥିଏରୀ ଆର୍ଥର, ଫ୍ରାଙ୍କୋଇଜ୍ ଗୋୟେଟ୍‌ଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଫ୍ରାନ୍ସ ହକିରେ ବେଶ୍ ଉନ୍ନତି କରିଛି। ବିଶ୍ୱର ଆଗଧାଡ଼ିର ଦଳଗୁଡ଼ିକ ବିପକ୍ଷରେ ଫ୍ରାନ୍ସ ଜବରଦସ୍ତ ପ୍ରଦର୍ଶନ କରିଛି। ତେଣୁ ସୋମବାର ସ୍ପେନ୍– ଫ୍ରାନ୍ସ ମୁକାବିଲା ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

### ଆଜିର ମ୍ୟାଚ୍

**ସ୍ପେନ୍ ବନାମ ଫ୍ରାନ୍ସ**
ପୁଲ୍–ଏ
ସମୟ : ଅପରାହ୍ନ ୫ଟା।

**ନ୍ୟୁଜିଲାଣ୍ଡ ବନାମ ଆର୍ଜେଣ୍ଟିନା**
ପୁଲ୍–ଏ
ସମୟ: ରାତି ୭ଟା।



**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

### ସ୍ପେନ୍ ଦଳ

କୋର୍ଟେସ କ୍ୟୁକୋ(ଅଧିନାୟକ, ଗୋଲକିପର), ସେର୍ଗି ଏନେରିକ, ସାଞ୍ଚେଜ୍ ରିକାର୍ଡୋ, ମାର୍କ ଶିରାହିମା, ଇଗ୍ନାସିଓ ରୋଡ୍ରି ଗୁଏଜ, ଏନରିକ ଗୋଞ୍ଜାଲେଜ୍, ଆଲଭାର ଇଗ୍ଲେସିଆସ୍, ମାର୍କ ସେଲ୍ସ, ରିକାର୍ଡୋ ସାଣ୍ଟାନା, ଡିଏଗୋ ଆରାନା, ଜାଭି ଲିଓନାର୍ଟ, ଆଲେଜାଣ୍ଡ୍ରେ ଡି ଫ୍ରୁଟୋସ୍, ଭିସେନ୍‌କ ରୁଇଜ୍, ଆଲବର୍ଟ ବେଲଟ୍ରାନ୍, ଜୋସେପ ରୋମିଉ, ମାରିଓ ଗାରିନ୍ (ଗୋଲ କିପର), ପାଉ କ୍ୱେମାଡ଼ା ଓ ମାର୍କ ବୋଲ୍ଟୋ।
କୋଚ୍– ଫ୍ରେଡେରିକ ସୋଏଜ୍।

### ଫ୍ରାନ୍ସ ଦଳ

ଭିକ୍ଟର ଚାର୍ଲେଟ୍ (ଅଧିନାୟକ), ଥିଏରି ଆର୍ଥର (ଗୋଲକିପର), ଭାନ ଷ୍ଟ୍ରାଟେନ ପିଟର, ଟମ୍ ଜେନେଷ୍ଟେଟ, ହୁଗୋ ଜେନେଷ୍ଟେଟ, ବ୍ଲେଇଜ୍ ରୋଗେଆଉ, ଭିକ୍ଟର ଲୋକଉଡ୍, ଚାର୍ଲ୍ସ ମାସନ, ନିକୋଲାସ ଡୁମୋଣ୍ଟ, ଗାସପାର୍ଡ ବାଉମାଗାର୍ଟେନ, ଫ୍ରାଙ୍କୋଇଜ୍ ଗୋୟେଟ, କ୍ରିଷ୍ଟୋଫୋରୋ ପଟର୍ସ ଡେଉଜ୍, ଜିନ୍ ବାପ୍ଟାଇଷ୍ଟ ଫୋର୍ଗୁଉଜ, ଏଟିଏନ ଟିନେଭେଜ୍, ଆରିଷ୍ଟାଇଡ କୋଇସ୍‌ନେ, ମାକ୍ସିମିଲେନ ବ୍ରାନିକି, ଟିମୋଥି କ୍ଲିମେଣ୍ଟ, କୋରେଣ୍ଟିନ୍ ସାଉନିଏର (ଗୋଲକିପର)।
କୋଚ୍– ଜୋରେଏନ ଡେଲମି।

# ମିଜୋରାମ ୧୧ ରନରେ ଅଲ୍‌ଆଉଟ୍

ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସରେ ମେଘାଳୟ ବିପକ୍ଷରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ମିଜୋରାମ ଦଳ ମାତ୍ର ୧୧ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ରେଭେନ୍‌ସା କ୍ରିକେଟ ଗ୍ରାଉଣ୍ଡ–୧ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମିଜୋରାମ ୧୩ ଓଭରରେ ୧୧ ରନ କରି ସମସ୍ତ ଉଇକେଟ୍ ହରାଇଥିଲା। ଅତିରିକ୍ତ ଆକାରରେ ଆସିଥିବା ୪ ରନ ଦଳ ପକ୍ଷରୁ ସର୍ବାଧିକ ସ୍କୋର ରହିଥିଲା। ଓପନର୍ ତଥା ଅଧିନାୟିକା ସନ୍ଧ୍ୟା କୁମାରୀ ୩ ରନ କରିଥିବାବେଳେ ୪ ଜଣ ଖେଳାଳି ଏକ ରନ ଲେଖାଏ କରିଥିଲେ। ଛ'ଜଣ ବ୍ୟାଟ୍ସୱିମ୍ୟାନ ଖାତା ଖୋଲି ପାରି ନ ଥିଲେ। ପ୍ରତିପକ୍ଷ ମେଘାଳୟର ବନ୍ଦନା ମହାଜନ ୭ ଓଭର ବୋଲିଂ କରି ୫ ମେଡେନ ସହ ୪ରନ ବିନିମୟରେ ୮ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ମିଜୋରାମ ୩ ଓଭରରେ କୌଣସି ଉଇକେଟ୍ ନ ହରାଇ ମ୍ୟାଚ୍ ଆବଶ୍ୟକୀୟ ରନ ସଂଗ୍ରହ କରିନେଇଥିଲା। ସାଇ ପୁରନ୍ଦାରେ ୧୨ ଓ ଅଧିନାୟିକା ଡି.ଡି. ଦତ୍ତ ୨ ରନ କରି ଅପରାଜିତ ରହିଥିଲେ। ସେହିଭଳି ସନ୍‌ସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଝାଡ଼ଖଣ୍ଡ ୧୩୨ ରନରେ ଜମ୍ମୁ ଓ କଶ୍ମୀରକୁ ପରାସ୍ତ କରିଛି।




# ସିରିଜ୍ ପୋଛିଲା ବାଂଲାଦେଶ

ଢାକା,୨।୧୨

ଏଠାରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌କୁ ବାଂଲାଦେଶ ଦଳ ଏକ ଇନିଂସ୍ ଓ ୧୮୪ ରନ୍ ବ୍ୟବଧାନରେ ଜିତି ନେଇଛି। ଏହା ବାଂଲାଦେଶ ଦଳର ପ୍ରଥମ ଇନିଂସ୍ ବିଜୟ। ଏଥିସହିତ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ବାଂଲାଦେଶ ଦଳ କ୍ଲିନ୍ ସୁଇପ୍ ହାସଲ କରିଛି। ଘରୋଇ ସ୍ପିନରମାନେ ରବିବାର ମୋଟ ୧୫ ଉଇକେଟ ନେଇ ଦଳକୁ ବିଜୟ ଭେଟି ଦେଇଛନ୍ତି। ଢାକା ଟେଷ୍ଟରେ ମୋଟ ୧୨ ଉଇକେଟ ନେଇଥିବା ଅଫ୍ ସ୍ପିନର ମେହିଦି ହାସନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଅଧିନାୟକ ଶାକିବ ଅଲ ହାସନ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ବିବେଚିତ ହୋଇଛନ୍ତି। ପ୍ରଥମ ଇନିଂସ୍‌ରେ ବାଂଲା ଦଳ ୫୦୮ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୭୫/୫ରୁ ବ୍ୟାଟିଂ ଆରମ୍ଭ କରି ୧୧୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହାପରେ ଦ୍ୱିତୀୟ ଇନିଂସ୍‌ରେ କେବଳ ସିମରନ ହେଟ୍‌ମେର (୯୩)ଙ୍କ ବ୍ୟତୀତ ଅନ୍ୟ କୌଣସି ଭ୍ରମଣକାରୀ ବ୍ୟାଟ୍ସମ୍ୟାନ ପ୍ରତିପକ୍ଷ ସ୍ପିନରଙ୍କ ସମ୍ମୁଖୀନ ହୋଇପାରି ନ ଥିଲେ। ଫଳରେ ଦଳ ୨୧୩ ରନ୍‌ରେ ଅଲଆଉଟ୍ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ମେହିଦି ୫ ଓ ତାଇଜୁଲ ଇସ୍‌ଲାମ ୩ଟି ଉଇକେଟ ନେଇଥିଲେ।



ମେହିଦି ହାସନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ (ମଝି)।

■ ମାର୍କଫେଡ୍ ଧାନକିଣା ଦୁର୍ନୀତିକୁ ନେଇ ରାଜନୀତି ସରଗରମ

# କଂଗ୍ରେସ-ବିଜେଡି ମୁହାଁମୁହିଁ

**ମନ୍ତ୍ରୀ ସୂର୍ଯ୍ୟ ପାତ୍ର, ଧ୍ରୁବ, ଅଂଶୁମାନ ଓ ବୈଜୟନ୍ତଙ୍କ କୁଶ ପୁତ୍ତଳିକା ଦାହ**



ରାଜନଗର ବିଜେଡି ପକ୍ଷରୁ କୁଶପୁତ୍ତଳିକା ଦାହ ଅବସରରେ କର୍ମୀମାନେ।



କଂଗ୍ରେସ ତରଫରୁ କୁଶପୁତ୍ତଳିକା ଦାହ।

ରାଜନଗର,୨।୧୨(ଡିଏନଏ)

କେନ୍ଦ୍ରାପଡା ଜିଲାରେ ମାର୍କଫେଡ୍ ଧାନକିଣା ଦୁର୍ନୀତିକୁ ନେଇ କେବଳ ଜିଲାରେ ନୁହେଁ ସମଗ୍ର ରାଜ୍ୟରେ ଦୀର୍ଘ ଦିନ ଧରି ଚର୍ଚ୍ଚା ଲାଗି ରହିଛି। ନିର୍ବାଚନ ଯେତେ ପାଖେଇ ଆସୁଛି, ଜିଲାର ସବୁଠୁ ସମ୍ବେଦନଶୀଳ ରାଜନଗର ନିର୍ବାଚନମଣ୍ଡଳୀରେ ଏହି ଦୁର୍ନୀତିକୁ ନେଇ କଂଗ୍ରେସ ଓ ବିଜେଡି ମୁହାଁମୁହିଁ ହେବାରେ ଲାଗିଛି। ଶନିବାର ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଏହି ଦୁର୍ନୀତିରେ ରାଜନଗର ବିଧାୟକଙ୍କ ସଂପୃକ୍ତି ଥିବା ଦର୍ଶାଇ ବିବାଦୀୟ ବୟାନ ଦେବା ନେଇ ରବିବାର ସାରାଦିନ ରାଜନଗର ରାଜନୀତି ଚଳଚଞ୍ଚଳ ରହିଥିଲା। ମନ୍ତ୍ରୀଙ୍କ ବୟାନକୁ ଦୃଢ ବିରୋଧ କରି ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ଅପରାହ୍ନ ୩ଟା ବେଳେ ଏକ ଶୋଭାଯାତ୍ରା କରାଯାଇଥିଲା। ୩୦ ନଂ ଜୋନ କଂଗ୍ରେସ ସଭାପତି ଅଶୋକ କୁମାର ବଳଙ୍କ ନେତୃତ୍ୱରେ କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ବାହାରି ତ୍ରିନାଥ ବଜାର, ରାଜନଗର ବଜାର ପରିକ୍ରମା କରିବା ସହିତ ଜିଲା ସଭାପତି ଧ୍ରୁବ ସାହୁ ଓ ମନ୍ତ୍ରୀ ପାତ୍ରଙ୍କ ବିରୋଧରେ ଦୁର୍ନୀତିର ନାରାବାଜି ଆଣିଥିଲେ। ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦୁଇନେତାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି ଶୋଭାଯାତ୍ରାରେ ରଞ୍ଜନ କୁମାର ମହାନ୍ତି, ସନ୍ତୋଷ କୁମାର ମହାନ୍ତି , ଚଣ୍ଡ ମିଶ୍ର, ସୋନି ରାଉଳ, ବନମାଳି ସ୍ୱାଇଁ, ସୁମନ୍ତ ସେଠୀ, ପ୍ରମିଳା ସେଠୀ, ସଞ୍ଜୁଲତା ବେହେରା, ସତ୍ୟବାନ ସେଠୀ, ବିଚିତ୍ର ମଳିକ, ଶୁଭ୍ରକାନ୍ତ ଦାସ, ପ୍ରଭାତ ଚନ୍ଦ୍ର ମିଶ୍ର ,ମନୋଜ ସ୍ୱାଇଁ, ବିଦ୍ୟାଧର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହାର ପ୍ରତିବାଦ ସ୍ୱରୂପ ବ୍ଲକ ବିଜେଡି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରୁ ବ୍ଲକ ବିଜେଡି ସଂପାଦକ ନରହରି ଜେନାଙ୍କ ନେତୃତ୍ୱରେ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ବିଧାୟକ ଅଂଶୁମାନ ମହାନ୍ତି ଏବଂ ପୂର୍ବତନ କେନ୍ଦ୍ରାପଡା ଜିଲା ଏମପି ବୈଜୟନ୍ତ ପଣ୍ଡାଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ଏହି ଶୋଭାଯାତ୍ରା ରାଜନଗର ବଜାର ପରିକ୍ରମା କରିବା ପରେ କର୍ମୀମାନେ ତ୍ରିନାଥ ବଜାରରେ ବିଧାୟକ ମହାନ୍ତି ଏବଂ ପୂର୍ବତନ ଏମପି ପଣ୍ଡାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି ଶୋଭାଯାତ୍ରାରେ ବାଇଧର ସେଠୀ, ପାରେଶ୍ୱର ନାୟକ, ନାରାୟଣ ଦାସ, ବିକ୍ରମ ବାରିକ, ମୁନା ତାଡୁ, ଦୀପକ ରାଉତ, ସୁଶୀଳ ସେଠୀ, ଆର୍ତ୍ତବନ୍ଧୁ ମହାନ୍ତି, ପର୍ଶୁରାମ ବାରିକ, ରବିନ୍ଦ୍ର କୁମାର ସେଠୀ, ସୁରେନ୍ଦ୍ର ଘଡାଇ, ସୁବ୍ରତ ପ୍ରତିହାରୀ ପ୍ରମୁଖ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୫-୧୬ ଖରିଫ ଋତୁରେ ଜିଲାର ପଟ୍ଟାମୁଣ୍ଡାଇ ଓ ରାଜନଗରରେ ମାର୍କଫେଡ୍ ପକ୍ଷରୁ ହୋଇଥିବା ଧାନକିଣାରେ ମହାଦୁର୍ନୀତି ହୋଇଥିଲା। ଏହାକୁ ନେଇ ଭିଜିଲାନ୍ସ ତଦନ୍ତ ଜାରି ଥିବା ବେଳେ ସମବାୟ ରେଜିଷ୍ଟ୍ରାର କୋ ଅପରେଟିଭ ସୋସାଇଟି ଓ ସିଏଜି ରିପୋର୍ଟ ଦେଇଛନ୍ତି। ଉଭୟ ରିପୋର୍ଟରେ ଦୁର୍ନୀତି ସ୍ପଷ୍ଟ ହୋଇଛି। ତେବେ ଏଥିରେ ବିଧାୟକ ଅଂଶୁମାନ ମହାନ୍ତି କିମ୍ବା ଜିଲା ବିଜେଡି ସଭାପତି ଧ୍ରୁବ ସାହୁଙ୍କ ସଂପୃକ୍ତି ନେଇ କୌଣସି ଟିପ୍ପଣୀ ନାହିଁ। ମାତ୍ର ଆଗକୁ ନିର୍ବାଚନ ଥିବାରୁ ଉଭୟ ଦଳ ଏହାକୁ ରାଜନୈତିକ ଅସ୍ତ୍ର କରିଛନ୍ତି ।

## କାର୍‌କୁ ଧକ୍କା ଦେଇ ଟ୍ରକ ଡ୍ରାଇଭର୍ ଗିରଫ

ମାର୍ଶାଘାଇ,୨।୧୨(ଡିଏନ୍ଏ)

୫ ନଂ (କ) ଜାତୀୟ ରାଜପଥରେ ଏକ କାରକୁ ଦୁଇ ଥର ଧକ୍କା ଦେଇ ଖସି ପଳାଇ ଯିବାକୁ ବସିଥିବା ଏକ ଟ୍ରକର ଡ୍ରାଇଭରଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଟ୍ରକ ଡ୍ରାଇଭର ହେଲେ ସୁଜିତ୍ କୁମାର ସାହୁ (୩୨)। ତାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ରାହାମା ଗ୍ରାମରେ।

ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ଜାତୀୟ ରାଜପଥର ପାରାଦୀପ ପଟୁ କେନ୍ଦ୍ରାପଡା ଅଭିମୁଖେ ଆସୁଥିବା ଓଡ଼ି୦୨ଏଡ଼ି ୫୪୦୮ନଂ କାରକୁ ସେହି ପାରାଦୀପ ପଟୁ ଆସୁଥିବା ଓଆର୍୨୧ଏ ୧୨୪୩ ନଂ ୧୦ ଚକିଆ ଟ୍ରକ୍ ମାର୍ଶାଘାଇ ଥାନା ଟିକରପଙ୍ଗା ଠାରେ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଉଥିଲା । କାର୍ ମାଲିକ ଟ୍ରକ ପଛରେ ଗୋଡାଇ ଯଦୁପୁର ମଶାକଣୀଠାରେ ଅଟକାଇବାକୁ ଚେଷ୍ଟା କରିବାରୁ ଉକ୍ତ ଟ୍ରକ ଡ୍ରାଇଭର୍ ସୁଜିତ୍ ପୁନର୍ବାର ଉକ୍ତ କାରକୁ ଧକ୍କା ଦେଇ ଘଟଣାସ୍ଥଳରୁ ଟ୍ରକ୍ ସହ ଫେରାର ହୋଇ ଯାଇଥିଲେ । ଏହାସତ୍ତ୍ୱେ ଉକ୍ତ କାର ମାଲିକ ପଛରେ ଗୋଡାଇ ଗୋଡାଇ କୁସୁନୁପୁର ହମ୍ପସ ନିକଟରେ ଟ୍ରକକୁ ଅନ୍ୟମାନଙ୍କ ସହାୟତାରେ ଅଟକାଇ ଥିଲେ । ପରେ ଏନେଇ କାର ମାଲିକ ମିହିର କୁମାର ସାମଲ ମାର୍ଶାଘାଇ ଥାନାରେ ଅଭିଯୋଗ କଲା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରକକୁ ଜବତ କରବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା । ଏନେଇ ମାର୍ଶାଘାଇ ଥାନାରେ ୨୦୬/୧୮ନଂରେ ମାମଲା ରୁଜୁ ହୋଇଛି । ଟ୍ରକକୁ ଥାନାରେ ରଖାଯାଇଥିବା ବେଳେ ଏ ନେଇ ତଦନ୍ତ ଜାରି ରହିଛି।

## ନାବାଳିକାଙ୍କୁ ଦୁର୍ବ୍ୟବହାର

**ଖଇରା, ୨।୧୨(ଡି.ଏନ.ଏ.):** ଖଇରା ଥାନା ଅଞ୍ଚଳର ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଖଇରା ପୋଲିସ ଶନିବାର କାଳିଆ ପାତ୍ର ନାମକ ଯୁବକଙ୍କ ନାମରେ ମାମଲା (ନଂ. ୨୭୦/୧୮) ରୁଜୁ କରିଛି।











FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. **Authorised Dealers:** CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Uttara, Bhubaneswar, Jyote Uttara, Ph : 7440030006; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dhaitree Associates, Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051. McCann/Blr/Tvs/1200/12/18




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ


Bhoomika Dash
Actress
PLEDGE 'PLASTIC-FREE' ODISHA
#PlasticFreeOdisha
ଧରିତ୍ରୀ DHARITRI TEAM


## ସଂକ୍ଷେପରେ

### ପୂର୍ଣ୍ଣିମା ଦିନରୁ ସଫା ହୋଇନି ପୋଖରୀ, ବାହାରୁଛି ଦୁର୍ଗନ୍ଧ

ଯାଜପୁର ରୋଡ୍,୨।୧୨(ନି.ପ୍ର): କାର୍ତ୍ତିକ ପୂର୍ଣ୍ଣିମା ଦିନ ଲୋକେ ବ୍ୟାସନଗର ପୌର ପରିଷଦର ବିଭିନ୍ନ ପୁଷ୍କରିଣୀ ଓ ଜଳାଶୟରେ ଶୋଲ ଓ କଦଳୀ ପଟୁଆରେ ନିର୍ମିତ ଡଙ୍ଗା ଭସାଇ ଥିଲେ । କିନ୍ତୁ ପୂର୍ଣ୍ଣିମାକୁ ୯ଦିନ ବିତିଯାଇଥିଲେ ମଧ ଡଙ୍ଗାଗୁଡିକୁ ପୋଖରୀରୁ ସଫା କରାଯାଇ ନାହିଁ । ଫଳରେ ତାହା ପୋଖରୀରେ ପଚି ପାଣିରୁ ଦୁର୍ଗନ୍ଧ ବାହାରୁଛି। ଯଦ୍ଵାରା ପୋଖରୀଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ପୌର ପରିଷଦ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ବିଶେଷ କରି ଧବଳଗିରି ପଞ୍ଚମୁଖୀ ହନୁମାନ ମନ୍ଦିର ପୋଖରୀ, ସାପଗଡିଆ ପୋଖରୀ, ମିଟୁଆଣି ପୋଖରୀ, କୋପଣ୍ଡ ଆଦି ପୋଖରୀରେ ଡଙ୍ଗାଗୁଡିକ ଭାସି ପାଣିରୁ ଦୁର୍ଗନ୍ଧ ବାହାରୁଥିବା ଦେଖାଯାଉଛି। ଏଥିପ୍ରତି ପୌର ପରିଷଦ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହେଉଛି।

### ବିଶ୍ୱ ଏଡ୍ସ ଦିବସ ପାଳିତ

ଧର୍ମଶାଳା, ୨।୧୨(ଡି.ଏନ୍.ଏ.): ଧର୍ମଶାଳା ମହାବିଦ୍ୟାଳୟର ରେଡ୍‌ରିବନ କ୍ଲବ ଓ ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ଶନିବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। କଲେଜର ଅଧାପିକା ଓ ଅଧାପକ, ଛାତ୍ରୀଛାତ୍ରମାନେ ଜାରକା ବଜାର ପରିକ୍ରମା କରି ଏଡ୍ସ ରୋଗର ଭୟାଭୟତା ଉପରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଜୟନ୍ତ ସାହୁ, କେତକୀ ନାୟକ, ଦେବପ୍ରସାଦ ସାମଲ, ବ୍ରଜବନ୍ଧୁ ଭଞ୍ଜ, ବିଶ୍ୱଜିତ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ବିପଦସଙ୍କୁଳ ଅବସ୍ଥାରେ ଫୁଟ୍ ଓଭରବ୍ରିଜ୍

ଯାଜପୁର ରୋଡ୍,୨।୧୨(ନି.ପ୍ର): ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେଶନ ପୂର୍ବତଟ ରେଳ ବିଭାଗର ପ୍ରମୁଖ ଷ୍ଟେଶନ। ଏହି ଷ୍ଟେଶନକୁ ସମଗ୍ର ଯାଜପୁର ଜିଲା ସମେତ କେନ୍ଦୁଝର ଓ ଢେଙ୍କାନାଳ ଅଞ୍ଚଳର ଲୋକେ ଯାତାୟାତ କରନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳ ଯୋଗୁ ଏହି ଷ୍ଟେଶନଟି ଗୁରୁତ୍ୱ ଲାଭ କରିଛି। ଏହି ଷ୍ଟେଶନଟି ଏ' କ୍ଲାସ ମାନ୍ୟତା ପାଇଥିଲେ ମଧ ତାହା କାଗଜକଲମରେ ସୀମିତ ରହିଛି। ଏହି ଷ୍ଟେଶନର ୧ରୁ ୫ନଂ ପର୍ଯ୍ୟନ୍ତ ଫୁଟ୍ ଓଭରବ୍ରିଜ୍‌ଟି ନିମ୍ନମାନର କାମ ଯୋଗୁ ପାଦ ଚଲା ପାହାଚଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଯାହାକି ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ଓଭରବ୍ରିଜ୍‌ରେ ଦୈନିକ ୫୦୦୦ଯାତ୍ରୀ ଯାତାୟାତ କରିଥାନ୍ତି। ଦୈନିକ ଯାତ୍ରୀମାନେ ଯିବା ଆସିବା କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏ ସମ୍ପର୍କରେ ରେଲୱେ କର୍ତ୍ତୃପକ୍ଷଙ୍କୁ ଯାଜପୁର ରୋଡ୍ ରେଳ ଯାତ୍ରୀ ମହାସଂଘର ବରିଷ୍ଠ ଆଇନ୍‌ଜୀବୀ ନାରାୟଣ ପ୍ରସାଦ ପତି, ଖୋର୍ଦ୍ଧା ଡିଆର୍‌ଏଏମ୍ ଓ ପୂର୍ବତଟର ଜେନେରାଲ ମ୍ୟାନେଜରଙ୍କୁ ବାରମ୍ବାର ଅବଗତ କଲେ ମଧ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି।

■ ହରେକୃଷ୍ଣ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଜାରକାକୁ ହରାଇ କାଏମା ଚାମ୍ପିୟନ

ଧର୍ମଶାଳା, ୨।୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଚୋରମୁହାଁ ମଜାର ପଡ଼ିଆରେ ଆୟୋଜିତ ପ୍ରଥମ ବାର୍ଷିକ ହରେକୃଷ୍ଣ ରାଉତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଫାଇନାଲ ମ୍ୟାଚ୍‌ରେ ଜାରକା ଦଳକୁ ୫ ଉଇକେଟରେ ହରାଇ କାଏମା ଚାମ୍ପିୟନ ହୋଇଛି। ଜାରକା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭର୍ ମଧ୍ୟରୁ ୧୨ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୧୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନୁପ ସାମଲ ୩୨ ରନ୍ କରିଥିଲେ। ବିପକ୍ଷ ଦଳର ଇମ୍ରାନ୍ ଖାଁ ୩ଟି ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ଜବାବରେ କାଏମା ଦଳ ୧୨ ଓଭର୍‌ରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳପକ୍ଷରୁ ସତ୍ୟରଞ୍ଜନ ୪୦ ରନ୍ କରିଥିଲେ। ଉତ୍ତମ ପ୍ରଦର୍ଶନ ପାଇଁ ବିଜୟୀ ଦଳର ଇମ୍ରାନ୍ ଖାଁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ଜାରକା ଦଳର ଅନୁପ ସାମଲଙ୍କୁ ମ୍ୟାନ୍ ଅଫ ଦି ସିରିଜ୍‌ଭାବେ ପୁରସ୍କୃତ କରାଯାଇଛି। ବାପି ରାଉତ ଓ ଶୁଭାଶିଷ ଦାସ ଖେଳ ପରିଚାଳନା କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କଟକ ଏସିଟିଓ ଅଶୋକ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲାପରିଷଦ ସଭ୍ୟ ବି. କେ. ପରିଡା ଯୋଗଦେଇ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କୃଷକ ନେତା ବସନ୍ତ କୁମାର ପରିଡା, ରମେଶ ଦାଶ ଯୋଗଦେଇ ଥିଲେ।


ଚାମ୍ପିୟାନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# କ୍ରିକେଟ ଖେଳକୁ ନେଇ ଗୋଷ୍ଠୀ ସଂଘର୍ଷ: ୧୦ ଆହତ

ଧର୍ମଶାଳା,୨।୧୨(ଡିଏନଏ)

ଧର୍ମଶାଳା ଥାନା ଅନ୍ତର୍ଗତ ବଡକାଏମା ପଞ୍ଚାୟତର ଡେରାବର ଗ୍ରାମରେ କ୍ରିକେଟ ଖେଳୁଥିବା ବେଳେ ରବିବାର ସନ୍ଧ୍ୟାରେ ଦୁଇ ଗୋଷ୍ଠୀ ମଧରେ ମାରପିଟ ଘଟି ୧୦ଜଣ ଆହତ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ଶୁକ୍ରବାର ଡେରାବର ଖେଳ ପଡିଆରେ ଗ୍ରାମର ଯୁବକମାନେ କ୍ରିକେଟ ଖେଳୁଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ନିଜ ଭିତରେ ପାଟିତୁଣ୍ଡ ଓ ମାରପିଟ ହୋଇଥିଲା। ଏହାର ସମାଧାନ ପାଇଁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ବରେଇଶୁଣୀ ମନ୍ଦିର ବେଢାରେ ଆଲୋଚନା ଚାଲିଥିବା ବେଳେ ଉଭୟ ପକ୍ଷ ପୁନଶ୍ଚ ଗଣ୍ଡଗୋଳ ଲାଗିବା ସହିତ ଠେଙ୍ଗାରେ ମାରପିଟ ହୋଇଥିଲେ। ଫଳରେ ଉଭୟ ଗୋଷ୍ଠୀର ମହିଳା ସମେତ ୧୦ଜଣ ଆହତ ହୋଇଛନ୍ତି। ଆହତମାନେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଉଭୟ ପକ୍ଷରୁ ଥାନାରେ ୨ଟି ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଛି।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍‌ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)

ତା.୧୦.୧୨.୨୦୧୮ ରିଖରେ ଅନୁଷ୍ଠିତ ହେବାକୁଥିବା ମେଗା ଇ-ନିଲାମ ନିମନ୍ତେ ପ୍ରସ୍ତାବିତ ସମ୍ପତ୍ତିଗୁଡିକର ସଂଖ୍ୟା

| ଶାଖାର ନାମ | ସମ୍ପତ୍ତିର ପ୍ରକାର | | | |
|---|---|---|---|---|
| | ବାସୋପଯୋଗୀ | ବାଣିଜ୍ୟିକ | ଶିଳ୍ପଭିତ୍ତିକ | ମୋଟ |
| ଷ୍ଟ୍ରେସଡ୍ ଆସେଟ୍‌ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଭୁବନେଶ୍ୱର | ୫ | ୧ | ୧୩ | ୧୯ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ଭୁବନେଶ୍ୱର | ୮ | ୦ | ୦ | ୮ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ଭଦ୍ରକ | ୨ | ୦ | ୦ | ୨ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), କଟକ | ୭ | ୧ | ୦ | ୮ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ସମ୍ବଲପୁର | ୨ | ୦ | ୩ | ୫ |
| ମୋଟ | ୨୪ | ୨ | ୧୬ | ୪୨ |

ତାରିଖ : ୦୧.୧୨.୨୦୧୮, ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


## ବିଜେଡିର ଜନ ସମ୍ପର୍କ ପଦଯାତ୍ରା

# ୨ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ସୁକିନ୍ଦା, ୨।୧୨(ଡି.ଏନ୍.ଏ.): ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ଗ୍ରାମ ପଞ୍ଚାୟତରେ ରବିବାର ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାରେ ଦଳୀୟ ସମର୍ଥକଙ୍କ ସହ ବିଧାୟକ ପଞ୍ଚାୟତର ଉପର ବଜାରଠାରୁ ଆରମ୍ଭ କରି ଦେହୁରୀ ସାହି, ମୁଣ୍ଡା ସାହି, ବାମ୍ପିଲୋ ଆଦି ଗ୍ରାମରେ ପହଞ୍ଚି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ଗ୍ରାମ ଉନ୍ନୟନ ବିଭାଗ ରାସ୍ତାଠାରୁ ବାମ୍ପିଲୋ ରାସ୍ତା ଏବଂ ଜେମାଦେଈପୁରଠାରୁ କୁହିକା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଘଡାଇ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଭାବରେ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଉପାଧକ୍ଷ ଦିବ୍ୟ ରଞ୍ଜନ ବରାଳ, ୩୭ ନଂ. ଜିଲା ପରିଷଦ ସଦସ୍ୟ ପ୍ରତାପ ପାତ୍ର, ସରପଞ୍ଚ ସୁହାସିନୀ ପାତ୍ର, ସରପଞ୍ଚ ଅକ୍ଷୟ ନାୟକ ପ୍ରମୁଖ ସମ୍ମାନୀ ଅତିଥି ଭାବେ ଯୋଗ ଦେଇଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

ସୁକିନ୍ଦା, ୨।୧୨(ଡି.ଏନ୍.ଏ.)



ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିଙ୍ଗଲ ପଞ୍ଚାୟତର କଇଥା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ଗ୍ରାମର ଶ୍ୟାମ ତରାଇଙ୍କ ୩ ବଖରା ଜଳି ଯାଇଛି। ଅଗ୍ନିକାଣ୍ଡରେ ନଗଦ ୨୦ହଜାର ଟଙ୍କା ସହିତ ଲକ୍ଷ୍ୟାଧିକ ଟଙ୍କାର ଆସବାବ ପତ୍ର , ଧାନ, ଚାଉଳ, ଲୁଗାପଟା ପୋଡି ପାଉଁଶ ହୋଇ ଯାଇଥିବା ଜଣାପଡିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡି ନ ଥିବାବେଳେ ସର୍ଟସର୍କିଟ ଯୋଗୁ ଏପରି ଘଟିଥିବା ଅନୁମାନ କରାଯାଉଛି।

ପ୍ରକାଶ ଯେ, ଗ୍ରାମର ଶ୍ୟାମ ତରେଇଙ୍କ ସହ ପରିବାର ଲୋକେ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଅଚାନକ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡର ପ୍ରକୋପ ଏତେ ଭୟାବହ ଥିଲା ଯେ ଗ୍ରାମବାସୀ ନିଆଁକୁ ଆୟତ୍ତ କରପାରି ନ ଥିଲେ। ଖବର ପାଇ ସୁକିନ୍ଦା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ୩ ବଖରା ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ୧୦ହଜାର ଟଙ୍କା ଅର୍ଥିକ ସହାୟତା ସହ ୧୫ ଦିନର ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ବିଧାୟକଙ୍କ ସହିତ ସୁକିନ୍ଦା ବ୍ଲକ ଉପାଧକ୍ଷ ଦିବ୍ୟରଞ୍ଜନ ବରାଳ ଉପସ୍ଥିତ ରହି ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ଦିଗରେ ପ୍ରତିଶ୍ରୁତି ଦେଇଥିଲେ । ସୁକିନ୍ଦା ତହସିଲ ପକ୍ଷରୁ ହରିପୁର ରାଜସ୍ୱ ନିରୀକ୍ଷକ ଅସରଫ ଅଲ୍ଲୀ ପରିବାର ସଦସ୍ୟଙ୍କୁ ଭେଟି କ୍ଷୟକ୍ଷତି ଆକଳନ କରିବା ସହିତ ଜରିପାଲ ଓ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରିଥିବା ଜଣାପଡିଛି।


ନିରପେକ୍ଷ ଖବର କାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଅବସରରେ ବଡବାଣପୁର ପଞ୍ଚାୟତବାସୀଙ୍କୁ ଓ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।

ପ୍ରଦୀପ କୁମାର କର
ସରପଞ୍ଚ, ବଡ଼ବାଣପୁର, ଖଣ୍ଡପଡ଼ା

ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ଅବସରରେ ବହୁତ ବହୁତ ଶୁଭ କାମନା।

ସୁଧୀର କୁମାର ସାହୁ
ଥାନା ଅଧିକାରୀ
ଡେରାବିଶ ଥାନା

ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ମହାନ। ଏହାକୁ ଉଜ୍ଜୀବିତ ରଖିବା ପାଇଁ ଆସନ୍ତୁ ସଂକଳ୍ପ ନେବା। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ମହାବିଦ୍ୟାଳୟର ସମସ୍ତ ଅଧାପିକା/ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସୁଖ ସମୃଦ୍ଧି କାମନା କରୁଛି।

ପ୍ରାଧାପକ ଚତୁର୍ଭୁଜ କର
ଅଧ୍ୟକ୍ଷ, ଡେରାବିଶ ମହାବିଦ୍ୟାଳୟ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ଅବସରରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶାକୁ ଅଧିକ ସମୃଦ୍ଧି ପାଇଁ ସହାୟତାର ହାତ ବଢ଼ାଇବାକୁ ସଂକଳ୍ପ ନେବା। ପାଟକୁରା ନିର୍ବାଚନ ମଣ୍ଡଳୀ', ମା', ଭାଇଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।

ପ୍ରାଧାପକ ଅଜୟ କୁମାର ରାଉତ
ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ କୁରୁଜଙ୍ଗା ପଞ୍ଚାୟତର ସମସ୍ତ ଭାଉ ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି। ଡେରାବିଶ ବ୍ଲକରେ ଆମ ପଞ୍ଚାୟତର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।

ଚନ୍ଦ୍ରକାନ୍ତ ପ୍ରଧାନ
ସରପଞ୍ଚ, କୁରୁଜଙ୍ଗା ପଞ୍ଚାୟତ
(ଡେରାବିଶ ବ୍ଲକ)





## ସଂକ୍ଷେପରେ

### ବୈଷ୍ଣବଙ୍କ ସ୍ମୃତିରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା

**ବିରଜାକ୍ଷେତ୍ର, ୨।୧୨(ଡି.ଏନ୍.ଏ):** ଅନନ୍ୟା ସାହିତ୍ୟ ସଂସଦ ଓ ଯାଜପୁର ଜିଲା ଭାଷା ସୁରକ୍ଷା ସମ୍ମିଳନୀ ମିଳିତ ଆନୁକୂଲ୍ୟରେ ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ତଥା ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀ ସଭାପତି ସ୍ୱର୍ଗତଃ ବୈଷ୍ଣବ ଚରଣ ପରିଡ଼ାଙ୍କ ଏକାଦଶାହରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏହି ସଭା ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଦିବଂଗତ ନେତାଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମାଜସେବୀ ହୃଷିକେଶ ପତି ଗୀତାପାଠ କରିଥିଲେ। ସ୍ୱର୍ଗତ ପରିଡ଼ା ବାମପନ୍ଥୀ ବିଚାରଧାରାରୁ ତାଙ୍କର ଜୀବନ ଆରମ୍ଭ କରିଥିଲେ। ଓଡ଼ିଆ ଭାଷାକୁ ଘରେ ଘରେ ଏବଂ ବିଚ୍ଛିନ୍ନାଞ୍ଚଳରେ ପ୍ରାଥମିକ ଓ ମାଧ୍ୟମିକସ୍ତରରେ ପ୍ରଚଳନ କରାଇବା ପାଇଁ ସେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ର ନାରାୟଣ ପୃଷ୍ଟି, ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ଅନନ୍ୟା ସାହିତ୍ୟ ସଂସଦ ସମ୍ପାଦକ କାହ୍ନୁଚରଣ ମିଶ୍ର, ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ, ପ୍ରଫୁଲ୍ଲ କୁମାର ସାମଲ, ଦଶରଥ ସାମଲ, ଗଦାଧର ରାଉତ, କ୍ଷୀରୋଦ ଚନ୍ଦ୍ର ପାଠୀ, ଉଦୟ ନାରାୟଣ ପରିଡ଼ା, ଅଶୋକ କୁମାର ଦାଶ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବିନୋଦ ଚନ୍ଦ୍ର ନାୟକ, ତପନ ମହାରଣ୍ୟ, ଶ୍ୟାମସୁନ୍ଦର କର, ଶୁଭ୍ରାଂଶୁ ଶେଖର ରାୟ, ମହେଶ୍ୱର ଦାସ, ଭରତ ଚନ୍ଦ୍ର ପରିଡ଼ା, ବଳରାମ ମହାନ୍ତି, ଭାସ୍କର ଚନ୍ଦ୍ର ଜେନା, ବିଜୟ ମହାପାତ୍ର ପ୍ରମୁଖ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ ।

# ବାଦାମ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

**ରସୁଲପୁର, ୨।୧୨(ଡିଏନଏ)**

**ରସୁଲପୁର ବ୍ଲକ**
- ୭୦୦ ଏକର କମ୍ ଜମିରେ ହୋଇଛି ବାଦାମ ଚାଷ
- ବାଦାମ ଚାଷରେ କ୍ଷତି ଚାଷୀଙ୍କୁ ବିମୁଖ କରାଉଛି

ରସୁଲପୁର ବ୍ଲକରେ ବାଦାମ ଚାଷୀ ସଙ୍କଟରେ ପଡ଼ିଥିବା ଦେଖିବାକୁ ମିଳିଛି। ବାଦାମ ଚାଷରେ କ୍ଷତି ଯୋଗୁ ଚାଷୀମାନେ ଏହି ଚାଷରୁ ମୁହଁ ଫେରାଉଛନ୍ତି। ଏହି ବ୍ଲକରେ ବାଦାମ ଚାଷ ଏକ ମୁଖ୍ୟ ଅର୍ଥ ହାସଲକାରୀ ଫସଲ ଭାବେ ସ୍ଥାନ ପାଇଛି । ବାଦାମ ଚାଷ ଓ ଉତ୍ପାଦିତ ଫସଲକୁ ନେଇ ଚାଷୀ ସୁରକ୍ଷିତ ମଣୁନାହିଁ। ଯାହାକି ଚାଷୀକୂଳକୁ ଅଡୁଆରେ ପକାଇ ଦେଇଛି । ଚଳିତବର୍ଷ ରବି ଋତୁରେ ଅନ୍ୟବର୍ଷ ତୁଳନାରେ କମ୍ ଜମିରେ ବାଦାମ ଚାଷ ହେଉଛି । ଅନ୍ୟୁନ୍ ୭୦୦ଏକର କମ୍ ଚାଷ ଜମିରେ ବାଦାମ ଚାଷ ହେବ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାପଛର କାରଣ ବାଦାମର ଅଭାବି ବିକ୍ରି, କମ୍ ଅମଳ, ବାଦମ ଚାଷରେ ଝାଉଁଳା ରୋଗ ଆଦି ମୁଖ୍ୟ କାରଣ ବୋଲି ଧରାଯାଉଛି। ଏହା ଚାଷୀଙ୍କ ପାଇଁ ଆଦୌ ଶୁଭ ଖବର ହୋଇ ନ ଥିବା ବେଳେ ଏଥିପ୍ରତି କାହାର ନିଘା ନାହିଁ। ଚାଷୀକୂଳ ଉଦ୍ଦେଶ୍ୟରେ ମାଳମାଳ ସରକାରୀ ଯୋଜନା କରାଯାଉଛି। ମାତ୍ର ତାହା ଚାଷୀ ପରିବାରକୁ ସହାୟକ ହେଉନାହିଁ।

ଏହି ବ୍ଲକରେ ୩୦,୦୦୦ ଏକର ଚାଷ ଜମି ରହିଛି । ସେଥି ମଧ୍ୟରୁ ଆନୁମାନିକ ୨୨ହଜାର ଏକର ଜମିରେ ରବି ଫସଲ ଚାଷ ହୋଇଛି । ଏହି ବ୍ଲକରେ ବାଦାମ ଚାଷ ପାଇଁ ସରକାର ୨୫ କୁଇଣ୍ଟାଲ ବାଦାମ ସବସିଡ଼ିରେ ଚାଷୀଙ୍କୁ ପ୍ରଦାନ କରିଛନ୍ତି । କେଜି ପିଛା ୫୦ଟଙ୍କା (ରିହାତି ଦର)ରେ ବାଦାମ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି । ଏଥିସହ କୃଷି ବିଭାଗ ପକ୍ଷରୁ ୫ଟି ପଞ୍ଚାୟତରେ ୩,୧୦୦ ଏକର ଜମିରେ ଚକୱାରୀ ବାଦାମ ଚାଷ କରାଯାଇଛି । ବ୍ଲକର ବାହାଦଲାପୁର, ବ୍ରହ୍ମବରଦା, ରାଜେନ୍ଦ୍ରପୁର, କଳଣ, ରାହାମ୍ବା ପଞ୍ଚାୟତରେ ୬୨.୫ଏକର ଲେଖାଏଁ ଏକର ବାଦାମ ଚାଷ ପାଇଁ ମାଗଣାରେ ବିହନ ଯୋଗାଇ ଦିଆଯାଇଛି । ଏଥିପାଇଁ ସ୍ଥିରୀକୃତ ପଞ୍ଚାୟତକୁ ୨୪ କୁଇଣ୍ଟାଲ ଲେଖାଏଁ ବାଦାମ ବିହନ ଯୋଗାଇ ଦିଆଯାଇଛି। ହେଲେ ଏହି ଯୋଜନା କାର୍ଯ୍ୟକାରିତାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏକ ଚକରେ ଏତେ ମାତ୍ରାରେ ବାଦାମ ଚାଷୀ ହୋଇ ନ ଥିବା ବେଳେ ତାହା କେବଳ କାଗଜ କଲମରେ ଦର୍ଶାଯାଇଛି ବୋଲି ସମ୍ପୃକ୍ତ ପଞ୍ଚାୟତର ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏହାଛଡ଼ା ଚଳିତ ବର୍ଷ ବାଦାମ ଚାଷକୁ ନେଇ କୃଷି ବିଭାଗର ଆକଳନ ଭୁଲ ହୋଇଯାଇଛି। ବିଗତ ବର୍ଷରେ ବାଦାମ ଚାଷରେ କ୍ଷତି ଚାଷୀଙ୍କୁ ଏହି ଚାଷ ପ୍ରତି ବିମୁଖ କରାଇଛି। ଗତ ବର୍ଷରେ ରବି ଋତୁରେ ଅତିକମ୍‌ରେ ୧୨ହଜାର ଏକର ଜମିରେ ବାଦାମ ଚାଷ କରାଯାଇ ଆସୁଛି। ସେହି ମୁତାବକ କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇ ସରକାରୀ ବିହନ ସଂଗ୍ରହ ପାଇଁ ମଞ୍ଜି ନିଗମକୁ ରିପୋର୍ଟ କରାଯାଇଛି। ହେଲେ ନଭେମ୍ବର ସୁଦ୍ଧା ମାତ୍ର ୫,୮୦୦ ଏକର ଜମିରେ ବାଦାମ ଚାଷ ହୋଇଛି। ଏଥିପାଇଁ ଯାହାକି ଅନ୍ୟବର୍ଷ ତୁଳନାରେ ଖୁବ୍ କମ୍ ବୋଲି ଜଣାପଡ଼ିଛି । ଡିସେମ୍ବର ୨ୟ ସପ୍ତାହ ସୁଦ୍ଧା ବାଦାମ ବୁଣା କାର୍ଯ୍ୟ ଚାଲିବ। ଏହି ସ୍ୱଳ୍ପ ଅବଧି ମଧ୍ୟରେ ଅଳ୍ପ କିଛି ଜମିରେ ବାଦମ ବୁଣାଯିବ। ହେଲେ ଏବର୍ଷ ଆପାତତଃ ବାଦାମ ଚାଷ ପରିମାଣ ୭୦୦ଏକର କମିଯିବ। ଏହି ଚାଷ ବଦଳରେ ଅର୍ଥ ରୋଜଗାରକ୍ଷମ ଫସଲ ଚାଷ କରିବାକୁ ଚାଷୀ ମନ ବଳାଉଛନ୍ତି। ଚାଷୀଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସମସ୍ତେ ବିଫଳ ହୋଇଛନ୍ତି ବୋଲି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି। ଚାଷୀଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସରକାର କାର୍ଯ୍ୟ କରନ୍ତୁ ଓ ଚାଷୀଙ୍କୁ ତାର ଉପଯୁକ୍ତ ମୂଲ୍ୟ ପ୍ରଦାନ କରାଯିବାକୁ ଦାବି ହେଉଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତୀ ଚଢ଼ାଠଉଁ ସମ୍ପତ୍ତି ନାହିଁ
ଘର ପୋଡ଼ିଠଉଁ ବିପତ୍ତି ନାହିଁ ।**

ଆଗକାଳରେ ରାଜା ମହାରାଜାମାନେ ହାତୀ ପିଠିରେ ବସି ନଅର ବିଜେ କରୁଥିଲେ। ହାତୀ ଚଢ଼ିବା ଅଗ୍ରଗତିର ପ୍ରତୀକ ବା ସମ୍ଭ୍ରାନ୍ତ ବ୍ୟକ୍ତିର ଲକ୍ଷଣ ହୋଇଥାଏ। ସେହିପରି ଘର ପୋଡ଼ିଯିବା ସର୍ବନାଶର କାରଣ ପାଲଟି ଥାଏ। ଘରପୋଡ଼ିଯିବା ସବୁଠାରୁ ବଡ଼ ବିପତ୍ତି ବା ବିପର୍ଯ୍ୟୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାଡ଼ି ବାଇଦ କୋଶେ,
ତୁଣ୍ଡ ବାଇଦ ସହସ୍ର କୋଶେ ।**

ଯେ କୌଣସି ବାଦ୍ୟର ଶବ୍ଦ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ପରିସୀମା ମଧ୍ୟରେ ସୀମିତ ରହିଥାଏ। ପରନ୍ତୁ କାନଶୁଣା କଥା ବା କାନକୁହା କଥା ଜଣଙ୍କ ମୁହଁରୁ ଅନ୍ୟଜଣଙ୍କ ମୁହଁକୁ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ। ଉକ୍ତ କଥାଟିର ସତ୍ୟତା ନ ଥିଲେ ମଧ୍ୟ ଏହା ହିଁ ପ୍ରକୃତ ସତ୍ୟଭାବେ ଧରି ନିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଯାଜପୁର ଜିଲା ଯାଦବ ସଂଘର ମହାସମାବେଶ

**ବିରଜାକ୍ଷେତ୍ର, ୨।୧୨(ଡି.ଏନ୍.ଏ)**

ଯାଜପୁର ଜିଲା ଯାଦବଙ୍କ ମହାସମାବେଶ ଯାଜପୁର ସଦର ଥାନା ବରୁଆଁ ମେଳଣ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ବରିଷ୍ଠ ଖବରଦାତା ରବି ଦାସ ଯୋଗଦେଇ ଯେଉଁ ରାଜନୈତିକ ଦଳ ଓଡ଼ିଶାର ଯାଦବଙ୍କୁ ରାଜନୀତିରେ ପ୍ରବେଶ କରିବାକୁ ପ୍ରୋତ୍ସାହନ ଯୋଗାଇ ଦେବ, ସେହି ଦଳକୁ ଆଗାମୀ ନିର୍ବାଚନରେ ଯାଦବମାନେ ସମର୍ଥନ ଦେବେ ବୋଲି କହିଥିଲେ। ଯାଜପୁର ଜିଲାରେ ୧୫ ପ୍ରତିଶତରୁ ଉର୍ଦ୍ଧ୍ୱ ଯାଦବଙ୍କ ସଂଖ୍ୟା ଅଛି ମାତ୍ର ବିହାର ଓ ଝାଡ଼ଖଣ୍ଡରେ ଯାଦବଙ୍କ ସଂଖ୍ୟା ୧୦ ପ୍ରତିଶତରୁ କମ୍ ଥିଲେ ବି ସେଠାରେ ବିଭିନ୍ନ ରାଜନୈତିକ ଦଳର ବିଧାୟକ ସଂଖ୍ୟା ୫୦ରୁ ଉର୍ଦ୍ଧ୍ୱ ବୋଲି ଦାସ କହିଥିଲେ। ଓଡ଼ିଶାରେ ଜଣେ ମାତ୍ର ଯାଦବ ସ୍ୱାଧୀନ ପ୍ରାର୍ଥୀଭାବେ ବିଧାୟକ ହୋଇପାରିଛନ୍ତି। ରାଜ୍ୟର ପ୍ରଗତି ପାଇଁ ଯାଦବଙ୍କ ଆନ୍ଦୋଳନ ନିହାତି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଯାଦବ ପିଲାଙ୍କୁ ଉଚ୍ଚ ଶିକ୍ଷିତ କରିବା ଓ ସେମାନଙ୍କୁ ଥଇଥାନ କରିବା ଯାଦବ ସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଦାସ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଓଡ଼ିଶାର ପୂର୍ବତନ ଡିଜି ସଞ୍ଜୀବ ମାରିକ ଯୋଗଦେଇ ସଚେତନ ଅଭାବରୁ ଯାଦବମାନେ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଅନ୍ଧ ବିଶ୍ୱାସକୁ ନ ମାନିବା ଓ ବୁଝିଶୁଝି କାର୍ଯ୍ୟ କଲେ ଯାଦବ ଜାତି ଆଗକୁ ଯାଇପାରିବ ବୋଲି କହିଥିଲେ। ଏହି ମହାସମାବେଶକୁ ଝାଡ଼ଖଣ୍ଡ ବିଧାୟକ ମନୋଜ ଯାଦବ ଉଦ୍‌ଘାଟନ କରିଥିଲେ। ବରୀ ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ଦାସ, ସମାଜବାଦୀ ରାଜ୍ୟ ସଭାପତି ରବୀନ୍ଦ୍ର ବେହେରା, କଂଗ୍ରେସ ପ୍ରବକ୍ତା ଅମୀୟ ପାଣ୍ଡବ, ଯାଦବ ସଂଘ ନେତ୍ରୀ କମଳା ବେହେରା, ବିଭିନ୍ନ ଜିଲାରୁ ଆସିଥିବା ସଚ୍ଚିଦାନନ୍ଦ ମହାକୁଡ଼, ବୀରକିଶୋର ବାଗ, ବିଜୟ ଯାଦବ, ଗଣେଶ୍ୱର ଦାସ, ଗଦାଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆଲେକଜାଣ୍ଡାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ଥାୟୀ ସଭାପତି ଅଭିମନ୍ୟୁ ବେହେରା ଅଭିଭାଷଣ ପ୍ରଦାନ କରିଥିଲେ। ବରୀ ଓ ବଡ଼ଚଣାରୁ ଯାଦବଙ୍କ ଏକ ବିରାଟ ମୋଟରସାଇକେଲ ଶୋଭାଯାତ୍ରା ସଭାସ୍ଥଳକୁ ଆସିବା ସହ ଅନ୍ୟ ନିର୍ବାଚନମଣ୍ଡଳୀର ଶୋଭାଯାତ୍ରା ସଭାସ୍ଥଳରେ ଆସି ପହଞ୍ଚିଥିଲା। ସମାବେଶରେ ଯୋଗ ଦେଇଥିବା ଅତିଥିଙ୍କୁ ଯାଦବମାନେ ଲଉଡ଼ି ଖେଳ ମାଧ୍ୟମରେ ମଞ୍ଚକୁ ପାଛୋଟି ନେଇଥିଲେ। ଏହି ସମାବେଶରେ ୮ହଜାରରୁ ଉର୍ଦ୍ଧ୍ୱ ଯାଦବ ଯୋଗଦାନ କରିଥିଲେ।

# ବିଶ୍ୱ ଏଡ୍‌ସ ଦିବସ

**ସୁକିନ୍ଦା, ୨।୧୨(ଡି.ଏନ୍.ଏ.):** ସୁକିନ୍ଦା ମହାବିଦ୍ୟାଳୟରେ ଶନିବାର ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶରତ ନାୟକଙ୍କ ଅଧ୍ୟକ୍ଷତାରେ ସୁକିନ୍ଦା ବିଧାୟକ ପ୍ରୀତି ରଞ୍ଜନ ଘଡାଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଜେନା, ୩୯ ନଂ. ଜିଲାପରିଷଦ ସଭ୍ୟା ସରୋଜିନୀ ରାଜ, ଶିକ୍ଷା ବିଭାଗର ମୁଖ୍ୟ ଲକ୍ଷ୍ମୀକାନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଲିଉଡ କଳାକାର ତଥା ଭାଷ୍ୟକାରିଣୀ ମାନସୀ ମିଶ୍ର ଉପସ୍ଥିତ ରହି ପରିଚାଳନା କରିଥିଲେ କାର୍ଯ୍ୟକ୍ରମରେ ସ୍ୱାଗତୀକା ପାଢୀ, ସୁଜ୍ଞାନୀ ପ୍ରଭା ଦେଓ ଏଡ୍‌ସ ସମ୍ପର୍କୀତ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସ ସୁକିନ୍ଦା ମହାବିଦ୍ୟାଳୟ ଶାଖା ଆୟୋଜନ କରିଥିବା ବେଳେ ଟାଟା ପାୱାର କମ୍ପାନୀ ସହାୟତା କରିଥିଲା। ରେଡ୍‌କ୍ରସ ସଂଯୋଜକ ଦୀପକ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳକ ଭାବରେ ଦାୟିତ୍ୱ ନେଇଥିଲେ।

# ଦାଦନ ଖଟିବାକୁ ଯାଇ ଯୁବକ ମୃତ

**ମୋରଡା, ୨।୧୨**

ମକରରେ ଘରକୁ ଫେରିବେ ବୋଲି କହିଥିଲେ। ମକର ପୂର୍ବରୁ ଫେରିଲା ମୃତଦେହ। ଏପରି ହୃଦୟ ବିଦାରକ ଘଟଣା ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଚିତ୍ରଡା ପଞ୍ଚାୟତ ଚିତ୍ରଡା ଗ୍ରାମରେ ଘଟିଛି। ଗ୍ରାମର ଜୟରାମ ବିନ୍ଧାଣି (୩୬) ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିବା ବେଳେ ରବିବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଗାଁରେ ପହଞ୍ଚିଛି। ଏଥିଯୋଗୁ ସମଗ୍ର ଗାଁରେ ଶୋକାକୂଳ ପରିବେଶ ପରିବେଶ ସୃଷ୍ଟି ହୋଇଛି। ଆନ୍ଧ୍ରପ୍ରଦେଶ ପ୍ରକାଶ ଜିଲା ମାଠୁରେ ଅଞ୍ଚଳରେ ଥିବା ଏକ ଗ୍ରାନାଇଟ ଫ୍ୟାକ୍ଟ୍ରିରେ ଜୟରାମ କାର୍ଯ୍ୟ କରୁଥିଲେ। କିଛିଦିନ ପୂର୍ବରୁ କାର୍ଯ୍ୟରତ ଥିବା ସମୟରେ ଏକ କ୍ରେନ ଧକ୍କାରେ ସେ ଗୁରୁତର ହୋଇପଡିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଶନିବାର ଜୟରାମଙ୍କ ମୃତ୍ୟୁ ହୋଇଥିଲା। ଏକ ଆମ୍ବୁଲାନ୍ସ ଯୋଗେ ରବିବାର ସନ୍ଧ୍ୟାରେ ମୃତଦେହ ଚିତ୍ରଡା ଗାଁରେ ପହଞ୍ଚିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

■ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଡାଇମଣ୍ଡ ଚ୍ୟାଲେଞ୍ଜ କ୍ଲବ ଚାମ୍ପିୟନ

**ଢୁବୁରୀ, ୨।୧୨(ଡି.ଏନ୍.ଏ.)**

ଗଣେଷ ପୂଜା କମିଟି ଓ ଢୁବୁରୀ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଖେଳ ପଡ଼ିଆରେ ଆୟୋଜିତ ୪ର୍ଥ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଡାଇମଣ୍ଡ ଚ୍ୟାଲେଞ୍ଜ କ୍ଲବ ଓ ଡି.ଭି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଡି.ଭି କ୍ଲବକୁ ୬ ଉଇକେଟରେ ହରାଇ ଡାଇମଣ୍ଡ ଚ୍ୟାଲେଞ୍ଜ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଡି.ଭି କ୍ଲବ ନିର୍ଦ୍ଧାରିତ ୧୦ ଓଭର୍‌ରେ ୮ ଉଇକେଟ ହରାଇ ୫୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଡାଇମଣ୍ଡ କ୍ଲବ ମାତ୍ର ୭.୩ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ଜୀବନ ଜେନା ଦଳ ପକ୍ଷରୁ ସର୍ବାଧିକ ୩୫ ରନ୍ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସୌମ୍ୟ ରଞ୍ଜନ ସାହୁଙ୍କୁ ବେଷ୍ଟ ବୋଲର ଭାବେ ବିବେଚିତ କରାଯାଇଛି। ଡି.ଭି କ୍ଲବର କାଳିଆ ପାତ୍ରଙ୍କୁ ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ସମ୍ମାନିତ କରାଯାଇଛି। ଢୁବୁରୀ ଅଞ୍ଚଳର ୯ଟି କ୍ଲବକୁ ନେଇ ଗତ ୨୯ ତାରିଖରୁ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ଡାଇନାମିକ କ୍ଲବ, ରୟାଲ କ୍ଲବ, ଜୁନିଅର ବଜରଙ୍ଗୀ କ୍ଲବ, ଫ୍ରେଣ୍ଡ୍ସ କ୍ଲବ, ୱାରିୟର କ୍ଲବ, ୟଙ୍ଗଷ୍ଟାର କ୍ଲବ ଓ ସାଇନ କ୍ଲବ ସହିତ ଅନ୍ୟ କ୍ଲବ ଯୋଗଦେଇଥିଲେ। ଉଦ୍‌ଯାନୀ ଉତ୍ସବରେ ଯୁବ ନେତା ଜୟନ୍ତ ରାଉତ ମୁଖ୍ୟ ଅତଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଛାୟା କାନ୍ତ ଦ୍ୱିବେଦୀ ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ଖେଳ ପରିଚାଳନାରେ ସହଯୋଗ କରିଥିବାବେଳେ ସ୍କୋରର୍ ଭାବେ ଲିକୁ ମହାରଣା ସହଯୋଗ କରିଥିଲେ ।

# କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଟ୍ରଫି ଉନ୍ମୋଚିତ

**ଧର୍ମଶାଳା, ୨।୧୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକର ପୂର୍ବତନ ମନ୍ତ୍ରୀ ତଥା ଏମ୍‌ପି କଳ୍ପତରୁ ଦାସଙ୍କ ସ୍ମୃତିରେ କଳ୍ପତରୁ ଦାସ ନେଶନାଲ ଫାଉଣ୍ଡେଶନ୍ ଆନୁକୂଲ୍ୟରେ ୪ର୍ଥ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଟ୍ରଫି ରବିବାର ଉନ୍ମୋଚିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ଉନ୍ମୋଚନ କରିଥିଲେ । ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଏମ୍‌ପି ରୀତା ତରାଇ ଓ ବ୍ଲକ ଅଧ୍ୟକ୍ଷ ତଥା କେଡିଏମ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇଥିଲେ । ନିର୍ବାଚନ ମଣ୍ଡଳୀର ୫୪ଟି ପଞ୍ଚାୟତର ୫୪ଟି ଦଳକୁ ଅତିଥିମାନେ ସ୍ୱାଗତ କରିଥିଲେ । ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ଅସିଥିବା ଟିମ୍‌ରୁ ୬୯ଜଣ ଖେଳାଳିଙ୍କ ନାମ ଚୟନ କରାଯାଇ କେଡିଏମ୍ ଦଳ ଗଠନ କରାଯାଇଥିଲା। ଖେଳାଳମାନଙ୍କୁ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ଟ୍ରେନିଂ ଦିଆଯିବ ବୋଲି କେଡିଏମ୍ ଅଧ୍ୟକ୍ଷ ବଳବନ୍ତରାୟ କହିଥିଲେ। ଆଗାମୀ କ୍ରିକେଟ ମ୍ୟାଚ୍ ୧୪ ନମ୍ବର ଜୋନ୍‌ର ବଡକାଏମା ଖେଳ ପଡିଆଠାରେ ସୋମବାରଠାରୁ ଶୁଭାରମ୍ଭ କରାଯିବ। ଏଥିସହ ବିଭିନ୍ନ ଦିବସରେ ୫ଟି ଜୋନ୍‌ରେ ଖେଳ ଅନୁଷ୍ଠିତ ହୋଇ ଜାନୁଆରୀ ୨୦ରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ଉଦଯାପିତ ହେବ ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି। ଅମିୟ ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୋମ୍ୟ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286 7750921101

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

M. GROUP FINANCE CO.
DIWALI OFFER
(Govt. Approved)

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ଣ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।



"ଯେଉଁମାନେ ସମସ୍ତ କର୍ମ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରନ୍ତି, ଈଶ୍ୱରଙ୍କଠାରେ ଆସକ୍ତି ରଖନ୍ତି, ଈଶ୍ୱରଙ୍କଠାରେ ପରମ ଭକ୍ତି ପ୍ରକାଶ କରନ୍ତି, କୌଣସି ପ୍ରାଣୀ ପ୍ରତି କ୍ରୋଧ ଭାବ ରଖନ୍ତି ନାହିଁ; ସେ ଈଶ୍ୱରଙ୍କୁ ପ୍ରାପ୍ତ ହୁଅନ୍ତି।
- ଭଗବାନ ଶ୍ରୀକୃଷ୍ଣ

# ଗଡୁଛି ୮୯୫ ପୁନର୍ବାସ, ଥଇଥାନ ମାମଲା

**ଯାଜପୁର ଅଫିସ/ କଳିଙ୍ଗନଗର (ଡି.ଏନ.ଏ.),୨।୧୨**

### କଳିଙ୍ଗନଗର ଶିଳ୍ପାଞ୍ଚଳ

- ତୁରନ୍ତ ପ୍ୟାକେଜ ବ୍ୟବସ୍ଥା କର-ଆର ଆଣ୍ଡ ଡିଏମ
- ଟାଟା ଷ୍ଟିଲରେ ସର୍ବାଧିକ ୬୦୫ ମାମଲା ବାକି

ଶିଳ୍ପ, ଖଣି ଓ ଅନ୍ୟାନ୍ୟ ପ୍ରକଳ୍ପରେ ବିସ୍ଥାପିତଙ୍କ ସମସ୍ୟା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ। ତେଣୁ ବିସ୍ଥାପିତଙ୍କ ସମସ୍ୟା ନେଇ ଉପୁଜିଥିବା ସମସ୍ୟାକୁ ସାଧାରଣ ଭାବେ ନ ନେଇ ସହୃଦୟତାର ସହିତ ପରିସ୍ଥିତିର ସମାଧାନ କରିବାକୁ ରାଜ୍ୟ ସରକାର ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ଅଥଚ କଳିଙ୍ଗନଗରର ୪ଟି ବୃହତ୍ତ କାରଖାନା ପାଖରେ ୮୯୫ଟି ପୁର୍ନବାସ ଓ ଥଇଥାନ ମାମଲା ଗଡୁଛି। ଫଳରେ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆର ଆଣ୍ଡ ଡିଏମ)ବିଭାଗର ସମୀକ୍ଷା ବୈଠକରେ ପ୍ରିନ୍ସିପାଲ ସେକ୍ରେଟାରୀ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ମର୍ମରେ ଡିସେମ୍ବର ୧ରେ ଜିଲାପାଳଙ୍କୁ ତୁରନ୍ତ ସମସ୍ୟାଗୁଡିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲା କଳିଙ୍ଗନଗର ଟାଟା ଷ୍ଟିଲ, ନିଳାଚଳ ଇସ୍ପାତ ନିଗମ, ମେସ୍କୋ ଷ୍ଟିଲ ଓ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ ପାଇଁ ଜମିହରା ଓ ବିସ୍ଥାପିତଙ୍କ ସମସ୍ୟା ଏବେ ବି ଅସମାହିତ ହୋଇରହିଛି। ଆର ଆଣ୍ଡ ଡିଏମ ବିଭାଗର ସମୀକ୍ଷା ବୈଠକ ବିବରଣୀ ଅନୁସାରେ ଟାଟା ଷ୍ଟିଲରେ ଏଯାଏ ୬୦୫ଟି ପୁନର୍ବାସ ଓ ଥଇଥାନ ମାମଲା ଗଡୁଛି। ଏଥିରେ ନିଯୁକ୍ତି ୩୭୭ଜଣ, ଘରବାଡି ଜମି ଆବଣ୍ଟନ ୬୮ଜଣ, ଘର ନିର୍ମାଣ ସହାୟତା ୭୦, ଅସ୍ଥାୟୀ ବାସସ୍ଥଳୀ ସହାୟତା ୪୨ଜଣ ଓ ରକ୍ଷଣାବେକ୍ଷଣ ପାଇଁ ୪୮ ମାମଲା ବାକି ରହିଛି। ଟାଟା ଷ୍ଟିଲ ଉଦ୍‌ଘାଟନର ୩ବର୍ଷ ଅତିକ୍ରାନ୍ତ ହୋଇସାରିଥିବା ବେଳେ ଏବେ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଇତି ମଧ୍ୟରେ ଅଭିଜ୍ଞତା ଆଳରେ ରାଜ୍ୟ ବାହାରର ଲୋକଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଦେଉଥିବା ବେଳେ ଏତେ ସଂଖ୍ୟକ ପୁନର୍ବାସ ଓ ଥଇଥାନ ମାମଲା ପଡ଼ି ରହିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ତେଣୁ ପ୍ରିନ୍ସିପାଲ ସେକ୍ରେଟାରୀ ଟାଟା ଷ୍ଟିଲରେ ବାକି ଥିବା ପୁର୍ନବାସ ଓ ଥଇଥାନ ପ୍ୟାକେଜ ୧ ବର୍ଷ ସମୟସୀମା ମଧ୍ୟରେ ବ୍ୟବସ୍ଥା କରି ପ୍ରୋଗ୍ରେସ ରିପୋର୍ଟ ବିଭାଗକୁ ଜଣାଇବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ସରକାରୀ ଶିଳ୍ପ ସଂସ୍ଥା ନିଳାଚଳ ଇସ୍ପାତ ନିଗମ ଲିଃ(ଏନଆଇଏନଏଲ)ରେ ୯୨ଟି ପୁର୍ନବାସ ଓ ଥଇଥାନ ମାମଲା ପଡି ରହିଛି। ଏଥିରେ ନିଯୁକ୍ତି ୩୫, ଘରବାଡି ଜମି ଯୋଗାଣ ୭, ଘର ନିର୍ମାଣ ସହାୟତା ୪୨ ଓ ଅସ୍ଥାୟୀ ଘର ନିର୍ମାଣ ସହାୟତା ୮ଟି ମାମଲା ରହିଛି। ୪୫ଜଣ ବିସ୍ଥାପିତ ପରିବାର କମନ କରିଡର ଅର୍ନ୍ତଭୁକ୍ତ ହୋଇଛନ୍ତି ବୋଲି ରାଜ୍ୟସ୍ତରୀୟ ସମୀକ୍ଷା ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ। ତେଣୁ କମ୍ପାନୀ ପୁନର୍ବାସ ଓ ଥଇଥାନ ପ୍ୟାକେଜ ବ୍ୟବସ୍ଥା କରି ପାରିନାହିଁ। ତେଣୁ ଏହି ଗୁରୁତର ସମସ୍ୟା ଉପରେ ଜିଲାପାଳ ନିଜେ ସମୀକ୍ଷା କରି ୬ମାସ ମଧ୍ୟରେ ଉଚିତ ପଦକ୍ଷେପ ନେବାକୁ ପ୍ରିନ୍ସିପାଲ ସେକ୍ରେଟାରୀ ନିର୍ଦ୍ଦେଶ ଦେଇଛନ୍ତି। ମେସ୍କୋ ଷ୍ଟିଲ ଲିମିଟେଡରେ ୭୨ଟି ପୁର୍ନବାସ ଓ ଥଇଥାନ ମାମଲା ଏଯାଏ ବ୍ୟବସ୍ଥା ହୋଇନାହିଁ। ୧୯୯୬ ମସିହାରୁ ମେସ୍କୋ ଉତ୍ପାଦନକ୍ଷମ ହେଲା ବୋଲି ଘୋଷଣା କରି ଯୋଡା ଖଣି ମଣ୍ଡଳରେ ୨ଟି ଖଣି ହାତେଇ ନେଇଛି। ହେଲେ ଯାହାର ତ୍ୟାଗ ବଳରେ କାରଖାନା ପ୍ରତିଷ୍ଠା ହୋଇଛି ସେହି ବିସ୍ଥାପିତଙ୍କ ପାଇଁ ପୁର୍ନବାସ ଓ ଥଇଥାନ ପ୍ରସଙ୍ଗକୁ ବିଭିନ୍ନ ଆଳ ଦେଖାଇ ଏଡାଇ ଯାଉଛି। ୭୨ଟି ମାମଲା ମଧ୍ୟରୁ ନିଯୁକ୍ତି ୩୫, ଘରବାଡି ବଣ୍ଟନ ୧୨ ଓ ଘର ନିର୍ମାଣ ସହାୟତା ବାବଦକୁ ୨୫ଟି ମାମଲା ରହିଛି। ତେବେ ବୈଠକରେ ଇଡ୍‌କୋ ୧୯ ଏକର ଜମି ମେସ୍କୋକୁ ଦେଇ ନଥିବାରୁ କମ୍ପାନୀ ପୁର୍ନବାସ ଓ ଥଇଥାନ ପ୍ୟାକେଜ ବ୍ୟବସ୍ଥା କରି ପାରିନାହିଁ ବୋଲି କଳିଙ୍ଗନଗର ଏଡିଏମ ସୂଚନା ଦେଇଛନ୍ତି। ଡିସେମ୍ବର ୨୦୧୮ ସୁଦ୍ଧା ଏହି ସମସ୍ୟାର ସମାଧାନ କରି ପୁର୍ନବାସ ଓ ଥଇଥାନ ପ୍ୟାକେଜ ବ୍ୟବସ୍ଥା କରିବାକୁ ପ୍ରିନ୍ସିପାଲ ସେକ୍ରେଟାରି କଳିଙ୍ଗନଗର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିନ୍ଦଲ ଷ୍ଟେନଲେସ ଷ୍ଟିଲରେ ୧୨୭ଟି ପୁନର୍ବାସ ଓ ଥଇଥାନ ମାମଲା ଏଯାଏ କାର୍ଯ୍ୟକାରୀ ହୋଇପାରି ନାହିଁ। ଏଥିରେ ନିଯୁକ୍ତି ୨୨, ଘରବାଡି ଆବଣ୍ଟନ ୨୭, ଘର ନିର୍ମାଣ ସହାୟତା ୪୨, ଅସ୍ଥାୟୀ ଘର ନିର୍ମାଣ ୧୨, ପରିବହନ ଆଲାଉନ୍ସ ୧୦ ଓ ରକ୍ଷଣାବେକ୍ଷଣ ୧୦ଟି ମାମଲା ରହିଛି। ଏହି ମାମଲାଗୁଡିକ ଉପରେ ସମୀକ୍ଷା କରି ୬ମାସ ମଧ୍ୟରେ ବିସ୍ଥାପିତ ପରିବାରଙ୍କୁ ପୁର୍ନବାସ ଓ ଥଇଥାନ ପ୍ୟାକେଜ ବ୍ୟବସ୍ଥା କରିବାକୁ ପ୍ରିନ୍ସିପାଲ ସେକ୍ରେଟାରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଆର ଆଣ୍ଡ ଡିଏମ ବିଭାଗର ସ୍ୱତନ୍ତ୍ର ସଚିବ ଓ ନିର୍ଦ୍ଦେଶକ ଅଶୋକ କୁମାର ନାଏକ ତାଙ୍କ ପତ୍ରସଂଖ୍ୟା ୪୩୮୩୧/୧।୧୨।୨୦୧୮ରେ ଜିଲାପାଳଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୁର୍ନବାସ ଓ ଥଇଥାନ ପ୍ୟାକେଜ କାର୍ଯ୍ୟକାରୀ କରାଯିବାକୁ ପରାମର୍ଶ ଦେଇଛନ୍ତି। ଟାଟା ଷ୍ଟିଲ କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ୨୪୦ ବିସ୍ଥାପିତ ପରିବାରଙ୍କୁ ଖୁବଶୀଘ୍ର ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉଛି। ଅନ୍ୟ ୮୦ଜଣ ଛାତ୍ରୀଛାତ୍ର ଓ ୫୩ ଜଣ ନାବାଳକ ରହିଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି।

## ହକି ବିଶ୍ୱକପ୍ ପାଇଁ ମିନି ମାରାଥନ

**ଦଶରଥପୁର, ୨।୧୨(ଡି.ଏନ.ଏ.)**

ଦଶରଥପୁର ବ୍ଲକ ଯାଜପୁର ନିର୍ବାଚନମଣ୍ଡଳୀ ଅଧୀନ ଡାହାଣହତା ପଞ୍ଚାୟତରେ ହକି ବିଶ୍ୱକପ୍ ପାଇଁ ବିଜୁ ଯୁବବାହିନୀ ପକ୍ଷରୁ ରବିବାର ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ବଡଡାହାଣହତା ଗ୍ରାମର ବୁଦ୍ଧେଶ୍ୱର ମନ୍ଦିରଠାରୁ ଦୌଡ଼ ଆରମ୍ଭ ହୋଇ କୁଆଁସ ମଙ୍ଗଳା ପୀଠଠାରେ ଶେଷ ହୋଇଥିଲା। ଏଥିରେ ଯୁବବାହିନୀ କର୍ମକର୍ତ୍ତାଙ୍କ ସହ ଶତାଧିକ ଯୁବକ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ପୀଠରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଯୁବବାହିନୀ ସଭାପତି ଉମାକାନ୍ତ ମଲ୍ଲିକ ସଭାପତିତ୍ୱ କରିଥିଲେ। ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ଜେନା, ସମିତି ସଭ୍ୟ ବାବାଜି ଚରଣ ଜେନା, ଯୁବ ବାହିନୀ ସମ୍ପାଦକ ଅନିରୁଦ୍ଧ ବେହେରା, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ରଙ୍ଗାଧର ନାୟକ, ଅଜୟ କୁମାର ମହାନ୍ତି, ଦିଲୀପ ବେହେରା, ଶୁଭଙ୍କର ପୋହି ପ୍ରମୁଖ ଯୋଗଦେଇ ବିଜୁ ଯୁବବାହିନୀ ଲକ୍ଷ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଗଣଦୌଡ଼ରେ ଖଗେଶ୍ୱର ମଲ୍ଲିକ ପ୍ରଥମ, ବରୁଣ କୁମାର ମଲ୍ଲିକ ୨ୟ ଓ ଦେବାଶିଷ ପଣ୍ଡା ୩ୟ ସ୍ଥାନ ଅଧିକାର କରିଥିଲେ।

### ସଂକ୍ଷେପରେ

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

**କୋରେଇ,୨।୧୨(ସ୍ୱ.ପ୍ର.):** ମାଳଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ରୁଡ଼ିଆସ୍ଥିତ ଗ୍ରାମ୍ୟ ମଙ୍ଗଳ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ରବିବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଜେନା ସଭାପତିତ୍ୱ କରିଥିଲେ। ସର୍ବ ସମ୍ମତିକ୍ରମେ ଉପଦେଷ୍ଟା ମଣ୍ଡଳୀ ଓ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଜଗନ୍ନାଥ ସ୍ୱାଇଁ ସଭାପତି ଓ ଅଧର କୁମାର ଜେନା, ରାଜକିଶୋର ସ୍ୱାଇଁ ଓ ବୃନ୍ଦାବନ ସାହୁ ଉପଦେଷ୍ଟା ମଣ୍ଡଳୀ, ସୁଭେନ କୁମାର ପଣ୍ଡା, ଅଶୋକ କୁମାର ସାହୁ, ଦୈତାରୀ ଧଳ, ଧନେଶ୍ୱର ପ୍ରଧାନ, ଗୋଲକ ଚନ୍ଦ୍ର ମାଝି, ନବଘନ ନାୟକ, ସ୍ୱପ୍ନାନନ୍ଦ ଦାସ, ମନୋଜ କୁମାର ବେହେରା, ଜଗନ୍ନାଥ ବାରିକ, ରତି ରଂଜନ ଖଣ୍ଡି, ସୁବାସ ଛନ୍ଦ୍ର ସାହୁ, ବ୍ରଜ କିଶୋର ମିଶ୍ର, ଭବାନୀ ଚୌଧୁରୀ କାର୍ଯ୍ୟକାରୀ ସଦସ୍ୟଭାବେ ମନୋନୀତ ହୋଇଥିଲେ। ଶେଷରେ ଶିକ୍ଷୟିତ୍ରୀ ସଂଯୁକ୍ତା ମହାନ୍ତି, ଧନ୍ୟବାଦ ଅର୍ପଣ କରିଥିଲା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରବୀନ୍ଦ୍ର ହେଲେ ୨ନଂ. ଜୋନ୍ ଜିଲା ପରିଷଦ ସଭାପତି

**ଯାଜପୁରରୋଡ,୨।୧୨(ନି.ପ୍ର.):** ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ରବିବାର କୋରେଇ ବ୍ଲକ ୨ ନଂ ଜୋନ ଜିଲା ପରିଷଦ ସଭାପତି ଭାବେ ଘୋଷଣା କରାଯାଇଛି। ନିଖିଳ ଭାରତ କଂଗ୍ରେସ କମିଟି ସଭାପତି ରାହୁଲ ଗାନ୍ଧୀଙ୍କ ଅନୁମତିକ୍ରମେ କଂଗ୍ରେସ ପ୍ରଭାରୀ ଜୀତେନ୍ଦ୍ର ସିଂ ଏହି ନିଯୁକ୍ତି ଦେଇଛନ୍ତି। କଂଗ୍ରେସ ସଂଗଠନକୁ ମଜଭୁତ କରିବା ପାଇଁ ୩ ଜୋନରେ ସଭାପତି ଘୋଷଣା କରାଯାଇଛି।

## ଚୋରଦା ପ୍ରିମିୟର ଲିଗ୍ ଉଦ୍‌ଯାପିତ ଚଣ୍ଡୀ କ୍ଲବ ବିଜୟୀ



**ଯାଜପୁରରୋଡ,୨।୧୨(ନି.ପ୍ର.):** ଚୋରଦା ମହାବୀର ଗ୍ରୁପ୍ ଆନୁକୂଲ୍ୟରେ ଚୋରଦା ପ୍ରିମିୟର ଲିଗ-୨୦୧୮ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ଶନିବାର ଓ ରବିବାର ଦୁଇଦିନ ଧରି ହୋଇଥିଲା। ଏଥିରେ ୭ଟି ଦଳ ଭାଗ ନେଇଥିଲେ। ଚଣ୍ଡୀ କ୍ଲବ ଓ ଯୁବା କ୍ଲବ ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଚଣ୍ଡୀ କ୍ଲବ ୧୩୦ ରନ୍ କରିଥିବା ବେଳେ ଯୁବା କ୍ଲବ ୮୯ ରନ କରି ପରାସ୍ତ ହୋଇଥିଲା।

## ବିଆରସିସି ଅର୍ଚ୍ଚନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦଶରଥପୁର,୨।୧୨(ଡି.ଏନ.ଏ.):-** ଦଶରଥପୁର ବ୍ଲକ ଗୋପାଳପୁର ପଞ୍ଚାୟତସ୍ଥିତ କୁଆଁସ ମଙ୍ଗଳା ପୀଠରେ ଶନିବାର ଉକ୍ତ ବ୍ଲକ ଶିକ୍ଷା ବିଭାଗ ବିଆରସିସି ତଥା ସହ ଶିକ୍ଷାଧିକାରୀ ଅର୍ଚ୍ଚନା ରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ସଂଗଠନ ସମ୍ପାଦକ ପ୍ରମୋଦ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସିଆରସିସି କୈଳାସ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଗଠନ ସଦସ୍ୟ ରବୀନ୍ଦ୍ର କୁମାର ରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବ୍ଲକ ଅଧକ୍ଷା ସୁଜାତା ସାହୁ ସମ୍ମାନିତ ଅତିଥି, ବ୍ଲକ ଶିକ୍ଷାଧିକାରୀ ଗୟାଧର ନନ୍ଦ, ଏବିଇଓ ରବିନାରାୟଣ ତ୍ରିପାଠୀ, ହୃଷୀକେଶ ବେହେରା, ବିଞ୍ଝାରପୁର ବ୍ଲକ ଏବିଇଓ ଅନ୍ନଦାପ୍ରସାଦ ରଣା, ଡାହାଣହତା ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ଯେନା, ପ୍ରାଥମିକ ଶିକ୍ଷକ ସଂଘ ଜିଲା ଉପଦେଷ୍ଟା କମଳାକାନ୍ତ ସନ୍ଧିବିଗ୍ରହ, ଓଷ୍ଟା ଶିକ୍ଷକ ନେତା ରବୀନ୍ଦ୍ର ପୃଷ୍ଟି, ଜୟଦେବ ସେଠୀ, ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଂପାଦକ ତୁଷାରକାନ୍ତି ମହାପାତ୍ର, ଗୌତମ ବେହେରା, ପ୍ରକାଶ ମଲ୍ଲିକ ପ୍ରମୁଖ ଯୋଗଦେଇ ଅର୍ଚ୍ଚନା ଜଣେ ଦକ୍ଷ ପ୍ରଶାସିକା ଭାବେ କାର୍ଯ୍ୟ ତୁଲାଇବା ସହ ଶିକ୍ଷା ବିଭାଗରେ ପ୍ରଶଂସନୀୟ ହୋଇଥିବା ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ବିଆରସିସି ଅର୍ଚ୍ଚନାଙ୍କୁ ମାନପତ୍ର ସହ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ୧୭ କ୍ଲଷ୍ଟର ସିଆରସିସି, ଶତାଧିକ ଶିକ୍ଷକ ଯୋଗ ଦେଇଥିଲେ।

## ୪୨୪ ୟୁନିଟ ରକ୍ତ ସଂଗ୍ରହ

**ଚଣ୍ଡିଖୋଲ,୨।୧୨(ଡି.ଏନ.ଏ.)**

ବଡ଼ଚଣା ବିଜେଡି ପକ୍ଷରୁ ରବିବାର ୨ଟି ସ୍ଥାନରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲଠାରେ ୨୭୧ ୟୁନିଟ୍ ଓ ଛତିଆଠାରେ ୧୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଶିବିରକୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟନ କରିଥିଲେ। ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ ବ୍ୟାଙ୍କ କଟକ ଆନୁକୂଲ୍ୟରେ ବିକାଶ ପ୍ରଧାନଙ୍କ ନେତୃତ୍ୱରେ ଏକ ୯ ଜଣିଆ ଟିମ୍ ଅଂଶଗ୍ରହଣ କରିଥିଲେ। ଅରବିନ୍ଦ ସାମଲ, ଗଣେଶ୍ୱର ବରାଳ, ଚାଚାଲିନ୍ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ମିଶନ ଶକ୍ତି ଅଧକ୍ଷା କିଁନା ମହାପାତ୍ର, ସରସ୍ୱତୀ ବେହେରା, ବିଜୁ ଛାତ୍ର ସଭାପତି ଜତୀନ୍ଦ୍ର ପ୍ରସାଦ ନାୟକ, ନିରଞ୍ଜନ ସେନାପତି, ଫନିନ୍ଦ୍ର ପଣ୍ଡା, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଶିବିର ପରିଚାଳନା କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଛତିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଳିକ, ପହଲ୍ଲାଦ ନନ୍ଦ, ସଚ୍ଚିଦାନନ୍ଦ ସାମନ୍ତରାୟ, ଦିଲୀପ ରାଉତ, ମାନସ ପଣ୍ଡା, ଶିବଶଙ୍କର ପରିଡ଼ା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସର୍ବଭାରତୀୟ ନବରତ୍ନା କପ୍ ଫୁଟବଲ ଉଦ୍‌ଘାଟିତ

**ଚଣ୍ଡିଖୋଲ,୨।୧୨(ଡି.ଏନ.ଏ.)**

### କଟକ ବିଜୟୀ



ଅତିଥିଙ୍କ ଗହଣରେ ବିଜୟୀ ଟିମ୍।

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଏରା ପଞ୍ଚାୟତ ଷୋଳପୁଅ ମା' ଖେଳ ପଡ଼ିଆଠାରେ ରବିବାର ସର୍ବଭାରତୀୟ ମନୋରଞ୍ଜନ ବବୁଲ ସ୍ମାରକୀ ପିପିଏଲ ଜୟକିଶାନ ନବରତ୍ନା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ରାଜୀବ ମେମୋରିଆଲ ୟୁଥ କ୍ଲବ ଅଧକ୍ଷ ଦିଲୀପ କୁମାର ଚୌଧୁରୀ ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ପିପିଏଲର ମାର୍କେଟିଂ ମ୍ୟାନେଜର ଦୁଃଶାସନ ମହାରଣା, ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ଜିଲା କିନ୍ନର ସଂଘ କାଜଲ ସାହୁ, କଳାକାର ବବିତା ପରିଡ଼ା, ଅଧାପକ ପବିତ୍ର ମାହାଲା ପ୍ରମୁଖ ଯୋଗ ଦେଇଥିଲେ। ପପୁଲାର କ୍ଲବ ଢେଙ୍କାନାଳ ଓ ଆକ୍କା କ୍ଲବ କଟକ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ପପୁଲାର କ୍ଲବକୁ ୧/୦ ଗୋଲରେ ହରାଇ ଆକା କ୍ଲବ କଟକ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ରାଜକିଶୋର ଓଝା ସଭାପତିତ୍ୱ କରିଥିଲେ। ବିଜୟୀ ଦଳର ସୁନିଲ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ସୁଦୀପ ଦାସ, ଅମିତ୍ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ପ୍ରବୋଧ ସାହୁ ଓ ତ୍ରିଲୋଚନ ମହାନ୍ତି ଜଜ୍ ଭାବେ ନିୟୋଜିତ ହୋଇଥିଲେ। ମଙ୍ଗଳବାର ମଙ୍ଗଳା କ୍ଲବ କଟକ ଓ ବନାମ ୟୁନାଇଟେଡ କ୍ଲବ ବାରଙ୍ଗ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

■ ଗଣଧାରଣାକୁ ନେଇ ତେଜୁଛି ଅସନ୍ତୋଷ

## ପ୍ରକୃତ ସ୍ଥାନ ନିରୂପଣ ପାଇଁ ମହୋତ୍ସବ କମିଟିର ଦାବି

**କୋରେଇ,୨।୧୨(ସ୍ୱ.ପ୍ର.)**



ଧାରଣାସ୍ଥଳରେ ବସିଥିବା ମହୋତ୍ସବ କମିଟି ସଦସ୍ୟ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଯାଜପୁର ଜିଲାରେ ହେବାକୁ ଥିବା ମେଡିକାଲ କଲେଜ ପାଣିକୋଇଲିଠାରେ ପ୍ରତିଷ୍ଠା କରିବା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଗଣଧାରଣା ରବିବାର ୨୧ ଦିନରେ ପହଞ୍ଚିଛି। ଗଣଧାରଣାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଏହି ଧାରଣାରେ ପାଣିକୋଇଲି ମହୋତ୍ସବ କମିଟି ସାମିଲ ହୋଇ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଟିମ୍ ପଠାଇ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରକୃତ ସ୍ଥାନ ନିରୂପଣ କରିବାକୁ ଦାବି କରିଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବ କମିଟିର ରାକେଶ ସାହୁ, ଅରୂପାନନ୍ଦ ମଲ୍ଲିକ, ଉପେନ୍ଦ୍ର ପାତ୍ର, ମାନସ ରାୟ, ସୁଧାଂଶୁ ନାୟକ, କପିଳେଶ୍ୱର ରଣା, ସଙ୍ଗୀତ ପରିଡା, ସୁଶାନ୍ତ ପରିଡା, ଅକ୍ଷୟ ସାହୁ, ଚିତ୍ତରଞ୍ଜନ ଦାସ, ମଙ୍ଗୁଳି ସାହୁ, ପ୍ରଶାନ୍ତ ନାଥ, ରଣଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପକ୍ଷରୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡେଇ, ଯୁଗ୍ମ ଆବାହକ ସୁବାସ ଧଳ, ସଦାଶିବ ଦାସ, ବିଦ୍ୟାଧର ସାହୁ, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, କୃଷକ ନେତା ବଳରାମ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ସୁରେନ୍ଦ୍ର ରାୟ, ଉତ୍ସବ ମହାରଣା, ବଟକୃଷ୍ଣ ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ପୂଜ୍ୟପୂଜା ସଂସଦ ପକ୍ଷରୁ ୪ର୍ଥ ବାର୍ଷିକ ଉତ୍ସବ

**ଯାଜପୁରରୋଡ,୨।୧୨(ନି.ପ୍ର.)**

ସ୍ଥାନୀୟ ଏକ ହୋଟେଲରେ ବ୍ୟାସନଗର ପୂଜ୍ୟପୂଜା ସଂସଦ ପକ୍ଷରୁ ରବିବାର ୪ର୍ଥ ବାର୍ଷିକ ଉତ୍ସବ ଓ ଅମୂଲ୍ୟକୃଷ୍ଣ ରାୟଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ପାଇଁ ଅମୁଲ୍ୟକୃଷ୍ଣଙ୍କ ଅବଦାନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧାପକ ଗୌରାଙ୍ଗ ଚରଣ ମଲ୍ଲିକ ଅଧକ୍ଷତା କରିଥିଲେ। ସଭାପତି ଓ ସଂସଦର ମାର୍ଗଦର୍ଶକ ପ୍ରତିଷ୍ଠାତା ପଦ୍ମନାଭ ମଲ୍ଲ ଅତିଥିଙ୍କୁ ଆମନ୍ତ୍ରଣ କରି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ଆଶିଷ କୁମାର ରାୟ, ଚନ୍ଦ୍ରଶେଖର ପଣ୍ଡା, ବଣିକ ସଂଘର ସମ୍ପାଦକ ସଦାଶିବ ଦାସ, ପ୍ରଧାପକ ଉମାକା' ଖଣ୍ଡାଇ, ବିଶିଷ୍ଟ ସାହିତ୍ୟିକ ସୂର୍ଯ୍ୟମଣି ଖୁଂଟିଆ, ବରିଷ୍ଠ ଖବରଦାତା କୃଷ୍ଣଚନ୍ଦ୍ର ସାମଲ, ବରିଷ୍ଠ ପ୍ରଧାପକ ସୁଶା' କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଅମୁଲ୍ୟକୃଷ୍ଣ ରାୟଙ୍କ ବ୍ୟାସନଗର ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପୂଜ୍ୟପୁଜା ସମିତି ପକ୍ଷରୁ ଯାଜପୁରରୋଡ ସହରର ପ୍ରତିଭାଙ୍କୁ ଅନୁସରଣ କରାଯାଇ ସେମାନଙ୍କ ପ୍ରତିଭା ସମ୍ପର୍କରେ ଆଲୋଚନା କରାଯାଉଥିବାରୁ ବକ୍ତାମାନେ ପୂଜ୍ୟପୂଜା ସଂସଦକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପୂଜ୍ୟପୂଜା ପକ୍ଷରୁ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବତନ ଭାଇସ୍ ଚେୟାରମ୍ୟାନ ନିର୍ମଳା ମଲ୍ଲିକ, ଦାନଗଦିର ପ୍ରଶାନ୍ତ କୁମାର ରାୟ, ଶଙ୍ଖଚିଲାର ପୂର୍ଣ୍ଣଚନ୍ଦ୍ର ସାହୁ, ଦଳାର ନିତ୍ୟାନନ୍ଦ ବିଶ୍ୱାଳ, ବରିଷ୍ଠ ଶିକ୍ଷାବିତ୍ ପଦ୍ମନାଭ ରାଉତ, କବିୟିତ୍ରୀ ଚନ୍ଦନା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ଯୁଗଳ କିଶୋର ମିଶ୍ର, ମଧୁସୂଦନ ଶତପଥୀ ସଭା ଆରମ୍ଭରେ ବେଦମନ୍ତ୍ର ପାଠ କରିଥିଲେ।

## ପ୍ରତିଭା ଚୟନ ପ୍ରତିଯୋଗିତା

**ବରୀ,୨।୧୨(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ରତ୍ନଗିରି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପୁଷ୍ପଗିରି ପରିଷଦ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅର୍ଜୁନ ଚରଣ ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୫ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜଣାପଡିଛି। ସଙ୍ଗୀତ, ନୃତ୍ୟ, ଅଭିନୟ, ବକ୍ତୃତା ଓ ଚିତ୍ରାଙ୍କନରେ ପ୍ରତିଯୋଗୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ବିଚାରକ ମଣ୍ଡଳୀ ପକ୍ଷରୁ କୃତି ପ୍ରତିଭାଙ୍କୁ ଚୟନ କରାଯାଇଛି। ଆସନ୍ତା ବୁଦ୍ଧ ପୂର୍ଣ୍ଣିମାରେ ପରିଷଦ ପକ୍ଷରୁ ଏକ ଉତ୍ସବ ଆୟୋଜିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ ବୋଲି ପରିଷଦ ସଭାପତି ବିଷ୍ଣୁ ଚରଣ ମହାନ୍ତ ସୂଚନା ଦେଇଛନ୍ତି।

## ବିଜେଡିର ମିଶ୍ରଣ ପର୍ବ, ରାଶନ କାର୍ଡ ବଣ୍ଟନ

**ବିଞ୍ଝାରପୁର/ ସିଂହପୁର, ୨।୧୨(ଡି.ଏନ.ଏ.)**

ସିଂହପୁର ନିକଟବର୍ତ୍ତୀ ଅଙ୍ଗାଲୋଠାରେ ରବିବାର ବିଜେଡିର ମିଶ୍ରଣ ପର୍ବ ଓ ରାଶନ କାର୍ଡ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା ପ୍ରମୋଦ ସାମଲ ସଭାପତିତ୍ୱ କରିଥିଲେ। ବିଧାୟକ ଦେବାଶିଷ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ସଫିକ ଉଦ୍ଦିନ, ଅଙ୍ଗାଲୋ ସରପଞ୍ଚ ହର୍ଷବର୍ଦ୍ଧନ ସାମଲ, ମଧୁସୂଦନପୁର ସରପଞ୍ଚ ଆଦରମଣି ସାମଲ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ଭାରତୀ ବେହେରା, ଜିଲା ପରିଷଦ ସଭ୍ୟ ଆଶୋକ ସାମଲ, ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ନାୟକ, କ୍ଷୀରୋଦ ସାମଲ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ଅଙ୍ଗାଲୋ ସରପଞ୍ଚ ହର୍ଷବର୍ଦ୍ଧନ ସାମଲଙ୍କ ତତ୍ତ୍ୱାବଧାନରେ ୩୦ ଭାଜପା ପରିବାର ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଥିଲେ। ବିଧାୟକ ନାୟକ ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ।




ଅଙ୍ଗାଲୋଠାରେ ଆୟୋଜିତ ବିଜେଡିର ମିଶ୍ରଣ ପର୍ବ ଓ ରାଶନ କାର୍ଡ ବଣ୍ଟନ ମେଳା।

■ ବିଦ୍ୟାଳୟରେ ପିଲାଙ୍କୁ ମିଳିଲାନି ମଧ୍ୟାହ୍ନଭୋଜନ

## ପ୍ରଧାନଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ, କୈଫିୟତ ତଲବ

**ବିରଜାକ୍ଷେତ୍ର,୨।୧୨(ଡି.ଏନ୍.ଏ)**

### ଦେବୀଦ୍ୱାର ପ୍ରାଥମିକ ବିଦ୍ୟାଳୟ

- ପିଲାଙ୍କୁ ଶନିବାର ଦିଆଯାଇ ନ ଥିଲା ମଧ୍ୟାହ୍ନଭୋଜନ
- ବିଭିନ୍ନ ଦୁର୍ନୀତିରେ ପ୍ରଧାନଶିକ୍ଷୟିତ୍ରୀ ସମ୍ପୃକ୍ତ ଥିବା ଅଭିଯୋଗ
- ପରିଚାଳନା କମିଟି ସହ ମନାନ୍ତର

କେନ୍ଦ୍ର ଓ ରାଜ୍ୟ ସରକାର ସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରାଥମିକସ୍ତରରୁ ମଧ୍ୟାହ୍ନ ଭୋଜନ ଦେଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା କ୍ଷେତ୍ରରେ ଆଗ୍ରହ ସୃଷ୍ଟି କରୁଛନ୍ତି। କିନ୍ତୁ ଅନେକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ମନମାନୀ ଯୋଗୁ ମଧ୍ୟାହ୍ନ ଭୋଜନ ବନ୍ଦ ହେଉଥିବା ଦେଖିବାକୁ ମିଳୁଛି। ଏହାର ଏକ ଦୃଷ୍ଟାନ୍ତ ଯାଜପୁର ପୌରାଞ୍ଚଳ ଦେବୀଦ୍ୱାର ପ୍ରାଥମିକ ବିଦ୍ୟାଳୟରେ ପରିଲକ୍ଷିତ ହୋଇଛି। ଗତ ୧ତାରିଖ ଶନିବାର ବିଦ୍ୟାଳୟର ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇ ନାହିଁ। ଯଦ୍ୱାରା ପିଲାମାନେ ମଧ୍ୟାହ୍ନ ଭୋଜନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଦେବୀଦ୍ୱାର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ବହୁଦିନ ହେବ ଅନିୟମିତତା ଓ ବିଦ୍ୟାଳୟରେ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଆସୁଛି। ବିଦ୍ୟାଳୟ ପରିଚାଳନା କମିଟି ସହ ପ୍ରଧାନଶିକ୍ଷୟିତ୍ରୀଙ୍କ ମନାନ୍ତର ହୋଇଛି। ପ୍ରଧାନଶିକ୍ଷୟିତ୍ରୀଙ୍କ ବିଭିନ୍ନ ଦୁର୍ନୀତିକୁ ପରିଚାଳନା କମିଟି ଧରିବାରୁ ମନାନ୍ତର ହୋଇଥିବା କୁହାଯାଉଛି। ବିଦ୍ୟାଳୟକୁ ଆସୁଥିବା ଅର୍ଥ ଠିକ୍‌ଭାବେ ବିନିଯୋଗ ହୋଇପାରୁ ନାହିଁ। ପରିଚାଳନା କମିଟିର ରିଜୋଲ୍ୟୁଶନ କପିରେ ପ୍ରଧାନଶିକ୍ଷୟିତ୍ରୀ ଚଞ୍ଚକତା କରିଥିବା ଅଭିଯୋଗ ହୋଇଛି। ପରିଚାଳନା କମିଟିର ରିଜୋଲ୍ୟୁଶନ ବିନା ପ୍ରଧାନଶିକ୍ଷୟିତ୍ରୀ ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଆସୁଛି। ପ୍ରଧାନଶିକ୍ଷୟିତ୍ରୀ କରିଥିବା ଦୁର୍ନୀତିକୁ ପରିଚାଳନା କମିଟି ସଭାପତି ମାନିନେବାକୁ ସେ ତାଙ୍କୁ ବାଧ କରୁଥିବା କମିଟି ସଭାପତି ଜିଲା ଶିକ୍ଷା ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସଭାପତି ପ୍ରଧାନଶିକ୍ଷୟିତ୍ରୀଙ୍କ କଥା ମାନୁ ନ ଥିବାରୁ ତାଙ୍କୁ ମାନସିକ ଯନ୍ତ୍ରଣା ଦିଆଯାଉଛି ବୋଲି ସଭାପତି ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ପ୍ରକାଶ କରିଛନ୍ତି। ଗତ ୯ମାସ ହେବ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନର ହିସାବ ପ୍ରଧାନଶିକ୍ଷୟିତ୍ରୀ ଜିଲା ଶିକ୍ଷା ବିଭାଗକୁ ପ୍ରଦାନ କରିନାହାନ୍ତି। ଜିଲା ଶିକ୍ଷା ବିଭାଗର ବରିଷ୍ଠ ପଦାଧିକାରୀମାନେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆପୋଷ ବୁଝାମଣା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀ ନିଜ ଜିଦ୍‌ରେ ଅଟଳ ରହିବାରୁ ସମାଧାନ ହୋଇପାରି ନାହିଁ। ଏପରିକି ପ୍ରଧାନ ଶିକ୍ଷୟିତ୍ରୀ ପରିଚାଳନା କମିଟି ସଭାପତିଙ୍କୁ ପଦରୁ ହଟିଯିବାକୁ ବାରମ୍ବାର ଧମକ ଦେଉଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଛି ବୋଲି ଅଭିଭାବକମାନେ ଅଭିଯୋଗ କରିଥିବା ଜଣାପଡ଼ିଛି। ପରିଚାଳନା କମିଟି ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ବିବାଦ ଯୋଗୁ ବିଦ୍ୟାଳୟର ପିଲାମାନେ ବଳି ପଡୁଥିବା ଦେଖିବାକୁ ମିଳିଛି। ଶନିବାର ପ୍ରଧାନଶିକ୍ଷୟିତ୍ରୀ ନିଜ ଜିଦ୍ ଜାରି ରଖିବା ପାଇଁ ବିଦ୍ୟାଳୟର ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେବା ବନ୍ଦ କରିଦେଇଥିଲେ। ଏ ବିଷୟରେ ଅଭିଭାବକମାନେ ତତ୍‌କ୍ଷଣାତ୍ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ ପ୍ରଧାନଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟାଳୟକୁ ଡାକି ମଧ୍ୟାହ୍ନ ଭୋଜନ କାହିଁକି ବନ୍ଦ ହେଲା ଏହାର କୈଫିୟତ ମାଗିବା ସହ ଦରମା ବନ୍ଦ କରିଥିବା କହିଛନ୍ତି। ଏହି ଘଟଣାର ଜିଲା ଶିକ୍ଷା ବିଭାଗର ବରିଷ୍ଠ ପଦାଧିକାରୀଙ୍କୁ ତଦନ୍ତ କରିବାକୁ ଜିଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଥିବା ମଧ୍ୟ ନାୟକ ପ୍ରକାଶ କରିଛନ୍ତି। ଅପରପକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାଳତୀ ମହାପାତ୍ରଙ୍କୁ ପଚାରିବାରେ, ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ୯ମାସର ମଧ୍ୟାହ୍ନ ଭୋଜନ ଅର୍ଥ ପାଇ ନ ଥିବାରୁ ବାଧ ହୋଇ ମଧ୍ୟାହ୍ନ ଭୋଜନ ବନ୍ଦ କରିଥିଲେ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନାକ୍ ଟିମ୍ ପରିଦର୍ଶନ ପାଇଁ ପୁରାତନ ଛାତ୍ର ସଂଘର ବୈଠକ

**ବିରଜାକ୍ଷେତ୍ର,୨।୧୨(ଡି.ଏନ୍.ଏ):** ଆସନ୍ତା ଫେବୃଆରୀରେ ଯାଜପୁରର ସର୍ବପୁରାତନ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନାକ୍ ଟିମ୍ ପରିଦର୍ଶନ କରିବାକୁ ଆସୁଥିବାରୁ ପୁରାତନ ଛାତ୍ର ସଂଘ ଓ ମହାବିଦ୍ୟାଳୟର ଅଧକ୍ଷ, ଅଧାପକଙ୍କର ଏକ ବୈଠକ ରବିବାର ମହାବିଦ୍ୟାଳୟର ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଫକୀର ମୋହନ ମଲ୍ଲିକଙ୍କ ଅଧକ୍ଷତାରେ ପୁରାତନ ଛାତ୍ର ସଂସଦ ସଭାପତି ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାର ମହାବିଦ୍ୟାଳୟର ନବକଳେବର ପାଇଁ ୫୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁର କରିଛନ୍ତି ବୋଲି ସୂଚନା ଦେଇଥିଲେ। ସମସ୍ତ ପୁରାତନ ଛାତ୍ର ଏକତ୍ରିତ ହୋଇ ମହାବିଦ୍ୟାଳୟର ସୁନାମକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ନନ୍ଦ କହିଥିଲେ। ଏହି ଅବସରରେ ବୈଠକରେ ବରିଷ୍ଠ ଆଇନଜୀବୀ ପ୍ରବୀର ରାୟ, ନାକ୍ ଟିମ୍ ମହାବିଦ୍ୟାଳୟ ସଂଯୋଜକ ଅଧାପକ ବିଶ୍ୱଜିତ ମହାପାତ୍ର, ଅକ୍ଷୟ ବେହୁରିଆ ଯୋଗଦେଇ ମହାବିଦ୍ୟାଳୟରେ ବର୍ତ୍ତମାନ ଅଧ୍ୟୟନ ସହ ବିଭିନ୍ନ ବିଭାଗର ଉନ୍ନତି ହୋଇଥିବା ବେଳେ ଆହୁରି ଭିତ୍ତିଭୂମିର ଆବଶ୍ୟକତା ଅଛି ବୋଲି କହିଥିଲେ। ଏଥିପାଇଁ ସମସ୍ତଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପୁରାତନ ଛାତ୍ର ସଂଘ ସମ୍ପାଦକ ବଟକୃଷ୍ଣ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ପୁରାତନ ଛାତ୍ର ପୂର୍ଣ୍ଣଚନ୍ଦ୍ର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ପୁରାତନ ଛାତ୍ର ତଥା ଯାଜପୁରର ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ତରୁଣ ନନ୍ଦ, ବ୍ୟାସଦେବ ରାଉତ, ଅନୀଲ ପଣ୍ଡା, ବିପ୍ଳବ ତ୍ରିପାଠୀଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ।

### ୩୦୫ ରୋଗୀଙ୍କ ମାଗଣା ଚିକିତ୍ସା

**ରସୁଲପୁର,୨।୧୨(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ସ୍ଥିତ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟ ଓ ଭାରତ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଶିବିରରେ ୪ଟି ବିଭାଗର ଡାକ୍ତର ୩୦୫ଜଣ ରୋଗୀଙ୍କୁ ଚିକିତ୍ସା କରିଥିଲେ। ଶିବିରାର୍ଥୀଙ୍କୁ ଟ୍ରଷ୍ଟ ପକ୍ଷରୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଉକ୍ତ ଶିବିରରେ ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଦାନ୍ତ, ଶିଶୁ ବିଭାଗର ଡାକ୍ତମାନେ ଯୋଗଦେଇ ବ୍ଲକର ବିଭିନ୍ନ ସ୍ଥାନରୁ ଆସିଥିବା ରୋଗୀଙ୍କର ଚିକିତ୍ସା କରିଥିଲେ। ଏଥିସହ ରୋଗୀଙ୍କର ମାଗଣା ପାଥୋଲାବ ପରୀକ୍ଷା କରାଯାଇଥିଲା। ଶିବିରକୁ ଟ୍ରଷ୍ଟ ପକ୍ଷରୁ ରବୀନ୍ଦ୍ର ସର, ନିରଞ୍ଜନ ଶତପଥି, ପିତାମ୍ବର ରଥ, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। କଲଣ ସାଇ ଭଜନ ମଣ୍ଡଳୀର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

■ ଧରିତ୍ରୀ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

# ଚିତ୍ରରେ ଆଙ୍କିଲେ ପରିବେଶର ବାର୍ତ୍ତା

**ଯାଜପୁର ଅଫିସ,୨।୧୨**

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରରେ ଛାତ୍ରୀଛାତ୍ର ଚିତ୍ରରେ ପରିବେଶ ବାର୍ତ୍ତା ଆଙ୍କିଛନ୍ତି। ପ୍ରଦୂଷଣର ଭାରରେ ଭାରାକ୍ରାନ୍ତ ଅଞ୍ଚଳବାସୀଙ୍କ ପରିବେଶଗତ ବିପର୍ଯ୍ୟୟକୁ ଏଡ଼ାଇବାକୁ ଚିତ୍ର ମାଧ୍ୟମରେ ସେମାନେ ଆହ୍ୱାନ ଦେଇଛନ୍ତି। ଦୈନିକ ଖବରକାଗଜ 'ଧରିତ୍ରୀ' ପକ୍ଷରୁ ରବିବାର ରିଟ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୮ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିଳ୍ପାଞ୍ଚଳରେ ପ୍ରଦୂଷଣ ସମସ୍ୟା ବିଷୟ ରହିଥିଲା ବେଳେ ଭାଗ ନେଇଥିବା ସମସ୍ତ ୫୧ଜଣ ଛାତ୍ରୀଛାତ୍ର ପ୍ରଶଂସନୀୟ ଚିତ୍ର ଆଙ୍କିଥିଲେ। ତୁଳୀ ରଙ୍ଗରେ ସମସ୍ତେ ପରିବେଶ ସୁରକ୍ଷା ପ୍ରତି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ସେଥିରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ସ୍ୱସ୍ତିକ ସ୍ୱାଭିମାନ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ବିନିତ କୁମାର ସାହୁ ଦ୍ୱିତୀୟ ଓ ଗ୍ଲୋରିୟସ ଇଂଲିସ ମିଡିୟମ ସ୍କୁଲ(ଜେମ୍ସ) ଛାତ୍ର ନବନୀତ ମହାରଣା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

କୃତୀ ଓ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଧରିତ୍ରୀ ପକ୍ଷରୁ ପୁରସ୍କାର ସହ ପ୍ରମାଣପତ୍ର ଓ ଡ୍ରଇଂ କିଟ୍ସ ପ୍ରଦାନ କରାଯାଇଥିଲା। ରିଟ ସ୍କୁଲର କିସତବାଳା ଖଣ୍ଡେଇ ଓ ଜି ସ୍କୁଲର ଉଦୟ କୁମାର ଓଝା ବିଚାରକ ଦାୟିତ୍ୱ ତୁଲାଇଥିଲେ। ରିଟ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିନ୍ସିପାଲ ଦିଗନ୍ତ ରାଉତଙ୍କ ଅଧକ୍ଷତା ଓ ଧରିତ୍ରୀ ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଯାଜପୁରରୋଡ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ଏବିଏମ ବିରଞ୍ଚି ନାରାୟଣ ବେରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ 'ଧରିତ୍ରୀ'ର ଏହି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ ପରିବେଶ ପ୍ରଦୂଷଣର ସମସ୍ୟା ଓ ଏହାର ନିରାଣକରଣ ଉପରେ ବକ୍ତବ୍ୟ ରଖିଥିଲେ। ରିଟ୍ ସ୍କୁଲର ସ୍ୱର୍ଣ୍ଣପ୍ରଭା ମାଝୀ, ନାରାୟଣ ବେହେରା ଓ ସରୋଜିନି ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଧରିତ୍ରୀ ପକ୍ଷରୁ ଯାଜପୁରରୋଡ ପ୍ରତିନିଧି ଅଭିମନ୍ୟୁ ମିଶ୍ର, କଳିଙ୍ଗନଗର ପ୍ରତିନିଧି ଶୁଭାଶିଷ ରାଉତ, ରଗଡି ପ୍ରତିନିଧି ଅଞ୍ଜନ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ସୁଶାନ୍ତ କୁମାର ରାଉତ ଛାତ୍ରୀଛାତ୍ରଙ୍କୁ କିଟ୍ସ ଯୋଗାଣରେ ସହଯୋଗ କରିଥିଲେ।

### ଅଡଙ୍ଗ ଇଲେଭେନ ଷ୍ଟାରକୁ ହରାଇ ବିଞ୍ଝାରପୁର ଚାମ୍ପିୟନ୍

**ବିରଜାକ୍ଷେତ୍ର,୨।୧୨(ଡି.ଏନ୍.ଏ)**

ଯାଜପୁର ବ୍ଲକ ଖଇରାବାଦ ପଞ୍ଚାୟତ ଅଡ଼ଙ୍ଗ ଖେଳ ପଡ଼ିଆରେ ଅଡଙ୍ଗ କ୍ରିକେଟ ଆସୋସିଏଶନ ତରଫରୁ ଏକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଟରେ ୧୬ଟି ଦଳ ଭାଗ ନେଇଥିଲେ। ତେବେ ରବିବାର ଖେଳର ଫାଇନାଲ ମ୍ୟାଚ ଆୟୋଜକ ଅଡଙ୍ଗ ଇଲେଭେନ ଷ୍ଟାର ଓ ବିଞ୍ଝାରପୁର ବିଟିସି କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବିଞ୍ଝାରପୁର ୯ରନ୍ ବ୍ୟବଧାନରେ ବିଜୟୀ ହୋଇଛି। ବିଞ୍ଝାରପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯୩ରନ୍ ସଂଗ୍ରହ କରିଥିଲା। ଜବାବରେ ଅଡଙ୍ଗ ଇଲେଭେନଷ୍ଟାର ଶେଷ ଓଭରରେ ୮୫ ରନ୍ କରି ଅଲଆଉଟ ହୋଇ ରନର୍ସ ଅପ୍ ହୋଇଛି। ମ୍ୟାଚରେ ବିଞ୍ଝାରପୁରର ଅନିଲ କୁମାର ସାହୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ଅଡଙ୍ଗ ଟିମର ସଦାମ ଖାନ ମ୍ୟାନ ଅଫ ଦି ସରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଯାଜପୁର ପୌରପାଳିକାର ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ଖଇରାବାଦ ସରପଞ୍ଚ ପ୍ରତିନିଧି ବିଜୟ ପୃଷ୍ଟି, ସମିତିସଭ୍ୟ ଏମଡି ବେଲାଲ ଖାଁ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଓ ରନର୍ସ ଅଫ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳରେ ନିରଞ୍ଜନ ମହାପାତ୍ର ଘୋଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ଗୋଟିଏ ଜୁଇରେ ଜଳିଲା ମା', ପୁଅଙ୍କ ମୃତଦେହ

**ରତ୍ନଗିରି,୨।୧୨(ଡି.ଏନ୍.ଏ.)**

ବରୀ–କଳାମାଟିଆ ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଶନିବାର ନାବାଳକ ପୁଅ ଓ ମା'ଙ୍କର ମୃତ୍ୟୁ ହୋଇଥିଲା। ରବିବାର ନାବାଳକ ପୁଅ ଓ ମା'ଙ୍କ ମୃତଦେହ ବାସଗୃହରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ, ବରୀ ଭାଜପା ନେତା ବିଶ୍ୱ ମଲ୍ଲିକ, ବାଲିବିଲି ସରପଞ୍ଚ ସନ୍ତୋଷ ସାମଲ, ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ଦାସ, ୨୪ନଂ ଜିଲାପରିଷଦ ସଭ୍ୟା ରିତା ସାମଲ, ବୃନ୍ଦାବନ ସାମଲ, ବିଆର୍‌ସି ବିପିନ୍ ବିହାରୀ ସାମଲ, ନିର୍ମଳ ଦାସ, ସୁଧାଂଶୁ ସାମଲ, ଜନ୍ମେଜୟ ସାମଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଦୁଃଖ ପ୍ରକାଶ କରିଥିଲେ। ଗୋଟିଏ ଯୁଇରେ ମା', ପୁଅଙ୍କ ଶବଦାହ ଘଟଣା ଉପସ୍ଥିତ ଲୋକଙ୍କୁ ସ୍ତମ୍ଭୀଭୂତ କରିଥିଲା। ଘଟଣାରୁ ପ୍ରକାଶ ଯେ, ଶନିବାର ସଡ଼କ ଦୁର୍ଘଟଣାରେ ବରୀ ବ୍ଲକ ଅଧୀନ କୋରଡା ପିପଲ ଗ୍ରାମର ରିତେସ୍ ସାମଲ(୧୨)ଙ୍କର ମୃତ୍ୟୁ ହୋଇଥିବା ବେଳେ ମା' ସୁଧାଂଶୁବାଳା(୪୨) ଗୁରୁତର ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ହେଲେ ରାତି ୯.୩୦ରେ ସୁଧାଂଶୁବାଳାଙ୍କ ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ, ରିତେସ ୬ଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ମା' ସୁଧାଂଶୁବାଳା ଅଙ୍ଗନୱାଡ଼ି କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ।

## ନବଜାତ ଶିଶୁପୁତ୍ର ଉଦ୍ଧାର

**କୋରେଇ/ଯାଜପୁରରୋଡ,୨।୧୨(ସ୍ୱ.ପ୍ର./ନି.ପ୍ର.):** ଯାଜପୁରରୋଡ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ଗ୍ରାମର ବାବୁ ରାଉତଙ୍କ ସ୍ତ୍ରୀ ଛବିରାଣୀ ରବିବାର ଭୋରରୁ ଉଠି ଦାଣ୍ଡକୁ ଯାଇଥିଲେ। ଏହିସମୟରେ ଘର ନିକଟରେ ଇଲେକ୍ଟ୍ରି ଖୁଣ୍ଟି ତଳେ ଏକ ନବଜାତ ଶିଶୁ କାନ୍ଦୁଥିବା ଦେଖି ତାକୁ ଆଣି ସ୍ୱାମୀଙ୍କୁ ଜଣାଇଥିଲେ। ପରେ ନବଜାତ ଶିଶୁକୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହାପରେ ଘରକୁ ନେଇ ଆସିଥିଲେ। ଖବରପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପରାମର୍ଶକ୍ରମେ ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ହୃଷୀକେଶ ପଣ୍ଡା, ଅରୁଣ କୁମାର ସ୍ୱାଇଁ, କେୟାର ଟେକର ଗୀତାଞ୍ଜଳି ମହାଳିକ ଓ ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ଉକ୍ତ ଗ୍ରାମକୁ ଯାଇ ଯାଜପୁରରୋଡ ଉପସ୍ଥିତିରେ ଶିଶୁକୁ ପୁତ୍ରକୁ ଉଦ୍ଧାର କରିଥିଲେ।

■ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଚେଙ୍କ ଦେବା ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀ ମୃତ, ସ୍ୱାମୀ ଗିରଫ

**ଯାଜପୁରରୋଡ. ୨।୧୨(ନି.ପ୍ର.)**

ଯାଜପୁରରୋଡ ଥାନା ଅନ୍ତର୍ଗତ ୧୭ ନଂ. ୱାର୍ଡ ପଦ୍ମପୁର ଗ୍ରାମରେ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି କଲ୍ ରେକର୍ଡିଂକୁ ନେଇ ଚେଙ୍କ ଦେବା ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀଙ୍କୁ ରବିବାର ଯାଜପୁରରୋଡ ପୋଲିସ ଗିରଫ କରିଛି। ଅଭିଯୁକ୍ତ ସ୍ୱାମୀ ହେଲେ ଉକ୍ତ ଗ୍ରାମର ରବିଶଙ୍କର ରାଜୁଆଲ। ମୃତକ ହେଲେ ଜୁମା ରାଜୁଆଲ। ଜୁମାଙ୍କ ମୃତ୍ୟୁକୁ ନେଇ ରବିବାର କିନ୍ନର ସଂଘ ସଭାପତି କାଜଲ ନାୟକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୩୦୧/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଗତ ୨୪ ତାରିଖରେ ମୋବାଇଲ କଲ ରେକର୍ଡିଂକୁ ନେଇ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ରବିଶଙ୍କର କ୍ରୋଧାନ୍ୱିତ ହୋଇ ଲୁହା ଚେଙ୍କ ଦେବା ସହ ଶାବଳରେ ମାଡ ମାରିଥିଲେ। ଜୁମାଙ୍କୁ ମୁମୂର୍ଷୁ ଅବସ୍ଥାରେ କିନ୍ନର ସଂଘ ସଭାପତି କାଜଲ ନାୟକ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। କାଜଲ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିଥିଲେ।

■ ୨୯ ବର୍ଷରେ ପଦାର୍ପଣ କଲା ଶିଳ୍ପ ବାଣିଜ୍ୟ ମେଳା

## ପକ୍ଷୀ ଯତ୍ନ ଉପରେ ହେବ ପର୍ଯ୍ୟବସିତ

**ଯାଜପୁର ଅଫିସ/ଯାଜପୁରରୋଡ(ନି.ପ୍ର.),୨।୧୨**

ଯାଜପୁର ରୋଡର ପ୍ରସିଦ୍ଧ ଶିଳ୍ପ ବାଣିଜ୍ୟ ମେଳା ୨୯ବର୍ଷରେ ପଦାର୍ପଣ କରିଛି। ଆସନ୍ତା ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଗୋଶାଳା ପଡ଼ିଆରେ ମେଳା ଅନୁଷ୍ଠିତ ହେବ। ପରିବେଶ ଉପରେ ପର୍ଯ୍ୟବେଶିତ ପକ୍ଷୀ ଯତ୍ନ ଏଥର ମେଳାର ବିଷୟବସ୍ତୁ ରହିଛି। ବାଣିଜ୍ୟ ମେଳା କମିଟି ଅଧକ୍ଷ ଜିତେନ୍ଦ୍ର କୁମାର ପ୍ରତିହାରୀ ଏହି ସୂଚନା ଦେଇଛନ୍ତି। ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଆହୁରି ସୂଚନା ଦେଇଥିଲେ ଯେ, ୧୯୮୯ ମସିହାରୁ ଆରମ୍ଭ ହୋଇଥିବା ଏହି ମେଳାରେ ଶିଳ୍ପ, ଖଣି, ବସ୍ତ୍ର, ହସ୍ତଶିଳ୍ପ, କୁଟୀର ଶିଳ୍ପ, ଯାନବାହାନ, ଗୃହ ନିର୍ମାଣ ଆଦି ସମ୍ପର୍କିତ ୩୫୦ଟି ବିବରଣୀ ମଣ୍ଡପ ସ୍ଥାନ ପାଇବ। ଏହାସହ ଭାରତ ସରକାରଙ୍କ ହସ୍ତଶିଳ୍ପ ଉନ୍ନୟନ ଆୟୁକ୍ତ, ନୂଆଦିଲ୍ଲୀଙ୍କ ସହଯୋଗରେ ବିଭିନ୍ନ ଅଞ୍ଚଳର ହସ୍ତଶିଳ୍ପ ମଣ୍ଡପମାନ ରହିବ। ଓଡ଼ିଶା ଖଣି ନିଗମ, ଶିଳ୍ପ ଉନ୍ନୟନ ନିଗମ, ଜିନ୍ଦଲ ଷ୍ଟେନଲେସ ଲିଃ, ଟାଟା ଷ୍ଟିଲ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଦ୍ୟୋଗ ଓ ଅନ୍ୟ ଶିଳ୍ପସଂସ୍ଥା ଅଂଶଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ବ୍ୟାସ ସରୋବର ଗୋଶାଳା କମିଟି ସଭାପତି ରଷିକୁମାର ଅଗ୍ରୱାଲ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମେଳାର ସାଂସ୍କୃତିକ ମଣ୍ଡପ ଅକ୍ଷୟ ମଣ୍ଡପ ନାମରେ ୧୧ ଦିନ ବ୍ୟାପି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତାମିଲନାଡୁ, କେରଳ ଓ କର୍ଣ୍ଣାଟକର ପ୍ରସିଦ୍ଧ ଲୋକନୃତ୍ୟ ପ୍ରଦର୍ଶନ ହେବ। ବିହାର ରାଜ୍ୟ କଳାକାରମାନଙ୍କ ଦ୍ୱାରା ଭୋଜପୁରୀ ଗୀତ ଓ ନୃତ୍ୟ, ପଶ୍ଚିମବଙ୍ଗର ସୁନାମଧନ୍ୟା କଳାକାର ଅଙ୍କିତା ଚାଟାର୍ଜୀଙ୍କ ଦ୍ୱାରା ରକ ନାଇଟ କାର୍ଯ୍ୟକ୍ରମ ରହିଛି। କିଶୋର କୁମାର, ମହମ୍ମଦ ରଫି ଓ ମୁକେଶଙ୍କ ସ୍ମୃତିରେ ରାଜ୍ୟ ବାହାରର ପ୍ରତିଭାବାନ କଣ୍ଠଶିଳ୍ପୀ ସଂଗୀତ ପରିବେଷଣ କରିବେ। ଓଡିଶାରେ ଶିଳ୍ପାୟନର ଭବିଷ୍ୟତ ଶୀର୍ଷକ ଏକ ଆଲୋଚନା ଚକ୍ର ଡିସେମ୍ବର ୧୧ତାରିଖରେ ଅନୁଷ୍ଠିତ ହେବ। ଉଦଯାପନୀ ସନ୍ଧ୍ୟାରେ ସ୍ତମ୍ଭକାର ତଥା ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ବରେନ୍ଦ୍ରକୃଷ୍ଣ ଓ ସ୍ନେହଲତା ସ୍ମୃତି ସମ୍ମାନ ଏବଂ ଫେରୋକ୍ରୋମ ପ୍ଲାଣ୍ଟର ପରିଚାଳନା ନିର୍ଦ୍ଦେଶକ ବୀରକିଶୋର ସାହୁଙ୍କୁ ମାନବ ସେତୁ ସମ୍ମାନରେ ସମ୍ମାନିତ କରାଯିବ। ଖବରଦାତା ସମ୍ମିଳନୀରେ କମିଟିର ମାନସରଞ୍ଜନ ସାମଲ, ସଂଗ୍ରାମକେଶରୀ ରାଉତ, ପ୍ରମୋଦ କୁମାର ପ୍ରଧାନ, ଗୋବିନ୍ଦଚନ୍ଦ୍ର ଦାଶ, ବଳଦେବ ନନ୍ଦ, ଦେବାଂଶୁ ସି, ଶୁଭାଶିଷ ରାଉତ ଉପସ୍ଥିତ ଥିଲେ।




ବାଣିଜ୍ୟମେଳା କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

## ବିଞ୍ଝାରପୁରକୁ ଏନ୍ଏସି ପାଇଁ ବିଧାୟିକାଙ୍କ ନିକଟରେ ଦାବି



ବିଧାୟିକାଙ୍କ ସହ ନାଗରିକ କମିଟି ସଦସ୍ୟମାନେ ଆଲୋଚନା କରୁଛନ୍ତି।

**ବିଞ୍ଝାରପୁର,୨।୧୨(ଡି.ଏନ.ଏ)**

ବିଞ୍ଝାରପୁର ନାଗରିକ କମିଟି ପକ୍ଷରୁ ହରେକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସେକ ଜାଭେଦ, ସେକ ହଫିଜୁଲା, କମଳାକାନ୍ତ ବିନ୍ଧାଣୀ, ସେକ ସଇଫୁର ରହେମାନ, ଚନ୍ଦ୍ର ଶେଖର ବେହେରା ପ୍ରମୁଖ ରବିବାର ପୂର୍ବାହ୍ନରେ ବିଧାୟିକାଙ୍କୁ ଭେଟି ବିଞ୍ଝାରପୁରକୁ ଏନ୍ଏସି ପାଇଁ ଦାବି କରିଥିବା ଜଣାପଡିଛି। ଏହି ଦାବି ପରେ ବିଧାୟିକା ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି ବୋଲି ବିଞ୍ଝାରପୁର ନାଗରିକ କମିଟିକୁ କହିଛନ୍ତି। ତେବେ ଖୁବ କମ୍ ଦିନ ମଧ୍ୟରେ ଓଡିଶାରେ ଯଦି ଏନ୍ଏସି ଘୋଷଣା କରାଯାଏ ତେବେ ବିଞ୍ଝାରପୁର ସର୍ବ ପ୍ରଥମେ ଘୋଷିତ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୧୯୮୫ ମସିହାରୁ ସରକାର ବିଞ୍ଝାରପୁରକୁ ଏନ୍ଏସି କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରିଥିଲେ ହେଁ ତାହା ପ୍ରଶାସନିକ ସଦିଚ୍ଛା ଅଭାବରୁ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରୁ ନାହିଁ ବୋଲି ଅଭିଯୋଗ ହୋଇଆସୁଛି। ଗତବର୍ଷ ବିଞ୍ଝାରପୁର, ସୟଦପୁର ଓ ଆଖପାଖ ଅଞ୍ଚଳର ଜନସାଧାରଣ ସ୍ଥାନୀୟ ବିଧାୟିକାଙ୍କୁ ଏକ ବିରାଟ ସାଧାରଣ ସଭାରେ ସମ୍ବର୍ଦ୍ଧିତ କରିବା ସହିତ ଏନ୍ଏସି ପାଇଁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିଲେ। ନିର୍ବାଚନ ପାଖେଇ ଆସୁଥିବା ବେଳେ ଏହି ଦାବି ପୂରଣ ନେଇ ଆଶଙ୍କା ସୃଷ୍ଟି ହେବାରୁ ଗତ ସପ୍ତାହରେ ସମାଜସେବୀ କାଦିର ଖାଁଙ୍କ ଆବାହକତ୍ୱରେ ସ୍ଥାନୀୟ ଅଞ୍ଚଳର ମୁରବୀମାନେ ବଜାର ପରିସରରେ ଏକଜୁଟ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଫର୍ନେସ ବନ୍ଦ, ହାଇକାର୍ବନ ସାଇଟ ଶ୍ରମିକଙ୍କ ଧାରଣା

**ଯାଜପୁର ଅଫିସ,୨।୧୨**

ସ୍ଥାନୀୟ ଇଡକଲ ଫେରୋକ୍ରୋମ ଆଣ୍ଡ ଆଲୟେଜ୍ ଲିମିଟେଡ କାରଖାନାରେ ଶ୍ରମିକ ଅଶାନ୍ତି ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଲାଗି ରହିଛି। ମେସିନ ଲଗାଇ କାର୍ଯ୍ୟ ହାସଲ ପ୍ରତିବାଦରେ ଶନିବାରଠାରୁ କାରଖାନା ଫାଟକ ଆଗରେ ଆଇଏନଟିୟୁସି ଶ୍ରମିକ ସଂଘ ବ୍ୟାନରରେ ଧାରଣାରେ ବସିଛନ୍ତି। ହାଇକାର୍ବନ ସାଇଟରେ ୬୫ଜଣ ଶ୍ରମିକଙ୍କ ପାଇଁ ୧ ତାରିଖରୁ ନୂତନ ଠିକାଦାର ଚୟନ ହୋଇଛି। କାରଖାନାର ପ୍ରାୟ ସମସ୍ତ ବିଭାଗରେ ହୋଇଥିବା ଦୁର୍ନୀତିର ଛିଟାକୁ ଛଡ଼ାଇବା ପରିବର୍ତ୍ତେ କାରଖାନା କର୍ତ୍ତୃପକ୍ଷ ଶ୍ରମିକଙ୍କ ସହ ଭିନ୍ନ ଖେଳ ଖେଳୁଛନ୍ତି ବୋଲି ଅଭିଯୋଗ ଉଠିଛି। ପ୍ରାୟତଃ ସବୁ ବିଭାଗର ଶ୍ରମିକଙ୍କ ପାଇଁ କାରଖାନା କର୍ତ୍ତୃପକ୍ଷ ପିଏଫ ଏବଂ ଇଏସଆଇ ଭରଣା କରି ଆସୁଥିଲା ବେଳେ କେବଳ ହାଇକାର୍ବନ ସାଇଟର ୬୫ଜଣ ଶ୍ରମିକଙ୍କୁ ନୂତନ ଠିକାଦାର ପିଏଫ ଓ ଇଏସଆଇ ପ୍ରଦାନ କରିବେ। ଯାହାକୁ ନେଇ ଅଶାନ୍ତି ଦେଖାଦେଇଛି। କାରଖାନାର ୧ନମ୍ବର ମୁଖ୍ୟ ଫର୍ନେସକୁ ଶନିବାର ପୂର୍ବାହ୍ନ ୧୧ଟାରୁ ଯାନ୍ତ୍ରିକ ଓ ବୈଦ୍ୟୁତିକ ମରାମତି ଆଳରେ ବନ୍ଦ କରିଦିଆଯାଇଛି। ପ୍ରକୃତ ପକ୍ଷେ କାରଣ କିଛି ଅଲଗା ବୋଲି ଜଣାଯାଇଛି। କାରଖାନା ପାଖରେ ଏବେ ମାତ୍ର ୩୦୦ ଟନ ପାଖାପାଖି କ୍ରୋମାଇଟ ଥିବା ବେଳେ ପ୍ରାୟ ୧୦କୋଟି ଟଙ୍କାର କ୍ରୋମାଇଟ ଓର ତଲଙ୍ଗୀ ଖଣି ବନ୍ଦ ପରେ ସେଠାରେ ଫସି ରହିଛି। ଓଏମସି ଓରର ମୂଲ୍ୟ ବଢ଼ି ଯାଇ ଟନ୍ ପିଛା ୧୨ ହଜାରରୁ ୧୪ ହଜାରରେ ପହଞ୍ଚିଛି। କାରଖାନାରୁ ଉତ୍ପାଦିତ ହାଇ କାର୍ବନ ଫେରୋକ୍ରୋମ ଟନ୍ ପିଛା ଦର ଖସି ୭୭ ହଜାରରୁ ୬୭ହଜାରରେ ପହଞ୍ଚିଛି। ତେଣୁ ଅଗ୍ରୀମ ଅର୍ଡର ଦେଇଥିବା ତାମିଲନାଡୁର ସାଲେମସ୍ଥିତ ଭାରତ ସରକାରଙ୍କ ସେଲ ସଂସ୍ଥା ଏଭଳି ସ୍ଥିତିରେ ଫେରୋକ୍ରୋମ ନେବା ପାଇଁ ପଛଘୁଞ୍ଚା ଦେବା ସହ ଟଙ୍କା ମଧ ଦେଉନାହିଁ। ୧ ଓ ୨ ନମ୍ବର ଫର୍ନେସ ଚାଲିଲେ ଦୈନିକ ୧୨୫ ଟନ କ୍ରୋମ ଓର ଆବଶ୍ୟକ। ଓଏମସି ଓର, ବ୍ରିକେଟିଂ ମାଲ ଓ ତଲଙ୍ଗୀ ଓର ମିଶାଇ ବ୍ୟବହାର କଲେ ଦୈନିକ ୪୦ଟନ ହିସାବରେ କାରଖାନା ପରିସରରେ ଗଚ୍ଛିତ ଥିବା ୩୦୦ ଟନ ଓର ମାତ୍ର ୧ ସପ୍ତାହ ମଧ୍ୟରେ ଶେଷ ହୋଇଯିବ। ଏହିସବୁ କାରଣରୁ ଦୈନିକ ୪୦ରୁ ୪୨ ମେଟ୍ରିକ ଟନ ହାଇ କାର୍ବନ ଫେରୋକ୍ରୋମ ଉତ୍ପାଦନ କରୁଥିବା ୧ ନମ୍ବର ଫର୍ନେସକୁ ବନ୍ଦ କରି ଶ୍ରମିକଙ୍କୁ ଭୁଆଁ ବୁଲାଯାଉଛି ବୋଲି ଅଭିଯୋଗ ଉଠିଛି। ଏହାଛଡ଼ା ଫର୍ନେସ ମରାମତି କାମ କୋଲକୋତାର ଏକ ଠିକାଦାରଙ୍କୁ ଦିଆଯାଉଥିଲା। ସେ ଏହି କାମକୁ ପ୍ରାୟ ୧୦ଦିନ ଭିତରେ ଶେଷ କରି ଅଢେଇ ଲକ୍ଷ ଟଙ୍କା ନେଇଥାଏ। ଏବେ ଏହି ମରାମତି କାମ କାରଖାନା କର୍ତ୍ତୃପକ୍ଷ ନିଜେ କରିବାକୁ ଯାଉଥିବା ବେଳେ ଅଭିଜ୍ଞତା ଅଭାବରୁ ଏହି କାର୍ଯ୍ୟ ୧ମାସରୁ ମଧ ଅଧିକ ସମୟ ଲାଗି ଯାଇପାରେ। ଓଏମସି ଓର ଦାମ ବଢ଼ିଯିବା ଓ ହାଇ କାର୍ବନ ଫେରୋକ୍ରୋମର ଦର ଯଥେଷ୍ଟ ଖସିଯିବା କାରଣରୁ ୧ଟନ ଫେରୋକ୍ରୋମ ଉତ୍ପାଦନରେ ୭ ହଜାର ପାଖାପାଖି କ୍ଷତି ହେବା ସହ କର୍ମଚାରୀ/ଅଧିକାରୀ/ଶ୍ରମିକଙ୍କ ଦରମା ଆଦି ବାବଦରେ ମାସିକ ଦେଢ କୋଟି ପାଖାପାଖି ସ୍ଥାୟୀ ଖର୍ଚ୍ଚ ମଧ କରିବାକୁ ହେବ। ତଲଙ୍ଗୀ ଖଣି ବନ୍ଦ ହେବା ପରେ ସେଠାରେ ପାଣି ଝରି ଏବେ ଖଣିଟି ପୁରିଯାଇଛି। ଏଥିରୁ ଜଳ ନିଷ୍କାସନ ପାଇଁ ଅନୂନ୍ୟ ୨ କୋଟି ଟଙ୍କା ଆବଶ୍ୟକ। ତଲଙ୍ଗୀ ଖଣି ଗତ ନଭେମ୍ବର ୧୧ ତାରିଖରୁ ବନ୍ଦ ହେବା ଓ ଫେରୋକ୍ରୋମ କାରଖାନାର ଜିଗିଂ ପ୍ଲାଂଟ ନଭେମ୍ବରରେ କୌଣସି ଉତ୍ପାଦନ ନ କରିବା ସହ ୧ ନମ୍ବର ଫର୍ନେସକୁ ଶନିବାରଠାରୁ ବନ୍ଦ ହେବା ଦ୍ୱାରା ଶ୍ରମିକ ଓ କର୍ମଚାରୀ ମହଲରେ ଆଲୋଡନ ସୃଷ୍ଟି ହୋଇଛି। ଏଥିରେ ହଜାର ହଜାର ଶ୍ରମିକ ଓ କର୍ମଚାରୀଙ୍କ ଜୀବନଜୀବିକା ବିପଦରେ ପଡିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଫେରୋକ୍ରୋମ କାରଖାନାର ଏମଡି ବୀରକିଶୋର ସାହୁ କୁହନ୍ତି, ସମସ୍ତ ସମସ୍ୟାର ସମାଧାନ କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏଥିରେ ବିଚଳିତ ହେବାର କୌଣସି ଆବଶ୍ୟକତା ନାହିଁ।

**ଇଡକଲ ଫେରୋକ୍ରୋମ କାରଖାନା**



ଶ୍ରମିକମାନେ ଧାରଣାରେ ବସିଛନ୍ତି।

■ ବିପଦରେ ଶ୍ରମିକ, କର୍ମଚାରୀଙ୍କ ଜୀବନଜୀବିକା


Bhoomika Dash
Actress
PLEDGE ‘PLASTIC-FREE’ ODISHA
#PlasticFreeOdisha
ଧରିତ୍ରୀ DHARITRI TEAM

## ସଂକ୍ଷେପରେ

### ଟାଏକୋଣ୍ଡୋ ଖେଳାଳିଙ୍କୁ ଶୁଭେଚ୍ଛା



**ନୟାଗଡ଼ ଅଫିସ,୨।୧୨:** ନୟାଗଡ଼ର ଟାଏକୋଣ୍ଡୋ ଖେଳାଳି ଲିଜା ପରିଡ଼ା ଗତ ଅଗଷ୍ଟ ୩ରୁ ୫ ତାରିଖ କେନ୍ଦ୍ରାପଡ଼ାଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ୪୪କେଜିରୁ କମ୍ କନିଷ୍ଠ ବାଳିକା ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଚଳିତ ଡିସେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ସିମୋଗା ନେହେରୁ ଷ୍ଟାଡ଼ିୟମରେ ହେବାକୁ ଥିବା ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶା ତରଫରୁ କନିଷ୍ଠ ବାଳିକା ବର୍ଗ ପ୍ରତିଯୋଗିତାରେ ସେ ଭାଗ ନେବେ। ଏହି ଅବସରରେ ଜିଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ଓ ନୟାଗଡ଼ ଟାଏକୋଣ୍ଡୋ ସ୍ପୋର୍ଟସ ଆସୋସିଏଶନର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ରାୟଗୁରୁ ଲିଜାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସାଇକେଲ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ବୋଲଗଡ଼,୨।୧୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ସାଗରଗାଁ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ରବିବାର ସାଇକେଲ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସେହି ଗ୍ରାମର ବେଣୁଧର ପାଇକରାୟ(୪୨)। ସେ ସାଇକେଲ ଯୋଗେ ନିଜ ଗ୍ରାମର ଏକ ଦୋକାନକୁ ଯାଉଥିବା ବେଳେ ତଳେ ପଡ଼ି ଆହତ ହୋଇଥିଲେ। ଫଳରେ ଗ୍ରାମବାସୀ ଚିକିତ୍ସା ପାଇଁ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ବେଣୁଧର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

### ବୋଲଗଡ଼ ମହୋତ୍ସବ ପାଇଁ ପ୍ରସ୍ତୁତି

**ବୋଲଗଡ଼,୨।୧୨(ଡି.ଏନ.ଏ.):** ଚଳିତ ବର୍ଷର ବୋଲଗଡ଼ ମହୋତ୍ସବ ଡିସେମ୍ବର ୨୬ରୁ ଶୁଭାରମ୍ଭ ହେବ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ବାମନ ଉଚ୍ଚ ବିଦ୍ୟାଳୟ ପରିସରରେ ୨୬ ଠାରୁ ୩୦ ପର୍ଯ୍ୟନ୍ତ ୫ଦିନ ଧରି ଏହା ଅନୁଷ୍ଠିତ ହେବ ବୋଲି କମିଟି ପ୍ରକାଶ କରିଛି। ଏହାର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ପ୍ରକାଶ। ବୋଲଗଡ଼ ଅଞ୍ଚଳର ଗୌରବମୟ ଐତିହ୍ୟ, କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ମହୋତ୍ସବ କରାଯାଉଛି ବୋଲି କମିଟିର ସାଧାରଣ ସମ୍ପାଦକ ବୀର କିଶୋର ଦାସ କହିଥିଲେ।

# ପୋଲ ତିଆରିରେ ବ୍ୟବହାର ହେଉଛି ଶାଳ ବହ୍ଲା

**ନୟାଗଡ଼ ଅଫିସ,୨।୧୨**

ଜଙ୍ଗଲ ସୁରକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରତିବର୍ଷ ଗଛ ଲଗାଇବା ଓ ଜଙ୍ଗଲ ସୁରକ୍ଷା ପାଇଁ ବଜେଟରେ ମଧ୍ୟ ଅର୍ଥ ବ୍ୟୟ ବରାଦ କରାଯାଉଛି। ହେଲେ ନୟାଗଡ଼ ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜଙ୍ଗଲ ସୁରକ୍ଷା ଦେବା ବଦଳରେ ଶହ ଶହ ଶାଳଗଛ କଟାଯାଉଛି। ପୋଲ ନିର୍ମାଣ ପାଇଁ ଏକ ଠିକାସଂସ୍ଥା ମନଇଚ୍ଛା ଜଙ୍ଗଲରୁ ଗଛକାଟି ଏହାକୁ ଶର୍ଟିଂ କାର୍ଯ୍ୟରେ ବହ୍ଲା ଭାବେ ବ୍ୟବହାର କରିଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ଗାଇଚରା ପଡ଼ିଆଠାରୁ ବଳଭଦ୍ରପୁର ଗୁଡୁପାଙ୍ଗୀ ଦେଇ ଡିପାମାଳ ଗ୍ରାମକୁ ଯିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଚାଲିଛି। ୭ କିଲୋମିଟର ରାସ୍ତା ସହ ୯ଟି ଛୋଟବଡ଼ ପୋଲ ନିର୍ମାଣ ପାଇଁ ୪କୋଟି ୭ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଭୁବନେଶ୍ୱରର ଫୟାଜ୍ ଇନ୍‌ଫ୍ରାଟେକ୍ ପ୍ରାଇଭେଟ ଲିମିଟେଡ଼ ଠିକା ସଂସ୍ଥା ଏହି କାର୍ଯ୍ୟ ହାତକୁ ନେଇଛି। ପୋଲ ନିର୍ମାଣ କ୍ଷେତ୍ରରେ ଠିକାସଂସ୍ଥା ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦେଇଦେଇଛି। ବାଘମାରୀ ନଦୀର ତିନିବାଙ୍କଠାରେ ନିର୍ମାଣାଧୀନ ପୋଲରେ ପଟା ଓ ବାଉଁଶ ବ୍ୟବହାର କରିବା ବଦଳରେ ଶାଳ ବହ୍ଲାକୁ ଶର୍ଟିଂ କାର୍ଯ୍ୟରେ ଉପଯୋଗ କରିଛି। ସ୍ଥାନୀୟ ଲୋକଙ୍କୁ ଭୁଆଁ ବୁଲାଇ ଠିକା ସଂସ୍ଥାର କର୍ମଚାରୀମାନେ ନିକଟସ୍ଥ ହାତୀମୁଣ୍ଡା ଜଙ୍ଗଲରୁ ଶହ ଶହ ଶାଳଗଛ କାଟି କାମରେ ଲଗାଇଛି। ଏହା ବନ ବିଭାଗର କାର୍ଯ୍ୟ କହି ଗ୍ରାମ୍ୟ ଉନ୍ନୟନ ବିଭାଗ ହାତ ଟେକିଦେଇଛି। ବନ ବିଭାଗ ଏହାର ତଦନ୍ତ କରି ୧୦୦ଟି ବହ୍ଲା ଜବତ କରିଥିବା ସୂଚନା ଦେଇଛି। ଏ ନେଇ ନୟାଗଡ଼ ରେଞ୍ଜର ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ଖବର ପାଇବା ପରେ ଆମେ ଘଟଣାସ୍ଥଳରେ ପହଞ୍ଚିଥିଲୁ। ପୋଲ ନିର୍ମାଣ କାର୍ଯ୍ୟରେ ଲାଗିଥିବା ୧୦୦ଖଣ୍ଡ କାଠ ଜବତ କରିଥିଲୁ। ସେଠାରେ ଠିକାସଂସ୍ଥାର କୌଣସି ଅଧିକାରୀ ନ ଥିଲେ। ପରେ ତାଙ୍କ ଟେଣ୍ଟରେ ଥିବା ଏକ ସିକ୍ୟୁରିଟି ଗାର୍ଡ଼ଙ୍କୁ ସଂସ୍ଥାର କର୍ମଚାରୀ ଆସି ବିଭାଗରେ ଦେଖା କରିବାକୁ କହିଥିଲୁ। ବର୍ତ୍ତମାନ ସୁଦ୍ଧା ଠିକାସଂସ୍ଥାର କୌଣସି କର୍ମଚାରୀ ଆମ ପାଖକୁ ଆସି ନାହାନ୍ତି। ଠିକା କମ୍ପାନୀ ନାମରେ ଏକ ମାମଲା ରୁଜୁ କରାଯିବ ବୋଲି ରେଞ୍ଜର ସ୍ୱାଇଁ ପ୍ରକାଶ କରିଥିଲେ।



ପୋଲ ନିର୍ମାଣରେ ବ୍ୟବହୃତ ଶାଳ ବହ୍ଲା।

- ଠିକାସଂସ୍ଥା ମନଇଚ୍ଛା ଜଙ୍ଗଲରୁ କାଟୁଛି ଗଛ
- ବାଘମାରୀ ନଦୀରେ ଚାଲିଛି ପୋଲ ନିର୍ମାଣ

## ଆଞ୍ଚଳିକ ମହାବିଦ୍ୟାଳୟର ପରିଚାଳନା କମିଟି ବୈଠକ

**ଭାପୁର,୨।୧୨(ଡି.ଏନ୍.ଏ.)**

ଭାପୁର ବଜାର ଉପକଣ୍ଠସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟର ପରିଚାଳନା କମିଟି ବୈଠକ ରବିବାର ମଧ୍ୟାହ୍ନରେ କଲେଜ ପରିସରରେ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଗଗନ ବିହାରୀ ତ୍ରିପାଠୀଙ୍କ ଆହ୍ୱାନକ୍ରମେ ଏହା ଆୟୋଜିତ ହୋଇଥିଲା। କମିଟି ସଭାପତି ବିଧାୟକ ଅନୁଭବ ପଟ୍ଟନାୟକ, ସଭ୍ୟ ଭିକାରୀ ମହମ୍ମଦ, ଆଡ୍‌ଭୋକେଟ୍ ସନାତନ ଷଡ଼ଙ୍ଗୀ, ଗୋପାଳ ନାୟକ, ସୁଦୀପ୍ତା ମହାନ୍ତି, ନମିତା ପଟ୍ଟନାୟକ, ବନମିତ୍ରା ଜୁଝାରସିଂହ, ଶିକ୍ଷକ ପ୍ରତିନିଧି ଜ୍ୟୋସ୍ନା ମଞ୍ଜରୀ ବାରିକ ଓ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ପରୀକ୍ଷା ସମୟରେ କଲେଜରେ ସିସିଟିଭି କ୍ୟାମେରା ଲଗାଇବା ଓ ମ୍ୟାନେଜ୍‌ମେଣ୍ଟ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦରମା ବୃଦ୍ଧି କରିବା ସର୍ବସମ୍ମତିକ୍ରମେ ବୈଠକରେ ଗୃହୀତ ହୋଇଥିଲା।



ବୈଠକରେ ବିଧାୟକ ଓ ଅନ୍ୟମାନେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଷ୍ଟ୍ରେସଡ୍ ଆସେଟ୍‌ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)

**ତା.୧୦.୧୨.୨୦୧୮ ରିଖରେ ଅନୁଷ୍ଠିତ ହେବାକୁଥିବା ମେଗା ଇ-ନିଲାମ ନିମନ୍ତେ ପ୍ରସ୍ତାବିତ ସମ୍ପତ୍ତିଗୁଡିକର ସଂଖ୍ୟା**

| ଶାଖାର ନାମ | ସମ୍ପତ୍ତିର ପ୍ରକାର | | | |
| --- | --- | --- | --- | --- |
| | ବାସୋପଯୋଗୀ | ବାଣିଜ୍ୟିକ | ଶିଳ୍ପଭିତ୍ତିକ | ମୋଟ |
| ଷ୍ଟ୍ରେସଡ୍ ଆସେଟ୍‌ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଭୁବନେଶ୍ୱର | ୫ | ୧ | ୧୩ | ୧୯ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ଭୁବନେଶ୍ୱର | ୮ | ୦ | ୦ | ୮ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ଭଦ୍ରକ | ୨ | ୦ | ୦ | ୨ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), କଟକ | ୭ | ୧ | ୦ | ୮ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ସମ୍ବଲପୁର | ୨ | ୦ | ୩ | ୫ |
| ମୋଟ | ୨୪ | ୨ | ୧୬ | ୪୨ |

ତାରିଖ : ୦୧.୧୨.୨୦୧୮, ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


## ଶ୍ମଶାନଚଣ୍ଡୀ–ଭାଗବତ ମୁଣ୍ଡିଆ ମାଳବନ୍ଧକୁ ସବୁଦିନିଆ ରାସ୍ତାରେ ପରିଣତ ଦାବି

**ଖଣ୍ଡପଡ଼ା, ୨।୧୨(ସ୍ୱ.ପ୍ର.)**

ସମ୍ପ୍ରତି କଣ୍ଟିଲୋ–ଗଣିଆ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଜନ ଗହଳିପୂର୍ଣ୍ଣ କଣ୍ଟିଲୋ ବଜାର ଛକଠାରେ କ୍ରମଶଃ ଟ୍ରାଫିକ ସମସ୍ୟା ବଢୁଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଛି। ତେଣୁ ଏହାର ପ୍ରତିକାର ପାଇଁ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶ୍ମଶାନଚଣ୍ଡୀ – ଭାଗବତ ମୁଣ୍ଡିଆ ମାଳବନ୍ଧକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ସାଧାରଣରେ ଦାବି ହେଉଛି । ପ୍ରକାଶ ଯେ, ବନ୍ୟା ଦାଉରୁ ନଦୀ ତଟବର୍ତ୍ତୀ ଗ୍ରାମ ଓ ଫସଲ ଜମିକୁ ସୁରକ୍ଷା ଦେବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧିକାଂଶ ନଦୀ କୂଳରେ ମାଳବନ୍ଧ ନିର୍ମାଣ ଓ ରକ୍ଷଣାବେକ୍ଷଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ନୀଳମାଧବ ବିଦ୍ୟାପୀଠ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଭାଗବତ ମୁଣ୍ଡିଆ ପର୍ଯ୍ୟନ୍ତ ପ୍ରାୟ ୫ କିମି ମାଳବନ୍ଧକୁ୧୯୭୮ ମସିହାରେ ନିର୍ମାଣ କରାଯାଇଥିଲା । ୧୯୮୨ ମସିହାରେ ବନ୍ୟା ହେତୁ ଉକ୍ତ ମାଳବନ୍ଧରେ ଘାଇ ସୃଷ୍ଟି ହୋଇଥିଲା। ଏହା ଧୋବଣୀ ଘାଇ ମାଳବନ୍ଧ ନାମରେ ପରିଚିତ । ଉଲ୍ଲେଖଯୋଗ୍ୟ କି, ନିକଟସ୍ଥ ୧୦/୧୨ଟି ଗ୍ରାମର ଜନସାଧାରଣ ଯାତାୟାତ ପାଇଁ ଏହି ମାଳବନ୍ଧକୁ ମୁଖ୍ୟରାସ୍ତା ଭାବେ ବ୍ୟବହାର କରୁଛନ୍ତି । ଖଣ୍ଡପଡ଼ା–କଣ୍ଟିଲୋ ମୁଖ୍ୟରାସ୍ତାଟି ପର୍ଯ୍ୟଟକ ଓ ବିଭିନ୍ନ ଯାନବାହନ ଯୋଗୁ ସର୍ବଦା ଭିଡ଼ ହୋଇଥିବା ସ୍ଥଳେ ଶ୍ମଶାନଚଣ୍ଡୀ–ଭାଗବତ ମୁଣ୍ଡିଆ ମାଳବନ୍ଧ ରାସ୍ତାଟି ଯାତାୟାତ ନିମନ୍ତେ ଉପଯୋଗୀ ମନେହେଉଛି। ମାଳବନ୍ଧ ଉପର ଦେଇ ଗଲେ ପ୍ରାୟ ୨ରୁ ୩ କି.ମି. ଦୂରତା କମ୍ ପଡିଥାଏ । ଏ ପରିପ୍ରେକ୍ଷୀରେ ଉକ୍ତ ମାଳବନ୍ଧ ଉପର ଭାଗରେ ଆବଶ୍ୟକ ମୋରମ୍, ମେଟାଲ ବିଛାଯାଇ ସୁଦୃଢ଼ ଓ ଚଉଡ଼ା କରାଗଲେ ଏହା ଯାତାୟାତକାରୀଙ୍କ ନିମନ୍ତେ ଅଧିକ ସୁବିଧା ମନେହୁଅନ୍ତା। ତେଣୁ ଏଥିପ୍ରତି ଲୋକ ପ୍ରତିନିଧି ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ଅବସରରେ ବହୁତ ବହୁତ ଶୁଭ କାମନା।

ସୁଧୀର କୁମାର ସାହୁ
ଥାନା ଅଧିକାରୀ
ଡେରାବିଶ ଥାନା

ନିରପେକ୍ଷ ଖବର କାଗଜ ‘ଧରିତ୍ରୀ’ର ୪୫ତମ ସ୍ୱନକ୍ଷତ୍ର ଅବସରରେ ବଡବାଣପୁର ପଞ୍ଚାୟତବାସୀଙ୍କୁ ଓ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।

ପ୍ରଦୀପ କୁମାର କର
ସରପଞ୍ଚ, ବଡ଼ବାଣପୁର, ଖଣ୍ଡପଡ଼ା

ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ମହାନ। ଏହାକୁ ଉଜ୍ଜୀବିତ ରଖିବା ପାଇଁ ଆସନ୍ତୁ ସଂକଳ୍ପ ନେବା। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା/ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସୁଖ ସମୃଦ୍ଧି କାମନା କରୁଛି।

ପ୍ରାଧ୍ୟାପକ ଚତୁର୍ଭୁଜ କର
ଅଧ୍ୟକ୍ଷ, ଡେରାବିଶ ମହାବିଦ୍ୟାଳୟ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ଅବସରରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶାକୁ ଅଧିକ ସମୃଦ୍ଧି ପାଇଁ ସହାୟତାର ହାତ ବଢ଼ାଇବାକୁ ସଂକଳ୍ପ ନେବା। ପାଟକୁରା ନିର୍ବାଚନ ମଣ୍ଡଳୀ’, ମା’, ଭାଇଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।

ପ୍ରାଧ୍ୟାପକ ଅଜୟ କୁମାର ରାଉତ
ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ କୁରୁଜଙ୍ଗା ପଞ୍ଚାୟତର ସମସ୍ତ ଭାଉ ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି। ଡେରାବିଶ ବ୍ଲକରେ ଆମ ପଞ୍ଚାୟତର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।

ଚନ୍ଦ୍ରକାନ୍ତ ପ୍ରଧାନ
ସରପଞ୍ଚ, କୁରୁଜଙ୍ଗା ପଞ୍ଚାୟତ
(ଡେରାବିଶ ବ୍ଲକ)



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଆର.ଉଦୟଗିରି, ୨।୧୨(ଡି.ଏନ୍.ଏ.):** ଆର.ଉଦୟଗିରି ଥାନା ପରିମଳ ଗ୍ରାମର ମଶାଣି ନିକଟ କାଜୁ ବଗିଚାରେ ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ରବିବାର ପୋଲିସ ଉଦ୍ଧାର କରିଛି। ଯୁବକ ଜଣକ ଉକ୍ତ ଗ୍ରାମର କାଜୁ ଗଛରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ପରିମଳ ସରପଞ୍ଚ ପ୍ରଶାନ୍ତି ଗମାଙ୍ଗ ଦେଖି ଥାନାକୁ ଜଣାଇଥିଲେ। ଏସ୍‌ଡିପିଓ ଅନିଲ କୁମାର ପ୍ରଧାନ ଓ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଛନ୍ତି। ଏ ନେଇ ନଂ. ୬/୨୦୧୮ରେ ମାମଲା ରୁଜୁ ହୋଇଛି । ଯୁବକ ଜଣକ ଉକ୍ତ ଥାନା ଅଞ୍ଚଳର ବୋଲି ସନ୍ଦେହ କରାଯାଉଥିବା ବେଳେ ମୃତଦହେ ବ୍ୟବଚ୍ଛେଦ ପରେ ସଠିକ ତଥ୍ୟ ମିଳିବ ବୋଲି ପୋଲିସ କହିଛି ।

### ବମକେଇ ପାହାଡ଼ରେ ଚାଲିଛି ଜୁଆଆଡ୍ଡା

#### ଏସ୍‌ପିଙ୍କୁ ସ୍ମାରକପତ୍ର


**ଦିଗପହଣ୍ଡି, ୨।୧୨(ଡି.ଏନ୍.ଏ.):** ଦିଗପହଣ୍ଡି ବ୍ଲକ ବମକେଇ ପଞ୍ଚାୟତ ସାଗରପଲ୍ଲୀ-ବୀରବରପଲ୍ଲୀ ଗ୍ରାମ୍ୟ ଜଙ୍ଗଲ ନିକଟ ପାହାଡ଼ରେ ଦୀର୍ଘଦିନ ହେଲା ଚାଲିଛି ଜୁଆଆଡ୍ଡା। କିଛି ଅସାମାଜିକ ଯୁବକ ଏହି ଖେଳ ପରିଚାଳନା କରୁଛନ୍ତି । ଜୁଆଖେଳକୁ ନେଇ ଅନେକ ସମୟରେ ଛୋଟବଡ଼ ଗଣ୍ଡଗୋଳ ମଧ ହେଉଛି। ଜୁଆ ଖେଳକୁ ନେଇ ଦେଓଖାଳି-ବମକେଇ ଇଲାକାରେ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଏହା ପ୍ରତିବାଦରେ ବମକେଇ ଗ୍ରାମର ସଚେତନ ଜନସାଧାରଣ ବ୍ରହ୍ମପୁର ଏସପିଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବମକେଇ ସାଗର ନିକଟ ଶ୍ରୀକାଳେଶ୍ୱର ଶୈବପୀଠ ଠାରୁ ପେଣ୍ଠୁରାବାଡ଼ି ଗ୍ରାମ ରାସ୍ତାରେ ଚଳପ୍ରଚଳ କରିବାକୁ ସାଧାରଣ ଲୋକେ ନିରାପଦ ମଣୁନାହାନ୍ତି । ପ୍ରତିଦିନ ମଧାହ୍ନରୁ ସନ୍ଧ୍ୟା ୬ଟା ଯାଏଁ ବେଧଡ଼କ ଜୁଆଖେଳ ଚାଲୁଛି। ଉଲ୍ଲେଖଯୋଗ୍ୟ ଯେ, ସ୍ଥାନୀୟ ପୋଲିସକୁ ଏନେଇ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏନେଇ ଚିକିଟି ଏସଡିପିଓ ପ୍ରକାଶ ଚନ୍ଦ୍ର ଜେନାଙ୍କୁ ପଚାରିବାରେ ଖୁବଶୀଘ୍ର ସମ୍ପୃକ୍ତ ଇଲାକାରେ ପୋଲିସ ପକ୍ଷରୁ ଚଢ଼ାଉ କରାଯିବ ବୋଲି କହିଛନ୍ତି ।

# ଦାରିଙ୍ଗବାଡ଼ିରେ ପର୍ଯ୍ୟଟକଙ୍କ ଭିଡ଼

**ଦାରିଙ୍ଗବାଡି, ୨।୧୨(ଡି.ଏନ୍.ଏ.)**



କାର୍ଯ୍ୟକ୍ଷମ ଅପେକ୍ଷାରେ ରହିଛି ଟୟ ଟ୍ରେନ ।



ହିଲଭିୟୁ ପାର୍କ ମଧ୍ୟରେ ଥିବା ଫାଉଣ୍ଟେନ୍ ଅଚଳ ହୋଇପଡିଛି।

- ହିଲ୍‌ଭ୍ୟୁରେ ଫାଉଣ୍ଟେନ ଅଚଳ
- ଟୟ୍‌ଟ୍ରେନ କାର୍ଯ୍ୟକ୍ଷମ ନ ହେବାରୁ ପର୍ଯ୍ୟଟକ ଅସନ୍ତୁଷ୍ଟ

କନ୍ଧମାଳ ଜିଲା ଦାରିଙ୍ଗବାଡ ବ୍ଲକ ଅଞ୍ଚଳରେ ଶୀତ ଉପଭୋଗ କରିବା ପାଇଁ ପର୍ଯ୍ୟଟକଙ୍କ ଆଗମନ ହୋଇଛି। ଡିସେମ୍ବର ମାସର ପ୍ରଥମ ରବିବାର ବହୁ ପର୍ଯ୍ୟଟକ ଦାରିଙ୍ଗବାଡିରେ ବଣ ଭୋଜି କରିବା ସହ ବିଭିନ୍ନ ପର୍ଯ୍ୟଟନକେନ୍ଦ୍ର ବୁଲିଛନ୍ତି। ଢୁଲୁରୀ ପାଇନବଣରେ ବଣ ଭୋଜି ପାଇଁ ଭିଡ ଜମିଥିବାବେଳେ ଦାସିଂବାଡି ପଞ୍ଚାୟତର ମିଡିୟୁବାନ୍ଦା ୱାଟରଫଲ, କିରିକୁଟି ପଞ୍ଚାୟତର ଲଭର୍ସ ପଏଣ୍ଟରେ ମଧ ପର୍ଯ୍ୟଟକଙ୍କ ଭିଡ ଜମିଥିଲା। ସେହିପରି ନେଚରପାର୍କ ସମେତ କଫି ବଗିଚା, ହିଲ୍‌ଭିୟୁ ପାର୍କରେ ମଧ ପର୍ଯ୍ୟଟକ ମାନେ ଭିଡ ଜମାଇଥିଲେ। ଅପରାହ୍ନରେ ସୂର୍ଯ୍ୟାସ୍ତ ଦେଖିବାକୁ ପର୍ଯ୍ୟଟକମାନେ ସାଇଲଣ୍ଟ ଭ୍ୟାଲିରେ ଭିଡ ଜମାଇଥିଲେ। ଖବର ଲେଖିବା ସୁଧା ଏହି ଦୁଇଟି ପାର୍କରେ ହଜାର ସଂଖ୍ୟାରେ ପର୍ଯ୍ୟଟକ ରହିଛନ୍ତି। ହିଲଭିୟୁ ପାର୍କରେ ଫାଉଣ୍ଟେନ ୩ ମାସରୁ ଉର୍ଦ୍ଧ୍ୱ ହେବ ଅଚଳ ହୋଇଥିବା ବେଳେ ଗତ ୨ବର୍ଷ ହେଲା ଟୟଟ୍ରେନ ପାର୍କ ପରିସର ମଧ୍ୟରେ ରହିଥିଲେ ସୁଦ୍ଧା ଥ୍ରୀଫେଜ ବିଦ୍ୟୁତ୍ ସମେତ କଣ୍ଟ୍ରୋଲ ରୁମ୍ ତିଆରିରେ ବିଳମ୍ବ ଯୋଗୁ ଅସନ୍ତୋଷ ଦେଖାଦେଉଚି। ଏନେଇ ପାର୍କର ଦାୟୀତ୍ୱରେଥିବା ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ କହିଛନ୍ତି ଯେ ଥ୍ରୀଫେଜ ବିଦ୍ୟୁତ୍ ସଂଯୋଗ ସରିଛି। ଏବେ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ ଶେଷ ହେଲେ ଆସନ୍ତା ୧୦ ରୁ ୧୨ ଦିନ ମଧ୍ୟରେ ଉଭୟ ଟ୍ରେନ ସହ ଫାଉଣ୍ଟେନ ଚାଲିବ। ପ୍ରକାଶ ଯେ, ଥ୍ରୀଫେଜ ବିଦ୍ୟୁତ୍ ପାଇଁ କେବଳ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶିତ ପରେ ଜିଲା ପ୍ରଶାସନ ଏହାର ଆବଶ୍ୟକତା ଥିବା ଅନୁଭବ କରି ଜିଲାପାଳ ଡ.ବୃନ୍ଦା ଡି. ଅନୁଦାନ ପ୍ରଦାନ କରିଥିଲେ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତୀ ଚଢ଼ାଠଉଁ ସମ୍ପତ୍ତି ନାହିଁ
ଘର ପୋଡ଼ିଠଉଁ ବିପତ୍ତି ନାହିଁ ।**

ଆଗକାଳରେ ରାଜା ମହାରାଜାମାନେ ହାତୀ ପିଠିରେ ବସି ନଅର ବିଜେ କରୁଥିଲେ। ହାତୀ ଚଢ଼ିବା ଅଗ୍ରଗତିର ପ୍ରତୀକ ବା ସମ୍ଭ୍ରାନ୍ତ ବ୍ୟକ୍ତିର ଲକ୍ଷଣ ହୋଇଥାଏ। ସେହିପରି ଘର ପୋଡ଼ିଯିବା ସର୍ବନାଶର କାରଣ ପାଲଟି ଥାଏ। ଘରପୋଡ଼ିଯିବା ସବୁଠାରୁ ବଡ଼ ବିପତ୍ତି ବା ବିପର୍ଯ୍ୟୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାଡି ବାଇଦ କୋଶେ,
ତୁଣ୍ଡ ବାଇଦ ସହସ୍ର କୋଶେ ।**

ଯେ କୌଣସି ବାଦ୍ୟର ଶବ୍ଦ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ପରିସୀମା ମଧ୍ୟରେ ସୀମିତ ରହିଥାଏ। ପରନ୍ତୁ କାନଶୁଣା କଥା ବା କାନକୁହା କଥା ଜଣଙ୍କ ମୁହଁରୁ ଅନ୍ୟଜଣଙ୍କ ମୁହଁକୁ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ। ଉକ୍ତ କଥାଟିର ସତ୍ୟତା ନ ଥିଲେ ମଧ ଏହା ହିଁ ପ୍ରକୃତ ସତ୍ୟଭାବେ ଧରି ନିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ■ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ଫାଶ

# ଥାନା ଘେରାଉ କଲେ ଗ୍ରାମବାସୀ



ଥାନା ଘେରାଉ କରି ଲୋକେ ଧାରଣାରେ ବସିଛନ୍ତି।

**ଛତ୍ରପୁର, ୨।୧୨(ଡି.ଏନ.ଏ)**

ବାର୍‌ହା ଶିକାର ପାଇଁ ପକାଯାଇଥିବା ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ଛତ୍ରପୁର ଥାନା ଭିକାରୀପଲ୍ଲୀ ପଞ୍ଚାୟତ ଗୋଲାପଲ୍ଲୀ ଗାଁର ମେଣ୍ଢା ଜଗୁଆଳି କେ ଲିଙ୍ଗରାଜ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ସୁଦ୍ଧା ପୋଲିସ ଏଥିରେ ସମ୍ପୃକ୍ତଙ୍କୁ ଗିରଫ କରିନି। ଏ ନେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଗିରଫ ଦାବିରେ ରବିବାର ଗ୍ରାମବାସୀ ଛତ୍ରପୁର ଥାନା ଘେରାଉ ସହ ଧାରଣାରେ ବସିଥିଲେ। ଅଭିଯୁକ୍ତକୁ ଶୀଘ୍ର ଗିରଫ କରାଯିବା ବୋଲି ଛତ୍ରପୁର ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଧାରଣାରୁ ଓହରିଥିଲେ। ଗତ ୨୪ ରାତିରେ ଲିଙ୍ଗରାଜଙ୍କ ସମେତ ୫ଜଣ ସୁନ୍ଦରପୁର ପଞ୍ଚାୟତ ଦୁଆନପଲ୍ଲୀ ନିକଟରେ ମେଣ୍ଢାକୁ ଜଗିବା ବେଳେ ବାର୍‌ହା ଶୀକାର ପାଇଁ ପଡ଼ିଥିବା ବିଦ୍ୟୁତ ଫାଶ ସଂସ୍ପର୍ଶରେ ଆସି ଲିଙ୍ଗରାଜ ଆହତ ହୋଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ବିଜୁ କନ୍ୟାରତ୍ନ ଯୋଜନା ସଚେତନତା

**ବୁଗୁଡ଼ା, ୨।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଶନିବାର ସ୍ଥାନୀୟ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜୁ କନ୍ୟାରତ୍ନ ଯୋଜନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଆଇନ ସେବା ପ୍ରାଧିକରଣ ସଦସ୍ୟ ଅଳକା ସାହୁ, ବୁଗୁଡ଼ା ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଯୋଗଦେଇ ବିଜୁ କନ୍ୟାରତ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ କନ୍ୟାଭ୍ରୂଣ ହତ୍ୟା ବନ୍ଦ କରିବା ଶିଶୁକନ୍ୟାମାନଙ୍କ ଯତ୍ନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ଏମ. ଯୋଗେଶ୍ୱର ଦୋରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ନିଳୀମା ବାହିନୀପତି ଧନ୍ୟବାଦ ଦେଇଥିଲେ। ଶତାଧିକ ଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ ବଳଦେବ ଜୀଉ ମହିଳା ମହାବିଦ୍ୟାଳୟରେ ଅଧକ୍ଷ ବିଭୂତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମଧ ବିଜୁ କନ୍ୟାରତ୍ନ ଯୋଜନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ବ୍ଲକସ୍ତରୀୟ ବିଜ୍ଞାନ ମେଳା

**କନିଷି, ୨।୧୨(ଡି.ଏନ୍.ଏ.)**

ସ୍ଥାନୀୟ ବାଲାଜୀ ବିଦ୍ୟାପୀଠ କନିଷିଠାରେ ଶନିବାର ରଙ୍ଗେଇଲୁଣ୍ଡା ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବିଇଓ ପ୍ରଭାତୀ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଢୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମକୃଷ୍ଣ ରାଓ, ଗଞ୍ଜାମ ଜିଲା ବିଜ୍ଞାନ ନିରୀକ୍ଷକ ପନ୍ନଗଭୂଷଣ ମାଝି, ଗଞ୍ଜାମ ଜିଲା ସଂସ୍କୃତ ନିରୀକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ଓ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାବତ ମଞ୍ଚାସୀନ ଥିଲେ। ମୋଟ ୧୨୦ଟି ପ୍ରକଳ୍ପ ବିଜ୍ଞାନ ମେଳାରେ ସ୍ଥାନ ପାଇଥିଲା। ବିଚାରକ ରୂପେ ଢୁରା ଆରଏନ କଲେଜ ଅଧ୍ୟାପକ କୁରୁନାଥ ପାଢୀ, ଅଧ୍ୟାପିକା ମମତା ମିଶ୍ର ଯୋଗଦେଇଥିଲେ। ୩ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗନେବାକୁ ମନୋନୀତ ହୋଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

### ବିଦ୍ୟୁତ୍ ସେକ୍ସନର କୋଟିଏରୁ ଉର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ



ଅଚଳ ଟ୍ରାନ୍ସଫର୍ମର

**ଧରାକୋଟ, ୨।୧୨(ଡି.ଏନ୍.ଏ.)**

ତିତ୍‌ଲି ପ୍ରଭାବରେ ସରକାରଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି, ରାସ୍ତା ଘାଟ, ଫସଲ ସହ ବିଦୁତ୍ ବିଭାଗର ମଧ କୋଟିରୁ ଉର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ ହୋଇଯାଇଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ନାଏକଙ୍କ ସୂଚନା ପ୍ରକାରେ ତିତ୍‌ଲି ଦ୍ୱାରା ୯ଟି ସବ୍‌ଷ୍ଟେସନ ସମ୍ପୂର୍ଣ୍ଣ ଧ୍ୱଂସ ପାଇଥିବାବେଳେ ୫ଟି ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଛି। ବାତ୍ୟା ପ୍ରଭାବିତ ୩୫ଟି ଟ୍ରାନ୍ସଫର୍ମରରୁ ୩୧ କାର୍ଯ୍ୟକ୍ଷମ ହୋଇଛି। ଏ ଯାଏ ଉଠା ଜଳସେଚନ ଏବଂ ସବଷ୍ଟେସନ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ରବି ଫସଲ ପ୍ରଭାବିତ, ଶସ୍ୟ ଜାତୀୟ ଫସଲ ଉଜୁଡ଼ିବା ଆଶଙ୍କ, ପନିପରିବା ଫସଲ ମଧ ପ୍ରଭାବିତ ହେବା ନେଇ ଚିନ୍ତାରେ ରହିଛି ଚାଷୀ। ସବ୍‌ଷ୍ଟେସନ ଓ ଟ୍ରାନ୍ସଫର୍ମର ବାବଦରେ ୧ କୋଟି ୧୨ ଲକ୍ଷ ଟଙ୍କାର କ୍ଷତି ହୋଇଥିବା କନିଷ୍ଠ ଯନ୍ତ୍ରୀ ନାଏକ କହିଛନ୍ତି। ସକାଳେ ଓ ସନ୍ଧ୍ୟାରେ ବିଦ୍ୟୁତ୍ କାଟ ହେବାରୁ ପିଲାଙ୍କ ପାଠପଢ଼ାରେ ଅସୁବିଧା ହେଉଛି। ତେଣୁ ବିଦ୍ୟୁତ୍ ସରୋବରାହକୁ ସ୍ୱାଭାବିକ କରିବା ପାଇଁ ଗ୍ରାହକ ଦାବି କରିଛନ୍ତି।

### ମହାକାଶରେ ଶାନ୍ତି ବଜାୟ ରଖିବାକୁ ଆହ୍ୱାନ




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ଛତ୍ରପୁର, ୨।୧୨(ଡି.ଏନ୍.ଏ.)**

ଗ୍ଲୋବାଲ ନେଟ୍‌ୱାର୍କ ପକ୍ଷରୁ ମହାକାଶରେ ଶାନ୍ତି ବଜାୟ ରଖିବା ଶୀର୍ଷକ ଏକ ଆଲୋଚନାଚକ୍ର ଛତ୍ରପୁରସ୍ଥିତ ପବ୍ଲିକ ସ୍କୁଲ ସମ୍ମିଳନୀ ଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଜିଲା ଶିକ୍ଷା ନିରୀକ୍ଷକ ନିରଞ୍ଜନ ତ୍ରିପାଠୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଗ୍ଲୋବାଲ ନେଟ୍‌ୱାର୍କର ଭାରତର ମୁଖ୍ୟ ତଥା ନିର୍ଦ୍ଦେଶକ ଜେ. ନାରାୟଣ ରାଓ ଯୋଗ ଦେଇ କହିଥିଲେ ଯେ, ମହାକାଶ ଉପରେ ବିଶ୍ୱର ସମସ୍ତ ଜନସାଧାରଣଙ୍କ ସମାନ ଅଧିକାର ରହିଛି। ମାତ୍ର ଅନେକ ଦେଶ ସୁରକ୍ଷା ବାହାନାରେ ମହାକାଶରେ ଯୁଦ୍ଧାସ୍ତ୍ର ଗଚ୍ଛିତ ରଖିବା ସହ ଗୁଇନ୍ଦା ତଥ୍ୟ ସଂଗ୍ରହ ଓ ଅନ୍ୟ କାରଣରୁ ବହୁତ ଗୁଡିଏ ସ୍ୟାଟ୍‌ଲାଇଟ୍ ପ୍ରେରଣ କରୁଛନ୍ତି। ନିକଟରେ ୨୩ ଶହରୁ ଉର୍ଦ୍ଧ୍ୱ ସାଟେଲାଇଟ୍ ଅଚଳ ଅବସ୍ଥାରେ ମହାକାଶରେ ଘୁରି ବୁଲୁଛି। ଯାହାଦ୍ୱାରା ଶାନ୍ତିର ମହାକାଶ ଆଜି ବିପଦର ସନ୍ଦେହ ସୃଷ୍ଟି କରିଛି। ତେଣୁ ଯୁଦ୍ଧାସ୍ତ୍ର ମୁକ୍ତ ପୃଥିବୀ ହେଉଛି ଆଜିର ଆହ୍ୱାନ। ମହାକାଶକୁ କେବଳ ବିଶ୍ୱର ଉନ୍ନତି ଓ ଶାନ୍ତି ପାଇଁ ବ୍ୟବାହର କରିବା ଉଚିତ ବୋଲି ଛତ୍ରପୁର ଓକିଲ ସଂଘର ପୂର୍ବତନ ସଭାପତି ଗୋକୁଳଚନ୍ଦ୍ର ପଣ୍ଡା କହିଛନ୍ତି। ଆଲୋଚନାଚକ୍ରରେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ମହେଶ୍ୱର ରାଉତ, ବିଦେଶୀ ନାହାକ, ରାମଚନ୍ଦ୍ର ପାତ୍ର, ନୀଳକଣ୍ଠ ଦାଶ, ହରପ୍ରସାଦ ରଥ, କେ. ଶିବରାମ ରେଡ୍ଡୀ ଅଂଶ ଗ୍ରହଣ କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286 7750921101

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

**M. GROUP FINANCE CO.**
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

ସରକାରୀ ଜନଧନ ଯୋଜନା ଅଧୀନରେ
**DHANLAXMI FINANCE PVT. LTD.**
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
**MUDRA FINANCE**
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

**ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ**
7900515385,
9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

**T.C.F. FINANCE**
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**FINANCE**
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

**Shri Ram Finance**
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଭଞ୍ଜନଗର,୨।୧୨(ଡି.ଏନ.ଏ.):** ତାରସିଂ ଥାନା ତିଳିସିଙ୍ଗି ନିକଟରେ ରବିବାର ଅପରାହ୍ନ ୪ଟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ସେହେଲେ ଜିଲୁଣ୍ଡିର ଶ୍ରୀକାନ୍ତ ଭୂୟାଁ। ମଳାସପଦରର ସୁନିଲ ଗୌଡ଼ ଆହତ ହୋଇଛନ୍ତି। ପ୍ରକାଶ ଯେ, ଶ୍ରୀକାନ୍ତ ଓ ସୁନିଲ ଏକ ବାଇକ୍‌ରେ ରବିବାର କେପିଟିକୁ ଭୋଜି କାମରେ ଯାଇ ଅପରାହ୍ନରେ ଫେରୁଥିବା ବେଳେ ବାଇକ୍‌ଟି ଏକ ଗୋଲେଇରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ସମ୍ପୃକ୍ତ ଅଚଂଳବାସୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ହସପିଟାଲରେ ଭର୍ତି କରିଥିଲେ। ଡ଼ାକ୍ତର ମେଡ଼ିକାଲରେ ଶ୍ରୀକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ତାରସିଂ ପୋଲିସ ଏନେଇ ଏକ ମାମଲା ରୁଜୁକରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିୟୋଗ

**ଶେରଗଡ଼,୨।୧୨(ଡି.ଏନ.ଏ.):** ଶେରଗଡ଼ ବ୍ଲକ ହରେକୃଷ୍ଣପୁର ଗ୍ରାମର କଂଗ୍ରେସ ନେତା, ସମାଜସେବୀ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ତ୍ରିପାଠୀଙ୍କ ରବିବାର ମୃତ୍ୟୁ ଘଟିଛି। ବ୍ରହ୍ମପୁରସ୍ଥିତ ବାସଭବନରେ ଭୋରରେ ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ସେ କିଛିଦିନ ଧରି ଆକ୍ରାନ୍ତ ଥିଲେ। ଶରତଙ୍କ ମରଶରୀରକୁ ହରେକୃଷ୍ଣପୁର ଗ୍ରାମକୁ ନିଆଯାଇଥିଲା । ସେଠାରେ ଗ୍ରାମବାସୀ ତାଙ୍କୁ ଶେଷଦର୍ଶନ ପରେ ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳବାସୀ ଗଭୀର ଶୋକପ୍ରକାଶ କରିଛନ୍ତି।

### ଆମ ପୋଲିସ ସମିତିର ବୈଠକ

**ବୁଗୁଡ଼ା,୧।୧୨(ଡି.ଏନ.ଏ.):** ବୁଗୁଡ଼ା ଥାନା ପକ୍ଷରୁ ଆମ ପୋଲିସ ସମିତିର ବୈଠକ ଶୁକ୍ରବାର ଅପରାହ୍ନରେ ଥାନା ପରିସରରେ ଭାରପ୍ରାପ୍ତ ଅଧିକାରୀ କାର୍ତ୍ତିକ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟ୍ରାଫିକ ସମସ୍ୟା, ରାସ୍ତାରେ ଗାଈଗୋରୁଙ୍କ ଅବାଧ ବିଚରଣ, ଗ୍ରାମାଞ୍ଚଳରେ ଏକାକୀ ବସବାସ କରୁଥିବା ବରିଷ୍ଠ ନାଗରିକ ଚିହ୍ନଟ, ସହରକୁ ପଲିଥିନମୁକ୍ତ କରିବା ପ୍ରୟାସ, ରାସ୍ତାରେ ଚାଲିଥିବା ମାଛ ମାର୍କେଟକୁ ନିଷେଧ ଆଦି ବିଷୟରେ ସଭ୍ୟମାନେ ଆଲୋଚନା କରିଥିଲେ। ବିଶ୍ୱମୋହନ ମିଶ୍ର, ଡ. କୁମୁଦ ଚନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ଦାଶ, ଲକ୍ଷ୍ମୀ ନାରାୟଣ ଦାଶ, ଧୋବା ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ସଭ୍ୟମାନେ ଯୋଗ ଦେଇଥିଲେ । ବୈଠକ ପରିଚାଳନାରେ ଏଏସ୍‌ଆଇ ବାସୁଦେବ ସାହୁ, ଯୁଧିଷ୍ଠିର ମହାଙ୍ଗୁଡ଼, ଟୁନା ଗୌଡ଼, କାଳୀ ଚରଣ ପାଢ଼ୀ ପ୍ରମୁଖ ପୋଲିସ କର୍ମଚାରୀ ସହଯୋଗ କରିଥିଲେ ।

### ବିଜୁ ଯୁବ ବାହିନୀକୁ ଖେଳ ଉପକରଣ ପ୍ରଦାନ

**ଶେରଗଡ,୨।୧୨(ଡି.ଏନ୍.ଏ.):** ଶେରଗଡ ବ୍ଲକର ୨୨ ପଞ୍ଚାୟତର ୨୩ଟି ବିଜୁ ଯୁବ ବାହିନୀକୁ ଶୁକ୍ରବାର ଖେଳ ଉପକରଣ ବଣ୍ଟନ କରାଯାଇଛି। ପ୍ରତି ବିଜୁ ଯୁବ ବାହିନୀ ଦଳକୁ କ୍ରିକେଟ ବ୍ୟାଟ ୬ଟି, ଷ୍ଟମ୍ପ, ଗ୍ଲୋବ୍‌ସ, ଗାର୍ଡ, ଭଲିବଲ, ଫୁଟବଲ ଆଦି ଖେଳ ଉପକରଣ ପ୍ରଦାନ କରାଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ, ପ୍ରଗତି ସହାୟକ ଭଗବାନ ବେହେରା, ସଂଯୋଜକ ଆଲୋକ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ପ୍ରତି ପଞ୍ଚାୟତ ସଭାପତି ମାନଙ୍କୁ ଏହା ପ୍ରଦାନ କରାଯାଇଛି। ବିଜୁ ଯୁବ ବାହିନୀ ସମାଜସେବା ସହିତ କିଛି ସମୟ ଖେଳକୁଦରେ ସମୟ ବିତାଇବା ନେଇ ଏହା ପ୍ରଦାନ କରାଯାଇଛି ବୋଲି ସଂଯୋଜକ ଆଲୋକ କୁମାର ପଟ୍ଟନାୟକ କହିଛନ୍ତି।

### ଚକ୍ଷୁ ଚିକିତ୍ସା ଶିବିର

**ବେଗୁନିଆପଡା,୨।୧୨(ଡି.ଏନ.ଏ.):** ବେଗୁନିଆପଡା ବ୍ଲକ ଅଙ୍ଗାରଗାଁ ପଞ୍ଚାୟତରେ ଜୀବନ ଜ୍ୟୋତି ଏଜୁକେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଓ ଆପଣ ଏକା ନୁହନ୍ତି ମିଳିତ ସହଯୋଗରେ ଇକୋସ୍ ତରଫରୁ ସୋମବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୫୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୧୬ ଜଣଙ୍କୁ ଅପରେସନ ପାଇଁ ବ୍ରହ୍ମପୁରସ୍ଥିତ ଇକୋସ ହସ୍ପିଟାଲ ନିଆଯାଇଛି। ଏମାନଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯିବା।

# କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆରକ୍ଷୀ କାର୍ଯ୍ୟାଳୟ ଘେରାଉ

**ଆର.ଉଦୟଗିରି,୨।୧୨(ଡି.ଏନ.ଏ.)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ମୋହନା, ଆର.ଉଦୟଗିରି ଆଞ୍ଚଳିକ କମିଟି ପକ୍ଷରୁ ଗଜପତି ଜିଲା ନୂଆଗଡ ବ୍ଲକର ଶନିବାର ସମ୍ବଲପୁର ଠାରୁ ଏକ ଶୋଭାଯାତ୍ରାରେ ବାହାରି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପରେ ସମ୍ବଲପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଲୋଗାନ ଦେଇ ସରକାରୀ ଜମି ଦଖଲ କରି ପଟ୍ଟା ପାଇନଥିବା କାଜୁ, ଆମ୍ବ, ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, କୃଷିଋଣ ଛାଡ଼ କରିବା, ଘରଭଙ୍ଗା ସହାୟତା ଯୋଗାଇବା, ବିଜୁ ପକ୍କାଘର ଯୋଗାଣ, କୃଷି ଉପକରଣ ପ୍ରଦାନ, ରବି ଫସଲ ପାଇଁ ଆବଶ୍ୟକ ସାହାଯ୍ୟ, ଋଣ ଯୋଗାଣ, ପ୍ରତ୍ୟେକ ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳି ନିର୍ମାଣ, ସ୍ୱାସ୍ଥ୍ୟସେବା, ବିଦ୍ୟୁତ ସେବା ପ୍ରତ୍ୟେକ ଗ୍ରାମକୁ ଯୋଗାଇବା, ଏକ ମାସ ପର୍ଯ୍ୟନ୍ତ ରିଲିଫ ଯୋଗାଇଦେବା, ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, କାଜୁ ଏକର ପ୍ରତି ୫୦ ହଜାର ଟଙ୍କା କ୍ଷତିପୂରଣ ଯୋଗାଇବା ଇତ୍ୟାଦି ଦାବି ନେଇ ସ୍ଲୋଗାନ ଦିଆଯାଇଥିଲା। ସିପିଆଇଏମର ଗଜପତି ଜିଲା ସମ୍ପାଦକ ଦଣ୍ଡପାଣି ରଇତ, ମୋହନା, ସୁନାମ ମଣ୍ଡଳ, ପ୍ରତିନିଧି ଦଳ ସମ୍ବଲପୁର ରାଜସ୍ୱ ନିରୀକ୍ଷକଙ୍କୁ ସାକ୍ଷାତ କରି ସରକାରୀ ଜମି ଦଖଲକାରୀଙ୍କୁ ପଟ୍ଟା ପାଇ ନ ଥିବା ଶତାଧିକ ଚାଷୀଙ୍କୁ ଫର୍ମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଥିଲା ଏବଂ ଉଦ୍ୟାନ ବିଭାଗର ଅଧିକାରୀଙ୍କୁ ମଧ ଶତାଧିକ କାଜୁ ଫସଲ ଚାଷୀଙ୍କ ଫର୍ମ ପ୍ରଦାନ କରାଯିବାର ଥିଲା। ନିରୀକ୍ଷକ ଅନୁପସ୍ଥିତ ଥିବାରୁ ଆସନ୍ତା ୧୧ ତାରିଖରେ ନୂଆଗଡ଼ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ ସହ ଆରଆଇ ସର୍କଲର କାଜୁ ଚାଷୀଙ୍କୁ ଫର୍ମ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଦୁଇ ଶହରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୁନାମ ମଣ୍ଡଳ ସଭାପତିତ୍ୱ କରିଥିଲେ।



କମ୍ୟୁନିଷ୍ଟ ପାର୍ଟିର ଶୋଭାଯାତ୍ରା।

ପିଏଲ୍‌ଜିଏ ସପ୍ତାହ ଆରମ୍ଭ

# ବାଲିଗୁଡ଼ାରେ ମାଓବାଦୀ ପୋଷ୍ଟର

**ବାଲିଗୁଡା, ୨।୧୨ (ଡି.ଏନ.ଏ.)**

ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ ରବିବାରଠାରୁ ଆରମ୍ଭ ହୋଇଛି। ସପ୍ତାହର ପ୍ରଥମ ଦିନରେ କନ୍ଧମାଳ ଜିଲା ବାଲିଗୁଡା ସଦର ଟାଉନର ଥାନାଠାରୁ କୋର୍ଟ ମଧ୍ୟରେ ରବିବାର କିଛି ମାଓବାଦୀ ପୋଷ୍ଟର ତଳେ ପଡିଥିବା ଦେଖିବାକୁ ମିଳିଛି। କାନ୍ଥରେ କିମ୍ବା ଗଛରେ ପୋଷ୍ଟର ମରାଯାଉଥିବା ବେଳେ ଏଥର ତଳେ ପଡିଥିବା ଯୋଗୁ ସାଧାରଣରେ ଭୟ ସୃଷ୍ଟି ହୋଇଛି। ଉକ୍ତ ପୋଷ୍ଟରରେ ବ୍ରାହ୍ମଣୀୟ ହିନ୍ଦୁତ୍ୱବାଦୀ ଫାଶିବାଦୀ ବିରୋଧରେ ଏକଜୁଟ ହୋଇ ସଂଗ୍ରାମ କରନ୍ତୁ, ଗେରୁଆ ଧାର୍ମିକ ଆତଙ୍କବାଦୀ ସଂଘ ପରିବାରର ତାଣ୍ଡବ ଲୀଳା ବିରୋଧରେ ପ୍ରତିରୋଧ ସପ୍ତାହ ଡିସେମ୍ବର ୬ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ପାଳନ କରିବା ପାଇଁ ଉକ୍ତ ଆହ୍ୱାନ କରାଯାଇଛି। ଡିସେମ୍ବର ୨ ତାରିଖଠାରୁ ୮ ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ପିଏଲଜିଏ ସପ୍ତାହ ପାଳନ କରାଯାଉଛି। ଏଣୁ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ମଧ ଆହ୍ୱାନ କରାଯାଇଛି। ଡିସେମ୍ବର ୧୧କୁ ହିନ୍ଦୁ ଫାସିବାଦୀ ବିରୋଧରେ କେକେବିଏନ୍ ଡିଭିଜନ ବନ୍ଦକୁ ସଫଳ କରିବାକୁ ଆହ୍ୱାନ କରିଛନ୍ତି। କିଛି ବୀର ସହୀଦଙ୍କୁ ପୋଷ୍ଟର ମାଧ୍ୟମରେ ଲାଲ୍ ସଲାମ ଜଣାଇଛନ୍ତି। ସହିଦଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବା ପାଇଁ ପିଏଲଜିଏରେ ଯୋଗଦେବାକୁ ଆହ୍ୱାନ ସହ ଅପରେଶନ ଗ୍ରୀନ୍ ହଣ୍ଟ, ଜଳ, ଜଙ୍ଗଲ, ଜମି ଇଜ୍ଜତର ଅଧିକାର ପାଇଁ ଲଢେଇ କରିବା ସହ ପିଏଲଜିଏରେ ଗାଁ ଗାଁରେ ମେଳିସିଆ ଗଢି ତୋଳିବାକୁ ଆହ୍ୱାନ କରିଛି ସଙ୍ଗଠନ। ଏ ନେଇ ବାଲିଗୁଡା ଥାନା ଅଧିକାରୀ ରମାକାନ୍ତ ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏପରି ସବୁ ଲେଖାଥିବା ପୋଷ୍ଟର କେଉଁଠାରେ ମରାଯାଇନାହିଁ କି ତଳେ ପଡିନାହିଁ, ଆମେ ତଦନ୍ତ ଚଳାଇଛୁ, ଆମ ଦୃଷ୍ଟିକୁ ବର୍ତ୍ତମାନ ସୁଦ୍ଧା କୌଣସି ପୋଷ୍ଟର ଆସିନାହିଁ।

■ଅର୍ଥନୀତି ବିଭାଗର ପାଠଚକ୍ର

# ଉତ୍ପାଦନ ବଢ଼ିଲେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ବୃଦ୍ଧି ଘଟିବ

**ଭଞ୍ଜନଗର,୨।୧୨(ଡି.ଏନ.ଏ)**

ଦେଶରେ ଲୋକଙ୍କ ଚାହିଦା ଅନୁଯାଇ ବିଭିନ୍ନ ଜିନିଷର ଉତ୍ପାଦନ ହୋଇପାରୁନାହିଁ। ତେଣୁ ବିଦେଶରୁ ଆମଦାନୀ କରିବାକୁ ପଡୁଛି। ଏଥିସହ ରପ୍ତାନୀ ମଧ୍ୟ ବଢୁନାହିଁ। ଯେଉଁଥିପାଇଁ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଉଛି। ଉତ୍ପାଦନ ବଢ଼ିଲେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ବୃଦ୍ଧି ଘଟିବ। ଭାରତ ସ୍ୱାଧୀନତା ବେଳକୁ ୧ ଟଙ୍କାର ମୂଲ୍ୟ ୧ ଡଲାର ଥିଲା। ଏବେ ୭୬ ଟଙ୍କାରେ ପହଞ୍ଚିଲାଣି। ଦରଦାମ ବୃଦ୍ଧି ଏହାର ମୂଳକାରଣ। ବିମୁଦ୍ରିକରଣ ମଧ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସର କାରଣ। ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅର୍ଥନିତୀ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ବକ୍ତାମାନେ ଏହା ମତବ୍ୟକ୍ତ କରିଛନ୍ତି। ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଆମାଶ ପାଟମାଝୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ.ଆର.ଏନ.ପାଳ ପାଠଚକ୍ରର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଛାତ୍ର ଅରୁଣ ସ୍ୱାଇଁ ଭାରତୀୟ ମୁଦ୍ରା ଓ ଆମେରିକା ଡଲାର ଉପରେ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ତାଙ୍କୁ ଅଧ୍ୟାପିକା ଅନିତା ମହାପାତ୍ର ସହଯୋଗ କରିଥିଲେ।



ଅତିଥିମାନେ ସନ୍ଦର୍ଭଟିକୁ ଉନ୍ମୋଚନ କରୁଛନ୍ତି।

## କେହି ଆସିଲେନି: ମୃତଦେହ ସତ୍କାର କଲା ବିଜୁ ଯୁବ ବାହିନୀ

**ଛତ୍ରପୁର,୨।୧୨(ଡି.ଏନ.ଏ.)**

ଛତ୍ରପୁର ବ୍ଲକ ପୋଟଲାମପୁର ପଞ୍ଚାୟତ ଗଙ୍ଗାପୁର ଗାଁର ବୀର ଶାସମଲ (୭୦)ଙ୍କ ରବିବାର ଭୋରରେ ମୃତ୍ୟୁ ଘଟିଥିଲ। କିନ୍ତୁ କୌଣସି କାରଣରୁ ତାଙ୍କ ମୃତଦେହକୁ ଉଠାଇବାକୁ କେହି ଆସିନଥିଲେ। ବ୍ଲକ ପ୍ରଶାସନ ଖବର ପାଇ ବିଜୁ ଯୁବ ବାହିନୀଙ୍କୁ ଜଣାଇବା ପରେ ବିଜୁ ଯୁବ ବାହିନୀର ସଦସ୍ୟ ମାନେ ଗାଁରେ ପହଞ୍ଚି ମୃତଦେହକୁ କାନ୍ଧରେ ଧରି ଗାଁ ମଶାଣିରେ ସତ୍କାର କରିଥିଲେ। ଏ ନେଇ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତକଙ୍କ ଗୋଟିଏ ପୁଅଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ଆଉ ଏକ ପୁଅ ବାହାରେ ରହୁଛନ୍ତି। ଝିଅର ବାହାଘର ହୋଇଯାଇଛି। ବୀର ଓ ତାଙ୍କ ସ୍ତ୍ରୀ ଘରେ ରହୁଥିଲେ।

## ଭଞ୍ଜନଗର ଉନ୍ନୟନ କାର୍ଯ୍ୟର ସମୀକ୍ଷା



ଉନ୍ନୟନ କାର୍ଯ୍ୟ ସମୀକ୍ଷା କରୁଛନ୍ତି ମନ୍ତ୍ରୀ।

**ଭଞ୍ଜନଗର,୨।୧୨(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକ ଓ ଏନଏସିରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ରବିବାର ହୋଇଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ସକାଳେ ଉଦ୍‌ଘାଟନ ହେବାକୁ ଥିବା ବସ୍‌ଷ୍ଟାଣ୍ଡ, ଟାଉନହଲ୍ ପ୍ରମୁଖ କାର୍ଯ୍ୟ ବୁଲି ଦେଖିଥିଲେ। ଏହାପରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସ୍ଥାନୀୟ ଜଳସମ୍ପଦ ବିଭାଗ ଡାକବଙ୍ଗଳାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭଞ୍ଜନଗର ଗସ୍ତରେ ଆସି ଉକ୍ତ ପ୍ରକଳ୍ପଗୁଡିକ ଉଦ୍‌ଘାଟନ କରିବାର ସମ୍ଭାବନା ରହିଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ



ମଞ୍ଚାସୀନ ଅତିଥି

**ଗଞ୍ଜାମ,୨।୧୨(ଡି.ଏନ.ଏ.)**

ଗଞ୍ଜାମ ଅବସରପ୍ରାପ୍ତ କର୍ମଚାରୀ ସଂଘର ସପ୍ତମ ବାର୍ଷିକ ଉତ୍ସବ ରବିବାର ରମ୍ଭାସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀ ସଂଘ ସଭାପତି (ବ୍ଲକ) ବାନାମ୍ବର ପଲାଇ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ତଥା ଶିକ୍ଷକ ବିକାଶ ମଞ୍ଚ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଜିଲା କର୍ମଚାରୀ ସଂଘ ସଭାପତି ରଜନୀକାନ୍ତ ମଣ୍ଡଳ, ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାସ ବିହାରୀ ଦାସ, ଗଞ୍ଜାମ କଲେଜ ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ପଣ୍ଡା, ପୂର୍ବତନ ରମ୍ଭା ଏନଏସି ନଗରପାଳ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହାକୁ ବିପିନି ବିହାରୀ ସାମନ ରଚନା କରିଛନ୍ତି। ଅବସରପ୍ରାପ୍ତ ପ୍ରହରାଜ ନାହାକ ଓ ରାମଚନ୍ଦ୍ର ସାହୁଙ୍କୁ ମାନପତ୍ର ସହ ଉପଢ୍ୌକନ ପ୍ରଦାନ କରାଯାଇଥିଲା। ସପ୍ତମ ବେତନ କମିଶନ ସୁପାରିଶକୁ ସରକାର ଗ୍ରହଣ କରି ନ ଥିବାରୁ ରାଜ୍ୟର ୩ ଲକ୍ଷରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ କ୍ଷତିଗ୍ରସ୍ତ ହୋଇଥିବା ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ସମ୍ପାଦକ ରମେଶ ଚନ୍ଦ୍ର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ହୋତା, ରାମଚନ୍ଦ୍ର ବାଡ଼ତ୍ୟା, ଭଗବାନ ଦାସ ପ୍ରମୁଖ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ ଧନ୍ୟବାଦ ଦେଇଥିଲେ।

## କୋଠିଶାଳା ଯାତ୍ରା ଉଦ୍‌ଯାପିତ

**କୋଦଳା,୨।୧୨(ଡି.ଏନ୍.ଏ.)**

କୋଦଳା ଗୋଲାସାହିରେ ଶୁକ୍ରବାର କୋଠିଶାଳା ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଯାହା ଦଶହରାରେ ସ୍ଥାନୀୟ ହନୁମନ୍ତ ନାରାୟଣୀ ଓ ଅନ୍ୟ ଠାକୁରାଣି ପୀଠଗୁଡ଼ିକରୁ ଆଜ୍ଞାମାଳ ଆଣି ସାହି ମଝିରେ ଥିବା ମା' ମଙ୍ଗଳାଙ୍କ ଗାଦିଗୃହରେ ସ୍ଥାପନ କରି ମାସରୁ ଉର୍ଦ୍ଧ୍ୱଦିନ ଯାଏ ଠାକୁରାଣୀଙ୍କୁ ଅସ୍ଥାୟୀ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ପ୍ରତି ମଙ୍ଗଳ ଓ ଶନିବାର ଭକ୍ତମାନେ ମୁଣ୍ଡରେ ପୂର୍ଣ୍ଣ କୁମ୍ଭ ଧରି ନଗର ପରିକ୍ରମା କରନ୍ତି। ଏହି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ରିଣ୍ଟୁମୁନି, ରଙ୍କ ପ୍ରଧାନ, ମନୋରଞ୍ଜନ ଡାକୁଆଙ୍କ ସହ ଗ୍ରାମବାସୀ ପରିଚାଳନାରେ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଶିକ୍ଷକ ବିଜୟ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଦାରିଙ୍ଗବାଡ଼ି,୨।୧୨(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ତିଲୋରି ପଞ୍ଚାୟତର ମୁଗୁପାଙ୍ଗା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଶିକ୍ଷାଦାନ ସହ ଜନଜାତିଙ୍କ ଉନ୍ନତି ଓ ଗାଁର ବିକାଶ ପାଇଁ ଲୋକଙ୍କ ଚେଷ୍ଟା ଜାରି ରଖିଥିଲେ। ଶୁକ୍ରବାର ପଞ୍ଚାୟତବାସୀ ଓ ବ୍ଲକ ଶିକ୍ଷକ କଲ୍ୟାଣ ମହାସଂଘ ପକ୍ଷରୁ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସଂଘର ସମ୍ପାଦକ ବିଦେଶୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିନାୟକ ମହାପାତ୍ର, ସାରାବତୀ ପ୍ରଧାନ, ରମାକାନ୍ତ ସିଂ, ଗୁମିକିଆ ସିଆରସିସି ବିଧୂ ଭୂଷଣ ନାୟକ, ତିଲୋରି ସିଆରସିସି ଦାମୋଦର ସାହୁ, ମାଳତୀ ମଲ୍ଲିକ, ସଂଗ୍ରାମ ନାୟକ, ଚିତ୍ତରଞ୍ଜନ ସିଂ, ମାନସ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ । ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

# ଗୁଡ୍‌ନ୍ୟୁଜ ଇଣ୍ଡିଆ ହଷ୍ଟେଲ ସିଲ



ହଷ୍ଟେଲ ସିଲ୍ କରୁଛନ୍ତି ଅଧିକାରୀ।

**ଜି.ଉଦୟଗିରି,୨।୧୨ (ଡି.ଏନ୍.ଏ.)**

ଜି.ଉଦୟଗିରି ବୁଲୁସୁଗାରେ ଗୁଡ୍‌ନ୍ୟୁଜ୍ ଇଣ୍ଡିଆର ଏକ ହଷ୍ଟେଲକୁ ରବିବାର ସନ୍ଧ୍ୟା ୮ଟାରେ ଚଢ଼ାଉ କରି ବନ୍ଦ କରିବା ସହ ଛାତ୍ରାବାସରେ ଥିବା ୧୧୩ ନାବାଳିକା ଓ ୨୯ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ନାବାଳିକାମାନଙ୍କୁ ଜି.ଉଦୟଗିରିରେ ଥିବା ସୁଭଦ୍ରା ମହତାବ ସେବା ସଦନରେ ରଖାଯାଇଥିବା ବେଳେ ନାବାଳକଙ୍କୁ ଭିଜନ୍ ଇଣ୍ଡିଆ ହଷ୍ଟେଲରେ ରଖାଯାଇଛି। ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶୋକ କୁମାର ବେହେରା, ଡିସିପିଓ ରଶ୍ମିତା କରନ, ଶିଶୁ ମଙ୍ଗଳ ସମିତିର ନିରୋଦ କୁମାର ପାତ୍ର, ସୁଧାକର ସେନାପତି ପ୍ରମୁଖ ଚଢ଼ାଉ କରିଥିଲେ।

■ଜି.ଉଦୟଗିରି ଏନ୍‌ଏସି

# ବିଜୁ କଲ୍ୟାଣ ମଣ୍ଡପ, ବିଜୁ ଭାସ୍କର ପାଠାଗାର ଉଦ୍‌ଘାଟିତ

**ଜି.ଉଦୟଗିରି,୨।୧୨(ଡି.ଏନ.ଏ.)**

ଜି.ଉଦୟଗିରି ଠାରେ ରବିବାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏନ୍‌ଏସିଠାରେ ୫୦ ଲକ୍ଷ ଟଙ୍କାରେ ନିର୍ମିତ ବିଜୁ କଲ୍ୟାଣ ମଣ୍ଡପ ଓ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବିଜୁ ଭାସ୍କର ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ପରେ ଏନଏସି ସମ୍ମୁଖ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ୧୩ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ସହ ଜି.ଉଦୟଗିରି ଏନ୍‌ଏସିକୁ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ସହର ଘୋଷଣା କରିଥିଲେ। ଏନଏସି ଅଧ୍ୟକ୍ଷ ପି. ସଞ୍ଜୀବ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମନ୍ତ୍ରୀ ଜି.ଉଦୟଗିରି ଠାରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଅଡିଟୋରିୟମ ନିର୍ମାଣ ନିମନ୍ତେ ଘୋଷଣା କରିଥିଲେ। କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଦିଆଯାଇଥିବା ଆମ୍ବୁଲାନ୍ସକୁ ରୋଗୀମାନଙ୍କ ବ୍ୟବହାର ନିମନ୍ତେ ମନ୍ତ୍ରୀ ଜି.ଉଦୟଗିରି ହସ୍ପିଟାଲକୁ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ବିଧାୟକ ରାଜୀବ ପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ବିଶ୍ୱନାଥ ବାରିକ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ରୋଦନ ମଲ୍ଲିକ, ଉପାଧ୍ୟକ୍ଷା ଭାନୁପ୍ରଭା ମିଶ୍ର, ତହସିଲଦାର ଭିକାରୀ ସାହୁ, ବିଡିଓ ମିତାଞ୍ଜଳୀ ଦାଶ ଯୋଗ ଦେଇଥିଲେ। ଜି.ଉଦୟଗିରି ନଗର ବିଜୁ ଜନତା ଦଳ ତରଫରୁ ମନ୍ତ୍ରୀ ଆରୁଖଙ୍କୁ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା।

ଶୋଭାଯାତ୍ରାରେ ନଗର ସଭାପତି କ୍ରିଷ୍ଣା ପଣ୍ଡା, ଜିଲା ସମ୍ପାଦକ କାଳୁ ଚରଣ ପଣ୍ଡା, ଜିଲା ସଭାପତି ସରୋଜ କର୍ଣ୍ଣ, ବ୍ଲକ ସଭାପତି ସୀମାଞ୍ଚଳ ନାୟକ, ଦେବନାଥ ଦଳ ବେହେରାଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।




ମଞ୍ଚାସୀନ ଅତିଥିବୃନ୍ଦ।



ଯେଉଁମାନେ ସମସ୍ତ କର୍ମ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରନ୍ତି, ଈଶ୍ୱରଙ୍କଠାରେ ଆସକ୍ତି ରଖନ୍ତି, ଈଶ୍ୱରଙ୍କଠାରେ ପରମ ଭକ୍ତି ପ୍ରକାଶ କରନ୍ତି, କୌଣସି ପ୍ରାଣୀ ପ୍ରତି କ୍ରୋଧ ଭାବ ରଖନ୍ତି ନାହିଁ; ସେ ଈଶ୍ୱରଙ୍କୁ ପ୍ରାପ୍ତ ହୁଅନ୍ତି।

- ଭଗବାନ ଶ୍ରୀକୃଷ୍ଣ



## ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର

# ଶ୍ରୀଜଗନ୍ନାଥ ହେଉଛନ୍ତି ରସାନନ୍ଦ

**ପୁରୀ ଅଫିସ, ୨।୧୨**

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଡିସେମ୍ବର ମାସ ଆଲୋଚନାଚକ୍ର ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ସଞ୍ଚାଳନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ । ଆଲୋଚ୍ୟ ବିଷୟ ଥିଲା ମାର୍ଗଶିର ମାସର ବ୍ରତ ପର୍ବଯାତ୍ରା। ଏଥିରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରି ଡ. ଉମେଶ ଚନ୍ଦ୍ର ଚିହ୍ନରା କହିଲେ, ବୈଦିକ ଯୁଗରେ ନୁହେଁ, ମହାଭାରତ କାଳରେ ମାସଗୁଡ଼ିକର ଗଣନା ମାର୍ଗଶୀର୍ଷରୁ ଆରମ୍ଭ ହେଉଥିଲା। ଏହି ମାସରେ ମହାଲକ୍ଷ୍ମୀଙ୍କ ପୂଜା ମାଣବସା ଗୁରୁବାର ବା ଧାନମାଣିକା ଓଷା ଭାବରେ ପାଳନ କରାଯାଏ। ଗୁରୁବାରରେ ଲକ୍ଷ୍ମୀଙ୍କର ପ୍ରତୀକ ଭାବେ ଧାନମାଣ ସ୍ଥାପନ କରି ଝୋଟିଚିତାରେ ମଣ୍ଡଳ, ହାତୀ, ପଦ୍ମପାଦ ରଚନା କରି ଗୃହିଣୀମାନେ ବ୍ରତ ପାଳନ କରିଥାନ୍ତି। ଲକ୍ଷ୍ମୀପୂଜାରେ ଲକ୍ଷ୍ମୀଙ୍କ ସହ ନାରାୟଣଙ୍କୁ ପୂଜା କରାଯାଏ। ମାର୍ଗଶିର କୃଷ୍ଣ ପ୍ରତିପଦାରେ ଶ୍ରୀମନ୍ଦିରରୁ ଭଣ୍ଡାର ଲୋକନାଥ ଶ୍ରୀଲୋକନାଥ ମନ୍ଦିରକୁ ବିଜେ କରନ୍ତି। କୃଷ୍ଣ ପଞ୍ଚମୀରେ ଭକ୍ତମାନେ ଶ୍ରୀକ୍ଷେତ୍ର ପରିକ୍ରମା କରନ୍ତି।



ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଉପରେ ଆଲୋଚନା କରାଯାଉଛି।

କୃଷ୍ଣ ଅଷ୍ଟମୀରେ ଶ୍ରୀମନ୍ଦିରରେ ବିଶେଷ ନୀତି ହୋଇ ଶ୍ରୀବିଗ୍ରହମାନେ ନୂତନ ବସ୍ତ୍ରଲାଗି ହୁଅନ୍ତି। କୃଷ୍ଣ ଚତୁର୍ଦ୍ଦଶୀ ଅମାବାସ୍ୟା ଏବଂ ଶୁକ୍ଳ ପ୍ରତିପଦାରେ ମହାପ୍ରଭୁଙ୍କ ଦେବଦୀପାବଳି ଉତ୍ସବ ଅନୁଷ୍ଠିତ ହୁଏ। ଦାରୁବିଗ୍ରହମାନେ ଶ୍ରାଦ୍ଧବେଶରେ ଶ୍ୱେତବସ୍ତ୍ର ନାଗପୁରୀ ଶାଢ଼ି ଓ ଚାଦରରେ ଅଳଙ୍କୃତ ହୁଅନ୍ତି। ଶୁକ୍ଳ ଷଷ୍ଠୀରେ ପ୍ରାବରଣ ଉତ୍ସବ ଅନୁଷ୍ଠିତ ହୁଏ। ପଞ୍ଚମୀରେ ବସ୍ତ୍ରଗୁଡ଼ିକର ଅଧିବାସ ଏବଂ ଷଷ୍ଠୀ ତିଥିରେ ସକାଳ ଧୂପ ପରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହମାନଙ୍କ ପାଗ, ଘୋଡ଼ଲାଗି ଓ ଅଳଙ୍କାର ଲାଗି କଲା ପରେ ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରନ୍ତି। ମାର୍ଗଶିର ପୂର୍ଣ୍ଣିମାରେ ଦତ୍ତାତ୍ରେୟ ଜୟନ୍ତୀ ଅନୁଷ୍ଠିତ ହୋଇଥାଏ। ମାର୍ଗଶିର ପୂର୍ଣ୍ଣିମାକୁ ଶ୍ରୀମନ୍ଦିରରେ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ମାର୍ଗଶିର ଶୁକ୍ଳ ଏକାଦଶୀ ଶ୍ରୀଗୀତାଙ୍କର ଆବିର୍ଭାବ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ତାଙ୍କର ପ୍ରିୟ ତିଥି ଶୁକ୍ଳପକ୍ଷ ଏକାଦଶୀରେ ହୋଇଥିଲା। କୃଷ୍ଣ ଅଷ୍ଟମୀରେ ବାଳଭୈରବ ଜୟନ୍ତୀ ଅନୁଷ୍ଠିତ ହୁଏ।

ଏହି ଆଲୋଚନାଚକ୍ରରେ ସତ୍ୟନାରାୟଣ ମିଶ୍ର, ବଳଭଦ୍ର ମିଶ୍ର, ସୁନୀଲ କୁମାର ମିଶ୍ର, ଡ. ବିଶ୍ୱରଞ୍ଜନ ପତି, ଶଙ୍କର୍ଷଣ ମଙ୍ଗରାଜ, ଡ. ପ୍ରମୋଦ କୁମାର ଦଳାଇ, ଡ. ଚକ୍ରଧର କର, ନବକିଶୋର ଶତପଥୀ, ଡ. କାଦମ୍ବିନୀ ଦାଶ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଡ. କଲ୍ୟାଣୀ ନନ୍ଦୀ, ଲକ୍ଷ୍ମୀପ୍ରିୟା ମହାନ୍ତି, ରଞ୍ଜିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନାମ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଗୋକୁଳାନନ୍ଦ କ୍ରିକେଟ୍ ଧମାକା ବାଲିଡିହି ଓ ରଙ୍ଗଡାବ ବିଜୟୀ



ଖଣ୍ଡପଡ଼ା,୨।୧୨(ସ୍ୱ.ପ୍ର.)-ଗୋକୁଳାନନ୍ଦ ସ୍ପୋର୍ଟସ୍ ଆସୋସିଏଶନ୍, ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳ ପଡ଼ିଆଠାରେ ରବିବାର କ୍ରିକେଟ୍ ଧମାକା ଆରମ୍ଭ ହୋଇଛି। ଏଥିରେ ବାଲିଡିହି ଓ ରଙ୍ଗଡାବ କ୍ରିକେଟ ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ଇନିଂସ୍‌ରେ ବାଲିଡିହି କ୍ରିକେଟ୍ କ୍ଲବ୍ ଟସ୍ ଜିତି ବ୍ୟାଟିଂ କରି ସମସ୍ତ ଉଇକେଟ୍ ବିନିମୟରେ ୧୪୦ ରନ୍ ସଂଗ୍ରହ କରିଥିଲା । ଜବାବରେ ଘୋରାଡିଆ କ୍ରିକେଟ୍ ଆସୋସିଏଶନ୍ ସମସ୍ତ ଉଇକେଟ୍ ହରାଇ ମାତ୍ର ୮୯ ରନ୍ ସଂଗ୍ରହ କରିଥିଲା । ଫଳରେ ବାଲିଡିହି ବିଜୟୀ ହୋଇଥିଲା । ୨ୟ ଇନିଂସ୍‌ରେ ଅଲରା କ୍ରିକେଟ୍ କ୍ଲବ୍ ସମସ୍ତ ଉଇକେଟ୍ ବିନିମୟରେ ୧୧୪ ରନ୍ କରିଥିଲା। ଜବାବରେ ରଙ୍ଗଡାବ କ୍ରିକେଟ୍ କ୍ଲବ୍ ୭.୩ ଓଭରରେ କୌଣସି ଉଇକେଟ୍ ନ ହରାଇ ୧୧୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ଶିକ୍ଷାବିତ ଗଙ୍ଗାଧର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ସୂର୍ଯ୍ୟ ନାରାୟଣ ପରମଗୁରୁ ଓ ବରୁଣ ରାଉଳ ଏହାର ପରିଚାଳନା କରିଥିଲେ।

### ନୂତନ ପେନ୍‌ସନ୍‌ଭୁକ୍ତ ଶିକ୍ଷକ ସଂଘ ବୈଠକ



**ନୟାଗଡ଼ ଅଫିସ,୨।୧୨:** ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକର ଉମାଦେଈ ପୀଠଠାରେ ରବିବାର ନୂତନ ପେନସନ୍‌ଭୁକ୍ତ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡପଡ଼ା ବ୍ଲକର ଏନ୍‌ପିଏସ୍ ରାଜ୍ୟ ସଂଘ ସମ୍ପାଦକ ବିଭୂପ୍ରସାଦ ଯୋଗଦେଇ ନୂତନ କ୍ୟାଡ଼ର ରୁଲ୍ ସମ୍ପର୍କରେ ବୁଝାଇଥିଲେ। ଏହି ନୂଆ କ୍ୟାଡ଼ର ରୁଲ୍‌ରେ କେହି ଏନ୍‌ପିଏସ୍ ଶିକ୍ଷକ ଲାଭବାନ ହେବେ ନାହିଁ, ସରକାରଙ୍କ ଏହି ନୀତିକୁ ଶିକ୍ଷକମାନେ ବିରୋଧ କରିଥିଲେ। ଆଗାମୀ ଦିନରେ ଏକାଠି ହୋଇ ସରକାରଙ୍କ ଶିକ୍ଷକମାରଣ ନୀତିକୁ ଦୃଢ଼ ବିରୋଧ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ନୂତନ ପେନସନ୍‌କୁ ସମସ୍ତ ଶିକ୍ଷକ ବିରୋଧ କରିବା ସହ ପୁରୁଣା ପେନସନ୍ ଲାଗୁ କରିବା ପାଇଁ ଦାବି କରିଥିଲେ। ଆସନ୍ତା ୯ତାରିଖରେ ଖଳିସାହି ହନୁମାନ ପୀଠଠାରେ ଏହାର ପ୍ରତିବାଦରେ ସଭା କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ଖଣ୍ଡପଡ଼ା ବ୍ଲକର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେବାକୁ ସଭାପତି ବାଲୁରି ବାରିକ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବୈଷ୍ଣବ ଚରଣ ନାଏକ, ସୁରେଶ ସେଠୀ, ଫିରୋଜ କୁମାର ବେହେରା, ଶ୍ରୀନିବାସ ସାହୁ ଯୋଗଦେଇଥିଲେ।

### ଏଲ୍‌ଆଇସି ଏଜେଣ୍ଟ ବୈଠକ



**ଭାପୁର,୨।୧୨(ଡି.ଏନ୍.ଏ.):** ଏଲ୍‌ଆଇସି ଏହାର ବ୍ୟବସାୟକୁ ଜନାଦୃତ କରାଇଥିବା ଏଜେଣ୍ଟମାନଙ୍କ କାର୍ଯ୍ୟରେ 'ସେମାନଙ୍କ ପରିବାରର ସହଯୋଗ' ଶୀର୍ଷକ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଗୋକୁଳାନନ୍ଦ ପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଜେଣ୍ଟମାନଙ୍କ ସହ ସେମାନଙ୍କ ପରିବାର ଯୋଗଦେଇଥିଲେ। ନୟାଗଡ଼ ଶାଖା ଡିଓ ହେମନ୍ତ କୁମାର କହଁରଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଏଜେଣ୍ଟ ଓ ସେମାନଙ୍କ ପରିବାର ଯୋଗଦେଇଥିଲେ। ଶାଖା ପରିଚାଳକ ଲକ୍ଷ୍ମୀଧର ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟିମ୍‌ର ପ୍ରମୁଖ ସଦସ୍ୟ ଧୋବା ଦଳେଇ, ବିଦ୍ୟାଧର ସାହୁ, ଦାମୋଦର ପାତ୍ର, ଚିତ୍ତରଞ୍ଜନ ପ୍ରଧାନ, ବିଷ୍ଣୁପ୍ରସାଦ ପଣ୍ଡା ଓ ପ୍ରମୋଦ କୁମାର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର

**ରଣପୁର,୨।୧୨ (ସ୍ୱ.ପ୍ର.):** ରଣପୁର ଥାନା ସୁନାଖଳା ଫାଣ୍ଡି ଅଧୀନ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ସୁନାଖଳା-ବିନୋଦପଡା ରାସ୍ତାରେ ରବିବାର ରାତି ପ୍ରାୟ ସାଢେ ୧୧ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟଜଣେ ଯୁବକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ଗୁରୁତର ଯୁବକଙ୍କୁ ସୁନାଖଳା ଡାକ୍ତରଖାନା ନେଇଥିଲା। ମୃତକ କିମ୍ବା ଆହତଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ଘଟଣାର ଛାନଭିନ୍ ଜାରି ରଖିଛି। କଟକ ଅଞ୍ଚଳର ଏହି ଯୁବକ ଦ୍ୱୟ ବାଇକ୍‌ରେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସହାୟତା ଦାବିରେ ରାଜପଥ ଅବରୋଧ

**ଦଶପଲ୍ଲା,୨।୧୨ (ଡି.ଏନ.ଏ.)**

ଗତମାସ ୫ତାରିଖରେ ଦଶପଲ୍ଲା ବ୍ଲକ ସରିଗଣ୍ଡା ଗ୍ରାମର ପ୍ରଭାତ ପାତ୍ର (୪୬) କୁଆଁରିଆ ଛକରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଭାତଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ଥିବା ଡାକ୍ତର କହିଥିଲେ। ଅର୍ଥାଭାବରୁ ପରିବାର ଲୋକେ ତାଙ୍କୁ ବାଧହୋଇ ଘରକୁ ଧରି ଆସିଛନ୍ତି। ସହାୟତା ଦାବିରେ ରବିବାର ପ୍ରଭାତଙ୍କୁ ଜାତୀୟ ରାଜପଥ ଉପରେ ରଖି ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। କିଛି ସମୟ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାରୁ ରାସ୍ତା ଅବରୋଧ ହଟିଥିଲା।



ଆହତ ବ୍ୟକ୍ତିଙ୍କ ପ୍ରତି ଜାତୀୟ ରାଜପଥ ଅବରୋଧ କରାଯାଇଛି।

## ଏସ୍‌ସିଏସ୍ ଜୁନିୟର କଲେଜ ହଷ୍ଟେଲରେ ଛାତ୍ର ଅଶାନ୍ତି

**ପୁରୀ ଅଫିସ,୨।୧୨**

ଚକ୍ରତୀର୍ଥ ରୋଡ୍‌ରେ ରହିଥିବା ସାମନ୍ତ ଚନ୍ଦ୍ରଶେଖର ଜୁନିୟର ମହାବିଦ୍ୟାଳୟର ପାଥରପୁରୀ ହଷ୍ଟେଲରେ ଛାତ୍ର ଅଶାନ୍ତି ଦେଖାଦେଇଛି। ବିଭିନ୍ନ ସମସ୍ୟା ନେଇ ଅନ୍ତେବାସୀ ହଷ୍ଟେଲ ଆଗରେ ଧାରଣା ଦେବା ସହ ସମସ୍ୟା ସମାଧାନ ଦାବିରେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ପିଲାଙ୍କ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱ ଦିଆଯିବ ବୋଲି ପୁରୀ ଗସ୍ତରେ ଆସିଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଚରଣ ଦାସ କହିଛନ୍ତି।

ଅନ୍ତେବାସୀଙ୍କ ଅଭିଯୋଗ ହେଲା, ହଷ୍ଟେଲକୁ ପାଣି ଆସୁନି। ରୋଷେଇ ଓ ପିଇବା ପାଇଁ ରାସ୍ତାକଡରେ ଥିବା ଷ୍ଟାଣ୍ଡପୋଷ୍ଟରୁ ସେମାନେ ପାଣି ବୋହି ଆଣୁଛନ୍ତି। ସନ୍ଧ୍ୟା ହେଲେ ଲୋଭୋଲେଜ୍ ରହୁଛି। ଆଗକୁ ପରୀକ୍ଷା ରହିଥିଲେ ମଧ୍ୟ ପାଠପଢି ପାରୁନାହାନ୍ତି। ଡିବିରି ଆଲୁଅରେ ରୋଷେଇ ହେଉଥିବାରୁ ଖାଦ୍ୟରେ ଅସରପା, ଝିଟିପିଟି, ପୋକ ବାହାରୁଛି। ଅନ୍ଧାର ପାଇଁ ପରିସରରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ପ୍ରତିବାଦ କଲେ ସେମାନଙ୍କ ରୋଷର ଶିକାର ହେବାକୁ ପଡୁଛି। ହଷ୍ଟେଲ କୋଠା ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାରୁ କମନ୍‌ରୁମରେ ୪୦ଜଣ ଛାତ୍ର ଖୁନ୍ଦାଖୁନ୍ଦି ହୋଇ ରହୁଛନ୍ତି। ହଷ୍ଟେଲ ପରିସ ଜଙ୍ଗଲିଆ ରହିଥିଲେ ମଧ୍ୟ ସଫେଇ କରାଯାଉନି। ନିକଟରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ର ମ୍ୟାଲେରିଆ ଏବଂ ଟାଇଫଏଡ୍‌ରେ ଆକ୍ରାନ୍ତ ହୋଇଥିଲେ। ଇନ୍‌ଡୋର ଗେମ୍ସ ଲାଗି କୌଣସି ବ୍ୟବସ୍ଥା ନାହିଁ। ହଷ୍ଟେଲକୁ ଗୋଟିଏ ମାତ୍ର ଖବରକାଗଜ ଆସୁଥିବାରୁ ଟଣାଓଟରା ପରିସ୍ଥିତି ସୃଷ୍ଟି ହେଉଛି।

ହଷ୍ଟେଲରେ ରହିବା ଲାଗି ପିଲାଙ୍କ ମୁଣ୍ଡପିଛା ବର୍ଷକୁ ବିଭିନ୍ନ ବାବଦକୁ ୯୪୦୦ଟଙ୍କା ନିଆଯାଉଛି। ହେଲେ ଏପରି ବିପଦଜନକ ଅବସ୍ଥାରେ ଛାତ୍ରମାନେ ରହୁଛନ୍ତି। କୋଠା ଛାତରୁ ପଲସ୍ତରା ଖସି ପୂର୍ବରୁ ବହୁ ଛାତ୍ର ଆହତ ହୋଇଥିବାବେଳେ ଗତ ଦୁଇ ସପ୍ତାହ ତଳେ ଏକ କୋଠରୀର ଛାତରେ ବଡ଼ ଗାତ ସୃଷ୍ଟି ହେବା ସହ ବିମ୍ ଖସି ପଡ଼ିଥିଲା। ଛାତ୍ରମାନେ ଏ ସମ୍ପର୍କରେ ହଷ୍ଟେଲ ଅଧୀକ୍ଷକଙ୍କୁ ଜଣାଇବା ସହ ହଷ୍ଟେଲ କମନ୍‌ରୁମ୍‌ରେ ମୁଣ୍ଡ ଗୁଞ୍ଜିଛନ୍ତି। ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହେଉଥିବାବେଳେ ନିତ୍ୟକର୍ମ ଓ ଖାଇବାପିଇବା ଠିକ୍ ଭାବେ କରିପାରୁ ନାହାନ୍ତି। ୧୦ଦିନ ପରେ ବି କଲେଜ କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଉ ନ ଥିବାରୁ ଶେଷରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହଷ୍ଟେଲ ଅଧୀକ୍ଷକ ନୃସିଂହ ଚରଣ ବେହେରା କୁହନ୍ତି, କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଣୁ ପିଲାଙ୍କୁ କମନରୁମକୁ ସ୍ଥାନାନ୍ତରିତ କରାଯାଇଛି। ପାଣି ଓ ବିଜୁଳି ସମସ୍ୟା ଲାଗି ସଂପୃକ୍ତ ବିଭାଗକୁ ଅବଗତ କରାଯାଇଛି। ପିଲାଙ୍କ ସମସ୍ୟାର ସମାଧାନ ପାଇଁ କଲେଜ ଅଧକ୍ଷଙ୍କ ସହ ଆଲୋଚନା କରିଥିବା ସେ କହିଛନ୍ତି।



କଲେଜ ମୁଖ୍ୟ ଗେଟ୍ ଆଗରେ ଧରଣାରତ ଛାତ୍ର।

- ରୋଷେଇ ପାଇଁ ରାସ୍ତାକଡ଼ରୁ ପାଣି ଆଣୁଛନ୍ତି ଅନ୍ତେବାସୀ
- ଧାରଣାରେ ବସିଲେ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ

## ଦାଦାବଟି ପାଇଁ ମାରଣାସ୍ତ୍ର ଦେଖାଇ ଭଙ୍ଗାରୁଜା

**ପୁରୀ ଅଫିସ,୨।୧୨**

କୁମ୍ଭାରପଡା ଥାନା ଅଧୀନ ମାଳିସାହିରେ କେତେଜଣ ଅସମାଜିକ ଯୁବକ ଆତଙ୍କ ଖେଳାଇଛନ୍ତି। ହାତରେ ଖଣ୍ଡା,କାତି, ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଛନ୍ତି। ଦାଦାବଟି ନ ଦେବାରୁ ରବିବାର ସକାଳ ୧୧ଟାରେ ଏକ ପରିବାର ଉପରେ ଆକ୍ରମଣ କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏପରିକି ରାସ୍ତାରେ ଯାଉଥିବା ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଲୋକେ ଜୀବନ ବିକଳରେ ଦୌଡ଼ିଥିଲେ। ପ୍ରାୟ ଏକ ଘଣ୍ଟା ଧରି ଏପରି ଆତଙ୍କରାଜ ଚାଲିଥିବାବେଳେ ପୋଲିସ ପହଞ୍ଚି ସେମାନଙ୍କ ମଧ୍ୟରୁ ଜଣକୁ କାବୁ କରି ଥାନାକୁ ନେଇଥିଲା। ତେବେ ଏନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ଏହି ଅସାମାଜିକଙ୍କ ନାମରେ ପୂର୍ବରୁ ଦାଦାବଟି, ଲୁଟ୍, ବୋମାମାଡ, ଆକ୍ରମଣ ଆଦି ମାମଲା ରହିଛି। ପୂର୍ବରୁ ମଧ ଜେଲ୍ ଯାଇଛନ୍ତି। ଜେଲ୍‌ରୁ ଆସି ପୁଣି ଗ୍ୟାଙ୍ଗ୍ ଗଢ଼ି ଦାଦାବଟି ଆଦାୟ କରୁଛନ୍ତି। କିନ୍ତୁ ପୋଲିସ ସେମାନଙ୍କ ଉପରେ ନଜର ରଖୁନି କି କୌଣସି ପଦକ୍ଷେପ ଗ୍ରହଣ କରୁନି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ତୁଣ୍ଡରେ ମୋ ଜଗନ୍ନାଥ ସ୍ତୁତିଗାନ ଆସର

**ପୁରୀ ଅଫିସ, ୨।୧୨**

ପୂର୍ଣ୍ଣ ଦାସ ଫାଉଣ୍ଡେଶନ ପକ୍ଷରୁ ସାଲବେଗ ପୀଠ ସଭାକକ୍ଷରେ ରବିବାର 'ତୁଣ୍ଡରେ ମୋ ଜଗନ୍ନାଥ' ଶୀର୍ଷକ ସ୍ତୁତିଗାନ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲାପାଳ ଡ. ଲିଙ୍ଗରାଜ ରଥ ଯୋଗଦେଇ ମହାପ୍ରଭୁଙ୍କ ପ୍ରତି ମାର୍ଜିତ, ସୁନ୍ଦର ଓ ସ୍ୱଚ୍ଛ ଶବ୍ଦ ପ୍ରୟୋଗ ଓ ସମର୍ପଣ ଭାବ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। ମୁଖ୍ୟବକ୍ତା ବାଙ୍ଗୁରିଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦିଲୀପ ସେନାପତି ଛନ୍ଦ କବିତାର ସୌନ୍ଦର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ଦୟାନିଧି ପଣ୍ଡା ବେଦପାଠ, ଅଧାପିକା ଡ. କଲ୍ୟାଣୀ ନନ୍ଦୀ ଧ୍ୟାନ ମନ୍ତ୍ର ଗାନ କରିଥିଲେ। ଭକ୍ତି ଅର୍ଘ୍ୟର ସମ୍ପାଦକ ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉଷାରାଣୀ ଦେବୀ, ସଦାଶିବ ମିଶ୍ର, ପୀତାମ୍ବର ମହାପାତ୍ର, ପ୍ରମୋଦ ଦେବୀ, ଜୟକୃଷ୍ଣ ନନ୍ଦ, କାଶୀନାଥ ଖୁଣ୍ଟିଆ, ଚିତ୍ତରଞ୍ଜନ ଦାସ, ବିଜୟଲକ୍ଷ୍ମୀ ଦାଶ, ସତ୍ୟଭାମା ପ୍ରଧାନୀ, ଶିବାନୀ ମିଶ୍ର ପ୍ରମୁଖ ବହୁସଂଖ୍ୟାରେ ଯୋଗଦେଇ ଆସରକୁ ସରସସୁନ୍ଦର କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପୁରୁଷୋତ୍ତମ ନନ୍ଦ ଧନ୍ୟବାଦ ଦେଇଥିଲେ।



ସ୍ତୁତିଗାନ ଆସରରେ ଅତିଥିବୃନ୍ଦ।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଗଣିଆ,୨।୧୨(ଡି.ଏନ.ଏ.)**

ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତରେ ରବିବାର ବିଜୁ ଯୁବବାହିନୀ ତରଫରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ମୁଖ୍ୟବକ୍ତା ଓ ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ଜଗଦୀଶ ଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଜୁ ଯୁବବାହିନୀର ଯୁବକମାନେ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ପାଇଁ କାମ କରିବା ଆବଶ୍ୟକ ବୋଲି ଅତିଥିମାନେ ମତ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କିଭଳି ତୃଣମୂଳସ୍ତରରେ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟ କରିବାକୁ କହିଥିଲେ। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସଙ୍ଗୀତ, ନୃତ୍ୟ, କୁଇଜ୍, ତର୍କ ଓ ଗଣଦୌଡ ଆଦି ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ପାମ୍ ଚାଷ ନାଁରେ ଚାଷୀଙ୍କୁ ପ୍ରତାରଣା

**ଗଣିଆ,୨।୧୨(ଡି.ଏନ.ଏ.)**

- ପ୍ରତିଶ୍ରୁତି ପାଳନ କଲାନି ବିଭାଗ
- ନିଜ ଉଦ୍ୟମରେ ଫଳ ଫଳାଇଥିଲେ ବି ବିକ୍ରିକରି ନ ପାରି ଚିନ୍ତାରେ

ସରକାର ଚାଷ ଓ ଚାଷୀର ଉନ୍ନତି ପାଇଁ ବିଭିନ୍ନ ପ୍ରକାର କୃଷିଭିତ୍ତିକ ଯୋଜନା ପ୍ରଣୟନ କରୁଛନ୍ତି। ଖରିଫ ଓ ରବି ଚାଷ ବ୍ୟତୀତ ଲାଭଜନକ ଫଳ ଓ ଫୁଲ ଚାଷ ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଉତ୍ପାଦନ ବୃଦ୍ଧି ଓ ଚାଷୀର ଆୟକୁ ଦ୍ୱିଗୁଣିତ କରିବା ପାଇଁ ଉନ୍ନତମାନର ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି ଓ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇବା ବ୍ୟବସ୍ଥା କରିଛନ୍ତି। ହେଲେ ବାସ୍ତବ ସ୍ଥିତି ଅଲଗା। ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ପରିବର୍ତ୍ତେ ପ୍ରତାରଣା କରାଯାଉଛି। ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଛାମୁଣ୍ଡିଆ ଗ୍ରାମର ଚାଷୀ ହାଡିବନ୍ଧୁ ବେହେରାଙ୍କ କ୍ଷେତ୍ରରେ ଏଭଳି ଘଟିଥିବା ଦେଖିବାକୁ ମିଳିଛି। ତାଙ୍କ ଅଭିଯୋଗ ଅନୁଯାୟୀ, ଆଜକୁ ୫ବର୍ଷ ତଳେ ଗଣିଆ ବ୍ଲକ ଉଦ୍ୟାନ କୃଷି ବିଭାଗ ତରଫରୁ ୧ଶହରୁ ଊର୍ଦ୍ଧ୍ୱ ପାମ୍ ଅଏଲ ଗଛ ଯୋଗାଇଦିଆଯାଇ ଚାଷ କରିବା ପାଇଁ କୁହାଯାଇଥିଲା। ଗଛ ଲଗାଇବା ବେଳେ ପାରିଶ୍ରମିକ ରାଶି, ସାର, ଔଷଧ, ପାଣିପମ୍ପ, ଜମି ଚାରିପାଖରେ ସୁରକ୍ଷା ପାଇଁ ତାରବାଡ, ଗଛକୁ ପାଣି ଦେବା ପାଇଁ ପାଇପ୍ ବ୍ୟବସ୍ଥା ଓ ୬୦ ହଜାର ଟଙ୍କାର ସବ୍‌ସିଡି ଋଣ ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏସବୁ ତ ଦୂରର କଥା ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ତାଙ୍କୁ ଏଯାବତ୍ ଟଙ୍କାଟିଏ ମିଳି ନ ଥିବା ସେ କହିଛନ୍ତି। ଫଳରେ ଜଳାଭାବ, ସାର, ଔଷଧ ଦେଇ ନ ପାରିବାରୁ କେତେକ ଗଛ ମରିଯିବାକୁ ବସିଲାଣି । ଏହା ସତ୍ତ୍ୱେ ଅକ୍ଳାନ୍ତ ପରିଶ୍ରମ କରି ସେ ୭୦ ଗଛକୁ ନିଜ ଉଦ୍ୟମରେ ବଞ୍ଚାଇ ରଖି ୨ବର୍ଷ ହେବ ଫଳ ଫଳାଇ ପାରିଛନ୍ତି। କିନ୍ତୁ ଏହି ଫଳକୁ ସେ କେଉଁଠାରେ ବିକ୍ରୟ କରିବେ କିମ୍ବା କିଏ କିଣିବେ ସେଥିନେଇ ଚିନ୍ତାରେ ପଡିଛନ୍ତି। ଏଣେ ଫଳୁଥିବା ଫଳକୁ ବିଭିନ୍ନ ପଶୁପକ୍ଷୀ ଖାଇ ନଷ୍ଟ କରିଦେଉଛନ୍ତି। ସୂଚନାଯୋଗ୍ୟ, ଚାଷ କରିବା ସମୟରେ ବିଭାଗୀୟ ଅଧିକାରୀ ସବୁପ୍ରକାର ସାହାଯ୍ୟ ସହଯୋଗ ସହ ଅମଳ ଫଳକୁ ବିକ୍ରି କରିବା ବ୍ୟବସ୍ଥା କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗଛ ଲଗାଇବା ପରଠାରୁ ବିଭାଗୀୟ ଅଧିକାରୀଙ୍କୁ ଦେଖିବାକୁ ମିଳୁ ନ ଥିବା ସେ କହିଛନ୍ତି। ଏ ନେଇ ସେ ବହୁବାର ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟକୁ ଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ନିରାଶ ହୋଇ ଫେରୁଛନ୍ତି। ହାଡିବନ୍ଧୁ ଏହି ଜମିରେ ପୂର୍ବରୁ ବାଇଗଣ, ପୋଟଳ, ଭେଣ୍ଡି, କଲରା ଆଦି ପନିପରିବା ଚାଷ କରୁଥିଲେ। ପରିବା ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ବର୍ତ୍ତମାନ ବିଭାଗର ଅଧିକାରୀଙ୍କ କଥାରେ ପାମ୍ ଅଏଲ ଚାଷ କରିବା ଦ୍ୱାରା ସେହି ଜମିରୁ ୫ବର୍ଷ ଧରି ଟଙ୍କାଏ ରୋଜଗାର କରିପାରିନାହାନ୍ତି। ଫଳରେ ଏହି ୫ବର୍ଷର ପରିଶ୍ରମ ବ୍ୟର୍ଥ ହୋଇଛି ବୋଲି ହାଡିବନ୍ଧୁ କ୍ଷୋଭର ସହ କହିଛନ୍ତି। ତାଙ୍କ ଭଳି ଗଣିଆ ବ୍ଲକର ବହୁ ଚାଷୀ ଏଭଳି ପ୍ରତାରଣାର ଶିକାର ହୋଇଛନ୍ତି। ଏ ସମ୍ପର୍କରେ ଗଣିଆ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ତାରେଶ୍ୱର ପାଣିଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ୧୫ଦିନ ତଳେ ନୂତନ ଭାବେ ଯୋଗଦେଇଛି । ଘଟଣା ସମ୍ପର୍କରେ କିଛି ଜାଣିନାହିଁ। ତେବେ ପୂର୍ବରୁ ସେ କେଉଁଠି ଅଭିଯୋଗ କରିଥିଲେ ବା ଏହାର ପ୍ରମାଣ ଅଛି କି ବୋଲି ପାଲଟା ପ୍ରଶ୍ନ କରିଥିଲେ । ପୁଣି ମୋ ପୂର୍ବରୁ ଥିବା ଅଧିକାରୀ ଏହାର ଉତ୍ତର ଦେଇପାରିବେ ବୋଲି ପାଣି ପ୍ରକାଶ କରିଥିଲେ।



ପାମ୍ ଅଏଲ ବଗିଚାରେ ଚାଷୀ ହାଡିବନ୍ଧୁ।